ଧରିତ୍ରୀ
DHARITRI
ଢେଙ୍କାନାଳ, ଶୁକ୍ରବାର, ନଭେମ୍ବର ୨୨/୨୦୧୯ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Dhenkanal, Friday, November 22 / 2019 ★★★★★
୧୫ଶ ଭାଗ ୨୭୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-



**‘ବାଗୀ-୩’ର କ୍ଲାଇମାକ୍ସ ଲୁକ୍ ଶେୟାର କଲେ ଟାଇଗର**

ବଲିଉଡ୍ ଆକ୍ଟର ଟାଇଗର ଶ୍ରଫ୍ ନିଜ ଅପ୍‌କମିଂ ଫିଲ୍ମ ‘ବାଗୀ-୩’ର ଶୁଟିଂରେ ବ୍ୟସ୍ତ ଥିବାବେଳେ ନିଜର ଏକ ଲୁକ୍ ଶେୟାର କରିଛନ୍ତି।

୦୨ ୧୮

**ଭାରତୀୟ ଦଳରେ ଭୁବନେଶ୍ୱର**

ଆହତ ସମସ୍ୟାରୁ ମୁକୁଳିବାପରେ ଦ୍ରୁତ ବୋଲର ଭୁବନେଶ୍ୱର କୁମାର ୱେଷ୍ଟଇଣ୍ଡିଜ ବିପକ୍ଷ ଟି୨୦ ଓ ଦିନିକିଆ କ୍ରିକେଟ ସିରିଜ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି।



# ଇଲେକ୍ଟୋରାଲ ବଣ୍ଡକୁ ନେଇ ପାର୍ଲାମେଣ୍ଟ କମ୍ପିଲା

## ଜେପିସି ତଦନ୍ତ ଦାବି କଲା କଂଗ୍ରେସ

### ଇଲେକ୍ଟୋରାଲ ବଣ୍ଡକୁ ନେଇ ଆର୍‌ବିଆଇ, ଇସିର ଥିଲା ଭିନ୍ନ ମତ

ନୂଆଦିଲ୍ଲୀ,୨୧।୧୧(ପି.ଟି.)

ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ (ବିପିସିଏଲ୍) ସମେତ କେତେକ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଘରୋଇକରଣ ଏବଂ ଇଲେକ୍ଟୋରାଲ ବଣ୍ଡ ପ୍ରସଙ୍ଗରେ ପାର୍ଲାମେଣ୍ଟର ଉଭୟ ଗୃହରେ ବିରୋଧୀ ସଦସ୍ୟମାନେ ଗୁରୁବାର ପ୍ରବଳ ହୋ-ହଲ୍ଲା କରିଥିଲେ। ଏଥିରେ ବଡ଼ ଦୁର୍ନୀତି ହୋଇଥିବା ଲୋକ ସଭାରେ କଂଗ୍ରେସ ଅଭିଯୋଗ କରିବା ସହ ଇଲେକ୍ଟୋରାଲ ବଣ୍ଡ ଗଣତନ୍ତ୍ର ପ୍ରତି ବିପଦ ବୋଲି କହିଛି। ଏହି ବଣ୍ଡରେ ସଂଗୃହୀତ ଚାନ୍ଦାର ସ୍ୱଚ୍ଛତାକୁ ନେଇ କଂଗ୍ରେସ ପ୍ରଶ୍ନ ଉଠାଇବା ସହ ଯୁଗ୍ମ ସଂସଦୀୟ କମିଟି (ଜେପିସି) ଦ୍ୱାରା ଏହାର ତଦନ୍ତ କରାଯିବାକୁ ଦାବି କରିଛି। ଏଥିସହିତ ଉକ୍ତ ବଣ୍ଡର ବୈଧତା ଉପରେ ସୁପ୍ରିମକୋର୍ଟ ତୁରନ୍ତ ନିଷ୍ପତ୍ତି ନେବା ଆବଶ୍ୟକ ବୋଲି କଂଗ୍ରେସ କହିଛି।

ଇଲେକ୍ଟୋରାଲ ବଣ୍ଡ ଗଣତନ୍ତ୍ର ପ୍ରତି ବିପଦ ହୋଇଥିବାରୁ ଉଭୟ ଲୋକ ସଭା ଓ ରାଜ୍ୟ ସଭାରେ କଂଗ୍ରେସ ଏହି ପ୍ରସଙ୍ଗ କ୍ରମାଗତ ଭାବେ ଉଠାଇବ ବୋଲି ଦଳୀୟ ନେତା ମନୀଷ୍ ତିୱାରୀ ଖବରଦାତା ସମ୍ମିଳନୀରେ କହିଥିଲେ। ଇଲେକ୍ଟୋରାଲ ବଣ୍ଡ ଉପରେ ଆଲୋଚନା ପାଇଁ ପ୍ରଶ୍ନୋତ୍ତର କାଳକୁ ମୁଲତବୀ ରଖିବାକୁ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ଦାବି କରିଥିଲେ ହେଁ ବାଚସ୍ପତି ଓମ୍ ବିର୍ଲା ଏହାକୁ ଖାରଜ କରିଦେଇଥିଲେ। ଉପା ସରକାର ବେଳେ ଏହି ପ୍ରସଙ୍ଗକୁ ଭାଜପା ଜୋରଦାର ବିରୋଧ କରିଥିଲା ବୋଲି ଚୌଧୁରୀ କହିଥିଲେ। ତେବେ ବିରୋଧୀଙ୍କ ଅଭିଯୋଗକୁ ଖଣ୍ଡନ କରି ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ କହିଥିଲେ, ଭାଜପା ସିଏଜି ରିପୋର୍ଟ ଏବଂ ସୁପ୍ରିମକୋର୍ଟଙ୍କ ରାୟକୁ ଆଧାର କରି ବିରୋଧ କରିଥିଲା। ଗୃହ ମଧ୍ୟଭାଗରେ କଂଗ୍ରେସ ସଦସ୍ୟମାନଙ୍କ ନାରାବାଜି ସତ୍ତ୍ୱେ ପ୍ରଶ୍ନୋତ୍ତର କାର୍ଯ୍ୟ ଜାରି ରହିଥିଲା।



ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହାର ଓ ଇଲେକ୍ଟୋରାଲ ବଣ୍ଡକୁ ନେଇ ରାଜ୍ୟ ସଭାରେ ପ୍ରବଳ ହଟ୍ଟଗୋଳ ହେବାରୁ ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ। ଉକ୍ତ ପ୍ରସଙ୍ଗ ଉପରେ କଂଗ୍ରେସ ଏବଂ ସିପିଆଇ(ଏମ୍)ମୁଲତବୀ ପ୍ରସ୍ତାବ ଆଣିଥିଲାବେଳେ ନାଇଡୁ ଏହାକୁ ଅନୁମତି ନ ଦେବାରୁ ହଟ୍ଟଗୋଳ ହୋଇଥିଲା। ପୁଞ୍ଜିପ୍ରତ୍ୟାହାର ନାମରେ ସରକାର ୫ଟି ରାଷ୍ଟ୍ରାୟତ୍ତ ଉଦ୍ୟୋଗ (ପିଏସ୍‌ୟୁ)ରୁ ସମ୍ପୂର୍ଣ୍ଣ ଅଂଶଧନ ବିକ୍ରି କରିଦେଉଥିବା ବାମଦଳ ପକ୍ଷରୁ ଅଭିଯୋଗ କରାଯାଇଥିଲା। ସେହିପରି ଇଲେକ୍ଟୋରାଲ ବଣ୍ଡ ପ୍ରଚଳନ କରି କେନ୍ଦ୍ର ସରକାର ଦୁର୍ନୀତିକୁ ଆନୁଷ୍ଠାନିକ କରିଥିବା କଂଗ୍ରେସ ଅଭିଯୋଗ କରିଛି। ପ୍ରଥମେ କଂଗ୍ରେସ ସଦସ୍ୟ ମନୀଷ ତିୱାରୀ ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇଥିଲାବେଳେ ଏଥିରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ଭୂମିକା କଥା କହିବାରୁ ବାଚସ୍ପତି ମାଇକ୍ ବନ୍ଦ କରିଦେଇ ଅନ୍ୟ ଜଣେ ସଦସ୍ୟଙ୍କୁ କହିବାକୁ ସୁଯୋଗ ଦେଇଥିଲେ। ଫଳରେ କଂଗ୍ରେସ ସଦସ୍ୟମାନେ ହୋ-ହଲ୍ଲା କରିଥିଲେ। କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ନିଜ ଆସନ ଛାଡ଼ି ଚାଲିଯିବାରୁ ଦଳର ଅନ୍ୟ ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ।

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଏବଂ ନିର୍ବାଚନ କମିଶନ (ଇସି)ଙ୍କ ଭିନ୍ନମତ ସତ୍ତ୍ୱେ ସରକାର ଇଲେକ୍ଟୋରାଲ ବଣ୍ଡ ପ୍ରଚଳନ କରିଥିବା ତିୱାରୀ କହିଥିଲେ। ପୂର୍ବରୁ ରାଜନୀତିରେ ଧନିକ ଶ୍ରେଣୀର ପ୍ରଭାବକୁ ନିୟନ୍ତ୍ରଣରେ ରଖାଯାଇଥିଲା। ୨୦୧୭ ବଜେଟ ଜରିଆରେ ଇଲେକ୍ଟୋରାଲ ବଣ୍ଡ ପ୍ରଚଳନ କରି ଚାନ୍ଦା ଦେଉଥିବା ଓ ଗ୍ରହଣ କରୁଥିବା ବ୍ୟକ୍ତିଙ୍କ ନାମକୁ ଗୋପନ ରଖାଗଲା ବୋଲି କଂଗ୍ରେସ ନେତା କହିଥିଲେ।

## ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଲେ ମହିନ୍ଦା ରାଜପାକ୍‌ସେ



ମହିନ୍ଦା ରାଜପାକ୍‌ସେ

**କଲମ୍ବୋ,୨୧।୧୧(ପି.ଟି.):** ଶ୍ରୀଲଙ୍କାର ନୂଆ ପ୍ରଧାନମନ୍ତ୍ରୀ ଭାବେ ପୂର୍ବତନ ରାଷ୍ଟ୍ରପତି ମହିନ୍ଦା ରାଜପାକ୍‌ସେ ଗୁରୁବାର ଶପଥ ଗ୍ରହଣ କରିଛନ୍ତି। ସାନଭାଇ ତଥା ନବନିର୍ବାଚିତ ରାଷ୍ଟ୍ରପତି ଗୋଟାବାୟା ରାଜପାକ୍‌ସେ ମହିନ୍ଦାଙ୍କୁ ଶପଥ ପାଠ କରାଇଥିଲେ। ୨୦୨୦ ଅଗଷ୍ଟରେ ଶ୍ରୀଲଙ୍କାରେ ସାଧାରଣ ନିର୍ବାଚନ ହେବାକୁ ଥିବାବେଳେ ସେ ପର୍ଯ୍ୟନ୍ତ ମହିନ୍ଦା କାମଚଳା ପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟ କରିବେ। ଶପଥ ଗ୍ରହଣ ଉତ୍ସବରେ ପୂର୍ବତନ ପ୍ରଧାନମନ୍ତ୍ରୀ ରାନିଲ ୱିକ୍ରମସିଂଘେ, ପୂର୍ବତନ ରାଷ୍ଟ୍ରପତି ମୈତ୍ରୀପାଲ ସିରିସେନା ଓ ଅନ୍ୟ ନେତାମାନେ ଉପସ୍ଥିତ ଥିଲେ। ଏହା ପୂର୍ବରୁ ୨୦୧୮ରେ କିଛିଦିନ ପାଇଁ ମହିନ୍ଦା ପ୍ରଧାନମନ୍ତ୍ରୀ ପଦରେ ଅବସ୍ଥାପିତ ହୋଇଥିଲେ। ମହିନ୍ଦା ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବା ପୂର୍ବରୁ ୱିକ୍ରମସିଂଘେ ରାଷ୍ଟ୍ରପତି ଗୋଟାବାୟାଙ୍କୁ ଆନୁଷ୍ଠାନିକ ଭାବେ ଇସ୍ତଫାପତ୍ର ପ୍ରଦାନ କରିଥିଲେ। ଏଥିସହିତ ସେ ନୂଆ ପ୍ରଧାନମନ୍ତ୍ରୀଙ୍କ ପାଇଁ ତାଙ୍କ ସରକାରୀ ବାସଭବନ ଛାଡ଼ିଦେଇଥିଲେ। ରାଷ୍ଟ୍ରପତି ନିର୍ବାଚନରେ ୱିକ୍ରମସିଂଘେଙ୍କ ଦଳ ପରାଜିତ ହେବା ପରେ ବୁଧବାର ସେ ଇସ୍ତଫା ଘୋଷଣା କରିଥିଲେ। ମହିନ୍ଦା ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ଫଳରେ ଦେଶର ଶାସନ କ୍ଷମତା ସମ୍ପୂର୍ଣ୍ଣ ଭାବେ ରାଜପାକ୍‌ସେ ପରିବାର ହାତମୁଠାକୁ ଚାଲିଯାଇଛି। ଏହାକୁ ନେଇ ସଂଖ୍ୟାଲଘୁ ତାମିଲ ଓ ମୁସଲମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି।

ଶ୍ରୀଲଙ୍କାର ନୂଆ ପ୍ରଧାନମନ୍ତ୍ରୀ ମହିନ୍ଦାଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଭିନନ୍ଦନ ଜଣାଇଛନ୍ତି। ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଅଧିକ ମଜଭୁତ କରିବା ଦିଗରେ ନୂଆ ପ୍ରଧାନମନ୍ତ୍ରୀଙ୍କ ସହ ଏକାଠି କାର୍ଯ୍ୟ କରିବାକୁ ମୋଦି ଆଗ୍ରହ ପ୍ରକାଶ କରିଛନ୍ତି।

## ଯୁବକଙ୍କୁ ହତ୍ୟା

**ଖଲ୍ଲିକୋଟ,୨୧।୧୧(ଡି.ଏନ୍.ଏ.):** ଗଞ୍ଜାମ ଜିଲା ଖଲ୍ଲିକୋଟ ବ୍ଲକ ଜାତୀୟ ରାଜପଥ ନଂ.୧୬ ପାର୍ଶ୍ୱରେ ଥିବା କେଶପୁର ବଜାର ନାରାୟଣୀ ପେଟ୍ରୋଲ ପମ୍ପ୍ ନିକଟରେ ଗୁରୁବାର ରାତି ପ୍ରାୟ ସାଢେ ୯ଟାରେ ଏକ ହତ୍ୟାକାଣ୍ଡ ଘଟିଛି। ଖଲ୍ଲିକୋଟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେଠାରେ ଜଣେ ଯୁବକଙ୍କ କ୍ଷତବିକ୍ଷତ ମୃତଦେହ ପଡିଥିବା ଦେଖିବାକୁ ପାଇଥିଲା। ଯୁବକଙ୍କ ପରିଚୟ ମିଳି ନ ଥିବାବେଳେ ସେ ପାଖ ଗ୍ରାମର ବୋଲି ଅନୁମାନ କରାଯାଉଛି। ଘଟଣାପରେ ଦୋକାନ ବଜାର ବନ୍ଦ ହୋଇଯାଇଛି। ଖବର ଲେଖାହେବା ସୁଦ୍ଧା ପୋଲିସ ଘଟଣାସ୍ଥଳରେ ଅନୁସନ୍ଧାନ ଚଳାଇଛି।

**ପ୍ରିୟ ପାଠିକାପାଠକଙ୍କ ପାଇଁ ସୂଚନା**

ଏ ସପ୍ତାହର ଛୁଟିଦିନ ରବିବାର ବଦଳରେ ଶନିବାର ପାଇବେ।

# ବିନା ଟୋକନରେ ହେଲା ଧାନ କିଣା

- ଚାଷୀ ଆନ୍ଦୋଳନ ପରେ ବଦଳିଲା ନିୟମ
- ସମ୍ବଲପୁର, ବରଗଡ଼ରେ ଆନ୍ଦୋଳନ ପ୍ରତ୍ୟାହୃତ

ସମ୍ବଲପୁର(ବ୍ୟୁରୋ)/ବରଗଡ଼ ଅଫିସ,୨୧।୧୧

ବରଗଡ଼ ଓ ସମ୍ବଲପୁର ଜିଲାରେ ଚାଷୀ ଆନ୍ଦୋଳନ ପରେ ବଦଳିଛି ନିୟମ। ସମ୍ବଲପୁରରେ ବିନା ଟୋକନରେ ଆରମ୍ଭ ହୋଇଛି ଧାନ କିଣା। ବରଗଡ଼ରେ ବି ଖୋଦ୍ ଜିଲାପାଳ ଏ ନେଇ ପ୍ରତିଶ୍ରୁତି ଦେବା ପରେ ଚାଷୀ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ଗୁରୁବାର ଅପରାହ୍ନରେ ସମ୍ବଲପୁରରେ ଚଳିତ ବର୍ଷର ପ୍ରଥମ ଧାନ ସଂଗ୍ରହ ଆରମ୍ଭ ହୋଇଛି।

ସମ୍ବଲପୁରର ଚାଷୀମାନେ ୪ ଘଣ୍ଟା ଧରି ଜାତୀୟ ରାଜପଥ ଅବରୋଧ କରିଥିଲେ। ଧାନ କିଣାକୁ ନେଇ ରାଜ୍ୟ ସରକାର ଆରମ୍ଭ କରିଥିବା ଟୋକନ ବ୍ୟବସ୍ଥାକୁ ସେମାନେ ଉଚ୍ଛେଦ କରିବାକୁ ଦାବି କରିଥିଲେ। ଶେଷରେ ସମାଧାନ ବାଟ ଫିଟିଛି। ବିଧାୟକ ରୋହିତ ପୂଜାରୀ ଚାଷୀଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ, ସରକାରଙ୍କ ଉପ ମୁଖ୍ୟସଚେତକ ସହ ଏ ନେଇ ତୁହାକୁ ତୁହା ଆଲୋଚନା କରିଥିଲେ। ଚାଷୀମାନଙ୍କ ସମସ୍ତ ଦାବି ପୂରଣ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଚାଷୀମାନେ ବିନା ଟୋକନରେ ଧାନ ବିକିଲା ପରେ ଯାଇ ରାସ୍ତା ଅବରୋଧ ହଟିବ ବୋଲି ଜିଦ୍ ଧରିଥିଲେ। ପରେ ବରେଇପାଲି ମାର୍କେଟରେ ୭ ଜଣ ଚାଷୀଙ୍କ ୧୫୦୪ ପକେଟ ଧାନ ଯୋଗାଣ ବିଭାଗ ପକ୍ଷରୁ କିଣା ଯାଇଥିଲା। ସେମାନଙ୍କ ମଧ୍ୟରୁ ୩ ଜଣ ଚାଷୀଙ୍କ ପାଖରେ ଟୋକନ ନ ଥିଲା। ତୁରନ୍ତ ସେମାନଙ୍କୁ ଟୋକନ ଦିଆଯାଇଥିଲା। ପରେ ଚାଷୀମାନେ ରାସ୍ତା ଅବରୋଧର ହଟିଥିଲା।



ଚାଷୀମାନେ ଅତାବିରା ବ୍ଲକ ଅନ୍ତର୍ଗତ ଗୋଡ଼ଭଗା ସମଲେଶ୍ୱରୀ ମନ୍ଦିର ସମ୍ମୁଖ ୫୩ ନମ୍ବର ଜାତୀୟ ରାଜପଥକୁ ଧାନବସ୍ତା ରଖି ଅବରୋଧ କରିଛନ୍ତି।

ସେହିପରି ପୂର୍ବାହ୍ନ ପ୍ରାୟ ସାଢ଼େ ୮ଟାରୁ ବରଗଡ଼ ଜିଲାର ଚାଷୀମାନେ ଅତାବିରା ବ୍ଲକ ଅନ୍ତର୍ଗତ ଗୋଡ଼ଭଗା ସମଲେଶ୍ୱରୀ ମନ୍ଦିର ସମ୍ମୁଖ ୫୩ ନମ୍ବର ଜାତୀୟ ରାଜପଥକୁ ଧାନବସ୍ତା ରଖି ଅବରୋଧ କରିଥିଲେ। ଫଳରେ ରାଜପଥର ଉଭୟ ପାର୍ଶ୍ୱରେ ବହୁସଂଖ୍ୟକ ଯାନବାହନ ଅଟକି ☞ପୃଷ୍ଠା-୪

# ଧାନର ଅଭାବୀ ବିକ୍ରିକୁ ନେଇ ବିଧାନସଭାରେ ଝଡ଼

- ବିରୋଧୀଙ୍କ ହୋ ହଲ୍ଲା, ଗୃହ ମୁଲତବୀ
- ବାଚସ୍ପତି ଡାକିଲେ ସର୍ବଦଳୀୟ ବୈଠକ
- ମାନିଲେନି ବିରୋଧୀ
- ପ୍ରତିଶ୍ରୁତି ପରେ ଆନ୍ଦୋଳନରୁ ହଟିଲେ ଚାଷୀ
- ଟୋକନ ବ୍ୟବସ୍ଥା ରହିବ, ଟୋକନ ନ ଥିବା ଚାଷୀଙ୍କଠାରୁ ମଧ ଧାନ କିଣାଯିବ

ଭୁବନେଶ୍ୱର,୨୧।୧୧(ବ୍ୟୁରୋ)

ବଲାଙ୍ଗୀର,ବରଗଡ଼, ସମ୍ବଲପୁର, ସୋନପୁର ଜିଲାରେ ଚାଷୀମାନେ ଧାନ ବିକ୍ରିକୁ ନେଇ ଗତ କିଛିଦିନ ହେବ ଆନ୍ଦୋଳନ ଚଳାଇଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଟୋକନ ବ୍ୟବସ୍ଥାକୁ ବିରୋଧ କରି ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ଏଥିଯୋଗୁ ଧାନ ବିକ୍ରିରେ ବାଧା ସୃଷ୍ଟି ହୋଇଥିଲା। ବିଭିନ୍ନ ସ୍ଥାନରେ ଶହ ଶହ କୁଇଣ୍ଟାଲ ଧାନ ରାସ୍ତା ଉପରେ ରଖି ଚାଷୀ ନେତାମାନେ ବିକ୍ଷୋଭ କରିଥିଲେ । ରାଜଧାନୀରେ ମଧ ଗୁରୁବାର ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଟୋକନ ବ୍ୟବସ୍ଥାକୁ ବିରୋଧ କରି ସଂଗଠନର କର୍ମକର୍ତ୍ତା ଓ ପୋଲିସ ମଧ୍ୟରେ ଧସ୍ତାଧସ୍ତି ହୋଇଥିବା ଦେଖିବାକୁ ମିଳିଥିଲା । ଏପରିକି ପାର୍ଲାମେଣ୍ଟରେ ଟୋକନ ବ୍ୟବସ୍ଥାକୁ ବିରୋଧ କରି ବରଗଡ ଭାଜପା ଏମପି ସୁରେଶ ପୂଜାରୀ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଲୋଡିଛନ୍ତି। ତେବେ ପରିସ୍ଥିତିକୁ ଶାନ୍ତ ☞ପୃଷ୍ଠା-୪



**ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ**

ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**ଆଜିର ସମ୍ପାଦକୀୟ**

ଟୋକନ୍‌ର ସ୍ଥାନୀୟକରଣ କର

**ଆଜିର ମନ୍ତବ୍ୟ**

“ଏନ୍‌ଆର୍‌ସିକୁ ନେଇ ଲୋକଙ୍କ ମନରେ ଭୟ ଓ ଆତଙ୍କ ସୃଷ୍ଟି କରୁଛି ଭାଜପା।

– ସୀତାରାମ ୟେଚୁରୀ, ସିପିଆଇଏମ୍ ସାଧାରଣ ସମ୍ପାଦକ

**କିଛି ତଥ୍ୟ**

ନୂଆ ମୋଟର ଯାନ ଆଇନ ଲାଗୁ ହେବା ପରଠାରୁ ୫୭୭ କୋଟି ଟଙ୍କାର ଚାଲାଣ କଟାଯାଇଛି।

– ସଡ଼କ ଏବଂ ପରିବହନ ମନ୍ତ୍ରଣାଳୟ

## ଖୋଳାଯିବ ୧.୨୫ ଲକ୍ଷ କୂପ

- ଜିଲାୱାରି ଧାର୍ଯ୍ୟଲକ୍ଷ୍ୟ ଚୂଡ଼ାନ୍ତ
- ଜିଲାପାଳଙ୍କୁ ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଚିଠି

ଭୁବନେଶ୍ୱର,୨୧।୧୧(ବ୍ୟୁରୋ)

ସାରା ରାଜ୍ୟରେ ଚଳିତ ଆର୍ଥିକ ବର୍ଷରେ ୧.୨୫ ଲକ୍ଷ କୂପ(ଡଗ୍-ୱେଲ)ଖୋଳାଯିବ। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏ) ଅଧୀନରେ ଏହି ଖନନ କାର୍ଯ୍ୟ କରାଯିବ। ଏ ନେଇ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ଜିଲାର ଜିଲାପାଳ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ, ଜିଲା ପ୍ରକଳ୍ପ ସଂଯୋଜକ(ଏମ୍‌ଜିଏନ୍‌ଆରଇଜିଏ)ଙ୍କୁ ଗତ ୧୯ ତାରିଖରେ ଚିଠି ଲେଖାଯାଇଛି। କେଉଁ ଜିଲାରେ କେତେ ସଂଖ୍ୟକ କୂପ ଖୋଳାଯିବ, ସେ ନେଇ ମଧ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଏହି କାର୍ଯ୍ୟ କୃଷି ପାଇଁ ବିକଳ୍ପ ଜଳସେଚନ ବ୍ୟବସ୍ଥା ସୃଷ୍ଟି କରିବ। ସେହିପରି ବିଭିନ୍ନ ଜିଲାରେ ବ୍ଲକୱାରି ତାଲିକା କରି ଚଳିତ ମାସ ୨୫ ସୁଦ୍ଧା ☞ପୃଷ୍ଠା-୪

# ପ୍ରସାରଣରେ ‘ଧରିତ୍ରୀ’ ଏକ ନମ୍ବର

| Sl.No. | Name of the Newspaper | Publication Place | Circulation Figure(Year-2017-18) | Circulation Figure(Year-2018-19) |
|---|---|---|---|---|
| 1 | DHARITRI | BHUBANESWAR | 157677 | 476500 |
| 2 | PRAMEYA | BHUBANESWAR | 422360 | 422360 |
| 3 | SAMBAD | BHUBANESWAR | 365767 | 365767 |
| 4 | SAMAJ | CUTTACK | 224049 | 334521 |
| 5 | PRAGATIVADI | BHUBANESWAR | 221150 | 221150 |

### ବିଧାନସଭାରେ ଲିଖିତ ଉତ୍ତର ରଖିଲେ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

ଭୁବନେଶ୍ୱର,୨୧।୧୧(ବ୍ୟୁରୋ)

ଧରିତ୍ରୀ ରାଜ୍ୟର ସର୍ବାଧିକ ପ୍ରସାରିତ ଖବରକାଗଜ। ୨୦୧୮-୧୯ ଆର୍ଥିକବର୍ଷର ହିସାବ ଅନୁଯାୟୀ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦେଇଥିବା ତଥ୍ୟରେ ଏହା ଦର୍ଶାଯାଇଛି। ୨୦୧୮-୧୯ ଆର୍ଥିକବର୍ଷରେ ‘ଧରିତ୍ରୀ’ର ପ୍ରସାରଣ ୪ଲକ୍ଷ ୭୬ହଜାର ୫୦୦ ଥିବାବେଳେ ଏହା ତଳକୁ ଅନ୍ୟ ଖବରକାଗଜ ରହିଛନ୍ତି। ବିଜେଡି ସଦସ୍ୟ ପ୍ରଶାନ୍ତ ବେହେରା ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ‘ଧରିତ୍ରୀ’ ତଳକୁ ଯେଉଁ ଖବରକାଗଜ ଦୁଇ ନମ୍ବରରେ ରହିଛନ୍ତି ସେମାନେ ଧରିତ୍ରୀଠାରୁ ପ୍ରାୟ ୫୦ ହଜାରରୁ ଅଧିକ ପ୍ରସାରଣ କମ୍‌ରେ ଅଛନ୍ତି। ‘ପ୍ରମେୟ’ ଦୁଇ ନମ୍ବର ସ୍ଥାନରେ ଥିବାବେଳେ ଏହାର ପ୍ରସାରଣ ୪ଲକ୍ଷ ୨୨ହଜାର ୩୬୦ ରହିଛି। ସେହିପରି ତୃତୀୟ ସ୍ଥାନରେ ‘ସମ୍ବାଦ’ ଏବଂ ଚତୁର୍ଥ ସ୍ଥାନରେ ‘ସମାଜ’ ରହିଛି। ‘ସମ୍ବାଦ’ର ପ୍ରସାରଣ ୩ଲକ୍ଷ ୬୫ହଜାର ୭୬୭ ଥିବାବେଳେ ‘ସମାଜ’ର ୩ଲକ୍ଷ ୩୪ହଜାର ୫୨୧ ରହିଛି। ଅନ୍ୟପଟେ ବୈଦ୍ୟୁତିକ ଗଣମାଧ୍ୟମ ଦର୍ଶକ ସଂଖ୍ୟା ନେଇ କୌଣସି ତଥ୍ୟ ସରକାରଙ୍କ ହସ୍ତଗତ ହୋଇ ନ ଥିବା ମନ୍ତ୍ରୀ ଦାସ କହିଛନ୍ତି।

# ବଡ଼ବିଲ ଥାନା ହାଜତରେ ହତ୍ୟା ଅଭିଯୁକ୍ତଙ୍କ ଆତ୍ମହତ୍ୟା

- ଚାପା ଉତ୍ତେଜନା, ପୋଲିସର କାର୍ଯ୍ୟ ଦକ୍ଷତାକୁ ନେଇ ପ୍ରଶ୍ନବାଚୀ
- ସୋମବାର ପୋଲିସ ତାଙ୍କୁ ଉଠାଇ ନେଇଥିଲା
- ଏନ୍‌ଏଚ୍‌ଆରସି ଗାଇଡ୍‌ଲାଇନ ଅନୁଯାୟୀ ତଦନ୍ତ ହେବ:ଏସ୍‌ପି

ବଡବିଲ,୨୧।୧୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡ଼ବିଲ ଥାନା ହାଜତରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ବଡ଼ବିଲ ସେଡିଂ ବସ୍ତିର ସୁରେଶ ନାଏକ(୫୨) ନାମକ ଜଣେ ହତ୍ୟା ଅଭିଯୁକ୍ତ ହାଜତ ଭିତରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିଲେ। ପୋଲିସ ତାଙ୍କୁ ଡାକ୍ତରଖାନା ନେଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଏହି ଘଟଣା ଜଣାପଡିବା ପରେ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ତେବେ କେଉଁ ପରିସ୍ଥିତିରେ ଏପରି ଘଟଣା ଘଟିଲା ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୋଲିସ ତାଙ୍କୁ ଗତ ୩ ଦିନ ତଳେ ଗିରଫ କରିଥିଲେ ମଧ୍ୟ କାହିଁକି କୋର୍ଟ ଚାଲାଣ କରି ନ ଥିଲା ବୋଲି ଏଠାରେ ଚର୍ଚ୍ଚା ଜୋର ଧରିଛି।

ସୂଚନାଯୋଗ୍ୟ, ସ୍ତ୍ରୀ ବାସନ୍ତୀଙ୍କ ହତ୍ୟା ଅଭିଯୋଗରେ ଗତ ସୋମବାର ସନ୍ଧ୍ୟାରେ ସୁରେଶଙ୍କୁ ପୋଲିସ ଉଠାଇ ନେଇଥିଲା। ପୁଅ ଅଜିତଙ୍କ ଲିଖିତ ଅଭିଯୋଗକୁ ଭିତ୍ତିକରି ବଡ଼ବିଲ ଥାନାରେ ଏକ ମାମଲା (ନଂ.୨୨୩/୨୦୧୯) ରୁଜୁ ହୋଇଥିଲା। ଗୁରୁବାର ସକାଳ ପ୍ରାୟ ୬ଟା ବେଳେ ସୁରେଶ ନିଜ ଗାମୁଛାକୁ ବେକରେ ବାନ୍ଧି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଦାୟିତ୍ୱରେ ଥିବା ସେଣ୍ଟ୍ରି ଏହା ଦେଖିବା ପରେ ପୋଲିସ ତୁରନ୍ତ ତାଙ୍କୁ ଉଦ୍ଧାର କରି ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି କେନ୍ଦୁଝର ଏସ୍‌ପି ମିତ୍ରଭାନୁ ମହାପାତ୍ର ସ୍ୱୀକାର କରିଛନ୍ତି। ଏସ୍‌ପି କହିଛନ୍ତି, ସୁରେଶଙ୍କୁ ଗତ ୧୮ ତାରିଖରୁ ଥାନାକୁ ଅଣାଯାଇ ପଚରା ଉଚରା ଜାରି ରହିଥିଲା। ଅଭିଯୁକ୍ତଙ୍କ ବିରୋଧରେ ପ୍ରମାଣ ମିଳିବା ପରେ ବୁଧବାର ତାଙ୍କୁ ଗିରଫ ଦର୍ଶାଯାଇ ଗୁରୁବାର କୋର୍ଟ ଚାଲାଣ କରିବାର ଥିଲା। ତେବେ ସକାଳ ୬ଟା ୧୦ ମିନିଟରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୁରେଶଙ୍କୁ ଗୁରୁତର ଅବସ୍ଥାରେ ଭର୍ତ୍ତି କରାଯାଇଥିଲା। ହେଲେ ସକାଳ ପ୍ରାୟ ସାଢେ ୭ଟାରେ ତାଙ୍କୁ ☞ପୃଷ୍ଠା-୪




Vencobb CHICKEN
21.11.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 84 | 137 | 147 |
| CTC | 84 | 137 | 147 |
| DKL | 84 | 137 | 147 |
| BDK | 84 | 137 | 147 |
| BLS | 84 | 137 | 147 |
| ANG | 85 | 139 | 149 |
| BHM | 84 | 137 | 147 |

*Conditions Apply
Issued in the Interest of Consumers



ସମାଜରେ ଜାତି, ଧର୍ମ, ବର୍ଣ୍ଣକୁ ନେଇ ରହିଥିବା ବିଭେଦକୁ ସିନେମା ଦୂର କରିଥାଏ।
-ଅମିତାଭ୍ ବଚ୍ଚନ, ବଲିଉଡ୍ ସୁପରଷ୍ଟାର

# ଆମେରିକାରେ ଘଷି ପ୍ୟାକେଟ୍ ୨୧୫ ଟଙ୍କା

**ନ୍ୟୁଜର୍ସି:** ଘଷି ଦୋକାନରେ ବିକ୍ରିହେବା ଖବର ଶୁଣି ଆଶ୍ଚର୍ଯ୍ୟ ହେଉଥିବେ ନିଶ୍ଚୟ। ଏଭଳି ଖବର ମିଛ ନୁହେଁ। ଆମେରିକାର ନ୍ୟୁଜର୍ସିସ୍ଥିତ ଆଡିସନର ବିଭିନ୍ନ ଗ୍ରୋସରି ଦୋକାନରେ ଆପଣମାନେ ଘଷି ପାଇପାରିବେ। ଗୋଟିଏ ପ୍ୟାକେଟ୍‌ରେ ୧୦ଟି ଘଷି ରହିଥିବାବେଳେ ଏହାର ଦାମ ରହିଛି ମାତ୍ର ୨୧୫ ଟଙ୍କା(୨.୯୯ ଡଲାର)। ତେବେ ଏହା ଦେଶୀ ଗାଈଙ୍କ ଗୋବରରେ ତିଆରି କି ଆମେରିକୀୟ ଗାଈଙ୍କ ଗୋବରରେ ତିଆରି ତାହା ସ୍ପଷ୍ଟ ଭାବେ ଜଣାପଡ଼ି ନାହିଁ। ଏହାକୁ କିଣିବା ଲାଗି ଲୋକଙ୍କ ଆଗ୍ରହ ବଢ଼ିବାରେ ଲାଗିଛି। ବିଭିନ୍ନ ଇ-ରିଟେଲ ୱେବ୍‌ସାଇଟ୍‌ରେ ଏହା ବିକ୍ରି କରାଯାଉଥିବା ଜଣାପଡ଼ିଛି। ଏହା ବିଭିନ୍ନ ଧାର୍ମିକ କାର୍ଯ୍ୟରେ ବହୁଳ ବ୍ୟବହାର କରାଯାଇଥାଏ। ବିଭିନ୍ନ କାର୍ଯ୍ୟରେ ଗୋମାତାଙ୍କ ପବିତ୍ର ଗୋବରକୁ ବ୍ୟବହାର କରାଗଲେ ଶୁଭଫଳ ପ୍ରାପ୍ତି ହୋଇଥାଏ ବୋଲି କୁହାଯାଏ। ଏହି ଖବର ଭାଇରାଲ ହେବାରେ ଲାଗିଛି। ଏହା ଉପରେ ବିଭିନ୍ନ ଲୋକ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେବାରେ ମଧ୍ୟ ଲାଗିଛନ୍ତି।




# ଟମାଟୋ ଗହଣା ପିନ୍ଧି ବାହାହେଲେ

**ଇସ୍‌ଲାମାବାଦ:** ପାକିସ୍ତାନ ଏବେ ଗୁରୁତର ଆର୍ଥିକ ସଙ୍କଟ ଦେଇ ଗତି କରୁଛି। ଏହାର ପ୍ରଭାବ ସିଧାସଳଖ ସେଠାକାର ସାଧାରଣ ଜନତାଙ୍କ ଉପରେ ପଡ଼ିଛି। ଦେଶରେ ଟମାଟୋ କିଲୋ ୪୦୦ ଟଙ୍କାରେ ପହଞ୍ଚିଛି। ଯାହାକି ଲୋକଙ୍କ ପକେଟ୍‌କୁ ଖୁବ୍ ବାଧୁଛି। ତେଣୁ ଏହାର ନଗ୍ନ ଉଦାହରଣ ଦେଖିବାକୁ ମିଳିଛି ବିବାହ ପାଇଁ ସଜେଇ ହୋଇଥିବା ଜଣେ ଯୁବତୀଙ୍କଠାରେ। ସେ ବିବାହ ସମୟରେ ଟମାଟୋର ଗହଣା ପିନ୍ଧି ଦେଶର ଆର୍ଥିକ ଅବସ୍ଥାକୁ ନେଇ ଉପହାସ କରିଛନ୍ତି। ଟମାଟୋର ହାର, କାନଫୁଲ, ଚୁଡ଼ି ଓ ମଥାମଣି ପିନ୍ଧି ସେ ବିବାହ ପାଇଁ ପ୍ରସ୍ତୁତ ହୋଇଥିଲେ। ଏହାର ଏକ ଭିଡିଓ ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଛି। ଏଭଳି ଗହଣା ପିନ୍ଧିବାର କାରଣ ସମ୍ପର୍କରେ ସେ କହିଛନ୍ତି ଯେ, ସୁନାର ମୂଲ୍ୟ ଅଧିକ ଏବଂ ଏବେ ଦେଶରେ ଟମାଟୋର ମୂଲ୍ୟ ମଧ୍ୟ ଅଧିକ ରହିଛି। ତେଣୁ ସେ ନିଜ ଜୀବନର ସ୍ୱତନ୍ତ୍ର ଦିନରେ ସୁନା ଗହଣା ବଦଳରେ ଟମାଟୋର ଗହଣା ପିନ୍ଧିବାକୁ ପସନ୍ଦ କରିଥିବା କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଯେଉଁ ମାତାପିତା ନିଜ ଝିଅର ବିବାହରେ ଟମାଟୋ ଦେବା ପାଇଁ ସକ୍ଷମ ହୋଇଛନ୍ତି, ସେମାନେ ସବୁକିଛି ଦେଇଛନ୍ତି ବୋଲି ଧରିବାକୁ ପଡ଼ିବ।



# ମଇଁଷି ଅପହରଣ



**ଭୋପାଳ:** ମଣିଷକୁ ମୁଣ୍ଡଜାମିନ ରଖି ଟଙ୍କା ଦାବି କରିବା ଏବଂ ଦାବି ମୁତାବକ ଟଙ୍କା ଦେବା ପରେ ଅପହରଣର ଶିକାର ହୋଇଥିବା ଲୋକଙ୍କୁ ମୁକ୍ତ କରିଦେବା ଭଳି ଘଟଣା ଅନେକ ସମୟରେ ଗଣମାଧ୍ୟମର ଶୀର୍ଷକ ପାଲଟୁଛି। ଏହା ହୁଏତ ଅଧିକାଂଶ ଲୋକଙ୍କ ପାଇଁ ସାଧାରଣ ହୋଇପାରେ। ଯଦି ସମାନ ଘଟଣା ମଇଁଷିଙ୍କୁ ନେଇ ଘଟେ ତେବେ ଏହା ଚକିତ କରିବା ସ୍ୱାଭାବିକ। ଆପରାଧିକ କାର୍ଯ୍ୟକଳାପକୁ ନେଇ ଦୁର୍ନାମ ମୁଣ୍ଡାଇଥିବା ମଧ୍ୟପ୍ରଦେଶର ଚମ୍ବଲ ଉପତ୍ୟକାରେ ଗୋ-ମହିଷାଦି ପ୍ରାଣୀଙ୍କୁ ଚୋରାଇ ନେଇ ଟଙ୍କା ଦାବି କରିବା ଅପରାଧର ନୂଆ ଟ୍ରେଣ୍ଡ ପାଲଟିଛି। ଦୀର୍ଘଦିନ ଧରି ଏପରି ଅପରାଧ ଗୋ-ପାଳକ ସମେତ ପୋଲିସର ଚିନ୍ତା ବଢ଼ାଇଛି। ଏପରି ଗୋରୁ ଚୋରିକୁ ସ୍ଥାନୀୟ ଭାଷାରେ କୁହାଯାଏ 'ପନିହାଇ'। ଏହାର ଅର୍ଥ ହେଉଛି, ଚୋରମାନେ କୌଶଳକ୍ରମେ ଗୁହାଳରୁ ମଇଁଷି, ଗୋରୁ, ଚୋରି କରି ନିଅନ୍ତି। ଏହାକୁ ଫେରାଇବା ପାଇଁ ନିର୍ଦ୍ଦିଷ୍ଟ ପରିମାଣର ଟଙ୍କା ଦାବି କରାଯାଇଥାଏ। ମଧ୍ୟସ୍ଥଙ୍କ ଜରିଆରେ ଟଙ୍କା ନେଣଦେଣ ସରିବା ପରେ ଚୋରି ହୋଇଥିବା ଗୋରୁ, ମଇଁଷିକୁ ପୁଣିଥରେ ମାଲିକକୁ ଫେରାଇ ଦିଆଯାଇଥାଏ। ମଇଁଷିର ପ୍ରକୃତ ମୂଲ୍ୟର ହାରାହାରି ୩୦% ଟଙ୍କା ଆଦାୟ କରାଯାଇଥାଏ। ସବୁଠାରୁ ବଡ଼କଥା ହେଉଛି, ଅଭିଯୁକ୍ତମାନେ ସ୍ଥାନୀୟ ରାଜନେତାଙ୍କ ଛତ୍ରଛାୟା ତଳେ ଏପରି କାର୍ଯ୍ୟ କରିଚାଲିଛନ୍ତି। ଚୋରଙ୍କ ନାମରେ ଏତଲା ଦିଆଯିବା ସତ୍ତ୍ୱେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ପଛଘୁଞ୍ଚା ଦେଉଛି। ଯଦି ବି ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉଦ୍ୟମ କରେ, ତେବେ ଅଭିଯୁକ୍ତମାନେ ସେମାନଙ୍କ ସାଥୀଙ୍କ ସହ ଆକ୍ରମଣ କରୁଛନ୍ତି। ତେଣୁ ଅଭିଯୁକ୍ତଙ୍କ ଗାଁ ମାଡ଼ିବା ବି ପୋଲିସ ପାଇଁ କଷ୍ଟକର ହୋଇପଡୁଛି।

ଚମ୍ବଲ ଅଞ୍ଚଳର ସିରମିତି ଗ୍ରାମରୁ ଗତ ସେପ୍ଟେମ୍ବରରେ ଜଳଦେବୀ ନାମ୍ନୀ ଜଣେ ବିଧବାଙ୍କ ୬୦ ହଜାର ଟଙ୍କା ମୂଲ୍ୟର ମଇଁଷି ଚୋରି ହୋଇଯାଇଥିଲା। ଏଥିରେ ସମ୍ପୃକ୍ତ ଅଭିଯୋଗରେ ୩ ଜଣଙ୍କ ନାମରେ ମାମଲା ରୁଜୁ କରାଯାଇଥିଲା। ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ମହିଳା ଜଣକ ବାଧହୋଇ ପଞ୍ଚାୟତର ଫେରାଦ ହୋଇଥିଲେ। ଅଭିଯୁକ୍ତମାନେ ତାଙ୍କର ମଇଁଷି ଫେରାଇ ଦେବାକୁ ସର୍ବସାଧାରଣରେ ଶପଥ କରିଥିଲେ। ତଥାପି ଦାବି ମୁତାବକ ଟଙ୍କା ଦେଇ ନ ପାରିବରୁ ମାମଲା ଏଯାଏ ଆଗକୁ ବଢୁନି କି ସେ ମଇଁଷି ପାଇପାରୁନାହାନ୍ତି। ପୌରଷା କ୍ଷେତ୍ର ଅଧୀନ ସିଙ୍ଗପୁରା ନିବାସୀ ଧାରା କୌରୀଙ୍କ ସହ ସମାନ ଘଟଣା ଘଟିଛି। ଗତ ଏପ୍ରିଲରେ ଗୁହାଳରେ ବନ୍ଧା ଯାଇଥିବା ତାଙ୍କ ମଇଁଷିକୁ ଦୁର୍ବୃତ୍ତମାନେ ଚୋରି କରି ନେଇଥିଲେ। ଏ ନେଇ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ ହେଁ ପୋଲିସ ପଦକ୍ଷେପ ନେବାରେ ପଛଘୁଞ୍ଚା ଦେଲା। ଫଳରେ ମଇଁଷି ଫେରିପାଇବାକୁ ସେ ବାଧ ହୋଇ ଦଲାଲଙ୍କ ସହ ଯୋଗାଯୋଗ କରିଥିଲେ। ୨୦ ହଜାର ଟଙ୍କା ଦେବା ପରେ ଅଭିଯୁକ୍ତମାନେ ୬୦ ହଜାର ଟଙ୍କାର ମଇଁଷିକୁ ଫେରାଇଥିଲେ। ଏ ସଂକ୍ରାନ୍ତରେ ଏସ୍‌ପି ଡା. ଅସିତ ଯାଦବ କୁହନ୍ତି, ଗୃହପାଳିତ ପ୍ରାଣୀ ଚୋରି କରୁଥିବା ଅଭିଯୁକ୍ତଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତି ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ଅଟୋରିକ୍ସାରେ ଘର ଓ ବଗିଚାର ସୁବିଧା



**ମୁମ୍ବାଇ:** କିଛି କରିବାର ଯଦି ଆଗ୍ରହ ଓ ନିଷ୍ଠା ରହିଛି, ତେବେ ସବୁ କିଛି ସମ୍ଭବ। ତାହା ମୁମ୍ବାଇର ଅଟୋ ଚାଳକ ସତ୍ୟବାନ ଗୀତେ ପ୍ରମାଣିତ କରିଛନ୍ତି। ମାନବିକତା ଦୃଷ୍ଟିରୁ ସେବା ମନୋବୃତ୍ତି ଦେଖାଇ ଅନେକ ଚାଳକ ନିଜ ଗାଡ଼ିକୁ ଆମ୍ବୁଲାନ୍ସଭାବେ ବ୍ୟବହାର କରିବା ସହ ଗରିବ ଓ ଅସହାୟ ବ୍ୟକ୍ତିଙ୍କୁ ମାଗଣାରେ ଯାତ୍ରା କରାଇବା ଦେଖିଥିବେ। ବସ୍ ଏବଂ ଟ୍ରେନ୍ ମଧ୍ୟରେ ଘର ଭଳି ସୁବିଧା କରାଯାଇଥିବା ମଧ୍ୟ ଦେଖିଥିବେ। ହେଲେ ଏକ ଅଟୋରିକ୍ସା ମଧ୍ୟରେ ଏଭଳି ସୁବିଧା ମିଳିପାରେ, ତାହା ଆପଣ କେବେ ଚିନ୍ତା ବି କରି ନ ଥିବେ। ଯାତ୍ରୀଙ୍କ ସୁବିଧା ପାଇଁ ସତ୍ୟବାନ ନିଜ ଗାଡ଼ି ମଧ୍ୟରେ ସେହି ସମସ୍ତ ବ୍ୟବସ୍ଥା ଉପଲବ୍ଧ କରାଇଛନ୍ତି, ଯାହା କି ଆପଣଙ୍କୁ ଘରେ ମିଳିପାରିବ। ହାତ ଓ ମୁହଁ ସଫା କରିବା ପାଇଁ ୱାଶ୍ ବେସିନ୍, ଜରୁରୀ କାର୍ଯ୍ୟ ପାଇଁ ଡେସ୍କଟପ୍ ମନିଟର୍, ଆବଶ୍ୟକ ସମୟରେ ମୋବାଇଲ୍ ଫୋନ୍ ଚାର୍ଜିଙ୍ଗ୍ ପଏଣ୍ଟ, ଶୁଦ୍ଧ ପାନୀୟଜଳ ଏବଂ ବଗିଚା ମଧ୍ୟରେ ଶାନ୍ତି ପାଇପାରିବେ। ଏପରିକି ସେ ବରିଷ୍ଠ ନାଗରିକମାନେ ଏହି ଅଟୋରେ ୧ କିମି ପର୍ଯ୍ୟନ୍ତ ମାଗଣାରେ ଯାତ୍ରା କରିପାରିବେ। ସେ ନିଜ ଅଟୋରିକ୍ସାର ନାମ 'ମୁମ୍ବାଇଜ୍ ଫାଷ୍ଟ ହୋମ୍ ସିଷ୍ଟମ୍ ଅଟୋ' ରଖିଛନ୍ତି। ସତ୍ୟବାନ୍‌ଙ୍କ ଅଟୋରିକ୍ସାର ଫଟୋ ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଛି। ତାଙ୍କର ନିଆରା ଚିନ୍ତାଧାରା ଏବଂ ସେବା ମନୋବୃତ୍ତିକୁ ଅନେକ ଲୋକ ପ୍ରଶଂସା କରିଛନ୍ତି।

# କାଶ ଭଲକରେ ପାନ



**ନୂଆଦିଲ୍ଲୀ:** ପାନକୁ ବିଭିନ୍ନ ଢଙ୍ଗରେ ଖିଆଯାଇଥାଏ। ଶୀତଦିନେ ଦେଖାଯାଉଥିବା କିଛି ସାଧାରଣ ସମସ୍ୟାକୁ ଠିକ୍ କରିଥାଏ ଏହି ପାନ। ଆୟୁର୍ବେଦ ଅନୁଯାୟୀ, ପାନରେ ରହିଛି ଅନେକ ଔଷଧୀୟ ଗୁଣ। କାଶ ସମସ୍ୟା ଦେଖାଦେଲେ ପାନପତ୍ରକୁ ଏକ ଗ୍ଲାସ ପାଣିରେ ରଖି ଏହାକୁ ସିଝାଇ ପାଣିକୁ ୩ରୁ ୪ ଥର ପିଇଲେ କାଶ ଠିକ୍ ହୋଇଥାଏ। ବ୍ରୋଙ୍କାଇଟିସ୍ ଦୂରଲାଗି ପାନ ସହ ମିଶ୍ରି ମିଶାଇ ସିଝାଇବା ପରେ ଏହି ପାଣିକୁ ପିଇଲେ ଏହି ସମସ୍ୟା ଠିକ୍ ହୋଇଥାଏ ବୋଲି କୁହାଯାଏ। ଆଉ ଯେଉଁମାନଙ୍କ ଶରୀରରୁ ଦୁର୍ଗନ୍ଧ ବାହାରୁଛି ସେମାନେ ନିୟମିତ ପାନ ସିଝା ପାଣି ପିଇବା ଭଲ। ତେବେ ଏସବୁ ବ୍ୟବହାର କରିବା ପୂର୍ବରୁ ଆୟୁର୍ବେଦ ବିଶେଷଜ୍ଞଙ୍କ ପରାମର୍ଶ ନେବା ଉଚିତ୍।

# ଚଷମା ପିନ୍ଧିବେନି ମହିଳା କର୍ମଚାରୀ



ଅଜବ ନିୟମ

**ଟୋକିଓ:** ଘରେ ଓ ଅଫିସ୍‌ରେ ମୋବାଇଲ କିମ୍ବା କମ୍ପ୍ୟୁଟରରେ ଅଧିକ ସମୟ ଧରି କାମ କରିବା ଫଳରେ ଆଖିରେ ସମସ୍ୟା ଦେଖାଯାଏ। ଆଖିରେ ବିଭିନ୍ନ ପ୍ରକାର ସମସ୍ୟା ଯୋଗୁ ଅଥବା ସମସ୍ୟାରୁ ଆଖିକୁ ରକ୍ଷା କରିବା ଯୋଗୁ ଲୋକମାନେ ଚଷମା ପିନ୍ଧିଥାନ୍ତି। ହେଲେ ଜାପାନର କେତେକ କମ୍ପାନୀ ପକ୍ଷରୁ ମହିଳା କର୍ମଚାରୀଙ୍କ ଚଷମା ପିନ୍ଧିବା ଉପରେ ପ୍ରତିବନ୍ଧକ ଲଗାଯାଇଛି। ଜାପାନ ମିଡିଆ ରିପୋର୍ଟ ଅନୁସାରେ, ଅଫିସ୍‌ରେ ମହିଳାଙ୍କ ଚଷମା ପିନ୍ଧିବା ଉପରେ ରୋକ ଲଗାଇବା ନେଇ କମ୍ପାନୀ ପକ୍ଷରୁ କେତେକ ଅଯୁକ୍ତିକର କାରଣ ଦର୍ଶାଯାଇଛି। ସେମାନଙ୍କ ମଧ୍ୟରୁ କେତେକ ରିଟେଲ୍ ଚେନ୍ କମ୍ପାନୀଙ୍କ କହିବାକଥା ଯେ, ମହିଳା କର୍ମଚାରୀମାନେ ଚଷମା ପିନ୍ଧି କାର୍ଯ୍ୟ କରିବା ଦ୍ୱାରା ଗ୍ରାହକଙ୍କ ଉପରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ। ଏହାଫଳରେ କମ୍ପାନୀର ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥାଏ। କିନ୍ତୁ ଏହି କମ୍ପାନୀରେ ପୁରୁଷ କର୍ମଚାରୀଙ୍କୁ ଚଷମା ପିନ୍ଧିବାକୁ ଅନୁମତି ଥିବା ଉକ୍ତ ରିପୋର୍ଟରେ ଦର୍ଶାଯାଇଛି। ସେହିପରି କେତେକ ଶୋ'ରୁମ୍‌ର ରିସେପ୍‌ସନିଷ୍ଟ, ହସ୍ପିଟାଲିଟି ଷ୍ଟାଫ୍ ଓ ବ୍ୟୁଟି କ୍ଲିନିକ୍‌ରେ ମହିଳା କର୍ମଚାରୀ ଚଷମା ପିନ୍ଧିପାରିବେ ନାହିଁ ବୋଲି ନିୟମ ରହିଛି। ଉପରୋକ୍ତ ସେକ୍ଟରରେ କାର୍ଯ୍ୟ କରୁଥିବା ମହିଳାଙ୍କ ମଧ୍ୟରେ ସ୍ତ୍ରୀ ଗୁଣ ଦେଖାଯିବା ଜରୁରୀ ଥିବାରୁ ସେମାନଙ୍କ ଚଷମା ପିନ୍ଧିବାରେ ପ୍ରତିବନ୍ଧକ ଲଗାଯାଇଥିବା କମ୍ପାନୀ କର୍ତ୍ତୃପକ୍ଷ କହିଛନ୍ତି। ଅନ୍ୟପଟେ କମ୍ପାନୀରେ କାର୍ଯ୍ୟରତ ମହିଳାମାନେ ଡ୍ରେସ୍ କୋଡ ସହ ହିଲ୍ ପିନ୍ଧିବେ ଓ ଅତ୍ୟାଧୁନିକ ମେକ୍‌ଅପ୍ କରିବା ଆବଶ୍ୟକ। ଏ ନେଇ କମ୍ପାନୀ ପକ୍ଷରୁ ନିର୍ଦ୍ଦେଶାବଳୀ ମଧ୍ୟ ଜାରି କରାଯାଇଛି। ଏଭଳି ନିୟମକୁ ଜାପାନର ମହିଳା କର୍ମଚାରୀଙ୍କ ପକ୍ଷରୁ ସୋସିଆଲ୍ ମିଡିଆରେ ବିରୋଧ କରାଯାଉଛି। ଏଥିସହ ଏହା ବିରୋଧରେ ଟୁଇଟରରେ ହାସ୍‌ଟାଗ୍ ଗ୍ଲାସେସ୍ ଆର୍ ଫର୍‌ବିଡେନ୍ ମଧ୍ୟ ଟ୍ରେଣ୍ଡ କରୁଛି।

# 'ବାଗୀ-୩'ର କ୍ଲାଇମାକ୍ସ ଲୁକ୍ ଶେୟାର କଲେ ଟାଇଗର



**ମୁମ୍ବାଇ:** ବଲିଉଡ୍ ଆକ୍ଟର ଟାଇଗର ଶ୍ରଫ୍ ଆଜିକାଲି ନିଜ ଅପ୍‌କମିଂ ଫିଲ୍ମ 'ବାଗୀ-୩'ର ଶୁଟିଂରେ ବ୍ୟସ୍ତ ଅଛନ୍ତି। ବର୍ତ୍ତମାନ ଫିଲ୍ମର ଶୁଟିଂ ସର୍ବିୟାରେ ଚାଲିଛି। ଏନେଇ ଟାଇଗର ନିଜ ଫ୍ୟାନ୍‌ମାନଙ୍କୁ ଲଗାତର ସୋସିଆଲ ମିଡିଆରେ ଅପ୍‌ଡେଟ୍ ଦେଉଛନ୍ତି। ଏହାସହ ନିଜ ଅଫିସିଆଲ୍ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲ୍‌ରେ ଟାଇଗର ଶୁଟିଂ ସେଟ୍‌ର କିଛି ଫଟୋ ମଧ୍ୟ ଶେୟାର କରୁଛନ୍ତି। ନିକଟରେ ସେ ଫିଲ୍ମ 'ବାଗୀ-୩'ରେ ଥିବା ନିଜର ଏକ ଲୁକ୍ ଶେୟାର କରିଛନ୍ତି। ତେବେ ଫଟୋ କ୍ୟାପଶନ୍‌ରୁ ଜଣାପଡୁଛି, ସେ ବର୍ତ୍ତମାନ ଫିଲ୍ମର କ୍ଲାଇମାକ୍ସ ସିନ୍ ଶୁଟ୍ କରୁଛନ୍ତି। କ୍ୟାପଶନ୍‌ରେ ସେ 'ବାଗୀ-୨' ଫିଲ୍ମଠାରୁ 'ବାଗୀ-୩'ର କ୍ଲାଇମାକ୍ସ ଅଧିକ ଚ୍ୟାଲେଞ୍ଜିଂ ବୋଲି ସ୍ପଷ୍ଟ ଲେଖିଛନ୍ତି। ତେବେ ଟାଇଗରଙ୍କ ଏହି ବାଗୀ ଲୁକ୍ ଫ୍ୟାନ୍‌ମାନଙ୍କୁ ବେଶ୍ ପସନ୍ଦ ଆସିଛି। ସୋସିଆଲ ମିଡିଆରେ ତାଙ୍କ ଲୁକ୍‌କୁ ପ୍ରଶଂସା ମିଳିବା ସହ ଫିଲ୍ମ ରିଲିଜ୍‌କୁ ଅପେକ୍ଷା କରିଥିବା ନେଇ ବହୁମାତ୍ରାରେ କମେଣ୍ଟ ଆସୁଛି। ଟାଇଗରଙ୍କ ବ୍ୟତୀତ ଫିଲ୍ମରେ ଶ୍ରଦ୍ଧା କପୁର ଏବଂ ରିତେଶ ଦେଶମୁଖ ମଧ୍ୟ ମୁଖ୍ୟ ଭୂମିକାରେ ନଜରକୁ ଆସିବେ। ୨୦୨୦ ମାର୍ଚ୍ଚରେ ଫିଲ୍ମ ରିଲିଜ୍ ହେବ।

# ମୁସଲମାନ ଅଟୋଚାଳକ ମନ୍ଦିର ଗାଇଡ୍



**ବଡୋଦରା:** ଧର୍ମର ସାରତତ୍ତ୍ୱକୁ ଭଲ ଭାବେ ଉପଲବ୍ଧି କରିଥିବା ବ୍ୟକ୍ତି ଏ ବିଶ୍ୱରେ ଖୁବ୍ କମ୍ ଅଛନ୍ତି। ଏମାନଙ୍କ ମଧ୍ୟରେ ଇବ୍ରାହିମ ଜମାଦାର ଜଣେ। ସେ ହିନ୍ଦୁ ଓ ମୁସଲମାନ ଧର୍ମରେ ଗଙ୍ଗା-ଯମୁନା ସଂସ୍କୃତିର ଉଦାହରଣ ପାଲଟିଛନ୍ତି। ଗୁଜରାଟର ବଡ଼ୋଦରାରେ ସପରିବାର ରହିନ୍ତି ସେ। ସକାଳୁ ଉଠି ନମାଜ ପଢିବା ପରେ ବଡ଼ୋଦରାର ଏକ ପ୍ରାଚୀନ ମନ୍ଦିର ଅଭିମୁଖେ ବାହାରି ପଡନ୍ତି। ଉତ୍ସାହୀ ଲୋକଙ୍କୁ ତାଙ୍କ ଅଟୋରିକ୍ସାରେ ମନ୍ଦିର ଦର୍ଶନ କରାଇବା ଲାଗି ନେଇଥାନ୍ତି। ସେଠାରେ ସେ ଗାଇଡ ଭୂମିକା ବି ନିଭାନ୍ତି। ସେ ତାଙ୍କ ଧାର୍ମିକ ପରିଚୟକୁ ପଛକୁ ରଖି ଏହି କାର୍ଯ୍ୟରେ ସମ୍ପୂର୍ଣ୍ଣ ସମର୍ପିତ ରହିଛନ୍ତି। ଇବ୍ରାହିମଙ୍କ ପୂର୍ବଜ ବଚ୍ଚା ଇବ୍ରାହିମ ଓ ହମିଦ ଇବ୍ରାହିମ ବରୋଦା ରାଜ୍ୟର ସୟାଜୀରାଓ ଗାଏକୱାଡ୍ ଦ୍ୱିତୀୟଙ୍କ ସମୟରେ ଆରବରୁ ଆସିଥିଲେ। ଏମାନଙ୍କ ସମ୍ପର୍କରେ ଜାଣିବା ପରେ ପୂରା ସହର ଓ ପ୍ରାଚୀନ କୀର୍ତ୍ତିରାଜି ସମ୍ପର୍କରେ ଜାଣିବା ଲାଗି ତାଙ୍କ ମନରେ ଆଗ୍ରହ ପ୍ରକାଶ ପାଇଥିଲା। ସେବେଠାରୁ ସେ ଏହି ମନ୍ଦିରି ବିଷୟରେ ପଢି ସବୁ କିଛି ଜାଣିପାରିଛନ୍ତି। ଇବ୍ରାହିମ୍ ୧୦ମ ଯାଏ ପଢିଛନ୍ତି। ହିନ୍ଦୀ,ଗୁଜରାଟୀ ଓ ମରାଠୀ ଭାଷାରେ ତାଙ୍କର ଦଖଲ ରହିଛି। ସେ ମନ୍ଦିରର ଇତିହାସ ଓ ବାସ୍ତୁଶିଳ୍ପ ସମ୍ପର୍କରେ ପର୍ଯ୍ୟଟକଙ୍କୁ ପ୍ରାଞ୍ଜଳ ଭାବେ ବୁଝାଇ ପାରୁଛନ୍ତି। ଇବ୍ରାହିମ କୁହନ୍ତି, ମନ୍ଦିରକୁ ପ୍ରତିଦିନ ଯିବା ଉପରେ ମୁସଲମାନ ସମ୍ପ୍ରଦାୟର କୌଣସି ବ୍ୟକ୍ତି ବି ଆପତ୍ତି ଉଠାନ୍ତି ନାହିଁ। ତାଙ୍କ ପରିବାର ମଧ୍ୟ ତାଙ୍କର ଏପରି ଆଗ୍ରହରେ କେବେ ବି ବାଧା ଦେଇନାହାନ୍ତି। ଏହାପରେ ସେ ଶିଖ୍ ଧର୍ମ ବିଷୟରେ ଅଧ୍ୟୟନ କରିବେ ବୋଲି କହିଛନ୍ତି ଇବ୍ରାହିମ୍।

# ରାନୁଙ୍କ ଭାଇରାଲ୍ ଫଟୋ ଜାଲ୍ ଥିଲା



**ମୁମ୍ବାଇ:** ରାଜରାସ୍ତାରୁ ରାତାରାତି ସେଲିବ୍ରିଟି ପାଲଟିଥିବା ରାନୁ ମଣ୍ଡଳଙ୍କ ଗୀତ ସୋସିଆଲ ମିଡିଆରେ ଭାଇରାଲ୍ ହେବା ପରେ ଚଳିତ ସପ୍ତାହରେ ତାଙ୍କ ମେକ୍‌ଅପ୍ ଫଟୋ ମଧ୍ୟ ଭାଇରାଲ୍ ହୋଇଥିଲେ। ଅନେକ ସୋସିଆଲ୍ ମିଡିଆରେ ଏହାକୁ ଟ୍ରୋଲ୍ କରିଥିଲେ। ବିଭିନ୍ନ କମେଣ୍ଟ ମଧ୍ୟ ଦେଇଥିଲେ। ହେଲେ ଏବେ ଏହି ମେକ୍‌ଅପ୍ ଫଟୋ ଜାଲ୍ ଥିଲା ବୋଲି ଜଣାପଡ଼ିଛି। ରାନୁଙ୍କ ସପକ୍ଷରେ ତାଙ୍କ ମେକ୍‌ଅପ୍ ଆର୍ଟିଷ୍ଟ ମୁହଁ ଖୋଲିଛନ୍ତି। ରାନୁଙ୍କ ପ୍ରକୃତ ମେକ୍‌ଅପ୍ ଫଟୋକୁ ତାଙ୍କ ମେକ୍‌ଅପ୍ ଆର୍ଟିଷ୍ଟ ସନ୍ଧ୍ୟା ପୋଷ୍ଟ କରିଛନ୍ତି। ଲୋକମାନେ ଏହାକୁ ଦେଖି ତଫାତ୍ ଜାଣିପାରିବେ ଓ ପୂର୍ବରୁ ଭାଇରାଲ୍ ହୋଇଥିବା ରାନୁଙ୍କ ମେକ୍‌ଅପ୍ ଫଟୋ ଜାଲ୍ ଥିଲା କହିପାରିବେ ବୋଲି ସେ ମତ ଦେଇଛନ୍ତି। ଭାଇରାଲ୍ ଫଟୋକୁ ଏଡିଟିଂ କରି ପୋଷ୍ଟ କରାଯାଇଥିବା ସେ ଦାବି କରିଛନ୍ତି। କାହାର ସେଣ୍ଟିମେଣ୍ଟ୍‌କୁ ହର୍ଟକରିବା ଠିକ୍ ନୁହେଁ ବୋଲି ସନ୍ଧ୍ୟା ପ୍ରକାଶ କରିଛନ୍ତି।

# ଭଜନ ଗାଆନ୍ତି ପ୍ରାଧ୍ୟାପକ ଫିରୋଜଙ୍କ ପିତା



**ଜୟପୁର:** ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ (ବିଏଚ୍‌ୟୁ)ରେ ଜଣେ ମୁସଲମାନ ପ୍ରାଧ୍ୟାପକ ଫିରୋଜ ଖାନ୍‌ଙ୍କ ନିଯୁକ୍ତିକୁ ନେଇ ଏବେ ବିରୋଧ ପ୍ରଦର୍ଶନ ଜାରି ରହିଥିବାବେଳେ ତାଙ୍କ ପରିବାର ସମ୍ପର୍କରେ ଏକ ରୋଚକ ଖବର ପଦାକୁ ଆସିଛି। ଫିରୋଜଙ୍କ ପରିବାର ପ୍ରାୟ ଶହେବର୍ଷ ହେବ ରାମ ଓ କୃଷ୍ଣଙ୍କ ଭଜନ ଗାଉଛନ୍ତି। ଫିରୋଜଙ୍କ ପିତା ରମଜାନ କୁହନ୍ତି, ତାଙ୍କ ୪ ଜଣ ସନ୍ତାନ ସମସ୍ତେ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ପଢିଛନ୍ତି। ତାଙ୍କ ସାନଝିଅର ଜନ୍ମ ଦୀପାବଳିରେ ହୋଇଥିବାରୁ ତାଙ୍କ ନାମ ବି ଲକ୍ଷ୍ମୀ ରଖାଯାଇଛି। ଫିରୋଜଙ୍କ ଦାଦା ଭଜନ ଗାଉଥିଲେ। ତାଙ୍କ ପୁତୁରା ଫିରୋଜ ମଧ୍ୟ ସେହି ଆଦର୍ଶରେ ଚାଲୁଛନ୍ତି। ବଗରୁର ଏକ ମନ୍ଦିରରେ ରାଧା-କୃଷ୍ଣ ଓ ସୀତାରାମଙ୍କ ଭଜନ ଗାଇ ସେ ଲୋକପ୍ରିୟତା ହାସଲ କରିଥିଲେ। ଏବେ ମଧ୍ୟ ରମଜାନ ଓ ତାଙ୍କ ପରିବାର ଦୁଇ ଦଶନ୍ଧି ଧରି ରାମଦେବ ଗୋଶାଳାରେ କାମ କରି ଆସୁଛନ୍ତି। ଗୋ-ସେବା ସହ ରମଜାନ ବି ଭଜନ ଗାଉଛନ୍ତି। ରମଜାନଙ୍କ ପରିବାରକୁ ସାକ୍ଷାତ କରିବାକୁ ଯାଇଥିବା ସନ୍ଥମାନେ ତାଙ୍କ ପରିବାର ସଚ୍ଚା ହିନ୍ଦୁର ପ୍ରତୀକ ବୋଲି କହିଛନ୍ତି। ଫିରୋଜ ସଂସ୍କୃତର ବିଦ୍ୱାନ ଯାହା ଗର୍ବର କଥା ବୋଲି କହିଛନ୍ତି ମହନ୍ତ ସୌରଭ ରାଘବେନ୍ଦ୍ରାଚାର୍ଯ୍ୟ।

# ବିକିନି ଟପ୍ ପାଇଁ ବାଣୀଙ୍କ ଅଡୁଆ ବଢ଼ିଲା



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ବାଣୀ କପୁରଙ୍କ ପାଇଁ ଅଡୁଆ ବଢ଼ିଯାଇଛି। ତାଙ୍କ ବିକିନି ଟପ୍ ବିବାଦ ଥମିବାର ନାଁ ଧରୁନି। ଧାର୍ମିକ ଭାବନାକୁ ଆଘାତ ଦେଇଥିବାରୁ ତାଙ୍କ ବିରୋଧରେ ମୁମ୍ବାଇରେ ଏକ ମାମଲା ରୁଜୁ ହୋଇଛି। ନିକଟରେ ସେ ଏକ ବିକିନି ଟପ୍ ପିନ୍ଧି ସୋସିଆଲ୍ ମିଡିଆରେ ଫଟୋ ଶେୟାର କରିଥିଲେ। ସେହି ଟପ୍‌ରେ ' ହରେ ରାମ' ଲେଖାହୋଇଥିଲା, ଯାହାକୁ ନେଇ ବିବାଦ ଉପୁଜିଛି। ବାଣୀଙ୍କ ଏହି ଫଟୋଟି ସୋସିଆଲ୍ ମିଡିଆରେ ଖୁବ୍ ଭାଇରାଲ୍ ହେଲା। ତାଙ୍କ ଫ୍ୟାନ୍‌ମାନେ ତାଙ୍କର ଏହି ଲୁକ୍‌କୁ ଖୁବ୍ ପସନ୍ଦ କଲେ କିନ୍ତୁ ହିନ୍ଦୁ ଧର୍ମ ସହ ଜଡ଼ିତ ଶ୍ରୀରାମଙ୍କ ନାମଲେଖା ବିକିନି ପିନ୍ଧି ଧାର୍ମିକ ଭାବନାକୁ କଷ୍ଟ ଦେଇଥିବାରୁ ଲୋକେ ତାଙ୍କୁ ଟ୍ରୋଲ୍ ମଧ୍ୟ କରିଥିଲେ। ଏପରି କି ସୋସିଆଲ ମିଡିଆରେ ହ୍ୟାଶ୍‌ଟ୍ୟାଗ ସହ ବାଣୀଙ୍କ ଫଟୋ ଟ୍ରେଣ୍ଡ୍ ହୋଇଥିଲା। ପରେ ବିବାଦ ଉପୁଜିବାରୁ ସେ ନିଜ ଫଟୋ ଡିଲିଟ୍ କରିଦେଇଥିଲେ। ଏନେଇ ମୁମ୍ବାଇର ଏନ୍.ଏମ୍ ଯୋଶୀ ମାର୍ଗ ଥାନାରେ ବାଣୀଙ୍କ ବିରୋଧରେ ଏକ ମାମଲା ରୁଜୁ କରାଯାଇଛି। ଅଭିଯୋଗକାରୀ ବାଣୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅନ୍ୟପଟେ ଅଭିଯୋଗ ଆଧାରରେ ପୋଲିସ ବାଣୀଙ୍କୁ ଥାନାକୁ ଡକାଇ ତାଙ୍କ ବୟାନ୍ ରଖିଛି ବୋଲି ଜଣାପଡ଼ିଛି। ତେବେ ବାଣୀ ସାର୍ବଜନୀନଭାବେ ଏନେଇ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି।




■ ନବନିର୍ମାଣ କୃଷକ ସଂଗଠନର ନବୀନ ନିବାସ ଘେରାଉ ଉଦ୍ୟମ

# ଟୋକନ ବ୍ୟବସ୍ଥାକୁ ବିରୋଧ, ଚାଷୀ-ପୋଲିସ ଖଣ୍ଡଯୁଦ୍ଧ

■ ଚାଷୀ ନେତା ଅକ୍ଷୟ କୁମାର, ଶେଷଦେବ ନନ୍ଦଙ୍କ ସମେତ ବହୁ ଗିରଫ

■ ତୁରନ୍ତ ଦାବି ପୂରଣ ନ ହେଲେ ଆଗକୁ ବଡ଼ ଆନ୍ଦୋଳନ

ଭୁବନେଶ୍ୱର, ୨୧।୧୧(ବ୍ୟୁରୋ)

ମଣ୍ଡିରେ ଧାନ ଦେବା ପାଇଁ ଅନ୍‌ଲାଇନ୍ ଟୋକନ ବ୍ୟବସ୍ଥାକୁ ନେଇ ତୀବ୍ର ବିରୋଧ କରୁଛନ୍ତି ଚାଷୀ। ଏହି ବ୍ୟବସ୍ଥା ପାଇଁ ପଶ୍ଚିମ ଓଡ଼ିଶାରେ ଧାନ ସଂଗ୍ରହରେ ମୂଳରୁ ବ୍ୟାପକ ଅବ୍ୟବସ୍ଥା ଦେଖାଦେଇଛି। ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇଥିବାବେଳେ ରାଜଧାନୀ ପର୍ଯ୍ୟନ୍ତ ମାଡ଼ି ଆସିଛନ୍ତି। ଗୁରୁବାର ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଏକ ବିଶାଳ ଚାଷୀ ଶୋଭାଯାତ୍ରା ରେଳଷ୍ଟେଶନରୁ ବାହାରି ନବୀନ ନିବାସ ଅଭିମୁଖେ ଯାଉଥିଲା। ଟୋକନ ବ୍ୟବସ୍ଥା ତୁରନ୍ତ ପ୍ରତ୍ୟାହାର ଦାବି କରିବା ସହ ବିଭିନ୍ନ ସ୍ଲୋଗାନ ଦେଇ ପୁରୁଷ ଓ ମହିଳା ଚାଷୀମାନେ ଆଗକୁ ବଢ଼ୁଥିବାବେଳେ ଶିଶୁ ଭବନ ଛକରେ ପୋଲିସ ଅଟକାଇଥିଲା। ଫଳରେ ଚାଷୀ-ପୋଲିସ ମଧ୍ୟରେ ବହୁ ସମୟ ଧରି ଠେଲାପେଲା ଓ ଧସ୍ତାଧସ୍ତି ହୋଇଥିଲା। ଚାଷୀମାନେ ପୋଲିସ ବ୍ୟାରିକେଡ୍ ଭାଙ୍ଗି ଆଗକୁ ଯିବାକୁ ଉଦ୍ୟମ କରିଥିଲେ। ଶିଶୁ ଭବନ ଛକରେ ଏକପ୍ରକାର ଖଣ୍ଡଯୁଦ୍ଧ ପରିସ୍ଥିତି ସୃଷ୍ଟି ହେବାରୁ ପୋଲିସ ଶେଷରେ ବିକ୍ଷୋଭକାରୀଙ୍କ ଉପରେ ବଳ ପ୍ରୟୋଗ କରିଥିଲା। ଚାଷୀ ନେତା ତଥା ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର, ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ସହ ସଂଯୋଜକ ଉମାକାନ୍ତ ଭାରତ ଓ ଯୁବ ଛାତ୍ର ସଂଗଠନ ସଭାପତି ମନୱର ଅଲ୍ଲୀଙ୍କ ସମେତ ବହୁ ଚାଷୀଙ୍କୁ ଉଠାଇ ନେଇ ଗିରଫ କରିଥିଲା।


ଜଣେ ଆନ୍ଦୋଳନକାରୀ ଚାଷୀଙ୍କୁ କେତେଜଣ ପୋଲିସ ଟେକି ନେଉଛନ୍ତି।

ନବ ନିର୍ମାଣ କୃଷକ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର କହିଛନ୍ତି, ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ହୋଇଥିଲେ ହେଁ ଏଠାରେ ଚାଷୀଙ୍କ ପ୍ରସ୍ତାବ ଓ ସମସ୍ୟାକୁ ଗୁରୁତ୍ୱ ନ ଦେଇ ପ୍ରଶାସନ ସବୁବେଳେ ଆଇନକୁ ଲଦି ଦେବାକୁ ଉଦ୍ୟମ କରୁଛି। ଚାଷୀ ବିରୋଧୀ ଆଇନକାନୁନକୁ ତିଳେମାତ୍ର ବରଦାସ୍ତ କରାଯିବ ନାହିଁ। ସେହିପରି ରାଜ୍ୟ ସଂଯୋଜକ ଶେଷଦେବ କହିଛନ୍ତି, ମଣ୍ଡି ପରିଚାଳନା ବାବଦରେ ଆସୁଥିବା କୋଟି କୋଟି ଟଙ୍କା ହରିଲୁଟ୍ ହେଉଛି। କିନ୍ତୁ ଏହା ଉପରେ ରାଜ୍ୟ ସରକାର କେବେ କାର୍ଯ୍ୟାନୁଷ୍ଠାନ ନେଇନାହାନ୍ତି। ମୌଳିକ ଆବଶ୍ୟକତାକୁ ଚାଷୀଙ୍କଠାରୁ ଦୂରେଇବାକୁ ଚେଷ୍ଟା ଚଳାଇଛନ୍ତି। ଆଗାମୀ ୭ଦିନ ମଧ୍ୟରେ ଯଦି ସରକାର ଟୋକନ କେନ୍ଦ୍ରୀକରଣ ହଟାଇବା ପଦକ୍ଷେପରୁ ଓହରି ନ ଯାଆନ୍ତି, ଭବିଷ୍ୟତରେ ଏକ ବଡ଼ ଧରଣର ଆନ୍ଦୋଳନ ହେବ ବୋଲି ସେ କହିଛନ୍ତି। ଆନ୍ଦୋଳନରେ ସଂଗଠନର ରାଜ୍ୟ ସହ ସଂଯୋଜକ ନିମାଇଁ ରାୟ, କେନ୍ଦୁଝର ଜିଲା ସଂଯୋଜକ ଲକ୍ଷ୍ମୀଧର ପ୍ରଧାନ, ସୁରେଶ ମାନସିଂହ, ସୁରେନ୍ଦ୍ରନାଥ ମହାରଣା, ସୁଧାକର ପରିଡ଼ା, ଦୁର୍ଗାପ୍ରସାଦ ଦାସ, ମହେଶ୍ୱର ଜେନା, ମମତା ନାଥ, ଦୀନେଶ ଦାସ, ମଧୁସ୍ମିତା ସାମଲ, ଗୋବିନ୍ଦ ମହାପାତ୍ର, ସୁବାସ ପଣ୍ଡା, ଅଶ୍ୱିନୀ ଜେନା, ମୀନା କୁମାରୀ ସାହୁ, ଜୟନ୍ତୀ ତ୍ରିପାଠୀ, ଜଟାଧାରୀ ସ୍ୱାଇଁ, ନିରଞ୍ଜନ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

# ପୋଲିସ ଡିଜି ଭାବେ ଦାୟିତ୍ୱ ନେଲେ ସତ୍ୟଜିତ

■ ଆଇନଶୃଙ୍ଖଳା ରକ୍ଷା, ମାଓବାଦୀ ଦମନ ଉପରେ ଗୁରୁତ୍ୱ

■ ଓଡ଼ିଶାର ଲୋକଙ୍କ ସେବା ପାଇଁ ବଦ୍ଧ ପରିକର: ଅଭୟ



ଭୁବନେଶ୍ୱର,୨୧।୧୧(ବ୍ୟୁରୋ)/ କଟକ ଅଫିସ

ପୋଲିସ ଡିଜି ସମେତ ଅଗ୍ନିଶମ ଓ ହୋମ୍‌ଗାର୍ଡ ଡିଜି ଥିବା ବିଜୟ କୁମାର ଶର୍ମାଙ୍କୁ ବଦଳି ପରେ ୧୯୮୬ ବ୍ୟାଚ୍‌ର ଓଡିଶା କ୍ୟାଡର ଆଇପିଏସ୍ ଅଫିସର ଅଭୟଙ୍କୁ ନୂଆ ଡିଜିପି ଭାବେ ନିଯୁକ୍ତ କରାଯାଇଛି। ହାଇଦ୍ରାବାଦସ୍ଥିତ ଜାତୀୟ ପୋଲିସ ଏକାଡେମୀର ଡିଜି ଭାବେ କାର୍ଯ୍ୟ କରୁଥିବା ଅଭୟ ୭ଦିନ ମଧ୍ୟରେ କାର୍ଯ୍ୟରେ ଯୋଗଦେବେ। ତେଣୁ ଅନ୍ତରୀଣ ଡିଜିପି ଭାବେ ସତ୍ୟଜିତ୍ ମହାନ୍ତିଙ୍କୁ ଅବସ୍ଥାପିତ କରାଯାଇଛି। ଏଥିସହ ତାଙ୍କୁ ଗୋଇନ୍ଦା ଡିଜି ଭାବେ ମଧ୍ୟ ନିଯୁକ୍ତ କରାଯାଇଛି। ଗୁରୁବାର ସତ୍ୟଜିତ ବିଧିବଦ୍ଧ ଭାବେ ଦୁଇ ନୂଆ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବାହ୍ନ ୧୦ଟାରେ କଟକ ବକ୍ସିବଜାରସ୍ଥିତ ପୋଲିସ ମୁଖ୍ୟାଳୟରେ ପହଞ୍ଚିବା ପରେ ତାଙ୍କୁ ବିଧିବଦ୍ଧ ଭାବେ ଗାର୍ଡ ଅଫ୍ ଅର୍ନର ଦିଆଯାଇଥିଲା। ଏହି ଅବସରରେ ସେ ଗଣମାଧ୍ୟମକୁ ସୂଚନା ଦେଇ କହିଲେ, ସରକାର ମୋ ଉପରେ ଆସ୍ଥା ପ୍ରକଟ କରିଥିବାରୁ ମୁଁ ସରକାରଙ୍କୁ କୃତଜ୍ଞତା ଜଣାଉଛି। ରାଜ୍ୟର ଆଇନ ଶୃଙ୍ଖଳା ରକ୍ଷା କରିବା ପାଇଁ ଚେଷ୍ଟା ଜାରି ରଖିବି।

ଏହାପରେ ସତ୍ୟଜିତ ମହାନ୍ତି ଭୁବନେଶ୍ୱରସ୍ଥିତ ରାଜ୍ୟ ଗୋଇନ୍ଦା ବିଭାଗ କାର୍ଯ୍ୟାଳୟରେ ପହଞ୍ଚି ଦାୟିତ୍ୱ ଗ୍ରହଣ କରିଥିଲେ। ସେ କହିଲେ, ପୋଲିସ ବିଭାଗରେ ଯେଉଁ ସମ୍ବଳ ଓ ଲୋକବଳ ଅଛି ତାହାକୁ ସାଥିରେ ନେଇ କାମ କରିବି। ବିଶେଷକରି ମାଓବାଦୀ କାର୍ଯ୍ୟକଳାପକୁ ରୋକିବା ପାଇଁ ପଦେକ୍ଷପ ନିଆଯିବ। ମାଓବାଦୀ ଦମନରେ ଓଡ଼ିଶାର ସୁନାମ ବଜାୟ ରହିବ। ମାଓବାଦୀ ପ୍ରଭାବିତ ରାଜ୍ୟଗୁଡିକ ମଧ୍ୟରେ ସମନ୍ୱୟ ରଖିବା ଉପରେ ଗୁରୁତ୍ୱ ଦିଆଯିବ। ଗୋଇନ୍ଦା ତଥ୍ୟ ବିନିମୟକୁ ଅଧିକ କ୍ରିୟାଶୀଳ କରାଯିବ।

ଜେଲ ବିଭାଗ ଡିଜି ଥିବାବେଳେ କିଛି କାର୍ଯ୍ୟ ରହିଛି କି ପ୍ରଶ୍ନରେ ସେ କହିଲେ, ରାଜ୍ୟର ଜେଲରେ ରହୁଥିବା କଏଦୀମାନେ ଶାରୀରିକ ଓ ମାନସିକ ସ୍ଥରରେ ସୁସ୍ଥ ରୁହନ୍ତୁ। ସେମାନେ ଜେଲରୁ ବାହାରିବା ପରେ ସ୍ୱାବଲମ୍ବୀ ହୋଇପାରିବେ। ସେଥିପାଇଁ ଜେଲରେ ଇ-ପ୍ରିଜମ ବ୍ୟବସ୍ଥା ଏବଂ ମନୋରଞ୍ଜନ ପାଇଁ ପଦକ୍ଷେପର ଆବଶ୍ୟକତା ରହିଛି। ଅନ୍ୟପକ୍ଷରେ ପୋଲିସ ଡିଜିଭାବେ ନିଯୁକ୍ତ ହୋଇଥିବା ଆଇପିଏସ୍ ଅଭୟ କହିଛନ୍ତି, ସରକାର ତାଙ୍କୁ ଡିଜିପି ଭାବେ ଯେଉଁ ଗୁରୁଦାୟିତ୍ୱ ଦେଇଛନ୍ତି ତାହାକୁ ଠିକ୍ ଭାବେ ପାଳନ କରିବେ। ଓଡିଶାର ଲୋକଙ୍କ ସେବା କରିବା ପାଇଁ ବଦ୍ଧପରିକର ବୋଲି ସେ କହିଛନ୍ତି।

# ଭାଜପାରେ ମିଶିଲେ ପାଟଣାଗଡ଼ ବିଜେଡିର ବହୁ ନେତା

ଭୁବନେଶ୍ୱର,୨୧।୧୧(ବ୍ୟୁରୋ)

ବଲାଙ୍ଗୀର ଜିଲା ପାଟଣାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀର ବହୁ ବିଜେଡି ନେତା ଦଳଛାଡି ଗୁରୁବାର ଭାଜପାରେ ଯୋଗ ଦେଇଛନ୍ତି। ପୂର୍ବତନ ମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏବଂ ଅନ୍ୟ ନେତୃବୃନ୍ଦଙ୍କ ଉପସ୍ଥିତିରେ ବଲାଙ୍ଗୀର ଜିଲା ବିଜେଡି ସମ୍ପାଦକ ପ୍ରଦୀପ ପୁରୋହିତ, ପାଟଣାଗଡ଼ ବ୍ଲକ ଯୁବ ସଭାପତି ଆଲୋକ ପାଣିଗ୍ରାହୀ, ପାଟଣାଗଡ଼ ଜିଲା ପରିଷଦ ପ୍ରାର୍ଥୀ ସ୍ଥିତିପ୍ରଜ୍ଞା ପାଣିଗ୍ରାହୀ, ପୂର୍ବତନ ମନ୍ତ୍ରୀ ଅଇଁଠୁ ସାହୁଙ୍କ ପୁଅ ମାଣିକ୍ୟ ସାହୁ, ପାଟଣାଗଡ଼ ଏନଏସିର ପୂର୍ବତନ କାଉନସିଲର ସନ୍ତୋଷ ମେହେର ଭାଜପାରେ ସାମିଲ ହୋଇଛନ୍ତି। ଏହି ଅବସରରେ କନକବର୍ଦ୍ଧନ ସିଂଦେଓ ଏବଂ ସମୀର ମହାନ୍ତି ସମସ୍ତ ନୂତନ ସଦସ୍ୟଙ୍କୁ ଦଳୀୟ ଉତ୍ତରୀୟ ଏବଂ ଟୋପି ପିନ୍ଧାଇ ବିଧିବଦ୍ଧ ଭାବେ ଦଳରେ ସାମିଲ କରାଇଛନ୍ତି। ଏହାସହ ସେମାନଙ୍କୁ ସ୍ୱାଗତ କରିବା ସହିତ ସାଧୁବାଦ ଜଣାଇଛନ୍ତି। ଏହି ମିଶ୍ରଣ ଦ୍ୱାରା ଦଳ ଆହୁରି ମଜଭୁତ ହେବ ବୋଲି କନକ କହିଛନ୍ତି। ପାଟଣାଗଡ଼ ବିଜେଡି ବିଧାୟକଙ୍କ କାର୍ଯ୍ୟକଳାପରେ ଅତିଷ୍ଠ ହେବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବଳିଷ୍ଠ ନେତୃତ୍ୱକୁ ବିଶ୍ୱାସ କରି ସେମାନେ ଭାଜପାରେ ସାମିଲ ହୋଇଥିବା ବିଜେଡିର ପୂର୍ବତନ ସମ୍ପାଦକ ପ୍ରଦୀପ ପୁରୋହିତ କହିଛନ୍ତି।




# ନାବାଳିକାଙ୍କୁ ଗଣବଳାତ୍କାର ଅଭିଯୋଗ

## ଗଣମାଧ୍ୟମର ସହାୟତା ନେଲେ ପରିବାର ଲୋକେ

ବାଲେଶ୍ୱର ଅଫିସ, ୨୧।୧୧

ବାଲେଶ୍ୱର ଜିଲା ସୋର ରଘୁନାଥପୁର ଅଞ୍ଚଳରେ ଥିବା ଏକ ଘରୋଇ ଶିକ୍ଷାକେନ୍ଦ୍ରର ଛାତ୍ରୀନିବାସରେ ରହି ପାଠ ପଢୁଥିବା ଜଣେ ୧୫ ବର୍ଷୀୟା ନାବାଳିକାଙ୍କୁ ଉକ୍ତ ବିଦ୍ୟାଳୟର ୪ଜଣ ଛାତ୍ର ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏନେଇ ସୋର ଥାନାରେ ଏକ ବଳାତ୍କାର ମାମଲା(ନଂ. ୫୭୬/୧୯)ରୁଜୁ କରାଯାଇଛି। ହେଲେ ପୋଲିସ ପକ୍ଷରୁ ଉପଯୁକ୍ତ ତଦନ୍ତ କରା ନ ଯିବାରୁ ଗୁରୁବାର ବାଲେଶ୍ୱର ଷ୍ଟେଶନ ଛକସ୍ଥିତ ଏକ ଘରୋଇ ହୋଟେଲ ସମ୍ମିଳନୀ କକ୍ଷରେ ନାବାଳିକାଙ୍କ ପରିବାର ଲୋକେ ଖବରଦାତା ସମ୍ମିଳନୀ କରି ଗଣମାଧ୍ୟମର ସହାୟତା ଲୋଡ଼ିଛନ୍ତି।

ଉକ୍ତ ନାବାଳିକା ବାରମ୍ବାର ବଳାତ୍କାର ଶିକାର ହେବା ପରେ ଅସୁସ୍ଥ ହୋଇପଡ଼ିଥିଲେ। ଖବରପାଇ ତାଙ୍କ ପରିବାର ଲୋକେ ବିଦ୍ୟାଳୟରେ ପହଞ୍ଚିବା ପରେ ଶିକ୍ଷାକେନ୍ଦ୍ରର କର୍ମକର୍ତ୍ତାମାନେ ଝିଅ ଦେହରେ ଭୂତ ଲାଗିଥିବା କହି ଘରକୁ ପଠାଇଥିଲେ। ଛାତ୍ରୀଙ୍କ ଅବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ନାବାଳିକାଜଣକ ବଳାତ୍କାର ଶିକାର ହୋଇଥିବା ସେଠାରେ ଡାକ୍ତର କହିଥିଲେ। ପୂର୍ବରୁ ନାବାଳିକା ଜଣକ ମା'ବାପାଙ୍କୁ ଏ ବିଷୟରେ ଜଣାଇଥିଲେ ମଧ୍ୟ ପରିବାର ଲୋକେ ଏହାକୁ ଭୂତ ସବାର ହୋଇଥିବା କହି ବିଶ୍ୱାସ କରୁ ନ ଥିଲେ। କଟକରେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ନାବାଳିକାଙ୍କ ମା' ଗତ ୧୭ ତାରିଖରେ ସୋର ଥାନାକୁ ଆସି ଲିଖିତ ଅଭିଯୋଗ କରିଥିଲେ। ନାବାଳିକାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଛି। ଏ ସମ୍ପର୍କରେ ଏସ୍‌ପି ବି. ଯୁଗଳ କିଶୋର କହିଛନ୍ତି, ଅଭିଯୋଗ ପାଇବା ପରେ ଏହାର ସ୍ୱତନ୍ତ୍ର ତଦନ୍ତ ପାଇଁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଦର୍ଶନ ପଟ୍ଟନାୟକଙ୍କୁ ଦାୟିତ୍ୱ ଦିଆଯାଇଛି। ଏହାର ତଦନ୍ତ କରାଯାଇ ଖୁବ୍‌ଶୀଘ୍ର ନାବାଳିକାଙ୍କୁ ନ୍ୟାୟ ପ୍ରଦାନ କରାଯିବ।

# ସବ୍ୟସାଚୀ ଆଉ ଏକ ମାମଲାରେ ନିର୍ଦ୍ଦୋଷ

ପାରଳାଖେମୁଣ୍ଡି,୨୧।୧୧ (ସ୍ୱ.ପ୍ର.)

ମାଓବାଦୀ ନେତା ସବ୍ୟସାଚୀ ପଣ୍ଡା ଆଉ ଏକ ମାମଲାରେ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ୨୦୦୩ ଏପ୍ରିଲ୍ ୧୮ରେ ଚାଷୀମୂଲିଆ ଆଦିବାସୀ ସଂଘର ସଦସ୍ୟମାନଙ୍କୁ ହତ୍ୟା କରିବା ପାଇଁ ଏକ ଧମକପୂର୍ଣ୍ଣ ପୋଷ୍ଟର ଗଜପତି ଜିଲା ମୋହନା ବ୍ଲକ୍ ଅନ୍ତର୍ଗତ ଏକ ଶିବ ମନ୍ଦିର ନିକଟ ବିଶ୍ରାମାଗାରରେ ଲଗାଯାଇଥିଲା। ଏହି ଘଟଣାରେ ସବ୍ୟସାଚୀଙ୍କ ସମ୍ପୃକ୍ତି ନେଇ ସେ ସମୟରେ ମୋହନା ଥାନାରେ ୨୩/୨୦୦୩ ନମ୍ବରରେ ଏକ ମାମଲା ରୁଜୁ ହୋଇଥିଲା। ମାମଲାଟି କୋର୍ଟରେ ବିଚାରାଧୀନ ଥିବାବେଳେ ଗୁରୁବାର ପାରଳାଖେମୁଣ୍ଡିସ୍ଥିତ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ଏହାର ଶୁଣାଣି କରାଯାଇଥିଲା। ତେବେ ସାକ୍ଷ୍ୟ ଓ ପ୍ରମାଣ ଅଭାବରୁ ଅତିରିକ୍ତ ଜିଲା ଦୌରାଜଜ୍ ଅରୁଣ କୁମାର ସାହୁ ସବ୍ୟସାଚୀଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଗଜପତି ଜିଲାରେ ସବ୍ୟସାଚୀଙ୍କ ନାମରେ ମୋଟ ୪୪ ମାମଲା ରୁଜୁ ହୋଇଥିବାବେଳେ ଏହି ମାମଲାକୁ ମିଶାଇ ସେ ଏ ପର୍ଯ୍ୟନ୍ତ ୨୪ ମାମଲାରେ ନିର୍ଦ୍ଦୋଶରେ ଖଲାସ ହୋଇଥିବା ଜଣାପଡ଼ିଛି। ଅନ୍ୟ ୨୦ ମାମଲା ବିଚାରାଧୀନ ରହିଛି। ସବ୍ୟସାଚୀଙ୍କ ମାମଲାକୁ ଆଇନଜୀବୀ ସ୍ୱରୂପ କୁମାର ପାଳ ପରିଚାଳନା କରୁଥିବା ଜଣାପଡ଼ିଛି।




# ଭୁବନେଶ୍ୱରରୁ ରାସ୍-ଅଲ୍-ଖଇମା ସହରକୁ ସିଧାସଳଖ ବିମାନସେବା ମିଳୁ

■ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀଙ୍କୁ ଚିଠି ଲେଖିଲେ ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୧।୧୧(ବ୍ୟୁରୋ)



ଭୁବନେଶ୍ୱର ଓ ୟୁଏଇସ୍ଥିତ ରାସ୍-ଅଲ୍-ଖଇମା ସହର ମଧ୍ୟରେ ସିଧାସଳଖ ବିମାନ ସେବା ଆରମ୍ଭ କରିବା ପାଇଁ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ୍ ସିଂ ପୁରୀଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁରୋଧ କରିଛନ୍ତି। ଧର୍ମେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀଙ୍କୁ ଚିଠି ଲେଖି ଏ ସଂକ୍ରାନ୍ତରେ ବ୍ୟକ୍ତିଗତ ହସ୍ତକ୍ଷେପ ପାଇଁ ଅନୁରୋଧ କରିଛନ୍ତି। ଧର୍ମେନ୍ଦ୍ର ଚିଠିରେ ଉଲ୍ଲେଖ କରିଛନ୍ତି, ଭୁବନେଶ୍ୱର ବିମାନବନ୍ଦର ଅନ୍ତର୍ଜାତୀୟ ବିମାନବନ୍ଦର ଭାବେ ପରିଚାଳିତ ହେବା ପରେ ୨୦୧୫ରୁ ଏଠାକୁ ବିଦେଶୀ ଯାତ୍ରୀ, ପର୍ଯ୍ୟଟକ ଏବଂ ଏନ୍‌ଆର୍‌ଆଇଙ୍କ ସଂଖ୍ୟା ବଢ଼ିଛି। ଭୁବନେଶ୍ୱରରୁ ୟୁଏଇସ୍ଥିତ ରାସ୍-ଅଲ୍-ଖଇମା ସହର ମଧ୍ୟରେ ସିଧାସଳଖ ବିମାନସେବା ଆରମ୍ଭ କରିବା ପାଇଁ ଓଡିଆ ଏନଆରଆଇ ଏବଂ ମଧ୍ୟପ୍ରାଚ୍ୟ ଦେଶଗୁଡିକରେ କାମ କରୁଥିବା ଓଡିଆ ଲୋକଙ୍କ ଦୀର୍ଘଦିନରୁ ଦାବି ରହିଛି। ଏହି ବ୍ୟବସ୍ଥା ହେଲେ ବିଶେଷ ଭାବେ ଆବୁଧାବୀ, ଦୁବାଇ, ଶାର୍‌ଜାହ, ରିଆଦ୍, ବାହରେନ୍ ଏବଂ ଅନ୍ୟାନ୍ୟ ଉପସାଗରୀୟ ଦେଶଗୁଡିକରେ କାମ କରୁଥିବା ଅଧିକ ସଂଖ୍ୟକ ଓଡିଆ ଲୋକ ଉପକୃତ ହେବେ। ବର୍ତ୍ତମାନ ଏୟାର ଏସିଆ ଦ୍ୱାରା ପରିଚାଳିତ ହେଉଥିବା ଏକମାତ୍ର ଅନ୍ତର୍ଜାତୀୟ ବିମାନ ସିଧାସଳଖ ଭୁବନେଶ୍ୱରରୁ ମାଲେସିଆର କୁଆଲାଲମ୍ପୁର ପର୍ଯ୍ୟନ୍ତ ଚଳାଚଳ କରୁଛି। ୨୦୧୭-୧୮ରେ ଯାତ୍ରୀ ହାର ୪୧ପ୍ରତିଶତ ବୃଦ୍ଧି ପାଇ ୩୨ ଲକ୍ଷରୁ ଊର୍ଦ୍ଧ୍ୱରେ ପହଞ୍ଚିଛି। ରାସ୍-ଅଲ୍-ଖଇମାରେ ନୂଆ ବିମାନ ସେବା ପାଇଁ ସ୍ପାଇଶ ଜେଟ୍ ଏବଂ ୟୁଏଇ ମଧ୍ୟରେ ବୁଝାମଣାପତ୍ର(ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଭୁବନେଶ୍ୱରରୁ ରାସ୍-ଅଲ୍-ଖଇମା ମଧ୍ୟରେ ସଂଯୋଗ ପାଇଁ ସ୍ପାଇଶ ଜେଟକୁ ମଧ୍ୟ ସୁପାରସ କରିବା ପାଇଁ ଧର୍ମେନ୍ଦ୍ର ବେସାମରିକ ମନ୍ତ୍ରୀଙ୍କ ସହଯୋଗ ଲୋଡିଛନ୍ତି। ରାଜ୍ୟବାସୀଙ୍କ ସୁବିଧାକୁ ଧ୍ୟାନରେ ରଖି ଭୁବନେଶ୍ୱର ଓ ୟୁଏଇ ସ୍ଥିତ ରାସ୍-ଅଲ୍-ଖଇମା ମଧ୍ୟରେ ଖୁବଶୀଘ୍ର ବିମାନ ସେବା ଆରମ୍ଭ କରିବା ଆବଶ୍ୟକ। ପ୍ରସ୍ତାବିତ ବିମାନସେବା ଭାରତ ଏବଂ ୟୁଏଇର ସମ୍ପର୍କକୁ ମଜଭୁତ କରିବ, ଏହାସହ ଦୁଇ ଦେଶର ବ୍ୟବସାୟକୁ ମଧ୍ୟ ବଢାଇବାରେ ସହାୟକ ହେବ ବୋଲି ଧର୍ମେନ୍ଦ୍ର ଚିଠିରେ ଉଲ୍ଲେଖ କରିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ସାଇ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ସୋନାଲିଶା ମହାନ୍ତି



ବିକାଶ କୁମାର ଘଡ଼ାଇ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

# ପାର୍ଲାମେଣ୍ଟରେ ଭଦ୍ରକ ଫ୍ଲାଇଓଭର ବ୍ରିଜ୍ ପ୍ରସଙ୍ଗ ଉଠାଇଲେ ଏମ୍‌ପି

**ଭଦ୍ରକ ଅଫିସ, ୨୧।୧୧**

ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ ବୁଧବାର ପାର୍ଲାମେଣ୍ଟରେ ଭଦ୍ରକର ପ୍ରମୁଖ ସ୍ଥାନଗୁଡ଼ିକରେ ନିର୍ମାଣ ହେବାକୁ ଥିବା ଫ୍ଲାଇଓଭର ବ୍ରିଜ ଓ ଅଣ୍ଡରପାସ୍ ପ୍ରସଙ୍ଗ ଉଠାଇଛନ୍ତି। ଚରମ୍ପା, ରାଣୀତାଲ, ମାର୍କୋଣା, ସୋର, ବାହାନାଗା, ବାଳିକପୁର ଛକ, ଛତାବରରେ ଜାତୀୟ ରାଜପଥ ସମ୍ପ୍ରସାରଣ ସମୟରେ ନିର୍ମାଣ ହେବାକୁ ଥିବା ଅଣ୍ଡରପାସ ଏବଂ ଓଭରବ୍ରିଜ୍‌ଗୁଡ଼ିକ ଉଚ୍ଚ କରିବା ପାଇଁ ସେ ଦାବି କରିଥିଲେ। ଭାରତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ(ଏନ୍‌ଏଚ୍‌ଏଆଇ) ଏଥିପ୍ରତି ଦୃଷ୍ଟି ଦେବାକୁ ସେ ଗୃହରେ ଦୃଷ୍ଟି ଆକର୍ଷଣ କରିଥିଲେ। ସୂଚନାଥାଉ କି, ଏମ୍‌ପି ମଣ୍ଡଳ ପୂର୍ବରୁ ଏ ସମ୍ପର୍କରେ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଓ ଏକ ଉଚ୍ଚ ବିଭାଗୀୟ ଟିମ୍ ଆସି ସର୍ଭେ କରି ଫେରିଥିବା ଜଣାଯାଇଛି।

## ପ୍ରଥମ ପୃଷ୍ଠାରୁ...

### ବିନା ଟୋକନରେ...

ରହିଥିବାବେଳେ ବରଗଡ଼-ସମ୍ବଲପୁର ରାସ୍ତାରେ ଯାତାୟାତ ବନ୍ଦ ହୋଇଯାଇଥିଲା। ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ, ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ ପ୍ରମୁଖ ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ବିନା ଟୋକନରେ ମଣ୍ଡିକୁ ଯେତେ ପରିମାଣରେ ଧାନ ଆସିଲେ ମଧ୍ୟ ତାକୁ କିଣାଯିବ ବୋଲି ଜିଲାପାଳ ପ୍ରଧାନ କହିଥିଲେ। ହେଲେ ଟୋକନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଉଚ୍ଛେଦ ନେଇ ଲିଖିତ ପ୍ରତିଶ୍ରୁତି ଦେବାକୁ ଚାଷୀମାନେ ଅଡ଼ି ବସିଥିଲେ। ପରେ ମନ୍ତ୍ରୀ ସିଂ, ଜିଲା ଯୋଜନା କମିଟି ଅଧ୍ୟକ୍ଷ ଆଚାର୍ଯ୍ୟ, ଜିଲାପାଳ ପ୍ରଧାନ ସେଠାକୁ ପହଞ୍ଚି ପୁଣି ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ବିନା ଟୋକନରେ ଧାନ କିଣାବିକା ହେବ ଏବଂ ମଣ୍ଡିରେ ପଡ଼ିଥିବା ଧାନକୁ ଅଗ୍ରାଧିକାର ଭିତ୍ତିରେ କିଣାଯିବ ବୋଲି ସେମାନେ ମୌଖିକ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ରାଜପଥ ଉପରେ ପଡ଼ିଥିବା ଧାନ ଉଠାଣ ହେବ ବୋଲି ସେମାନେ କହିଥିଲେ। ଏହାପରେ ଆନ୍ଦୋଳନରତ ଚାଷୀମାନେ ରାତି ପ୍ରାୟ ସାଢ଼େ ୭ଟାରେ ଆନ୍ଦୋଳନରୁ ଓହରିଥିଲେ ଏବଂ ରାଜପଥ ଉପରେ ପଡ଼ିଥିବା ଧାନ ଉଠାଣ ହୋଇଥିଲା।

### ଖୋଳାଯିବ ୧.୨୫...

ବିଭାଗକୁ ଜଣାଇବା ପାଇଁ ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ରାଜେଶ ପ୍ରଭାକର ପାଟିଲ ନିର୍ଦ୍ଦେଶ ଦେଇଛନ୍ତି। ଧାର୍ଯ୍ୟ କରାଯାଇଥିବା ଲକ୍ଷ୍ୟକୁ ଚଳିତ ଆର୍ଥିକ ବର୍ଷରେ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ଅନୁଗୋଳ ଓ ଗଜପତି ପାଇଁ ୨୦୦୦, ବାଲେଶ୍ୱର ୧୦୦୦, ବରଗଡ ୩୭୦୦, ଭଦ୍ରକ ୧୦୦୦, ବଲାଙ୍ଗୀର ୫୦୦୦, ବୌଦ୍ଧ ୧୫୦୦, କଟକ ୩୦୦୦, ଦେବଗଡ ୧୬୦୦ ଏବଂ ଢେଙ୍କାନାଳ ଜିଲାରେ ୪୫୦୦ ଗଭୀର କୂପ ଖନନ କରାଯିବ। ସେହିଭଳି ଗଞ୍ଜାମରେ ୧୨୦୦୦, ଜଗତ୍‌ସିଂହପୁର ୧୦୦୦, ଯାଜପୁର ୨୦୦୦, ଝାରସୁଗୁଡ଼ା ଓ ଖୋର୍ଦ୍ଧା ୧୦୦୦, କଳାହାଣ୍ଡି ୭୦୦୦, କନ୍ଧମାଳ ୭୦୦୦, କେନ୍ଦ୍ରାପଡ଼ା ୧୦୦୦, କେନ୍ଦୁଝର ୬୦୦୦ ଏବଂ କୋରାପୁଟ ପାଇଁ ୮୦୦୦ କୂପ ଖୋଳିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଅନୁରୂପ ଭାବେ ମାଲକାନଗିରି ଜିଲାରେ ୩୫୦୦, ମୟୂରଭଞ୍ଜରେ ୧୪୭୦୦, ନବରଙ୍ଗପୁର ୫୦୦୦, ନୟାଗଡ ଓ ନୂଆପଡ଼ା ୩୦୦୦, ପୁରୀ ୧୦୦୦, ରାୟଗଡା ୬୫୦୦, ସମ୍ବଲପୁର ୪୦୦୦, ସୋନପୁର ୨୦୦୦ ଏବଂ ସୁନ୍ଦରଗଡ ଜିଲାରେ ୧୧,୦୦୦ କୂପ ଖନନ ପାଇଁ ଲକ୍ଷ୍ୟ ରଖାଯାଇଛି।

### ଧାନର ଅଭାବୀ...

କରିବା ଲାଗି ଉଟଲି ବିଧାୟକ ତଥା ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ ଏବଂ ରେଢାଖୋଲ ବିଧାୟକ ତଥା ସରକାରୀ ଦଳ ମୁଖ୍ୟ ଉପସଚେତକ ରୋହିତ ପୂଜାରୀ ଚାଷୀ ନେତାମାନଙ୍କୁ ବୁଝାଶୁଝା କରି ଆନ୍ଦୋଳନ ବନ୍ଦ କରିବାରେ ସଫଳ ହୋଇଛନ୍ତି। ଟୋକନ ବ୍ୟବସ୍ଥା ରହିବ। ଟୋକନ ପାଇ ନ ଥିବା ଚାଷୀଙ୍କଠାରୁ ମଧ୍ୟ ସମସ୍ତ ଧାନ କିଣାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ମନ୍ତ୍ରୀଙ୍କ ମୌଖିକ ପ୍ରତିଶ୍ରୁତି ପରେ ଚାଷୀମାନେ ଆନ୍ଦୋଳନରୁ ଓହରିଛନ୍ତି। ଗତ ୫ ଦିନ ଧରି ଲାଗି ରହିଥିବା ଅଚଳାବସ୍ଥା ଦୂର ହୋଇଛି।

ଅପରପକ୍ଷେ ଚାଷୀ ଆନ୍ଦୋଳନ ଓ ଧାନର ଅଭାବୀ ବିକ୍ରିକୁ ନେଇ ବିଧାନସଭାରେ ଝଡ଼ ସୃଷ୍ଟି ହୋଇଛି। ଗୁରୁବାର ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି, ସନ୍ତୋଷ ସିଂ ସାଲୁଜା, ରମେଶ ଜେନା ଏବଂ ଦଳର ଅନ୍ୟ ସଦସ୍ୟମାନେ ପ୍ରବଳ ହୋହଲ୍ଲା କରିଥିଲେ। ପ୍ରଶ୍ନକାଳ ବାତିଲ କରି ପ୍ରଥମେ ଚାଷୀଙ୍କ ସମସ୍ୟା ବିଷୟରେ ଆଲୋଚନା କରାଯାଉ ବୋଲି କଂଗ୍ରେସ ସଦସ୍ୟମାନେ ଦାବି କରିଥିଲେ। ଗୃହର ମଧ୍ୟଭାଗକୁ ଆସି ନାରାବାଜି କରିବା ସହ ବାଚସ୍ପତିଙ୍କ ପୋଡିୟମ ଉପରକୁ ଉଠିବା ପାଇଁ ଚେଷ୍ଟା କରିଥିଲେ। ବାଚସ୍ପତି କଂଗ୍ରେସ ସଦସ୍ୟମାନଙ୍କୁ ଗୃହକାର୍ଯ୍ୟରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ସଦସ୍ୟଙ୍କ ହଟ୍ଟଗୋଳରେ ବିଧାନସଭା ପ୍ରକମ୍ପିତ ହୋଇଥିଲା। ହଟ୍ଟଗୋଳ ମଧ୍ୟରେ ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ପରିସ୍ଥିତି ଅସମ୍ଭାଳ ହେବାରୁ ବାଚସ୍ପତି ଗୃହକୁ ୧୦ ଟା ୩୧ମିନିଟ୍‌ରୁ ୧୧ ଟା ୩୦ ମିନିଟ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ୧୧ ଟା ୩୦ରେ ପୁଣି ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଉଭୟ ଭାଜପା ଓ କଂଗ୍ରେସର ସଦସ୍ୟମାନେ ଗୃହର ମଧ୍ୟଭାଗକୁ ମାଡ଼ି ଆସି ପ୍ରବଳ ହୋ ହଲ୍ଲା କରିଥିଲେ। ପାଟିତୁଣ୍ଡ ମଧ୍ୟରେ ବାଚସ୍ପତି ଗୃହକାର୍ଯ୍ୟକୁ ସ୍ୱାଭାବିକ କରିବା ପାଇଁ ସର୍ବଦଳୀୟ ବୈଠକ ଡାକିଥିଲେ। ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ରଙ୍କୁ ବୈଠକରେ ଯୋଗଦେବା ଲାଗି ବାଚସ୍ପତି ଅନୁରୋଧ କରିଥିଲେ। ୧୧ ଟା ୩୧ମିନିଟରୁ ଗୃହକୁ ୧୨ଟା ୩୦ ମିନିଟ୍ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଥିଲା। ବୈଠକ ଶେଷ ନ ହେବାରୁ ପୁଣି ୧୨ଟା ୩୦ ମିନିଟରୁ ୧୨ଟା ୪୦ ମିନିଟ ଯାଏ ଗୃହ କାର୍ଯ୍ୟ ମୁଲତବୀ ଘୋଷଣା କରାଯାଇଥିଲା। ୧୨ଟା ୪୦ ମିନିଟରେ ପୁଣି ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ସର୍ବଦଳୀୟ ବୈଠକରେ କୌଣସି ନିର୍ଯ୍ୟାସ ବାହାରି ପାରିଲା ନାହିଁ। ତେବେ ଭାଜପା ସଦସ୍ୟମାନେ ପୁଣି ଗୃହର ମଧ୍ୟ ଭାଗକୁ ଆସି ପାଟିତୁଣ୍ଡ କରିବାରୁ ୧୨ଟା ୪୦ରୁ ଅପରାହ୍ନ ୩ଟା ଯାଏ ଗୃହକୁ ମୁଲତବୀ ଘୋଷଣା କରାଯାଇଥିଲା। ଅପରାହ୍ନ ୩ଟାରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ବାଚସ୍ପତି ବିରୋଧୀ ଦଳ ନେତା ପ୍ରଦୀପ୍ତ ଏବଂ କଂଗ୍ରେସ ବିଧାୟକ ଦଳ ନେତା ନରସିଂହଙ୍କୁ କହିବାକୁ ସୁଯୋଗ ଦେଇଥିଲେ। ଗୃହ କାର୍ଯ୍ୟ ସ୍ୱାଭାବିକ ନ ହେବାରୁ ବାଚସ୍ପତି ୩ଟା ୨୪ରୁ ଗୃହକୁ ୧ ଘଣ୍ଟା ପାଇଁ ମୁଲତବୀ ଘୋଷଣା କରିଥିଲେ। ଅପରାହ୍ନ ୫ଟାରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ପୁଣି ବିରୋଧୀ ସଦସ୍ୟମାନେ ଗୃହରେ ହଟ୍ଟଗୋଳ କରିଥିଲେ। ପାଟିତୁଣ୍ଡ ମଧ୍ୟରେ ବାଚସ୍ପତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଖର୍ଚ୍ଚ ଦାବିକୁ ପାରିତ କରି ଗୃହକୁ ଶୁକ୍ରବାର ପୂର୍ବାହ୍ନ ୧୦ଟା ୩୦ ମିନିଟ ଯାଏ ମୁଲତବୀ ଘୋଷଣା କରି ଦେଇଥିଲେ।

### ବଡ଼ବିଲ ଥାନା...

ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷେ ସୁରେଶ ଥାନା ହାଜତରେ ପୋଲିସର ଉପସ୍ଥିତିରେ କିଭଳି ଓ କେଉଁ ପରିସ୍ଥିତିରେ ନିଜ ଗାମୁଛା ସାହାଯ୍ୟରେ ଫାଶୀ ଲଗାଇ ଆତ୍ମହତ୍ୟା ଉଦ୍ୟମ କଲେ ସେନେଇ ସନ୍ଦେହ ସୃଷ୍ଟି ହୋଇଛି। ଆଇନ ଅନୁଯାୟୀ, ଅଭିଯୁକ୍ତଙ୍କୁ ୧୮ ତାରିଖରୁ ପୋଲିସ ଥାନା ହାଜତରେ ରଖିଥିଲେହେଁ ୨୪ ଘଣ୍ଟା ମଧ୍ୟରେ କୋର୍ଟ ଚାଲାଣ ନ କରି ୩ ଦିନ ଧରି ଥାନାରେ ରଖିବା ପଛରେ କି ରହସ୍ୟ ଥିଲା, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରିକି ଗତ ୧୯ ତାରିଖରେ ବଡବିଲ ଥାନା ଆଇଆଇସି ସୁଶାନ୍ତ ଦାଶ କହିଥିଲେ, ହତ୍ୟାକାଣ୍ଡର ମୋଡ଼ ପରିବର୍ତ୍ତନ ହୋଇପାରେ। ବାସନ୍ତୀଙ୍କ ମୃତ୍ୟୁ ଦୁର୍ଘଟଣାଜନିତ ବୋଲି ଆଶଙ୍କା କରାଯାଉଛି। ଗୁରୁବାର ସକାଳେ ସୁରେଶଙ୍କ ଆତ୍ମହତ୍ୟା ପରେ ସେ କିଭଳି ହତ୍ୟାକାରୀ ପାଲଟିଗଲେ ତାହାକୁ ନେଇ ଏଠାରେ ଚର୍ଚ୍ଚା ଜୋର ଧରିଛି। ସେହିପରି ବଡବିଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସଙ୍କଟାପନ୍ନ ରୋଗୀଙ୍କ ପାଇଁ କୌଣସି ଚିକିତ୍ସା ସୁବିଧା ନ ଥିବାବେଳେ ସୁରେଶଙ୍କୁ କାହିଁକି ଉପଖଣ୍ଡ ଚିକିତ୍ସାଳୟ କିମ୍ବା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଗଲା ନାହିଁ ତାହା ତଦନ୍ତ ପରିସରଭୁକ୍ତ ହେବା ଆବଶ୍ୟକ ବୋଲି ବିଭିନ୍ନ ମହଲରେ ମତପ୍ରକାଶ ପାଇଛି। ସୁରେଶଙ୍କ ମୃତ୍ୟୁ ପରେ ପୋଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ଜବତ କରାଯିବା ସହ ଏହାର ଭିଡିଓ ରେକର୍ଡିଂ ମଧ୍ୟ କରାଯାଇଛି। ଏସ୍‌ପି ମହାପାତ୍ର କହିଛନ୍ତି, ଏନ୍‌ଏଚ୍‌ଆର୍‌ସି ଗାଇଡ୍‌ଲାଇନ ଅନୁଯାୟୀ କେନ୍ଦୁଝରର ଜଣେ ପୋଲିସ ଅଧିକାରୀ ଏହି ଘଟଣାର ତଦନ୍ତ କରିବେ। ତଦନ୍ତ ରିପୋର୍ଟ ଆସିବା ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଗତକାଲି ପରି ଆଜିର ପରିସ୍ଥିତିରେ କୌଣସି ପରିବର୍ତ୍ତନର ସୂଚନା ପାଇ ପାରିବେ ନାହିଁ। ତଥାପି ଆପଣଙ୍କ ଉପସ୍ଥିତ ବୁଦ୍ଧି ଓ କୌଶଳପୂର୍ଣ୍ଣ ବ୍ୟବହାର ଅନ୍ୟମାନଙ୍କୁ ଆପଣାର କରିବାରେ ସାହାଯ୍ୟ କରିବ। ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରଖିବା ସକାଶେ ପାରସ୍ପରିକ ସହମତିକୁ ଗ୍ରହଣ କରିବା ଭଲ ହେବ।

**ବୃଷ** କୌଣସି କାମ ଅଟକି ରହିବ ନାହିଁ। ତଥାପି ସମସ୍ୟା ଜାଲରେ ଛନ୍ଦି ହୋଇ ମନୋବଳ ଭାଙ୍ଗିଲାଭଳି ଅନୁଭବ କରିବେ। ଅଫିସ୍‌ରେ ଅଟକି ରହିଥିବା କାମର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ ଭଲରେ ଚାଲିଲେ ମଧ୍ୟ ପରିବହନରେ କ୍ଷତି କିମ୍ବା ଆକସ୍ମିକ ସମସ୍ୟାର ଆଶଙ୍କା ରହିଛି।

**ମିଥୁନ** ବିଭିନ୍ନ ଯୋଜନା କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି ନ ହେବା କାରଣକୁ ନେଇ ପରିବାର ଭିତରେ ସମ୍ପର୍କ ହାନି ଫଳରେ ଚିନ୍ତା ପ୍ରକଟ କରିପାରନ୍ତି। ସାମାଜିକ କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ବ୍ୟବସାୟୀମାନେ ଅଧିକ ପରିଶ୍ରମ କଲେ ମଧ୍ୟ ସଂଯମତାର ଅଭାବ ଓ ଧନହାନି ଦୁଶ୍ଚିନ୍ତାର କାରଣ ହୋଇପାରେ।

**କର୍କଟ** ଗ୍ରହମାନେ ସାମଗ୍ରିକ ସୁଖ, ସୁବିଧା ଓ ସୁଯୋଗ ପ୍ରଦାନ କରି ଆପଣଙ୍କ ବିଷାଦିତ ମନକୁ ଆହ୍ଲାଦିତ କରିବାରେ ସହାୟକ ହେବେ। ପରିବାରରେ ପୂର୍ବ ସମସ୍ୟା ସମାଧାନ ହେବାରେ କୌଣସି ନୀଚ ଜାତିର ବ୍ୟକ୍ତି ମୁଖ୍ୟ ଭୂମିକା ଗ୍ରହଣ କରିପାରନ୍ତି। ସଭାସମିତିରେ ଆଲୋଚନା ଅମୀମାଂସିତ ରହିପାରେ।

**ସିଂହ** ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ଲାଭକରି କର୍ମକ୍ଷେତ୍ରରେ ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ। ପାରସ୍ପରିକ ସହଯୋଗ ପାରିବାରିକ ଜୀବନକୁ ରସାଣିତ ଓ ମଧୁମୟ କରିବ। ମାତ୍ର ଯେକୌଣସି କ୍ଷେତ୍ରରେ ହେଉନା କାହିଁକି ଆପଣ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ।

**କନ୍ୟା** ଜମା ଭଲ ସମ୍ପର୍କ ନ ଥିବା କୌଣସି ବନ୍ଧୁଙ୍କ ଉଦ୍ଦେଶ୍ୟ ପ୍ରଣୋଦିତ ମିଥ୍ୟା ଗୁଜବ ମନକୁ ଚହଲାଇ ଦେଇପାରେ। ଈର୍ଷାରେ ଜଳୁଥିବା ଆତ୍ମୀୟମାନଙ୍କ ଅସହଯୋଗ ଏବଂ ଅସମ୍ମାନ ପାଇ ଦୁଃଖିତ ହେବେ। ଅର୍ଥ କିମ୍ବା ଅଳଙ୍କାର ଦେବା ନେବାକୁ କେନ୍ଦ୍ରକରି ସାମାନ୍ୟ ଝଗଡ଼ା ସୃଷ୍ଟି ହୋଇପାରେ। ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧି ପାଇପାରେ।

**ତୁଳା** ନୂତନ ବନ୍ଧୁ ସମ୍ପର୍କ ସ୍ଥାପିତ ହେବା ସହ ଜଣେ ପଡୋଶୀ କିମ୍ବା ବନ୍ଧୁଙ୍କ ଜରିଆରେ ଦୀର୍ଘଦିନର ଆଶା ଫଳବତୀ ହେବ। ପରିବାରରେ ପିଲାଙ୍କ ଆଚରଣରେ ଅସନ୍ତୁଷ୍ଟ ରହିପାରନ୍ତି। ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ, ଅନ୍ୟଥା କଳହ ଲାଗିପାରେ। ଯାତ୍ରା ସମୟରେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହୋଇପାରେ।

**ବିଛା** ଦୀର୍ଘଦିନ ହେଲା ଯାହା ପାଉ ନ ଥିଲେ ଆଜି ତାହା ଲାଭ କରି ମନ ଖୁସି ହୋଇଯିବ। ହାତକୁ ନେଇଥିବା କାମଗୁଡିକ ଯଥା ସମୟରେ ସମ୍ପନ୍ନ ହେବାରେ କୌଶଳ ପ୍ରୟୋଗ କରିପାରିଲେ ଉପକୃତ ହେବେ। ଯେକୌଣସି କ୍ଷେତ୍ରରେ ମଧ୍ୟ ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ, ଦେଖିବେ ସବୁ ଠିକ୍ ହୋଇଯିବ।

**ଧନୁ** ବହୁ ଦିନରୁ ଚିନ୍ତା କରିଥିବା ଯୋଜନାଟିକୁ କାର୍ଯ୍ୟକାରୀ କରିବା ସକାଶେ ମନ ବଳାଇ ପାରନ୍ତି। ଏକସଙ୍ଗରେ ଅର୍ଥଲାଭ, ବନ୍ଧୁମିଳନ, ନୂତନ ସ୍ଥାନ ପରିଭ୍ରମଣ ସାଙ୍ଗକୁ ଭ୍ରମଣ ସୁଯୋଗରେ ମନ ଖୁସି ରହିବ। କର୍ମକ୍ଷେତ୍ର ଏପରି କି ପ୍ରଶାସନିକ କ୍ଷେତ୍ରରେ ଅପ୍ରିୟ ସତ୍ୟ ପ୍ରକାଶ କରିବା କାରଣରୁ କୌଣସି ସମସ୍ୟା ଉପୁଜିପାରେ।

**ମକର** ଦୁଶ୍ଚିନ୍ତା କାରଣରୁ ଟେନ୍ସନ ଲାଗି ରହିଥିଲେ ମଧ୍ୟ ଦୃଢ଼ତା ଓ ଧୈର୍ଯ୍ୟ ସମୟାନୁକ୍ରମେ ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ସମର୍ଥ ହେବ। ବ୍ୟବସାୟ,ବାଣିଜ୍ୟ, ପରିବହନ, ମାଲିମକଦ୍ଦମା ପ୍ରଭୃତି କ୍ଷେତ୍ରରେ ଅଭିଳଷିତ ଫଳ ଅବଶ୍ୟ ପାଇପାରିବେ। ସ୍ୱାସ୍ଥ୍ୟହାନି ସାଙ୍ଗକୁ ଆର୍ଥିକ ଅନଟନ କାରଣରୁ ଧାର କରଜ କରିବାକୁ ବାଧ୍ୟ ହୋଇପାରନ୍ତି।

**କୁମ୍ଭ** ପରିସ୍ଥିତି ପ୍ରତି ନଜର ଦେଇ କାମ କରି ଚାଲିଲେ କୌଣସି କାମ ଅଟକି ରହିବ ନାହିଁ। ପୁରୁଣା ଜିନିଷ ବିକ୍ରୟ କରି ନୂତନ ଦ୍ରବ୍ୟ କ୍ରୟ କରିବା ସକାଶେ ମନ ବଳିବ ଓ ପାଇବେ ମଧ୍ୟ। ପ୍ରତ୍ୟେକ କ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ। ପରିବାର ମଧ୍ୟରେ ଛୋଟ କଥାକୁ ଧରି ବସିଲେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇପାରେ।

**ମୀନ** ଆଦୌ ଦେଉ ନ ଥିବା ବ୍ୟକ୍ତିଙ୍କ ନିକଟରୁ ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ତଥାପି ବନ୍ଧୁ ଗହଣରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବିବାଦୀୟ ଘଟଣା କିଛିଏ ଜଟିଳ ଆଡ଼କୁ ଗତି କରିବାର ସୂଚନା ରହିଛି। ବ୍ୟବସାୟରେ ଲାଭ ମିଳିବ ଏବଂ କୌଣସି ଅନ୍ୟ ଏକ ଉଦ୍ଦେଶ୍ୟରେ ସେହି ଟଙ୍କାକୁ ବିନିଯୋଗ କରିପାରନ୍ତି।

ଆଜି ମାର୍ଗଶିର କୃଷ୍ଣ ଦଶମୀ ଯୁକ୍ତ ଏକାଦଶୀ ଶୁକ୍ରବାର, ନଭେମ୍ବର ୨୨ ତାରିଖ, ଶହୀଦ୍ ଲକ୍ଷ୍ମଣ ନାୟକଙ୍କ ଜନ୍ମ ଦିବସ, ରାଶି ନକ୍ଷତ୍ର- ଉତ୍ତରାଫାଲ୍‌ଗୁନୀ/କନ୍ୟା,ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୭।୩୧ମି. ଗତେ ଘ୯।୪୩ମି. ମଧ୍ୟେ ଅମୃତ ବେଳା। ଦିବା ଘ୭।୩୦ମି. ଗତେ ଘ୮।୫୫ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୦।୧୦ମି. ଗତେ ଘ୧୧।୩୨ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

**automobile — HIRE**

JCB Machine Excavators 38T, 21T, 10T, 8T, Excavator & Loader- 2DX, 3DX, JCB Compactor, JCB Load all available for hire/sale. Contact immediately: 9556240228, 9937292015. Email- enquiry@kttorissa.com D-15185

**real estate — SALE**

100ft. Revenue ପିଚୁରାସ୍ତାକୁ ଲାଗି ଘରବାରି, ବାଉଣ୍ଡାରୀ Commercial/ Residential ପ୍ଲଟ୍ 14,40,000/- ଧଉଳି ଶାନ୍ତିସ୍ତୁପ ପାଖରେ ମିଳୁଛି। 9437033320. D-68426

Plot for sale Nakhara & Sundarpada, Bhubaneswar. Gharabari demarcated 30' wide road. Immediate registration & possession. Contact: 7008683329, 9348243488. D-67719

Plot sale near AIIMS Hospital, Bhubaneswar yellow zone 30' Road- 8280037688. D-68425

Bhubaneswar Kesura SBI, କଲୋନୀକୁ ଲାଗି ଘରବାରି ପାଚେରୀସହ ଏବଂ Airport ଠାରୁ 5k.m. ସୁନ୍ଦରପଦାରେ plot ବିକ୍ରିହେବ। 9078736851. D-68428

ଭୁବନେଶ୍ୱର କେଶୁରା 1450/- ନଖରା 750/- କଳିଙ୍ଗବିହାର 1400/- IIT ଅରଗୁଳ 200/- ଗୁଡିଆପୋଖରୀ 750/- possession plot କିଣନ୍ତୁ। 7978641199. D-68704

1430sqft. plot at near DAV School, Pokhariput, Bhubaneswar @ 3,000/- per sqft., BDA Road. Contact: 9861125539, 9040521173. D-67255

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ 1200sqft. 2,16,000/-, ଅରଗୁଳ IIT ରେଲୱେଷ୍ଟେସନ ପାଖରେ 1200କୁ 2,00,000/- plot (outright/ installment) 8144706560, 9348817649. D-68432

ଭୁବନେଶ୍ୱର ପିପିଲି Tol gate ପରେ NH କୁ ଲାଗିକି Plot sqft. 650/-, 8249070901, 9438272948. D-68430

Ready to move 2BHK/ 4BHK flat near Hotel Mayfair, Jaydev Vihar, Price Rs.5800/- per sqft. & triplex and duplex at Rangabazar near BJEM English Medium School-II. Price start Rs.47 lakhs. Contact: 9040046767, 9040007267. D-68166

Jaydev Vihar Bank of Baroda କୁ ଲାଗି 2BHK flat 1180/- sqft. ରେ 56,00,000/-ରେ କିଣନ୍ତୁ। 7978641199. D-68705

କଟକ-ଗୋପାଳପୁର ଧାକୁଲେଇପାଠରୁ 3k.m sqft.250/-, ଭୁବନେଶ୍ୱର ବାଳକାଟି ବଜାରରୁ 2k.m 550/-, ନଖରା DPS ପାଖରେ sqft.700/- ଘରବାରି ପ୍ଲଟ୍ ମିଳୁଅଛି। 9348020724, 7978939440. D-68409

3BHK duplex for sale at Gothapatana, Bhubaneswar, 2.5km from SUM Hospital 9861444497, 8917665342. D-68514

Do you want a land in Bhubaneswar, Sundarpada near Xavier University at Lowprice? Litigation free land, first possession then registration. 8847851850. D-68413

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। possession, registration immediately. Contact: 9178660666. D-68190

ଭୁବନେଶ୍ୱର ବାଲିଅନ୍ତାରେ Ready to move Duplex, Tamandoରେ yellowzone plot କିଣନ୍ତୁ। 9348767829. D-68427

SC house ready to move 24,00,000/- Hanspal (Finance available)- 8093465134. D-68612

ଭୁବନେଶ୍ୱର ପିତାପଲ୍ଲୀଛକ ନିକଟରେ NH-16କୁ ଲାଗିକି ପ୍ଲଟ୍ ବିକ୍ରିହେଉଛି। ପ୍ରଥମେ Possession ଦିଆଯାଉଛି, ତା'ପରେ ରେଜିଷ୍ଟ୍ରିହେଉଛି। Project ଭିତରେ 30ft road ଦିଆଯାଇଛି। 8018474890. D-68431

Commercial plot Hanspal and Pahala mainroad side 5000/ 15000sqft.- 7992916484. D-15317

ଭୁବନେଶ୍ୱର ଓ ପୁରୀ (BDA & PKDA) ଏରିଆ ଭିତରେ ପ୍ଲଟ୍, ଘର, ଆପାର୍ଟମେଣ୍ଟ କିଣିବା ବା ବିକିବାପାଇଁ ଯୋଗାଯୋଗ କରନ୍ତୁ। ଯୋଗାଯୋଗ: 9438109040/ 8144658008. D-15344

C.V Raman ପାଖରେ 8000sqft. plot ବିକ୍ରିହେବ। Contact: 9778928492. D-68310

C.V Raman ପାଖରେ 2.5 Acre plot ବିକ୍ରିହେବ। Contact: 9937910363. D-68311

**to-let**

For residential/ office purposes at Phulnakhara, Bhubaneswar-Cuttack. 9437442108, 917057510886. D-67509

Two rooms, One longhall, Bathroom, Kitchen for rent at Metro Satelite City, Hanspal. Contact: 9337575253. D-15170

160000sqft. vacant land with boundary wall and outhouse to-let or lease for commercial purpose at Totapada adjacent to NH-16 near Khorda. Contact: 7854918287. D-60955

Two bedroom flat Choudhury Bazar, mainroad Cuttack for rent. 9619615404, 9040400517. D-67726

Three bedroom on rent infront ISKCON Temple, Nayapalli, Bhubaneswar. 9619615404, 9556406079. D-67725

**packers & movers**

Shivam logistic packers movers. Household/ car relocation countrywide. 9777044177, 9338461133. D-15348

**healthcare**

Rejuvenate and ayurvedic full body massage by smart therapist. 9114402304. D-68145

Kajal Ayurvedic massage club fully relaxed by smart lady, home service available- 9937637219. D-67000

Refresh your mind and soul with best therapy at Orchid Salon/Spa. 9937287222. D-68703

Genuine body massage and SPA provide by expert. 9583125287, 7991082881. D-56660

Refresh your body with smart and expert therapist, Contact: 6370668486. D-68182

Sai herbal Spa refresh your body with smart and expert therapist, contact: 7608062524. D-68184

Full body herbal massage with refreshment expert therapist. 7381239385, 06742540855. D-68185

Experience full body massage with us (expert). Call: 7377048581, 06742597822. D-68186

Herbal full body massage by smart / expert therapist. Contact: 8338067247. D-68187

Summer special mesmerizing offer expert therapeutic refreshing massage appointment. 9668374480. D-68188

Ayurvedic full body massage ladies & gents smart therapist, 9337349409. D-68707

Ayurvedic full body massage ladies & gents smart therapist, 9668814589. D-68706

**business**

LED Business start କରନ୍ତୁ। ଦିନକୁ ୧୦୦୦ ରୁ ୧୦,୦୦୦ କମାନ୍ତୁ । Mob: 9777434078. D-15349


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



# ଜିଲା ଚିଠି
## ଭଦ୍ରକ

## ଚାଷୀଙ୍କ ଦୁଃଖ

ଭଦ୍ରକ ଏକ କୃଷିପ୍ରଧାନ ଜିଲା। ଧାନ ଚାଷ ଏଠାରେ ମୁଖ୍ୟ ଫସଲ। ହେଲେ କ୍ରମାଗତ ପ୍ରାକୃତିକ ବିପର୍ଯ୍ୟୟ ଚାଷୀଙ୍କ ଉପରେ ଦାଉ ସାଧୁଥିବାରୁ ସେମାନଙ୍କ ଆର୍ଥିକ ମାନଦଣ୍ଡ ଦୋହଲି ଯାଉଛି। ଏଭଳି ସ୍ଥିତିରେ ଅନେକ ଚାଷୀ ଧାନ ଚାଷରୁ ମୁହଁ ଫେରାଇବାକୁ ବସିଲେଣି। ଗତ ଏକ ଦଶନ୍ଧି ମଧ୍ୟରେ ପ୍ରତିବର୍ଷ ଲଘୁଚାପଜନିତ ବର୍ଷା କିମ୍ବା ମରୁଡ଼ି ଏହାର କାରଣ ହୋଇଛି। ଏହି ଜିଲା ସମୁଦ୍ର ଉପକୂଳବର୍ତ୍ତୀ ହୋଇଥିବାରୁ ପ୍ରାକୃତିକ ବିପର୍ଯ୍ୟୟ ଚାଷୀଙ୍କ ଚିର ସହଚର ପାଲଟିଛି। ଏଥର ବୁଲ୍‌ବୁଲ୍ ବାତ୍ୟା ଧାନ ଫସଲ ସମେତ ପନିପରିବା ଓ ଅନ୍ୟ ଫସଲ ଉଜାଡ଼ି ଦେଇଛି। ଜିଲା ପ୍ରଶାସନ ପକ୍ଷରୁ କରାଯାଇଥିବା ପ୍ରାଥମିକ ଆକଳନ ଅନୁଯାୟୀ ଚଳିତବର୍ଷ ଜିଲାରେ ମୋଟ ୧ ଲକ୍ଷ ୨୦ ହଜାର ହେକ୍ଟର ଜମିରେ ଖରିଫ ଧାନଚାଷ ହୋଇଥିଲା । ଗତ ବାତ୍ୟାରେ ପ୍ରାୟ ୬୧ ହଜାର ହେକ୍ଟର ଚାଷ ଜମି ପ୍ରଭାବିତ ହୋଇଛି। ପ୍ରାୟ ୫୦ ଭାଗ ଚାଷଜମିର ଫସଲ ନଷ୍ଟ ହୋଇଛି। ଧାରକରଜ ହେଉ ଅବା ନିଜସ୍ୱ ପୁଞ୍ଜିରୁ ଖର୍ଚ୍ଚକରି ଚାଷୀମାନେ ଧାନ ଚାଷ କରି ଏଭଳି କ୍ଷତି ସହୁଥିବାବେଳେ ସେମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ମିଳିପାରୁ ନାହିଁ। ବୁଲ୍‌ବୁଲ୍ ପୂର୍ବରୁ ଫନୀ, ତିତ୍‌ଲି, ହୁଡ୍‌ହୁଡ୍ ଭଳି ଏକାଧିକ ବାତ୍ୟା ଚାଷ ପ୍ରତି ଥିବା ଚାଷୀଙ୍କ ଆନ୍ତରିକତାକୁ ଦୂରେଇ ଦେଇଛି। ଅନ୍ୟପକ୍ଷେ କ୍ଷୟକ୍ଷତି ଆକଳନ ଓ କ୍ଷତିପୂରଣ ଦେବାରେ ପ୍ରଶାସନିକ ଛଳନା ଚାଷୀଙ୍କୁ ଚିନ୍ତାରେ ପକାଉଛି। ସେହିପରି ବିଭିନ୍ନ ବୀମା କମ୍ପାନୀ ଚାଷୀଙ୍କଠାରୁ ପ୍ରିମିୟମ୍ ନେଉଥିଲେ ବି ଚାଷ କ୍ଷତି ସମୟରେ ବିଭିନ୍ନ ଆଳ ଦେଖାଇ ଫାଙ୍କୁଛନ୍ତି। ପ୍ରଶାସନିକ ଅଧିକାରୀମାନେ ବୀମା କମ୍ପାନୀର ହଁରେ ହଁ ମାରି ଚାଷୀଙ୍କ ଦାବି ଓ ଅଭିଯୋଗ ପ୍ରତି ଉଦାସୀନ ରହୁଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି। ଧାନ ଉତ୍ପାଦନ ପରେ ବିକ୍ରି ନାଁରେ ଚାଷୀମାନେ ମିଲରଙ୍କ ଦ୍ୱାରା ଶୋଷଣର ଶିକାର ହେଉଛନ୍ତି। ସମବାୟ ସମିତି ହେଉ କି ସ୍ୱୟଂସହାୟିକା ଗୋଷ୍ଠୀ କେତେକ କ୍ଷେତ୍ରରେ ଚାଷୀଙ୍କୁ ଶୋଷଣ କରି ଚାଲିଥିବା ଅଭିଯୋଗ ହୋଇଛି। ଧାନ ବିକ୍ରି ବେଳେ ଏହାର ମାନକୁ ନେଇ କଟ୍‌ନୀ ଛଟ୍‌ନୀ କରାଯିବା ସାଙ୍ଗକୁ ଗତବର୍ଷର ଧାନ ବିକ୍ରି ଟଙ୍କା ଏ ପର୍ଯ୍ୟନ୍ତ ଚାଷୀଙ୍କୁ ମିଳିନାହିଁ। ଏହାକୁ ନେଇ ବିଭିନ୍ନ ସମବାୟ ସମିତିରେ ଚାଷୀମାନେ ଧାରଣା ଦେବା ସହ କୋର୍ଟର ଆଶ୍ରୟ ନେଇସାରିଲେଣି। ଏହାସତ୍ତ୍ୱେ ଚାଷୀଙ୍କୁ ସେମାନଙ୍କ ପ୍ରାପ୍ୟ ମିଳିପାରି ନାହିଁ। ଏହିଭଳି ସ୍ଥିତି ଲାଗି ରହିଲେ, ଚାଷୀକୁଳ ଚାଷଠାରୁ ଦୂରେଇ ଯିବେ ବୋଲି ଆଶଙ୍କା ପ୍ରକାଶ ପାଇଛି।

– ବିଭୁପ୍ରସାଦ ବେହେରା

# ଭାଇ ସହ ମିଶି ସ୍ୱାମୀଙ୍କୁ ହତ୍ୟା କଲେ ସ୍ତ୍ରୀ

**ଉଭୟଙ୍କ ଆତ୍ମସମର୍ପଣ**

ଜଗନ୍ନାଥପ୍ରସାଦ,୨୧।୧୧(ଡି.ଏନ୍.ଏ.)

ସ୍ୱାମୀର ଅକଥନୀୟ ନିର୍ଯାତନା ଅସହ୍ୟ ହେଲା। ଶେଷରେ ଭାଇ ସହ ମିଶି ସ୍ୱାମୀଙ୍କୁ ହତ୍ୟାକଲି ବୋଲି ବୁଧବାର ରାତିରେ ଥାନାରେ ଆତ୍ମସମର୍ପଣ ପରେ ଏହାଥିଲା ଜଣେ ମହିଳାଙ୍କ ବୟାନ। ଏଭଳି ଏକ ଘଟଣା ଘଟିଛି ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଥାନା ପଟାଧାର ଗ୍ରାମରେ। ହତ୍ୟାର ଶିକାର ହୋଇଛନ୍ତି ଉକ୍ତ ଗ୍ରାମର ଟୁଲୁ ପ୍ରଧାନ। ନଂ.୧୯୬/୧୯ରେ ମାମଲା ରୁଜୁକରି ତାଙ୍କ ସ୍ତ୍ରୀ ବିବି ପ୍ରଧାନ ଓ ଶଳା ଜିତୁଙ୍କୁ ପୋଲିସ ଗିରଫ କରିଛି।

ପ୍ରକାଶ ଯେ, ସାତବର୍ଷ ତଳେ ପଟାଧରର ଟୁଲୁ ତାଙ୍କ ଗ୍ରାମର ବିବିଙ୍କୁ ବିବାହ କରିଥିଲେ। ସେମାନଙ୍କର ୬ ବର୍ଷର ଝିଅଟିଏ ଅଛି। ଟୁଲୁ ଭୁବନେଶ୍ୱରରେ ରହି ଅଟୋ ଚଳାନ୍ତି। ସେଠାରେ ସେ ପରିବାର ସହ ରହୁଥିଲେ। ବିବିଙ୍କ କହିବା ପ୍ରକାରେ, ଅନ୍ୟଜଣେ ମହିଳାଙ୍କ ସହ ଟୁଲୁଙ୍କ ଅନୈତିକ ସମ୍ପର୍କ ଥିଲା। ଏହାକୁ ବିବି ବିରୋଧ କରି ଆସୁଥିଲେ। ଯେଉଁଥିପାଇଁ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହେଉଥିଲା। ଟୁଲୁ ମଧ୍ୟ ବିବିଙ୍କୁ ବିଭିନ୍ନ ସମୟରେ ମାରଧର କରୁଥିଲେ। ଏନେଇ ବିବି ମହିଳା ଥାନାରେ ଅଭିଯୋଗ କରିଥିଲେ। ଟୁଲୁଙ୍କୁ ଥାନାକୁ ଡକାଇବା ପରେ ସେ ଏପରି ଭୁଲ କରିବେ ନାହିଁ ବୋଲି ପୋଲିସ ଆଗରେ କହିଥିଲେ। ଏହାପରେ କିଛିଦିନ ସ୍ୱାମୀ ସ୍ତ୍ରୀ ଭଲରେ ଚଳିଥିଲେ। ପରେ ପୁଣି ଟୁଲୁ ପାଟିତୁଣ୍ଡ ସହ ସ୍ତ୍ରୀଙ୍କୁ ମାରପିଟ କରିଥିଲେ। ଏହାକୁ ସହ୍ୟ କରି ନ ପାରି ବିବି ଝିଅକୁ ଧରି ନିଜଘର ପଟାଧରକୁ ଚାଲିଆସିଥିଲେ। ବୁଧବାର ରାତିରେ ଟୁଲୁ ଅଟୋନେଇ ପଟାଧାରରେ ପହଞ୍ଚିଥିଲେ। ଶଶୁର ଘର ନିକଟରେ ଗାଳିଗୁଲଜ କରିବା ସହ ସ୍ତ୍ରୀ ବିବିଙ୍କୁ ଆକ୍ରମଣ କରିଥିଲେ। ଭାଇ ଜିତୁ ପ୍ରତିବାଦ କରିବାରୁ ଉଭୟଙ୍କ ମଧ୍ୟରେ ମାରପିଟ ହୋଇଥିଲା। ଏହି ସମୟରେ ବିବି ଘର ଭିତରକୁ ଯାଇ ଏକ କାତି ଆଣି ଜିତୁଙ୍କୁ ଦେଇ ସ୍ୱାମୀଙ୍କୁ ହାଣିବାକୁ କହିଥିଲେ। ଜିତୁ ଟୁଲୁଙ୍କୁ ହାଣି ହତ୍ୟା କରିଥିଲେ। ପରେ ଉଭୟେ ମୃତଦେହକୁ ଅଖାରେ ପୂରାଇ ବାରି ପଛପଟ ଘରେ ରଖି ଥାନାକୁ ଯାଇ ଆତ୍ମସମର୍ପଣ କରିଥିଲେ। ଗୁରୁବାର ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିବା ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଅଭିଯୁକ୍ତ ଭାଇ ଭଉଣୀଙ୍କୁ କୋର୍ଟ ଚାଲାଣ କରାଯାଇଛି।

# କୋଇଲା ବୋଝେଇ ଟ୍ରେନ୍‌ରେ ନିଆଁ

ରାୟଗଡ଼ା ଅଫିସ/ଭୁବନେଶ୍ୱର, ୨୧।୧୧(ବ୍ୟୁରୋ)

ବିଶାଖାପାଟଣା ଷ୍ଟିଲ୍ ପ୍ଲାଣ୍ଟରୁ କୋଇଲା ନେଇ ବିଳାସପୁର ଏମ୍‌ବି ପାୱାର ପ୍ଲାଣ୍ଟକୁ ଯାଉଥିବା ଏକ ଟ୍ରେନ୍‌ରେ ନିଆଁ ଲାଗିଯାଇଥିଲା। ଗୁରୁବାର ଅପରାହ୍ନ ପ୍ରାୟ ୪ଟା ୧୦ରେ ରାୟଗଡ଼ା ଷ୍ଟେଶନ ପୂର୍ବରୁ ପିତାମହଲ ନିକଟରେ ଇଞ୍ଜିନ ସଂଲଗ୍ନ ୪ ଏନ୍ ବକ୍ସ ୱାଗନ୍‌ରୁ ନିଆଁ ବାହାରୁଥିବା ଦେଖି ଡ୍ୟୁଟିରେ ଥିବା ଜଣେ କର୍ମଚାରୀ ତୁରନ୍ତ ଷ୍ଟେଶନ ମାଷ୍ଟରଙ୍କୁ ଜଣାଇଥିଲେ। ଷ୍ଟେଶନର ୬ନଂ. ଲାଇନରେ ଟ୍ରେନ୍‌ଟି ଅଟକିବା ପରେ ୧୦ ମିନିଟ୍ ମଧ୍ୟରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଲିଭାଇବା ଆରମ୍ଭ କରିଥିଲେ। ପ୍ରାୟ ୧ ଘଣ୍ଟାର ପରିଶ୍ରମ ପରେ ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରାଯାଇଥିଲା। ଆବଶ୍ୟକ ଯାଞ୍ଚ ପରେ ଅପରାହ୍ନ ୫ଟା ୪୫ରେ ଟ୍ରେନ୍‌ଟି ଗନ୍ତବ୍ୟ ସ୍ଥଳ ଅଭିମୁଖେ ବାହାରିଥିଲା। ହାଇକୋକ୍ କୋଇଲା ହୋଇଥିବାରୁ ଅଧିକ ତାପମାତ୍ରା ଯୋଗୁ ସେଥିରେ ନିଆଁ ଲାଗିଯାଇଥିବା ଆଶଙ୍କା କରାଯାଉଛି।



ଟ୍ରେନ୍‌ରେ ଲାଗିଥିବା ନିଆଁକୁ ଅଗ୍ନିଶମ ବାହିନୀ କର୍ମଚାରୀମାନେ ଲିଭାଉଛନ୍ତି।




ବିବାହକୁ ନେଇ ଯୁବପିଢ଼ିଙ୍କ ମତ
ଦେଖନ୍ତୁ ଭିଡିଓ
YouTube /dharitrilive

## ଧର୍ମେନ୍ଦ୍ରଙ୍କୁ ସାକ୍ଷାତ୍ କଲେ କାନାଡ଼ା ପୂର୍ବତନ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର,୨୧।୧୧(ବ୍ୟୁରୋ): କାନାଡାର ପୂର୍ବତନ ପ୍ରଧାନମନ୍ତ୍ରୀ ଷ୍ଟିଫେନ୍ ହାର୍ପର ଏବଂ ସାସ୍କାଚେୱାନ୍‌ର ବାଣିଜ୍ୟ ଓ ଯୋଗାଣ ବିକାଶ ମନ୍ତ୍ରୀ ଜେର୍ମୀ ହାରିସନ ଗୁରୁବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସାକ୍ଷାତ କରିଛନ୍ତି। ସାସ୍କାଚେୱାନ୍ ସମେତ ଭାରତ ଓ କାନାଡା ମଧ୍ୟରେ ଉର୍ଜା ଏବଂ ହାଇଡ୍ରୋକାର୍ବନ କ୍ଷେତ୍ରକୁ ସୁଦୃଢ଼ କରିବା ଉପରେ ଆଲୋଚନା ହୋଇଛି। ଭାରତ ଓ କାନାଡା ମଧ୍ୟରେ ଥିବା ସମ୍ପର୍କକୁ ମଧ୍ୟ ମଜଭୁତ କରିବା ଉପରେ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଛି।

COLLEGE OF ENGINEERING & TECHNOLOGY (Autonomous)
NAAC 'A'
(A Constituent College of Biju Patnaik University of Technology, Odisha)
Techno Campus, P.O.- Mahalaxmi Vihar, Bhubaneswar - 751029, Odisha, India
No. 3182/CET Dated: 21.11.2019
SELECTION OF CANDIDATES FOR COE-AI
In pursuance to the advertisement no. 2952/CET, dated 01.11.2019, the last date of applications for selection of Candidates for Center of Excellence - Artificial Intelligence (COE-AI) Laboratory, College of Engineering and Technology, Bhubaneswar is hereby extended up to 30.11.2019. Interested candidates may send their application in hard format to Principal, College of Engineering & Technology, Bhubaneswar - 751029 by post or through e-mail **principalcet@cet.edu.in.** In case of sent through e-mail, the candidate has to come with proper ID proof and Demand Draft of Rs. 200/- drawn in favour of Principal, CET, Bhubaneswar with coloured pass port size photograh on the date of written test which is rescheduled to be held on **05.12.2019**. The other terms and conditions remain unchanged. The selected candidates have to join on **10.12.2019.**
Sd/-
PRINCIPAL

SAMBALPUR UNIVERSITY
Jyoti Vihar-768019, Dist.: Sambalpur (Odisha)
www.suniv.ac.in
No. 7370/Synd. Dt.: 18.11.2019
NOTIFICATION
It is for information of all concerned that every graduate of Sambalpur University and any graduate of other University residing in the area over which this University has its jurisdiction i.e. within the revenue district of Sambalpur, Bolangir, Sonepur, Kalahandi, Nuapada, Bargarh, Jharsuguda, Sundargarh, Boudh, Deogarh and Athmallik Sub-Division of Angul District shall be entitled to have his/her name registered as Graduate of this University and for the said purpose he/she shall apply in the prescribed form **on or before 20th January, 2020** on payment of prescribed fee of Rs.100/- (Rupees one hundred) only in the University Cash Counter or in shape of Bank draft payable to the Comptroller of Finance, Sambalpur University, Jyoti Vihar drawn at State Bank of India, Jyoti Vihar or UCO BANK, Katapali which shall entitle him/her to life membership. The application form may be downloaded from the University website **www.suniv.ac.in** . Application incomplete in any respect /not in proper format or received after **dt.20.01.2020** will be rejected and no correspondence will be made by the University in this regard.
Sd/- Registrar

### ଏବିସି ଇଣ୍ଡିଆ ଚିଟ୍‌ଫଣ୍ଡ ଠକେଇ
## ନିର୍ଦ୍ଦେଶକଙ୍କ ଆଗୁଆ ଜାମିନ ଆବେଦନର ଶୁଣାଣି ଶେଷ

**କଟକ ଅଫିସ,୨୧।୧୧:** ଦିଲ୍ଲୀର ଚିଟ୍‌ଫଣ୍ଡ ସଂସ୍ଥା ଏବିସି ଇଣ୍ଡିଆର ଅନ୍ୟତମ ନିର୍ଦ୍ଦେଶକ ଅମନପ୍ରୀତ୍ ସିଂ ଓଡ଼ିଶା ହାଇକୋର୍ଟରେ ଆଗୁଆ ଜାମିନ ପାଇଁ ଆବେଦନ କରିଛନ୍ତି। ଗୁରୁବାର ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଦେବବ୍ରତ ଦାଶଙ୍କ ଖଣ୍ଡପୀଠ ଏହି ଆବେଦନ ଶୁଣାଣି କରି ରାୟ ସଂରକ୍ଷିତ ରଖିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ଦିଲ୍ଲୀର ଉକ୍ତ ଚିଟ୍‌ଫଣ୍ଡ ସଂସ୍ଥା ଦେଶର ବିଭିନ୍ନ ରାଜ୍ୟର ଜନସାଧାରଣଙ୍କୁ ପ୍ରଲୋଭନ ଦେଖାଇ ୨୦୦୬ରୁ ୨୦୧୦ ମଧ୍ୟରେ ୪୭.୮୮ କୋଟି ଟଙ୍କା ଡିପୋଜିଟ୍ ଆକାରରେ ଆଦାୟ କରିଥିଲା। ବିଶେଷକରି ଓଡ଼ିଶା ଓ ପଶ୍ଚିମବଙ୍ଗରେ ଏହି ସଂସ୍ଥା କାୟା ବିସ୍ତାର କରିଥିଲା। ଓଡ଼ିଶାର ୪୬ଜଣ ଜମାକାରୀଙ୍କଠାରୁ ଉକ୍ତ ସଂସ୍ଥା ୪୨.୩୦ ଲକ୍ଷ ଟଙ୍କା ନେଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ସଂସ୍ଥା ଜମାକାରୀଙ୍କ ଅର୍ଥ ନ ଫେରାଇବାରୁ ଏହି ମାମଲାର ତଦନ୍ତ ସିବିଆଇ ହାତକୁ ନେଇଥିଲା। ଏହି ମାମଲାରେ ଉକ୍ତ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ଇନ୍ଦରପ୍ରୀତ ସିଂ ଗିରଫ ହୋଇଥିବାବେଳେ ଅମନପ୍ରୀତ ଆଗୁଆ ଜାମିନ ପାଇଁ ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅମନପ୍ରୀତ୍‌ଙ୍କ ପକ୍ଷରୁ ଆଇନଜୀବୀ ପ୍ରଭୁପ୍ରସନ୍ନ ବେହେରା ମାମଲା ପରିଚାଳନା କରୁଛନ୍ତି।

## ନୂତନ ଟ୍ରାଫିକ୍ ନିୟମ ପରେ ଦୁର୍ଘଟଣା ହ୍ରାସ
### ଗଞ୍ଜାମରେ ସର୍ବାଧିକ, ପୁରୀରେ ସର୍ବନିମ୍ନ ମଦ୍ୟପ ଡ୍ରାଇଭର

କଟକ ଅଫିସ, ୨୧।୧୧– ସୁପ୍ରିମକୋର୍ଟଙ୍କ ଆଦେଶକ୍ରମେ ମଦ୍ୟପ ଗାଡିଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ରାଜ୍ୟ ସରକାର ଓଡ଼ିଶା ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶକ୍ରମେ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଯାଞ୍ଚ କରାଯାଇ ମଦ୍ୟପ ଗାଡିଚାଳକଙ୍କୁ ଗିରଫ କରାଯାଇଥିଲା। ସେପ୍ଟେମ୍ବର ୬ରୁ ଏହି ନିୟମ ଲାଗୁ ହୋଇଥିବାବେଳେ ସେପ୍ଟେମ୍ବର ଓ ଅକ୍ଟୋବର ମାସରେ ରାଜ୍ୟରେ ସଡ଼କ ଦୁର୍ଘଟଣା ଅନେକ ମାତ୍ରାରେ ହ୍ରାସ ପାଇଛି। ୨୦୧୮ ତୁଳନାରେ ୨୦୧୯ର ଏହି ୨ ମାସରେ ରାଜ୍ୟର ସମସ୍ତ ଜିଲାରେ ଦୁର୍ଘଟଣା ଅନେକାଂଶରେ ହ୍ରାସ ପାଇଛି ବୋଲି ଗୁରୁବାର କ୍ରାଇମବ୍ରାଞ୍ଚ ମୁଖ୍ୟ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ କ୍ରାଇମବ୍ରାଞ୍ଚ ଅତିରିକ୍ତ ଡିଜି ସନ୍ତୋଷ ଉପାଧ୍ୟାୟ କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଏହି ନୂତନ ନିୟମ ଲାଗୁ ହେବା ପରଠାରୁ ରାଜ୍ୟରେ ପ୍ରାୟ ୧ଲକ୍ଷ ୯୦ ହଜାର ଯାନବାହନ ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ ରାଜ୍ୟର ସମସ୍ତ ଜିଲାରୁ ପୋଲିସ ୫୮୫୬ ଜଣ ମଦ୍ୟପ ଗାଡିଚାଳକଙ୍କୁ ଗିରଫ କରିଥିଲା। ତେବେ ଗଞ୍ଜାମ ଜିଲାରୁ ସର୍ବାଧିକ ୧୧୯୧ ଓ ପୁରୀରୁ ସର୍ବନିମ୍ନ ୧୮ ଜଣ ମଦ୍ୟପ ଗାଡିଚାଳକ ଗିରଫ ହୋଇଛନ୍ତି ବୋଲି ସମ୍ମିଳନୀରେ ସୂଚନା ଦିଆଯାଇଛି।

## ୪ ମହିଳା କମିଶନ ସଦସ୍ୟା ମନୋନୀତ

ଭୁବନେଶ୍ୱର,୨୧।୧୧(ବ୍ୟୁରୋ)– ରାଜ୍ୟ ସରକାରଙ୍କ ମହିଳା ଏବଂ ଶିଶୁ କଲ୍ୟାଣ ଓ ମିଶନ ଶକ୍ତି ବିଭାଗ ପକ୍ଷରୁ ବୁଧବାର ୪ ଜଣଙ୍କୁ ମହିଳା କମିଶନଙ୍କ ସଦସ୍ୟା ଭାବେ ମନୋନୀତ କରାଯାଇଛି। ଏମାନେ ହେଉଛନ୍ତି ସ୍ନେହାଞ୍ଜଳି ମହାନ୍ତି,ସ୍ୱର୍ଣ୍ଣଲତା ସାମଲ, ଆରତୀ ସିଂ ଏବଂ ଜଲିନା ପ୍ରିୟଦର୍ଶିନୀ। ଓଡ଼ିଶା ରାଜ୍ୟ ମହିଳା କମିଶନ ଆଇନ–୧୯୯୩ ଅନୁସାରେ ସଦସ୍ୟାମାନେ ସମସ୍ତ କ୍ଷମତା ଉପଭୋଗ କରିବେ। ସଦସ୍ୟାମାନେ ପଦବୀରେ ଯୋଗଦାନ କରିବାଠାରୁ ୩ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିପାରିବେ। ସେହିଭଳି ସରକାରୀ ନିୟମାନୁଯାୟୀ ସଦସ୍ୟାମାନଙ୍କୁ ଦରମା,ଭତ୍ତା ଏବଂ ଅନ୍ୟାନ୍ୟ ସୁବିଧା ମିଳିବ।

### ଗୋତି ଶ୍ରମିକ ମୁକ୍ତି ମାମଲା
## ସଂଶୋଧିତ ଆବେଦନକୁ ଗ୍ରହଣ କଲେ ହାଇକୋର୍ଟ

କଟକ ଅଫିସ,୨୧।୧୧– ଢେଙ୍କାନାଳ ଜିଲା କାମାକ୍ଷାନଗର ଅଞ୍ଚଳର ୧୪ ଜଣ ଗୋତି ଶ୍ରମିକଙ୍କ ମୁକ୍ତି ପାଇଁ ଆଣ୍ଟି ସ୍ଲାଭେରୀ ଇଣ୍ଡିଆ ସଂସ୍ଥାର ମୁଖ୍ୟ ତଥା ମାନବାଧିକାର କର୍ମୀ ବାଘାମ୍ବର ପଟ୍ଟନାୟକଙ୍କ ପକ୍ଷରୁ ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଛି। ଏହି ମାମଲାରେ ଆବେଦନକାରୀଙ୍କ ପକ୍ଷରୁ ସଂଶୋଧିତ ଆବେଦନ ହୋଇଥିବାବେଳେ ଗୁରୁବାର ହାଇକୋର୍ଟ ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଓ ବିଚାରପତି କେ.ଆର୍ ମହାପାତ୍ରଙ୍କ ଖଣ୍ଡପୀଠ ଏହାକୁ ଶୁଣାଣି ପାଇଁ ଗ୍ରହଣ କରିଛନ୍ତି। ଆସନ୍ତା ଡିସେମ୍ବର ୧୬ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ମାମଲାର ବିବରଣୀରୁ ପ୍ରକାଶ, କାମାକ୍ଷାନଗର ଅଞ୍ଚଳର ୧୪ ଜଣ ଗୋତି ଶ୍ରମିକଙ୍କ ମୁକ୍ତି ପାଇଁ ପଟ୍ଟନାୟକଙ୍କ ପକ୍ଷରୁ ଏହି ମାମଲା ରୁଜୁ ହୋଇଛି। ଏହି ୧୪ ଜଣ ଗୋତିଶ୍ରମିକଙ୍କ ମୁକ୍ତି ପାଇଁ ରାଜ୍ୟ ମାନବାଧିକାର ଆୟୁକ୍ତ ଢେଙ୍କାନାଳ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶନାମା ଅନୁଯାୟୀ, ଜିଲା ପ୍ରଶାସନ କାର୍ଯ୍ୟ କରୁନାହିଁ। ଏହି ଘଟଣାରେ ଢେଙ୍କାନାଳ ଉପଜିଲାପାଳ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଜଣେ ଉପଜିଲାପାଳ ଗୋତି ଶ୍ରମିକଙ୍କ ମୁକ୍ତି ପାଇଁ ଜଣେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବାର ନିୟମ ନାହିଁ। ତେଣୁ ଉପଜିଲାପାଳଙ୍କ ଏଭଳି ଆଦେଶକୁ ବେଆଇନ ଦର୍ଶାଇ ପଟ୍ଟନାୟକ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି।

## ଧରମ ଭଉଣୀ ମୃତ୍ୟୁ ଖବର ଶୁଣି ଭାଇଙ୍କ ଆତ୍ମହତ୍ୟା

ତିର୍ତ୍ତୋଲ,୨୧।୧୧(ଡି.ଏନ.ଏ.)

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ଆତ୍ମହତ୍ୟା ଉଦ୍ୟମ କରିଥିବା ଧରମ ଭଉଣୀଙ୍କୁ ଡାକ୍ତରଖାନା ଆଣିଥିବା ଧରମ ଭାଇ ଶେଷରେ ଆତ୍ମହତ୍ୟା କରିଛନ୍ତି। ଭଉଣୀଙ୍କ ମୃତ୍ୟୁ ହେବା ଜାଣିବା କ୍ଷଣି ସେ ଡାକ୍ତରଖାନା ପରିସରରେ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଛନ୍ତି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

ଘଟଣାରୁ ଜଣାପଡ଼ିଛି, ଥାନା ଅନ୍ତର୍ଗତ ତରଜଙ୍ଗା ପଞ୍ଚାୟତ ବାଲିପାଟଣା ଗ୍ରାମର ଅକ୍ଷୟ ସାମଲଙ୍କ ସ୍ତ୍ରୀ ବିଦ୍ୟୁଲତା(୨୪)ବିଷପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏକଥା ଜାଣିବା ପରେ ତାଙ୍କ ଧରମ ଭାଇ ସେହି ଗ୍ରାମର ରବୀନ୍ଦ୍ର ମଲ୍ଲିକଙ୍କ ପୁଅ ବୁଲା(୨୫) ତାଙ୍କୁ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ସେଠାରେ ଡାକ୍ତର ବିଦ୍ୟୁଲତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ୨ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏଥିସହିତ ୨ଟି ଅପମୃତ୍ୟୁ ମାମଲା ନଂ–୧୯/୧୯ ଏବଂ ୨୦/୧୯ ରୁଜୁକରି ତଦନ୍ତ ଚଳାଇଛି।



Shri Sisir Kumar Dalal
(Retd SBI Officer Nov 1939 - Jan 2017)
and
Smt. Kalpana Dalal
( Nov 1955 - Sep 2019 )
*"Baba and Ma, Always on my Mind, Forever in my heart"*
*Fondly Remembered by :*
Suman Dalal and Archana (Son and Daughter-in-law)
Suparna and Subrata Dutta (Daughter and Son-in-law)
and family members

CLASSIFIED DISPLAY

ଶ୍ରବଣ ସମସ୍ୟା?
ଅଡ଼ିଜୋନ୍ ଏବେ ସମ୍ବଲପୁରରେ
For FREE hearing checkup : 7853086497, 9078672409
ଶ୍ରବଣ ଯନ୍ତ୍ର
DIGITAL HEARING AID
signia Life sounds brilliant. SIEMENS
Signia GmbH is a Trademark Licensee of Siemens AG
Audizone Speech & Hearing Clinic
BHUBANESWAR: Baramunda 9777806331 | Saheed Nagar 6371045707 | Jaydev Vihar 6372287878
CUTTACK: Link Road 7381770531
KORAPUT: In front of S.L.N Medical 6372307123

# ସ୍ୱତନ୍ତ୍ର କ୍ଲାସ୍ ପାଇଁ ଡାକି ଛାତ୍ରୀଙ୍କୁ ଅସଦାଚରଣ

- ମହାବିଦ୍ୟାଳୟରେ ଛାତ୍ର ଅଶାନ୍ତି
- ଅଧ୍ୟାପକ ଗିରଫ

ବାରିପଦା ଅଫିସ,୨୧।୧୧

ମୟୂରଭଞ୍ଜ ଜିଲା ବାରିପଦା ସହରର ତକତପୁରସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜଣେ ଛାତ୍ରୀଙ୍କୁ ସେହି ମହାବିଦ୍ୟାଳୟର ଜଣେ ଅଧ୍ୟାପକ ସ୍ୱତନ୍ତ୍ର କ୍ଲାସ ପାଇଁ ଡାକି ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଏନେଇ ମହାବିଦ୍ୟାଳୟରେ ଛାତ୍ର ଅଶାନ୍ତି ଦେଖାଦେଇଛି। ମହାବିଦ୍ୟାଳୟ କର୍ତ୍ତୃପକ୍ଷ ସମ୍ପୃକ୍ତ ଅଧ୍ୟାପକଙ୍କ ବିରୋଧରେ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ.୩୫୬/୧୯) ରୁଜୁ କରି ଗୁରୁବାର ଅଧ୍ୟାପକଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ଏହି ଘଟଣା ଗତ ଶୁକ୍ରବାର ଘଟିଥିଲା। ସେତେବେଳେ ଛାତ୍ରୀ ଜଣକ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ମାତ୍ର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ଦେଇ କଲେଜ କର୍ତ୍ତୃପକ୍ଷ ଚୁପ୍ ହୋଇ ବସି ରହିଥିଲେ। ଏହାର ପ୍ରତିବାଦରେ ଛାତ୍ରୀଛାତ୍ରମାନେ ଆନ୍ଦୋଳନ ଡାକରା ଦେଇଥିଲେ। ଗୁରୁବାର ମହାବିଦ୍ୟାଳୟରେ ଛାତ୍ର ଅଶାନ୍ତି ଦେଖାଦେଇଥିଲା। ଛାତ୍ରୀଛାତ୍ରମାନେ ମହାବିଦ୍ୟାଳୟର ମୁଖ୍ୟ ଗେଟ ବନ୍ଦ କରି ଆନ୍ଦୋଳନ ଓ ବିକ୍ଷୋଭ କରିଥିଲେ। ପରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ.ଝରଣା ବେହେରା ଛାତ୍ରୀଛାତ୍ରମାନଙ୍କ ସହିତ ଆଲୋଚନା କରିବା ସହ ଉଚ୍ଚ ଶିକ୍ଷା ବିଭାଗକୁ ଅବଗତ କରିଥିଲେ। ବିଭାଗୀୟ ନିର୍ଦ୍ଦେଶ ମୁତାବକ ସମ୍ପୃକ୍ତ ଅଧ୍ୟାପକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଛାତ୍ରୀଛାତ୍ରମାନଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲା। ମାତ୍ର ଛାତ୍ରୀଛାତ୍ର ସମ୍ପୃକ୍ତ ଅଧ୍ୟାପକଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ତାଙ୍କୁ ମହାବିଦ୍ୟାଳୟରୁ ବହିଷ୍କାର କରିବାକୁ ଅଡ଼ି ବସିଥିଲେ। ପରେ ବାଧ ହୋଇ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ବାରିପଦା ଟାଉନ ଥାନାରେ ସମ୍ପୃକ୍ତ ଅଧ୍ୟାପକ ବିଦ୍ୟାଧର ଅଣ୍ଡିଆଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ଅଧ୍ୟାପକ ଅଣ୍ଡିଆଙ୍କୁ ଗିରଫ କରିଛି। ଅନ୍ୟପକ୍ଷେ ସମ୍ପୃକ୍ତ ଅଧ୍ୟାପକ ମହାବିଦ୍ୟାଳୟର ଯେଉଁ ବିଭାଗ ଦାୟିତ୍ୱରେ ଥିଲେ, ତାଙ୍କୁ ସେଠାରୁ ଅପସାରିତ କରାଯାଇଛି ବୋଲି ମହାବିଦ୍ୟାଳୟର ଅଧ୍ୟକ୍ଷା ଡ.ବେହେରା କହିଛନ୍ତି।

ଛାତ୍ରୀଙ୍କ ଅଭିଯୋଗ ମୁତାବକ ଗତ ୧୫ ତାରିଖରେ ମହାବିଦ୍ୟାଳୟର ଇଂଲିଶ ବିଭାଗର ଅଧ୍ୟାପକ ଆଣ୍ଡିଆ ସ୍ୱତନ୍ତ୍ର କ୍ଲାସ ନେବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ଡାକିଥିଲେ। ଛାତ୍ରୀ ଜଣକ ଠିକ୍ ସମୟରେ ପହଞ୍ଚିଥିବା ବେଳେ ଅନ୍ୟମାନେ ଆସିବା ବିଳମ୍ବ କରିଥିଲେ। ତାଙ୍କୁ ଏକୁଟିଆ ପାଇ ଅଧ୍ୟାପକ ଅସଦାଚରଣ କରିଥିଲେ। ଛାତ୍ରୀ ଜଣକ ସେଠାରୁ ଖସିଯାଇ ଘରେ ସମସ୍ତ କଥା ଜଣାଇଥିଲେ। ପରେ ତାଙ୍କ ବାପା ଓ ମା'ଙ୍କ ସହିତ କଲେଜ ଅଧ୍ୟକ୍ଷାଙ୍କ ନିକଟରେ ଅଭିଯୋଗ କରିଥିଲେ।



ମହାବିଦ୍ୟାଳୟ ଫାଟକ ସମ୍ମୁଖରେ ଛାତ୍ରୀଛାତ୍ରମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।



Wanted additional dealers for DIVYA SHAKTI Power Tillers and other agro implements from all Odisha Districts/Blocs. Marketing Staff also Required. Contact: 91-9007174231, 91-9830528042, Email: chiragcorp@gmail.com

ହେ ଭଗବାନ ! ସକଳ ଆଖିରୁ ଲୁହ ଶୁଖିଯାଉ। ସକଳ ବେଦନା ଦୂର ହୋଇଯାଉ। ସକଳ ଯନ୍ତ୍ରଣା ମିଳାଇ ଯାଉ। ସକଳ ହୃଦୟରେ ବିରାଜିତ ହେଉ ସ୍ଥିର ପ୍ରଶାନ୍ତି। ଏବଂ ସକଳ ମସ୍ତିଷ୍କ ସୁଦୃଢ ହୋଇଉଠୁ ଏକ ଶକ୍ତିଶାଳୀ ସଂଶୟ-ହୀନତାରେ।
-ଶ୍ରୀମା

# ଟୋକନ୍‌ର ସ୍ଥାନୀୟକରଣ କର

ଧାନ ଉତ୍ପାଦନରେ ଓଡ଼ିଶା ଏକ ବଳକା ରାଜ୍ୟ ଭାବେ ଜଣାଶୁଣା। ଅର୍ଥାତ୍ ଏଠାରେ ଯେତିକି ଧାନ ଅମଳ ହୁଏ, ତାହା ରାଜ୍ୟବାସୀ ବର୍ଷକ ଖାଇବା ପରେ ବି ଆହୁରି ବଳେ। ଯେବେଠାରୁ ଏହାକୁ ବିକେନ୍ଦ୍ରୀକୃତ ଖାଦ୍ୟଶସ୍ୟ ସଂଗ୍ରହ (ଡିଏସ୍‌ପି)ର ରାଜ୍ୟ ଭାବେ ଘୋଷଣା କରାଗଲା, ସେବେଠାରୁ ଅର୍ଥାତ୍ ୨୦୦୦ ଦଶକ ମଧ୍ୟଭାଗରୁ ଓଡ଼ିଶା ସିଧାସଳଖ ଚାଷୀଙ୍କଠାରୁ ଧାନ ସଂଗ୍ରହ କରିଆସୁଛି। ଓଡ଼ିଶା ରାଜ୍ୟ ଯୋଗାଣ ନିଗମ (ଓଏସ୍‌ସିଏସ୍‌ସି) ଧାନ ସଂଗ୍ରହର ନୋଡାଲ ଏଜେନ୍ସି ଭାବେ କାର୍ଯ୍ୟ କରିଆସୁଛି। ୨୦୦୪-୦୫ରେ ୫ରୁ ୬ ଲକ୍ଷ ଟନ୍ ସଂଗ୍ରହ ହେଉଥିବା ବେଳେ ଏବେ ସଂଗ୍ରହ ଲକ୍ଷ୍ୟ ପ୍ରାୟ ୬୫ ଲକ୍ଷ ଟନ୍‌କୁ ବୃଦ୍ଧି ପାଇଛି। ସେଥି ମଧ୍ୟରୁ କାର୍ଯ୍ୟତଃ ପ୍ରାୟ ୪୦ ଲକ୍ଷ ଟନ୍ ଧାନ ସଂଗ୍ରହ ହେଉଛି। ଧାନ ଚାଷ ଓଡ଼ିଶାର ପ୍ରାୟ ତିନିଚତୁର୍ଥାଂଶ ଲୋକଙ୍କର ମୁଖ୍ୟ ଜୀବିକା ହୋଇଥିବା ବେଳେ ଅଧିକାଂଶଙ୍କର ଧାନ ବିକ୍ରି ହେଉଛି ଆୟର ମୁଖ୍ୟ ଉତ୍ସ। ତେଣୁ ରାଜ୍ୟର ସାମଗ୍ରିକ ଅର୍ଥନୀତି ଉପରେ ଧାନ ସଂଗ୍ରହ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ତେବେ ପ୍ରତିବର୍ଷ ଧାନ ସଂଗ୍ରହରେ କିଛି ନା କିଛି ସମସ୍ୟା ଦେଖାଦେଇ ଆସୁଛି। ଏବେ କେନ୍ଦ୍ରୀକୃତ ଟୋକନ୍ ବ୍ୟବସ୍ଥାକୁ ନେଇ ପଶ୍ଚିମ ଓଡ଼ିଶାର ଚାଷୀ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଏହି ବ୍ୟବସ୍ଥା ଅନୁସାରେ ଧାନ ସଂଗ୍ରହର ୧୫ ଦିନ ପୂର୍ବରୁ ଚାଷୀଙ୍କୁ ଟୋକନ୍ ଦିଆଯିବ। ଚାଷୀଙ୍କ ପଞ୍ଜୀକୃତ ମୋବାଇଲ ଫୋନ୍ ଜରିଆରେ ତାଙ୍କୁ ଧାନ ସଂଗ୍ରହର ତାରିଖ ଓ ଧାନ ବିକ୍ରିର ପରିମାଣ ବିଷୟରେ ସୂଚନା ଦିଆଯିବ। ଚାଷୀ ଯେଉଁ ଅଞ୍ଚଳର ହୋଇଥାନ୍ତୁ ନା କାହିଁକି ଭୁବନେଶ୍ୱରର କେନ୍ଦ୍ରୀକୃତ ବ୍ୟବସ୍ଥାରେ ତାଙ୍କୁ ନାମ ପଞ୍ଜୀକରଣ କରିବାକୁ ହେବ।

ଏଭଳି ବ୍ୟବସ୍ଥା ତ୍ରୁଟିପୂର୍ଣ୍ଣ। ଏବେ ଦେଖାଯାଉଛି ଯେଉଁ ଚାଷୀ ଧାନଭର୍ତ୍ତି ଟ୍ରାକ୍ଟର ନେଇ ମଣ୍ଡିକୁ ଯାଉଛନ୍ତି, ତାଙ୍କୁ ଦିନ ଦିନ ଧରି ଅପେକ୍ଷା କରିବାକୁ କୁହାଯାଉଛି, କାରଣ ତାଙ୍କ ପାଖରେ ଟୋକନ୍ ନାହିଁ କିମ୍ବା ଟୋକନ୍ କେତେବେଳେ ମିଳିବ ଏ ବିଷୟରେ ତାଙ୍କର କିଛି ଧାରଣା ନାହିଁ। ପୁଣି ନିଜେ ଧାନ ଅମଳ କରି ନ ଥିବା ଚାଷୀଙ୍କୁ ଟୋକନ୍ ଦିଆଯାଇଥିବା ଦେଖାଯାଉଛି। ଧାନ ମଣ୍ଡିରେ ଦୀର୍ଘ ସମୟ ଅପେକ୍ଷା କରିବା ଦ୍ୱାରା ଚାଷୀମାନଙ୍କର ଶ୍ରମ ଦିବସ ନଷ୍ଟ ହେବା ସହ ସେମାନଙ୍କୁ ଗାଡ଼ିଭଡ଼ା ବାବଦ ଅଧିକ ବ୍ୟୟ କରିବାକୁ ପଡୁଛି। ତେଣୁ ସେମାନେ ଏ ଟୋକନ୍ ବ୍ୟବସ୍ଥାକୁ ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ଦାବି କରୁଛନ୍ତି। ସବୁଠୁ ଅଧିକ ଧାନ ଅମଳ କରୁଥିବା ପଶ୍ଚିମ ଓଡ଼ିଶାର ଚାଷୀମାନେ ଏ ନିୟମ ବିରୋଧରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ବୁଧବାର ସମ୍ବଲପୁରରେ ସ୍ଥାନୀୟ ବିଧାୟକଙ୍କ ଘର ଆଗରେ ଧାନବସ୍ତା କୁଢ଼ାଇ ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନେ ବରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ମଧ୍ୟ ଅନୁରୂପ ବିକ୍ଷୋଭ ପ୍ରଦର୍ଶନ କରି କାର୍ଯ୍ୟାଳୟକୁ ଘେରାଉ କରିଛନ୍ତି। ଗୁରୁବାର ସେମାନଙ୍କ ଆନ୍ଦୋଳନ ଅଧିକ ତେଜିଉଠିଛି। ଏହି ଟୋକନ୍ ବ୍ୟବସ୍ଥାରେ ଯେଉଁ ଅବ୍ୟବସ୍ଥା ଦେଖାଦେଇଛି ତାହାକୁ ନେଇ ବିରୋଧୀ ଦଳ ମଧ୍ୟ ସରକାରଙ୍କୁ ଘେରିଛନ୍ତି। ଚଳିତବର୍ଷ ପ୍ରଥମ ଥର ପାଇଁ ଯେଉଁ କେନ୍ଦ୍ରୀକୃତ ଟୋକନ୍ ବ୍ୟବସ୍ଥା ଆରମ୍ଭ କରାଯାଇଛି, ତା'ର ସମୀକ୍ଷା କରାଯିବା ଉଚିତ କାରଣ ତାହା ଉଦ୍ଦେଶ୍ୟ ପୂରଣରେ ବିଫଳ ହୋଇଛି। ପୂର୍ବରୁ ପ୍ରକ୍ରିୟା ବିକେନ୍ଦ୍ରୀକୃତ ଭାବେ ଚାଲିଥିଲା। ପ୍ରାଥମିକ କୃଷି ସମବାୟ ସମିତି ଓ ମଣ୍ଡିଗୁଡ଼ିକୁ ଟୋକନ୍ ପ୍ରଦାନର ଅଧିକାର ଦିଆଯାଇଥିଲା। ପୂର୍ବରୁ ପ୍ୟାକ୍ସଗୁଡ଼ିକ ସ୍ଥାନୀୟ ସଂସ୍ଥା ହୋଇଥିବାରୁ ଲୋକମାନେ ଯେତେବେଳେ ଚାହିଁଲେ ସୁବିଧାରେ ଟୋକନ୍ ସଂଗ୍ରହ କରିପାରୁଥିଲେ। ବର୍ତ୍ତମାନ ଏ ନୂତନ ବ୍ୟବସ୍ଥା ମୂଳରୁ ତ୍ରୁଟିଯୁକ୍ତ କାରଣ ଭୁବନେଶ୍ୱରରେ ବସିଥିବା ଲୋକ କେମିତି ଜାଣିବ ବରଗଡ଼ ଜିଲାର ଗୋଟିଏ ଗାଁର ଚାଷୀ କେତେବେଳେ ଧାନ ଅମଳ କରିବ ଓ କେତେବେଳେ ବିକିବାକୁ ଆସିବ। ପୁନଶ୍ଚ ଧାନ ଅମଳ ପରିମାଣ ଓ ଗୁଣବତ୍ତା ରାଜ୍ୟର ବିଭିନ୍ନ ସ୍ଥାନରେ ଅଲଗା ଅଲଗା। ତେଣୁ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ନିଷ୍ପତ୍ତି ନେବାର କ୍ଷମତା ଦିଆଯିବା ଏବେ ଜରୁରୀ ହୋଇପଡ଼ିଛି। କେନ୍ଦ୍ରୀକୃତ ବ୍ୟବସ୍ଥା ସମଗ୍ର ପ୍ରକ୍ରିୟାକୁ ମନ୍ଥର କରିଦେଉଛି। ଟୋକନ୍ ପାଇଁ ଅପେକ୍ଷା କରି କରି କୃଷକଙ୍କୁ ଧାନଗାଡ଼ି ଧରି ଏ ଶୀତକାକରରେ ମଣ୍ଡିରେ ଦିନ ସାରା ଓ ରାତି ତମାମ ଅପେକ୍ଷା କରିବାକୁ ପଡୁଛି। ଯେତେଶୀଘ୍ର ସମ୍ଭବ ମଣ୍ଡିରେ ଧାନ ବିକି ଘରକୁ ଫେରିବାକୁ ଚାହୁଁଥିବା କୃଷକମାନେ ଘଣ୍ଟା ଘଣ୍ଟା ଅପେକ୍ଷା କରି ବିରକ୍ତ ହୋଇପଡ଼ିବା ସ୍ୱାଭାବିକ। ଏଭଳି ବିଳମ୍ବିତ ପ୍ରକ୍ରିୟାରେ ସେମାନେ ଅଭାବୀ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି।

ଛତିଶଗଡ଼ରେ ଅଧିକ ସର୍ବନିମ୍ନ ସହାୟକ ମୂଲ୍ୟ (କୁଇଣ୍ଟାଲ ପିଛା ୨୫୦୦ ଟଙ୍କା)ରେ ଧାନ ବିକ୍ରି ହେଉଥିବାରୁ ଏବଂ ସେଠାରେ ନଭେମ୍ବର ୧୫ରୁ ଧାନ ସଂଗ୍ରହ ଆରମ୍ଭ ହୋଇଥିବାରୁ ବେପାରୀମାନେ ପଶ୍ଚିମ ଓଡ଼ିଶାରୁ ଶସ୍ତାରେ ଧାନ କିଣି ସେଠାରେ ଅଧିକ ଦାମ୍‌ରେ ବିକ୍ରି କରି ବେଶ୍ ଅଧିକ ଲାଭ କରିବାକୁ ପ୍ରଲୋଭିତ ହେଉଥିବା ଦେଖାଯାଉଛି। ମଙ୍ଗଳବାର ଛତିଶଗଡ଼ ସରକାର ଓଡ଼ିଶା ସୀମାନ୍ତ ମହାସମୁନ୍ଦ ଜିଲାରୁ ୪,୧୩୩ କୁଇଣ୍ଟାଲ ଧାନ ଜବତ କରିଥିବା ଜଣାପଡ଼ିଛି। ପଡ଼ୋଶୀ ରାଜ୍ୟରେ ଅଧିକ ଏମ୍‌ଏସ୍‌ପି ମିଳୁଥିବାରୁ ତାହା ସବୁବେଳେ ବେପାରୀ ଓ ଦଲାଲମାନଙ୍କୁ ଆକୃଷ୍ଟ କରିଥାଏ ଓଡ଼ିଶାରୁ ଶସ୍ତାରେ ଧାନ କିଣି ଛତିଶଗଡ଼ରେ ବିକ୍ରି କରିବାକୁ। ଏବେ ଉକ୍ତ କେନ୍ଦ୍ରୀକୃତ ଟୋକନ୍ ବ୍ୟବସ୍ଥା ବେପାରୀ ଓ ଦଲାଲମାନଙ୍କୁ ଏପରି କରିବାକୁ ଉତ୍ସାହିତ କରିବା ସହ ଓଡ଼ିଶାର ଚାଷୀମାନଙ୍କୁ ଅଭାବୀ ବିକ୍ରି ପାଇଁ ବାଧ୍ୟ କରୁଛି। ତେଣୁ ବର୍ତ୍ତମାନ ରାଜ୍ୟ ସରକାର ରାଜ୍ୟରେ ଚାଷୀଙ୍କ ଅଭାବୀ ବିକ୍ରି ବନ୍ଦ କରିବା ପାଇଁ ଉକ୍ତ କେନ୍ଦ୍ରୀକୃତ ଟୋକନ୍ ବ୍ୟବସ୍ଥା ବନ୍ଦ କରି ତାହାର ସ୍ଥାନୀୟକରଣ କରିବା ଜରୁରୀ ହୋଇପଡ଼ିଛି।

## ଆଜିର ଅର୍ଥନୀତି

# ଅସମୟରେ ଇଲେକ୍ଟୋରାଲ ବଣ୍ଡ ବିକ୍ରିକୁ ଅନୁମତି



ନୀତୀନ ସେଠୀ

ଜାନୁୟାରୀ ୨, ୨୦୧୮ରେ ଭାଜପା ସରକାର ବିବାଦୀୟ ଇଲେକ୍ଟୋରାଲ ବଣ୍ଡର ନିୟମକାନୁନ ସମ୍ପର୍କରେ ବିଜ୍ଞପ୍ତି ଜାରି କରିଥିଲେ। ତା'ପରେ ଅଚିରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ଉକ୍ତ ବଣ୍ଡଗୁଡ଼ିକର ବେଆଇନ ବିକ୍ରିକୁ ଅନୁମତି ଦେବା ପାଇଁ ସେହି ନିୟମ ଭାଙ୍ଗିବାକୁ ଆଦେଶ ଦେଇଥିଲେ। ପ୍ରଥମେ ଏହାକୁ ଏକ ବ୍ୟତିକ୍ରମ ଭାବେ ଯୁକ୍ତିଯୁକ୍ତ ଦର୍ଶାଇ ପରେ ଅଭ୍ୟାସରେ ପରିଣତ କରାଗଲା। ଭାରତୀୟ ରିଜର୍ଭ ବ୍ୟାଙ୍କ, ନିର୍ବାଚନ କମିଶନ ଓ କେତେକ ବିରୋଧୀ ଦଳର ବିରୋଧ ସତ୍ତ୍ୱେ ଇଲେକ୍ଟୋରାଲ ବଣ୍ଡ ଯୋଜନାକୁ କାର୍ଯ୍ୟକାରୀ କରାଗଲା। ଏହାଦ୍ୱାରା ବଡ଼ ବଡ଼ ଦେଶୀ ବିଦେଶୀ ବ୍ୟବସାୟିକ ସଂସ୍ଥା ପକ୍ଷରୁ ବେନାମୀ ଅସୀମିତ ରାଜନୈତିକ ଦାନ ଗ୍ରହଣର ପଥ ସୁଗମ କରାଗଲା।

ପ୍ରଥମେ ତତ୍କାଳୀନ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ତାଙ୍କ ୨୦୧୭ ବଜେଟ ଅଭିଭାଷଣରେ ଇଲେକ୍ଟୋରାଲ ବଣ୍ଡ ସମ୍ବନ୍ଧରେ ଘୋଷଣା କଲେ। ପ୍ରସ୍ତାବ ଅନୁସାରେ ଦାତାମାନେ ନିଜର ନାମ ଓ ଦାନର ଉତ୍ସ ଗୋପନ ରଖିବେ ଏବଂ ରାଜନୈତିକ ଦଳଗୁଡ଼ିକ ମଧ୍ୟ କାହାଠାରୁ ଦାନ ପାଇଲେ ତାହା ପ୍ରକାଶ କରିବେ ନାହିଁ। ତା'ପରେ ସେହି ସମୟରେ ଆଉ ଏକ ପରିବର୍ତ୍ତନ କରାଗଲା ଯେଉଁଥିରେ ଦାନ ପରିମାଣର ସୀମାକୁ ଉଠାଇ ଦିଆଗଲା। ଅର୍ଥାତ୍ କର୍ପୋରେଟ୍‌ଗୁଡ଼ିକ ନିଜ ପସନ୍ଦର ରାଜନୈତିକ ଦଳଗୁଡ଼ିକୁ ମନଇଚ୍ଛା ଦାନ କରିପାରିବେ। ଶେଷକୁ ୨୦୧୮ ଜାନୁୟାରୀ, ଏପ୍ରିଲ, ଜୁଲାଇ ଓ ଅକ୍ଟୋବରରେ ସରକାର ୪ଟି ୧୦-ଦିନିଆ ୱିଣ୍ଡୋ ଖୋଲିବାର ବ୍ୟବସ୍ଥା କଲେ, ଯାହା ମାଧ୍ୟମରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ଦାତାମାନଙ୍କୁ ବଣ୍ଡ ବିକ୍ରି କରିପାରିବ। ଯେଉଁ ବର୍ଷ ସାଧାରଣ ନିର୍ବାଚନ ହେବାର ଥିବ, ସେ ବର୍ଷ ଅତିରିକ୍ତ ୩୦ ଦିନ ବଣ୍ଡ ବିକ୍ରି କରିବା ପାଇଁ ମଧ୍ୟ ନିୟମ ରହିଲା। କିନ୍ତୁ ଗୁରୁତ୍ୱପୂର୍ଣ୍ଣ ବିଧାନସଭା ନିର୍ବାଚନ ସମୟରେ ପିଏମ୍‌ଓ ଅର୍ଥ ମନ୍ତ୍ରଣାଳୟକୁ ନିଜ ନିୟମ ଭାଙ୍ଗିବା ପାଇଁ କହିଥିବା ସ୍ୱଚ୍ଛତା କର୍ମୀ କମୋଡୋର ଲୋକେଶ ବାତ୍ରା ଆର୍‌ଟିଆଇ ଆବେଦନ ମାଧ୍ୟମରେ ପାଇଥିବା ଅପ୍ରକାଶିତ ସରକାରୀ ଦଲିଲରୁ ଜଣାପଡ଼ିଛି। ଉକ୍ତ ବିଧାନସଭା ନିର୍ବାଚନଗୁଡ଼ିକ ହେଉଛି- କର୍ଣ୍ଣାଟକ, ଛତିଶଗଡ଼, ମଧ୍ୟପ୍ରଦେଶ, ମିଜୋରାମ, ରାଜସ୍ଥାନ ଓ ତେଲେଙ୍ଗାନା। ମୋଦି ସରକାରଙ୍କ ପ୍ରଥମ ପାଳିର ଶେଷ ପର୍ଯ୍ୟାୟରେ ଏହି ନିର୍ବାଚନଗୁଡ଼ିକ ଥିଲା।

୨୦୧୮ ମାର୍ଚ୍ଚରେ ଇଲେକ୍ଟୋରାଲ ବଣ୍ଡ ବିକ୍ରିର ପ୍ରଥମ ଦଫାରେ ଭାରତୀୟ ଜନତା ଦଳ (ଭାଜପା) ପାଇଥିଲା ସମସ୍ତ ରାଜନୈତିକ ଦାନର ସିଂହଭାଗ ୯୫ ପ୍ରତିଶତ। ଦଳର ବାର୍ଷିକ ରିପୋର୍ଟରୁ ଏହା ଜଣାପଡ଼ିଛି। ଇଲେକ୍ଟୋରାଲ ବଣ୍ଡ ମାଧ୍ୟମରେ ରାଜନୈତିକ ଦାନ ଗ୍ରହଣ କରିବା ପାଇଁ ଅତିରିକ୍ତ ୱିଣ୍ଡୋ ଖୋଲିବା ଲାଗି ପିଏମ୍‌ଓର ହସ୍ତକ୍ଷେପ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାରଣ ମନି ଲଣ୍ଡରିଂକୁ ରୋକିବା ହିଁ ଥିଲା ସୀମିତ ବିକ୍ରି ଅବଧିର ଉଦ୍ଦେଶ୍ୟ। ହଫ୍‌ପୋଷ୍ଟ ଇଣ୍ଡିଆର ରିପୋର୍ଟ ଅନୁସାରେ ବଣ୍ଡ ବର୍ଷକୁ ମାତ୍ର ଦୁଇଥର ସ୍ୱଳ୍ପ ଅବଧି ପାଇଁ ବିକ୍ରି କରିବା ଲାଗି ଆର୍‌ବିଆଇ ପରାମର୍ଶ ଦେଇଥିଲା। ପ୍ରଥମ ସୁଯୋଗରେ ହିଁ ବଣ୍ଡ ବିକ୍ରିର ନିୟମ ଭଙ୍ଗାଯାଇଥିଲା। ଏପ୍ରିଲ ୨୦୧୮ରେ ଏସ୍‌ବିଆଇ ପ୍ରଥମ ଦଫା ବଣ୍ଡ ବିକ୍ରି କରିବା କଥା। କିନ୍ତୁ ମାସକ ପୂର୍ବରୁ ମାର୍ଚ୍ଚ ୨୦୧୮ରେ ତାହା କରାଯାଇଥିଲା। ଏଥିରେ ମିଳିଥିବା ୨୨୨ କୋଟି ଟଙ୍କାରୁ ଭାଜପା ପାଇଥିଲା ୯୫%। ତା' ପରମାସରେ ବଣ୍ଡ ବିକ୍ରି ପାଇଁ ଏସ୍‌ବିଆଇ ଆଉ ଏକ ୱିଣ୍ଡୋ ଖୋଲିଥିଲା। ଏଥିରେ ୧୧୪.୯୦ କୋଟି ଟଙ୍କାର ବଣ୍ଡ କ୍ରୟ କରାଯାଇ ରାଜନୈତିକ ଦଳଗୁଡ଼ିକୁ ଦାନ କରାଯାଇଥିଲେ ମଧ୍ୟ ସରକାର ଏଥିରେ ସନ୍ତୁଷ୍ଟ ହୋଇ ନ ଥିଲେ। ୨୦୧୮ ମେ'ରେ କର୍ଣ୍ଣାଟକ ବିଧାନସଭା ନିର୍ବାଚନ ଥିବାବେଳେ ପିଏମ୍‌ଓ ଅର୍ଥ ମନ୍ତ୍ରଣାଳୟକୁ ଆଉ ଏକ ସ୍ୱତନ୍ତ୍ର ୱିଣ୍ଡୋ ୧୦ ଦିନ ପାଇଁ ଖୋଲିବାକୁ ଆଦେଶ ଦେଇଥିଲା। ଗୁରୁତ୍ୱପୂର୍ଣ୍ଣ ବିଧାନ ସଭା ନିର୍ବାଚନକୁ ଲକ୍ଷ୍ୟରେ ରଖି ଏହା କରାଯାଇଥିବା ନେଇ ଅର୍ଥ ମନ୍ତ୍ରଣାଳୟର ଜଣେ ଅଫିସରଙ୍କ ନୋଟ୍‌ରୁ ଜଣାପଡ଼ିଛି।

ବର୍ତ୍ତମାନର ନିୟମରେ ଏ ବ୍ୟବସ୍ଥା ନାହିଁ। ଜାନୁୟାରୀ ୨, ୨୦୧୮ରେ ଇସ୍ୟୁ କରାଯାଇଥିବା ଇଲେକ୍ଟୋରାଲ ବଣ୍ଡ ସମ୍ପର୍କିତ ବିଜ୍ଞପ୍ତିର ପାରା ୮(୦୨)ରେ ଅଛି: କେବଳ ଲୋକ ସଭା ନିର୍ବାଚନ ସମୟରେ ଅତିରିକ୍ତ ୱିଣ୍ଡୋ ଖୋଲାଯାଇ ପାରିବ, କୌଣସି ବିଧାନ ସଭା ନିର୍ବାଚନ ସମୟରେ ନୁହେଁ। ଇଲେକ୍ଟୋରାଲ ବଣ୍ଡ ଯୋଜନା କଥା ବୁଝୁଥିବା ଅର୍ଥ ବ୍ୟାପାର ବିଭାଗ ଉପନିର୍ଦ୍ଦେଶକ ବିଜୟ କୁମାର ୨୦୧୮ ଏପ୍ରିଲ ୩ରେ ଏକ ଆଭ୍ୟନ୍ତରୀଣ ଫାଇଲରେ ଏହା ଉଲ୍ଲେଖ କରିଛନ୍ତି। ସେ ଲେଖିଛନ୍ତି ଯେ, ସମସ୍ୟା ସମ୍ଭବତଃ ପିଏମ୍‌ଓରେ ନୁହେଁ, ନିୟମରେ ଅଛି, ତେଣୁ ନିୟମ ବଦଳାଯିବା ଉଚିତ। ସେ ଲେଖିଛନ୍ତି ଯେ, ନିୟମ ପ୍ରସ୍ତୁତ କରିବା ସମୟରେ ନିୟମ ଲେଖିବାବାଲାର ଉଦ୍ଦେଶ୍ୟ ସେଥିରେ ପ୍ରତିଫଳିତ ହୋଇ ନାହିଁ। କାରଣ ରାଜନୈତିକ ଦାନ ସବୁବେଳେ ଉଭୟ ଲୋକ ସଭା ଓ ବିଧାନ ସଭା ନିର୍ବାଚନରେ ବ୍ୟବହାର ପାଇଁ ଉଦ୍ଦିଷ୍ଟ। ଅନିଚ୍ଛାକୃତ ଭାବେ ନିୟମର ଡ୍ରାଫ୍ଟ ପ୍ରସ୍ତୁତ କଲାବେଳେ ସେଥିରେ ବିଧାନ ସଭା ନିର୍ବାଚନ କଥା ଲେଖାଯାଇପାରି ନାହିଁ। ତେଣୁ ତା'ର ସଂଶୋଧନ ହେବା ଉଚିତ। କିନ୍ତୁ ଅର୍ଥ ବ୍ୟାପାର ସଚିବ ଏସ୍.ସି. ଗର୍ଗ ତାଙ୍କର ଏହି ଯୁକ୍ତିକୁ ଗ୍ରହଣ କରି ନ ଥିଲେ। ଏପ୍ରିଲ ୪, ୨୦୧୮ରେ ସେ ଲେଖିଛନ୍ତି ଯେ ଉକ୍ତ ସ୍ୱତନ୍ତ୍ର ୱିଣ୍ଡୋ କେବଳ ଲୋକ ସଭା ନିର୍ବାଚନ ପାଇଁ ଉଦ୍ଦିଷ୍ଟ। ଯଦି ବିଧାନ ସଭା ନିର୍ବାଚନରେ ତାହା ଖୋଲିବା ତେବେ ବର୍ଷକ ଭିତରେ ଅନେକ ସ୍ୱତନ୍ତ୍ର ୱିଣ୍ଡୋ ଖୋଲା ହୋଇଯିବ। ତା'ର ଏକ ସପ୍ତାହ ପରେ ଏପ୍ରିଲ ୧୧, ୨୦୧୮ରେ ପିଏମ୍‌ଓ ନିୟମ ବିରୋଧରେ କାର୍ଯ୍ୟ କରିବାକୁ ଚାହୁଁଥିବା ଦର୍ଶାଇଥିଲେ। ସେ ଏ ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କ ପାଖକୁ ଲେଖିଲେ। ପ୍ରଥମ ଥର ପାଇଁ ଜଣେ କେହି ଅଧିକାରୀ ପିଏମ୍‌ଓର ନିର୍ଦ୍ଦେଶ ବିରୋଧରେ ଲିଖିତ ଆକାରରେ ଉପରିସ୍ଥ ଅଧିକାରୀଙ୍କୁ ଦେବାକୁ ସାହସ କଲେ। ଭାରତୀୟ ଅମଲାତାନ୍ତ୍ରିକ ବ୍ୟବସ୍ଥାରେ ସ୍ୱୟଂ ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶରେ କିଛି କରାଗଲେ ମଧ୍ୟ ତାହା ପିଏମ୍‌ଓ ନିର୍ଦ୍ଦେଶରେ କରାଗଲା ବୋଲି ଲେଖାଯାଏ। ତେବେ ଗର୍ଗ ଖୁବ୍ ଶୀଘ୍ର ଘରାରେ ପଡ଼ିଗଲେ ଓ ନିଜର ସ୍ଥିତି ବଦଳାଇଦେଲେ। ଏପ୍ରିଲ ୧୧ରେ ସେ ନିଜେ ଅର୍ଥମନ୍ତ୍ରୀ ଜେଟ୍‌ଲୀଙ୍କ ପାଖକୁ ଲେଖିଲେ ଯେ ସାଧାରଣ ନିର୍ବାଚନ ନ ଥିଲା ବେଳେ ବର୍ଷରେ ଚାରିଥର ଇଲେକ୍ଟୋରାଲ ବଣ୍ଡ ବିକ୍ରି ପାଇଁ ଅନୁମତି ଦିଆଯାଇଛି। ଆବଶ୍ୟକତାକୁ ଚାହିଁ ୨୦୧୮ ମେ ୧ରୁ ୧୦ ଭିତରେ ଏକ ବ୍ୟତିକ୍ରମ ଭାବରେ ଆମେ ଅତିରିକ୍ତ ୱିଣ୍ଡୋ ଖୋଲିପାରିବା ବୋଲି ଗର୍ଗ ପ୍ରସ୍ତାବ ଦେଇଥିଲେ। ସେହି ଆବଶ୍ୟକତାଟା କ'ଣ ବୋଲି ଗର୍ଗ ସ୍ପଷ୍ଟ କରି ନ ଥିଲେ ମଧ୍ୟ ଜେଟ୍‌ଲୀ ଏକ ବ୍ୟତିକ୍ରମ ଭାବରେ ଆଦେଶନାମାରେ ସ୍ୱାକ୍ଷର କରିଥିଲେ। ଅର୍ଥ ମନ୍ତ୍ରଣାଳୟ ଏକ ଫାଇଲରେ ଦାବି କରିଛି ଯେ କର୍ଣ୍ଣାଟକ ନିର୍ବାଚନର ଅବ୍ୟବହିତ ପୂର୍ବରୁ ପିଏମ୍‌ଓର ନିର୍ଦ୍ଦେଶରେ ଏକ ବ୍ୟତିକ୍ରମ ଭାବେ ଉକ୍ତ ବେଆଇନ ବଣ୍ଡ ବିକ୍ରିକୁ ଅନୁମତି ଦିଆଯାଇଛି। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ହଫ୍‌ପୋଷ୍ଟକୁ ଆସନ୍ତା ବର୍ଷର ବଜେଟ ପ୍ରସ୍ତୁତି ଚାଲିଥିବାରୁ ନିର୍ଦ୍ଦିଷ୍ଟ ପ୍ରଶ୍ନର ସବିଶେଷ ଉତ୍ତର ଦିଆଯାଇ ପାରିବ ନାହିଁ ଏବଂ ଯାହା କରାଯାଇଛି ଜନସ୍ୱାର୍ଥରେ ସରଳ ବିଶ୍ୱାସରେ କରାଯାଇଛି ବୋଲି କୁହାଯାଇଥିବା ବେଳେ ପିଏମ୍‌ଓ ପକ୍ଷରୁ କୌଣସି ଉତ୍ତର ଦିଆଯାଇ ନାହିଁ। (ସୌଜନ୍ୟ: ହଫିଂଟନପୋଷ୍ଟ)

# ଅଯୋଧ୍ୟା: ନାମ ହିଁ ଯଥେଷ୍ଟ



ସୟଦ୍ ସଫିର୍ ଅଲି

ଭାରତବର୍ଷର ସବୁଠାରୁ ଅଧିକ ସମୟ ଚର୍ଚ୍ଚିତ ଆନ୍ଦୋଳନର ନାମ ଥିଲା ରାମ ମନ୍ଦିର ଏବଂ ୯ ନଭେମ୍ବର ୨୦୧୯ରେ ଏହାର ପରିସମାପ୍ତି ଘଟିଲା କହିଲେ ଅତ୍ୟୁକ୍ତି ହେବ ନାହିଁ। ବାବ୍ରୀ ମସ୍‌ଜିଦ, ରାମ ମନ୍ଦିର ବିବାଦ କେବେଠାରୁ ଆରମ୍ଭହେଲା ତାହାର ଠିକ୍ ଉତ୍ତର ହୁଏ ତ ଦେବା ଅସମ୍ଭବ। ଏହା ଆଲୋଚନା କରିବା ପୂର୍ବରୁ ଆସନ୍ତୁ ପ୍ରଥମେ ଅଯୋଧ୍ୟାକୁ ଜାଣିବା।

୭୫ଟି ଜିଲା ଥିବା ଭାରତର ସବୁଠାରୁ ବୃହତ୍ତମ ରାଜ୍ୟ ଉତ୍ତରପ୍ରଦେଶର ଅଯୋଧ୍ୟା ହେଉଛି ଅନ୍ୟତମ ଜିଲା। ପୂର୍ବରୁ ଏହା ଫୈଜାବାଦ ଭାବରେ ନାମିତ ଥିଲା। ଇତିହାସ କହେ ୧୭୩୦ ଖ୍ରୀଷ୍ଟାବ୍ଦରେ ବଙ୍ଗଳାର ନୱାବ ଅଲି ୱର୍ଦ୍ଦି ଖାଁ ଏହାକୁ ପ୍ରତିଷ୍ଠା କରିଥିଲେ। ଯୋଗୀ ଆଦିତ୍ୟନାଥ ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ହେବା ପରେ ୬ ନଭେମ୍ବର ୨୦୧୮ରେ ଏହି ଜିଲାକୁ ଫୈଜାବାଦରୁ ଅଯୋଧ୍ୟାକୁ ନାମ ପରିବର୍ତ୍ତନ କରିଛନ୍ତି। ଫୈଜାବାଦ ନାମରେ ଏବେ କେବଳ ଏକ ସହର ଏହି ଅଯୋଧ୍ୟା ଜିଲା ମଧ୍ୟରେ ରହିଛି ଏବଂ ଅଯୋଧ୍ୟା ନାମକ ସହରଟି ମଧ୍ୟ ଏହି ଜିଲା ଅନ୍ତର୍ଭୁକ୍ତ ରହିଛି। ଅଯୋଧ୍ୟା ଜିଲାରେ ହିନ୍ଦୁ ଓ ମୁସଲମାନ ସଂଖ୍ୟାର ଅନୁପାତ ସଂଯୋଗବଶତଃ ସମଗ୍ର ଭାରତବର୍ଷର ହିନ୍ଦୁ ଓ ମୁସଲମାନ ସଂଖ୍ୟାର ଅନୁପାତର ପ୍ରାୟ ପାଖାପାଖି ରହିଛି। ସମଗ୍ର ଭାରତରେ ଶତକଡ଼ା ୭୯.୮ ହିନ୍ଦୁ ଓ ୧୪.୨ ମୁସଲମାନ ହୋଇଥିବା ସ୍ଥଳେ, ଅଯୋଧ୍ୟା ଜିଲାରେ ଶତକଡ଼ା ୮୪.୭୫ ହିନ୍ଦୁ ଏବଂ ୧୪.୮ ମୁସଲମାନ ରହିଛନ୍ତି। ଅବଶ୍ୟ ଅଯୋଧ୍ୟା ସହରରେ ହିନ୍ଦୁ ସଂଖ୍ୟା ଶତକଡ଼ା ୯୩.୨୩ ହୋଇଥିବା ବେଳେ ମୁସଲମାନଙ୍କ ସଂଖ୍ୟା ୬.୧୯ ଭାଗ। ଉତ୍ତରପ୍ରଦେଶର ରାଜଧାନୀ ଲକ୍ଷ୍ନୌଠାରୁ ପ୍ରାୟ ୧୩୦ କି.ମି. ପଶ୍ଚିମକୁ ସରଯୁ ନଦୀ କୂଳରେ ଅଯୋଧ୍ୟା ସହର ଅବସ୍ଥିତ। ଏହା ମଧ୍ୟ ଅଯୋଧ୍ୟା ଜିଲାର ସଦରମହକୁମା। ବିଭିନ୍ନ ସମୟରେ ଏହା ବିଭିନ୍ନ ନାମରେ ମଧ୍ୟ ପରିଚିତ, ଯଥା- ସାକେତ୍, ଅବଧ ଓ ଅବଧପୁରୀ। ପ୍ରାଚୀନ ଯୁଗରେ କୋଶଳର ରାଜଧାନୀ ଭାବରେ ମଧ୍ୟ ପରିଚିତ ଥିଲା। ହିନ୍ଦୁମାନଙ୍କ ଧର୍ମବିଶ୍ୱାସ ଅନୁଯାୟୀ, ଏହି ସ୍ଥାନରେ ପୁରୁଷୋତ୍ତମ ଶ୍ରୀରାମ ଜନ୍ମଗ୍ରହଣ କରିଥିଲେ ଏବଂ ସପ୍ତତୀର୍ଥ ସ୍ଥାନ ମଧ୍ୟରେ ପ୍ରଥମ ତୀର୍ଥସ୍ଥାନ ବୋଲି ଏହାକୁ ଗଣାଯାଏ।

ଇତିହାସ ଅନୁଯାୟୀ ୧୫୨୬ ଖ୍ରୀଷ୍ଟାବ୍ଦରେ ମୋଗଲ ସମ୍ରାଟ ବାବର ଭାରତରେ ମୋଗଲ ସାମ୍ରାଜ୍ୟର ଭିତ୍ତି ସ୍ଥାପନ କରିଥିଲେ। ମୋଗଲ ସାମ୍ରାଜ୍ୟ ପ୍ରତିଷ୍ଠା ହେବାର ଦୁଇ ବର୍ଷ ପରେ ୧୫୨୮ ଖ୍ରୀଷ୍ଟାବ୍ଦରେ ବାବର ଏକ ମସ୍‌ଜିଦ ନିର୍ମାଣ କରାଇଥିଲେ, ଯାହାକି ବାବ୍ରୀ ମସ୍‌ଜିଦ ନାମରେ ନାମିତ। ପାଖାପାଖି ଦୁଇଶହ ବର୍ଷ ପରେ ୧୭୧୭ ଖ୍ରୀଷ୍ଟାବ୍ଦରେ ତତ୍କାଳୀନ ରାଜସ୍ଥାନ ରାଜପୁତ୍ ଜୟସିଂହ ଦ୍ୱିତୀୟ ସମଗ୍ର ପରିସରକୁ ନିଜ ଆୟତ୍ତକୁ ନେଇ ଯାଇଥିଲେ ଏବଂ ପୁରୁଷୋତ୍ତମ ରାମଙ୍କ ଅନ୍ତୁଡ଼ିଶାଳ ଓ ପୂଜାପଦ୍ଧତି ଅନ୍ୟାନ୍ୟ ପରିବେଶ ଥିବାର ଦାବି କରିଥିଲେ। ଏହାର ସତ୍ୟାସତ୍ୟ ଉନ୍ମୋଚନ କରିବା ପାଇଁ ପ୍ରାୟ ଅର୍ଦ୍ଧଶତାବ୍ଦୀ ପରେ ଜୋଶେଫ୍ ଟିଫେନ୍ଥାଲର୍ ନାମକ ଜଣେ ଖ୍ରୀଷ୍ଟିଆନ ପାଦ୍ରି କେତେକ ତଥ୍ୟ ଉପସ୍ଥାପନ କରିଥିଲେ। ଏହି ସମୟରେ ଇଷ୍ଟ ଇଣ୍ଡିଆ କମ୍ପାନୀ ଭାରତରେ ତାହାର ବ୍ୟବସାୟ ବିସ୍ତାର କରି ସାରିଥିଲା। ୧୮୧୩ ମସିହାରେ ଇଷ୍ଟ ଇଣ୍ଡିଆ କମ୍ପାନୀର ଜଣେ ସର୍ବେକ୍ଷକ ଫ୍ରାନ୍ସିସ୍ ବୁଚାନାନ୍ ପ୍ରଥମେ ବାବ୍ରୀ ମସ୍‌ଜିଦ କାନ୍ଥରୁ ଏକ ଶିଳାଲିପି ପାଇଲେ ବୋଲି ଦାବି କରିଥିଲେ। ଏହାର ପଚିଶ ବର୍ଷ ପରେ ପୁନର୍ବାର ଆଉ ଜଣେ ବ୍ରିଟିଶ ସର୍ବେକ୍ଷକ ମଣ୍ଟେଗୋମେରି ମାର୍ଟିନ୍ ପ୍ରକାଶ କଲେ ଯେ, କଥିତ ମସ୍‌ଜିଦର କିଛି ସ୍ତମ୍ଭ ହିନ୍ଦୁ ମନ୍ଦିରର ସ୍ତମ୍ଭ ପରି ଜଣାପଡୁଛି। କିନ୍ତୁ ସମୟକ୍ରମେ ରାମ ମନ୍ଦିର ଆନ୍ଦୋଳନ ତୀବ୍ରରୂପ ଧାରଣ କରି ୬ ଡିସେମ୍ବର ୧୯୯୨ରେ କରସେବକମାନଙ୍କ ଦ୍ୱାରା ଧ୍ୱଂସ ପାଇଥିଲା।

ରାମ ମନ୍ଦିର ଓ ବାବ୍ରୀ ମସ୍‌ଜିଦର ଆଇନଗତ ଯୁଦ୍ଧ ପ୍ରଥମେ ୧୮୮୫ ମସିହାରୁ ଆରମ୍ଭ ହେଲା। ମହନ୍ତ ରଘୁବୀର ଦାସ ତତ୍କାଳୀନ ଫୈଜାବାଦ ଜିଲା ଅଦାଲତରେ ଏକ କେସ୍ ଦାଏର କରିଥିଲେ। ୧୯୫୯ରେ ନିର୍ମୋହୀ ଆଖଡ଼ା ଏବଂ ୧୯୮୧ରେ ସୁନ୍ନି ସେଣ୍ଟ୍ରାଲ ୱାକଫ୍ ବୋର୍ଡ ନିଜ ନିଜର ଦାବି ଉପସ୍ଥାପନ କରି କେସ୍ ଦାଏର କରିଥିଲେ। ବିଭିନ୍ନ ଗତିବିଧି ଦେଇ ନିକଟ ଅତୀତରେ ୯ ନଭେମ୍ବର ୨୦୧୯ରେ ଏହାର ଐତିହାସିକ ନିର୍ଣ୍ଣୟ ଆସିଛି। ଏହି ରାୟକୁ ବିଭିନ୍ନ ବର୍ଗରେ ଭିନ୍ନ ଭିନ୍ନ ଭାବରେ ଗ୍ରହଣ କରି ସ୍ୱାଗତ କରାଯାଇଛି।

ତେବେ ଦୀର୍ଘଦିନର ଏହି ବିବାଦକୁ ସୁପ୍ରିମକୋର୍ଟର ୫ ଜଣ ବିଚାରପତି ଯେ ଅତି ଚତୁରତାର ସହ ନିର୍ଣ୍ଣୟ କରିଦେଇଛନ୍ତି ଏଥିରେ ଦ୍ୱିମତ ହେବାର ନାହିଁ। ଭାରତର ଦୀର୍ଘ କାଳର ଐତିହ୍ୟ ପରମ୍ପରା ଭିନ୍ନତା ମଧ୍ୟରେ ଏକତା ସୂତ୍ରକୁ କାଏମ ରଖିବାର ପ୍ରୟାସ ଏଥିରେ ପ୍ରସ୍ଫୁଟିତ ହୋଇଛି। ଧର୍ମ ନିର୍ବିଶେଷରେ ଧର୍ମଗୁରୁମାନେ ଓ ଦଳମତ ନିର୍ବିଶେଷରେ ରାଜନୈତିକ ନେତାମାନେ ଏହାକୁ ମାନିନେବା ଉଚିତ। ବିବାଦ ଆଉ ଆଗକୁ ନ ବଢ଼ାଇବାର ଏହା ଏକମାତ୍ର ଉପାୟ। ସୁପ୍ରିମ୍‌କୋର୍ଟଙ୍କ ରାୟ ଅନୁଯାୟୀ ମୁସଲମାନ ପକ୍ଷକୁ ଯେଉଁ ୫ ଏକର ପରିମିତ ଜାଗା ସରକାରଙ୍କ ତରଫରୁ ପ୍ରଦାନ କରିବା ବ୍ୟବସ୍ଥା କରାଯାଇଛି, ତାହାକୁ ମଧ୍ୟ ଦେଶର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଗ୍ରହଣ କରିନେବା ଉଚିତ। ଉକ୍ତ ଜାଗାରେ ଏକ ପ୍ରତୀକାତ୍ମକ ମସ୍‌ଜିଦଟିଏ ନିର୍ମାଣ କରି ସମଗ୍ର ଅଞ୍ଚଳକୁ ଏକ ଆଦର୍ଶ ବ୍ୟବସାୟିକ ପେଣ୍ଠ ଓ ଏକ ସାମାଜିକ ସେବା ଅନୁଷ୍ଠାନ ଭାବରେ ମଧ୍ୟ ବ୍ୟବହାର କରାଯାଇପାରେ। ମୁସଲମାନ ସମ୍ପ୍ରଦାୟ ମଧ୍ୟରେ ଥିବା ବେକାର, ଅନଗ୍ରସର ତଥା ଅସହାୟମାନଙ୍କ ସାମାଜିକ, ଅର୍ଥନୈତିକ ଓ ଶୈକ୍ଷିକ ଉନ୍ନତି ତଥା ଥଇଥାନ ନିମିତ୍ତ ଏକ ଭିନ୍ନ ପରିବେଶ ସୃଷ୍ଟି କରାଯାଇପାରେ। ତେବେ ସମସ୍ତ କାର୍ଯ୍ୟ ପାଇଁ ଆନ୍ତରିକତା, ସେବା ମନୋଭାବ ଓ ସହାବସ୍ଥାନ ମାନସିକତାର ଆବଶ୍ୟକତା ରହିଛି। ଏହାଦ୍ୱାରା ସାରା ବିଶ୍ୱରେ ଅଯୋଧ୍ୟା ହେବ ଭାରତ ପାଇଁ ଧର୍ମନିରପେକ୍ଷତା ଓ ଏକତା ନୀତିର ନିଦର୍ଶନ ସ୍ୱରୂପ ଏକ ଆଦର୍ଶ ଜିଲା।

ମୀନାବଜାର, ଢେଙ୍କାନାଳ,
ମୋ-୯୪୩୯୬୨୫୬୧୦

## ଏଇ ଭାରତରେ

ମଣିଷ ଆଧୁନିକ ଜୀବନଶୈଳୀକୁ ଆପଣାଇ ନେଉଥିବା ବେଳେ ହରିୟାଣା ପାନିପଥର ଏକ ଗାଁରେ ଏବେ ସୁଦ୍ଧା ଟେଲିଭିଜନ ଦେଖିବା ଉପରେ କଟକଣା ଲଗାଯାଇଛି। କେବଳ ଏତିକି ନୁହେଁ ଶିକ୍ଷା ଅଭାବରୁ ଗାଁର ସ୍ଥିତି ସମ୍ପର୍କରେ ଜାଣିଲେ ଆଶ୍ଚର୍ଯ୍ୟ ହୋଇଯିବେ। ଗାଁର ନାମ ଜଲାଲପୁର-୨। ଏହି ମୁସଲମାନ ବହୁଳ ଗାଁରେ ୧୫୦ ପରିବାର ରହୁଛନ୍ତି। ଟିଭି ଦେଖିବା ଇସଲାମ୍ ବିରୋଧୀ କହି ଗାଁରେ ଟିଭି ଦେଖିବା ବନ୍ଦ କରାଯାଇଛି। ୨୦୧୫ ପଞ୍ଚାୟତ ନିର୍ବାଚନରେ ଜିତିଲେ ପ୍ରାର୍ଥୀ ମୁଜାହିର୍ ଟିଭି ଲଗାଇବା ଲାଗି ଘୋଷଣା କରିଥିଲେ ଓ ନିର୍ବାଚନ ଜିତିବା ପରେ ପଞ୍ଚାୟତ କାର୍ଯ୍ୟାଳୟରେ ଟିଭି ଲଗାଇଥିଲେ। କିନ୍ତୁ ତାହାକୁ କିଛି ଦିନ ମଧ୍ୟରେ ବନ୍ଦ କରିଦିଆଗଲା। ୨୦୦୯ରେ ପୂର୍ବତନ ସରପଞ୍ଚଙ୍କୁ ବି ସରକାରଙ୍କ ତରଫରୁ ଏକ ଟିଭି ମିଳିଥିଲା, କିନ୍ତୁ ତାହା ଦିନଟିଏ ବି ଚାଲିପାରି ନ ଥିଲା। ଏହି ଗାଁରେ ଥିବା ଅଙ୍ଗନୱାଡ଼ି କର୍ମୀ ଆବିଦା କେବଳ ଏକମାତ୍ର ମହିଳା ଯିଏ କି ଦଶମ ଯାଏ ପଢ଼ିଛନ୍ତି। ନବମରେ ପଢୁଥିବାବେଳେ ତାଙ୍କର ବହାଘର ହୋଇଥିଲା। ପରେ ୨୦୦୬ରେ ତାଙ୍କୁ ଅଙ୍ଗନୱାଡ଼ିରେ ନିଯୁକ୍ତି ମିଳିଥିଲା। ସେ ପ୍ରଥମ ମହିଳା ଯିଏ ତାଙ୍କ ପିଲାଙ୍କୁ ଗାଁ ବାହାରକୁ ପଢାଇବାକୁ ପଠାଉଛନ୍ତି। ପୂରା ଗାଁରେ ୪ଟି ପରିବାରରେ ଟିଭି ରହିଥିଲେ ବି ପ୍ରଭାବଶାଳୀ ବ୍ୟକ୍ତିମାନେ ଚାପ ପକାଇ ସେଥିରୁ ତିନୋଟି ବନ୍ଦ କରିଦେଇଛନ୍ତି। କେବଳ ୨୦୧୪ରୁ ଆବିଦା ଟିଭି ଆଣିଥିଲେ ଓ ଏବେ ଲୁଚି ଲୁଚି ଦେଖୁଛନ୍ତି। ରାଜ୍ୟ ତଥା ଦେଶବିଦେଶର ଖବର ଗାଁ ଲୋକେ ଜାଣିପାରୁନାହାନ୍ତି। ଏହି ଗାଁରେ ଜଣେ ହେଲେ ବ୍ୟକ୍ତି କଲେଜ ଦୁଆର ମୁହଁ ମାଡିନାହାନ୍ତି। ଜଣେ ହେଲେ ବି ସରକାରୀ ଚାକିରି କରିନାହାନ୍ତି। ଗାଁରେ ୫ମ ଯାଏ ସ୍କୁଲ ରହିଛି। ସ୍କୁଲ୍‌ର ୭୦ରୁ ୮୦ ଜଣ ପିଲାଙ୍କ ମଧ୍ୟରେ ୪ ଜଣ ଝିଅ ପଢୁଛନ୍ତି। ୫ମ ପରେ ବେଶି ପିଲା ପାଠ ଛାଡ଼ିଦେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୨ ନଭେମ୍ବର ୧୯୯୪

- ନେପାଳରେ କ୍ଷମତାସୀନ ନେପାଳୀ କଂଗ୍ରେସ ପାର୍ଟି ପାର୍ଲାମେଣ୍ଟ ନିର୍ବାଚନରେ ପରାଜୟ ପରେ ପ୍ରଧାନମନ୍ତ୍ରୀ ଗିରିଜା ପ୍ରସାଦ କୋଇରାଲାଙ୍କ ଇସ୍ତଫା।
- ପଦାତିକ ବାହିନୀର ନୂଆ ମୁଖ୍ୟ ସେନାଧ୍ୟକ୍ଷ ଭାବେ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଶଙ୍କର ରାୟ ଚୌଧୁରୀଙ୍କୁ ନିଯୁକ୍ତି।
- ପାକିସ୍ତାନ ସହ ବିଭିନ୍ନ ସମସ୍ୟାର ସମାଧାନ ନେଇ ପ୍ରଧାନମନ୍ତ୍ରୀ ନରସିଂହ ରାଓ ଦ୍ୱିପାକ୍ଷିକ କଥାବାର୍ତ୍ତା ଲାଗି ଦେଇଥିବା ପ୍ରସ୍ତାବକୁ ପାକିସ୍ତାନର ପ୍ରତ୍ୟାଖ୍ୟାନ।

## ଚିରନ୍ତନୀ

ରୂପେ ରୂପେ ଆଜି ଫୁଟି ଉଠୁ ତବ ବାଣୀ
ବାଣୀରେ ତୁମର ଫୁଟୁ ଅଭିନବ ରୂପ
ଜାଳି ଦେଇ ଜରା ଜଡ଼ତା ତମସା ରାଜି
ମରଣ ଯନ୍ତ୍ରେ ଦିଅ ହେ ଆଘାତ ହାଣି
ଭୁବନ ବିରାଟ ଭାଷାର ସିନ୍ଧୁ ଛାଣି
ଜାଗ ଯୌବନ ଜାଳି ଜୀବନର ଧୂପ।
ରୂପର ଆଲୋକେ ଜାଗ ଯୌବନ ଆଜି!
ଛନ୍ଦେ ତାହାର ବାଜି ଉଠୁ ତବ ବାଣୀ।
(ରୂପ ଓ ବାଣୀ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | E | | | 3 | | | | C | 7 | 0 | | | D | |
| 2 | | 0 | | | 9 | A | 4 | | | | | 6 | B | |
| | 5 | | | 6 | | D | | | | B | 9 | 4 | 8 | |
| | | | | | | | | 9 | | 8 | A | 3 | | |
| | | | 1 | 8 | | 6 | B | | | 5 | D | | | 2 |
| | | | | C | | | | | D | | | | | |
| | | 6 | B | | | 4 | | | | | | | 5 | |
| | | 3 | 6 | | | | 7 | B | | 9 | | C | | 8 |
| | | | E | | | 0 | | | | 1 | 2 | 7 | | |
| 1 | | | | 2 | D | | | | 5 | 7 | | | 3 | |
| | | | | | B | 7 | | 5 | 0 | | | | | |
| | | C | | 5 | 7 | | 3 | | 6 | | 8 | | | |
| | | | | D | 0 | | E | 4 | | | | A | | 3 |
| | D | | A | | | | | | | 2 | 7 | B | E | |
| E | 4 | | | 1 | | C | 2 | 6 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | E | 2 | 4 | 6 | A | 0 | D | 9 | 1 | 5 | B | C | 7 | 3 |
| 9 | A | D | B | 1 | 3 | 7 | C | 5 | E | 6 | 2 | 4 | 8 | 0 |
| B | 3 | C | 5 | 7 | 9 | A | 6 | E | 0 | 4 | 8 | 2 | D | 1 |
| 7 | 5 | 0 | C | E | 2 | 1 | 8 | 4 | D | 9 | 3 | A | 6 | B |
| 6 | 4 | 1 | 0 | D | 8 | 3 | B | 2 | A | C | 7 | 5 | 9 | E |
| 2 | 0 | A | E | 8 | 4 | D | 1 | 7 | C | B | 6 | 3 | 5 | 9 |
| 1 | C | 8 | A | 5 | 6 | 9 | E | B | 7 | 3 | 0 | D | 4 | 2 |
| 5 | 7 | 3 | D | B | 1 | 6 | 4 | A | 8 | 2 | 9 | 0 | E | C |
| E | D | 9 | 3 | C | 7 | 2 | 5 | 0 | 4 | A | 1 | 6 | B | 8 |
| 4 | B | 6 | 9 | 2 | 0 | 8 | 3 | C | 5 | E | D | 1 | A | 7 |
| 0 | 1 | B | 7 | 9 | E | 5 | A | 6 | 2 | D | C | 8 | 3 | 4 |
| C | 8 | 4 | 6 | A | 5 | B | 2 | 1 | 3 | 7 | E | 9 | 0 | D |
| D | 6 | 5 | 2 | 0 | B | C | 7 | 3 | 9 | 8 | 4 | E | 1 | A |
| A | 9 | E | 8 | 3 | C | 4 | 0 | D | B | 1 | 5 | 7 | 2 | 6 |
| 3 | 2 | 7 | 1 | 4 | D | E | 9 | 8 | 6 | 0 | A | B | C | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବିଏଚ୍‌ୟୁରେ ମୁସଲମାନ ପ୍ରଫେସରଙ୍କୁ ବିରୋଧ ଅନୁଚିତ

ମହାଶୟ,

ବନାରସ ହିନ୍ଦୁ ୟୁନିଭର୍ସିଟି (ବିଏଚ୍‌ୟୁ)ରେ ଜଣେ ମୁସଲିମ୍ ପ୍ରଫେସର ସଂସ୍କୃତ ବିଭାଗରେ ପଢ଼ାଇବାକୁ ଛାତ୍ରୀଛାତ୍ରମାନେ ବିରୋଧ କରିବା ଆଦୌ ଗ୍ରହଣୀୟ ନୁହେଁ। ଜଣେ ହିନ୍ଦୁ ଛାତ୍ର ମଧ୍ୟ ଉର୍ଦ୍ଦୁ ବିଷୟ ଚୟନ କରି, ଅଧ୍ୟାପନା କ୍ଷେତ୍ରରେ ଆବଶ୍ୟକ ଡିଗ୍ରୀ ଓ ଯୋଗ୍ୟତା ହାସଲ କରି ଅଧ୍ୟାପକ ହୋଇପାରିବେ। ଜାତିଧର୍ମ ଆଧାରରେ ଶିକ୍ଷକ, ଅଧ୍ୟାପକମାନଙ୍କୁ ଅପମାନିତ କରିବା ଠିକ୍ ନୁହେଁ। ଓଡ଼ିଶାର ପ୍ରସିଦ୍ଧ ଗାୟକ ମହମ୍ମଦ ସିକନ୍ଦର ଆଲାମ ଜଗନ୍ନାଥ ଭଜନ ଗାଇଲା ବେଳେ କେବେ ନିଜକୁ ମୁସଲମାନ ବୋଲି ଭାବିନାହାନ୍ତି। ଭାରତର ହିନ୍ଦୀ ସିନେମାର ବିଖ୍ୟାତ ସଙ୍ଗୀତ ନିର୍ଦ୍ଦେଶକ ନୌସାଦ, ମହାନ ଗାୟକ ମହମ୍ମଦ ରଫି ଅନେକ ଭକ୍ତିମୂଳକ ଭଜନ, ଜଣାଣ ଗାଇ ଅମର ହୋଇଛନ୍ତି। ଏଇ ଆନ୍ଦୋଳନ ଭାରତ ପରି ଗଣତାନ୍ତ୍ରିକ ରାଷ୍ଟ୍ରରେ ଧର୍ମନିରପକ୍ଷତା ଉପରେ ପ୍ରଶ୍ନବାଚୀ ଠିଆ କରୁଛି। ଏକ ସଭ୍ୟ ସମାଜରେ ଜାତି ଓ ଭାଷାର ଭେଦଭାବକୁ ଭୁଲି ଭିନ୍ନତା ମଧ୍ୟରେ ଏକତା ପ୍ରତିଷ୍ଠା କରିବା ଆମର କର୍ତ୍ତବ୍ୟ।

ଅଶୋକ କୁମାର ଆଢ଼୍ୟ , ଆର୍ତ୍ତତ୍ରାଣ ସେବା ସଂସଦ, ମରୀଚିକୋଟ, ପୁରୀ

### ଗାଡ଼ି ଯାଞ୍ଚ ଘୁଞ୍ଚାଯାଉ

ଖବରକାଗଜରୁ ଜାଣିବାକୁ ପାଇଲି ଯେ ଡିସେମ୍ବର ପହିଲାରୁ ରାଜ୍ୟ ସରକାର ଗାଡି ଯାଞ୍ଚ ପ୍ରକ୍ରିୟା ପୁଣି ଆରମ୍ଭ କରବେ। ଗତ ତା୬।୧୧ରେ ଖବରକାଗଜରେ ପ୍ରକାଶିତ ହୋଇଥିଲା ଯେ ପରିବହନ ବିଭାଗର ସମସ୍ତ ସେବା ଆସନ୍ତା ଡିସେମ୍ବର ଶେଷ ସୁଦ୍ଧା ଲୋକଙ୍କ ନିକଟରେ ଅନ୍‌ଲାଇନରେ ଉପଲବ୍ଧ କରିବା ଏବଂ ତାହାକୁ ସମସ୍ତ ଜନସେବା କେନ୍ଦ୍ରଗୁଡିକ ସହ ଯୋଡିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ତଦ୍ଦ୍ୱାରା ଆର୍‌ଟିଓ କାର୍ଯ୍ୟାଳୟରେ ଭିଡ କମିବା ସହ ଦଲାଲମାନଙ୍କର ଦୌରାତ୍ମ୍ୟ ଲୋପ ପାଇବ। ତେଣୁ ରାଜ୍ୟ ସରକାର ଉକ୍ତ ନିଷ୍ପତ୍ତିକୁ ପ୍ରଥମେ କାର୍ଯ୍ୟକାରୀ ନ କରି ଗାଡି ଯାଞ୍ଚ କରିବାକୁ ଯିବା ଠିକ୍ ନୁହେଁ। ଆର୍‌ଟିଓ ଅଫିସ୍‌ରେ ପ୍ରବଳ ଭିଡ଼ ଯୋଗୁ ଆଜିଯାଏ ବହୁ ଲୋକ ଲାଇସେନ୍ସ ପାଇପାରି ନାହାନ୍ତି। ତେଣୁ ନୂତନ ପରିବହନ ଆଇନକୁ ଅବିଳମ୍ବେ ପୂର୍ଣ୍ଣମାତ୍ରାରେ କାର୍ଯ୍ୟକାରୀ ନ କରି ପର୍ଯ୍ୟାୟକ୍ରମେ ଲାଗୁ କରାଯାଉ। ଯେକୌଣସି ନିୟମର ଖିଲାପ କଲେ ୧ମ ଥର ପାଇଁ ପୋଲିସ ପକ୍ଷରୁ ସତର୍କ କରାଯାଉ, ୨ୟ ଥର ଖିଲାପ ପାଇଁ ୨୫% ଜରିମାନା, ୩ୟଥର ଖିଲାପ ପାଇଁ ୫୦% ଜରିମାନା ଏବଂ ଚତୁର୍ଥ ଥର ଓ ପରବର୍ତ୍ତୀ ଖିଲାପ ପାଇଁ ପୂର୍ଣ୍ଣ ଜରିମାନା ରାଶି ଆଦାୟ କରାଯାଉ।

ସରୋଜ କୁମାର ହୋତା, ବମିଖାଲ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଡିସେମ୍ବର ୨୧ରୁ ଅନୁଗୋଳରେ ରାଜ୍ୟସ୍ତରୀୟ ବିଜ୍ଞାନମେଳା

ଅନୁଗୋଳ ଅଫିସ, ୨୧।୧୧- ଆସନ୍ତା ଡିସେମ୍ବର ୨୧ରୁ ୩ ଦିନିଆ ରାଜ୍ୟସ୍ତରୀୟ ବିଜ୍ଞାନ ମେଳା ଅନୁଗୋଳ ହାଇସ୍କୁଲରେ ଅନୁଷ୍ଠିତ ହେବ। ଏହି ପ୍ରଦର୍ଶନୀ ପାଇଁ ଅନୁଗୋଳ ଜିଲା ଶିକ୍ଷା ବିଭାଗ ପକ୍ଷରୁ ସଜବାଜ ଆରମ୍ଭ ହୋଇଯାଇଛି।

ଜିଲା ଶିକ୍ଷା ବିଭାଗ ସୂଚନା ମୁତାବକ, ଆସନ୍ତା ଡିସେମ୍ବର ୨୧, ୨୨ ଓ ୨୩ ତାରିଖରେ ଏହି ରାଜ୍ୟସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହେବ। ଏଥିରେ ପ୍ରତି ଜିଲାରୁ ୬ଟି ଲେଖାଏ ପ୍ରକଳ୍ପକୁ ମିଶାଇ ମୋଟ ୧୮୦ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରାଯିବ। ୧୮୦ ଜଣ ଛାତ୍ରୀଛାତ୍ରଙ୍କ ସହିତ ୧୮୦ ଜଣ ଶିକ୍ଷୟିତ୍ରୀ ଓ ଶିକ୍ଷକ ଆସିବେ। ସେମାନଙ୍କ ସୁବିଧା ପାଇଁ ରେଲୱେ ଷ୍ଟେଶନ ଓ ବସ୍ଷ୍ଟାଣ୍ଡରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି ଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗଣଶିକ୍ଷା ମନ୍ତ୍ରୀ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାମନ୍ତ୍ରୀ, ଉପବାଚସ୍ପତିଙ୍କ ସମେତ ଶିକ୍ଷା ବିଭାଗର ସଚିବମାନେ ଆସିବାର କାର୍ଯ୍ୟକ୍ରମ ରହିଛି। ପ୍ରକଳ୍ପ ନେଇ ଆସିଥିବା କୁନି ବୈଜ୍ଞାନିକ ଓ ସାଙ୍ଗରେ ଆସିଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଖାଇବା, ରହିବା ପାଇଁ ବ୍ୟାପକ ବନ୍ଦୋବସ୍ତ କରାଯିବ। ଅନୁଗୋଳ ସଂସ୍କୃତ ମହାବିଦ୍ୟାଳୟ, ଅନୁଗୋଳ ହାଇସ୍କୁଲ ଓ ସାନ୍ଧ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସେମାନଙ୍କ ରହଣି ପାଇଁ ବ୍ୟବସ୍ଥା କରାଯିବ। ୨୧ ଓ ୨୨ ତାରିଖ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବିଜ୍ଞାନ ମେଳାରେ ଭାଗ ନେବାକୁ ଆସିଥିବା ପ୍ରତିଯୋଗୀମାନଙ୍କ ମଧ୍ୟରେ ବିଭିନ୍ନ ସାଂସ୍କୃତିକ ପ୍ରତିଯୋଗିତା ହେବ। ସ୍ଥାନୀୟ ଛାତ୍ରୀଛାତ୍ରମାନେ ମଧ୍ୟ ଏହି ସାଂସ୍କୃତିକ ସନ୍ଧ୍ୟାରେ ଭାଗ ନେବେ ବୋଲି ଜିଲା ଶିକ୍ଷା କାର୍ଯ୍ୟାଳୟରୁ ଜଣାଯାଇଛି।

■ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କଲେ କାୟାକଳ୍ପ ଟିମ୍

# ବର୍ଜ୍ୟ ପରିଚାଳନାରେ ଆହୁରି ସୁଧାର ପରାମର୍ଶ



ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନରେ ଆସିଥିବା କାୟାକଳ୍ପ ଟିମ୍ ସଦସ୍ୟମାନଙ୍କୁ ମେଡିକାଲ କର୍ତ୍ତୃପକ୍ଷ ସ୍ୱାଗତ କରୁଛନ୍ତି।

■ଡିଜିଟାଲ ପଞ୍ଜୀକରଣକୁ ପ୍ରଶଂସା
■ଫାର୍ମାସିଷ୍ଟଙ୍କୁ ସ୍ୱତନ୍ତ୍ର ତାଲିମ୍ ଉପରେ ଗୁରୁତ୍ୱ

ଅନୁଗୋଳ ଅଫିସ, ୨୧।୧୧

ଦୁଇଦିନିଆ ଅନୁଗୋଳ ଗସ୍ତରେ ଆସିଥିବା ୩ ଜଣିଆ କାୟାକଳ୍ପ ଟିମ୍ ଗୁରୁବାର ୨ୟ ଦିବସରେ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଛନ୍ତି। ରାଜ୍ୟ ଔଷଧ ପରିଚାଳନା ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଶୁଭେନ୍ଦୁ କୁମାର ନାଏକ, ଆୟୁଷ ପରାମର୍ଶଦାତା ପୀୟୁସ ରଞ୍ଜନ ମହାନ୍ତି ଓ ପିଏସ୍ଆଇ ଟେକ୍ନିକାଲ୍ ସ୍ପେଶାଲିଷ୍ଟ ରୁଦ୍ର ପ୍ରସାଦ ପ୍ରଧାନଙ୍କୁ ନେଇ ଗଠିତ ଏହି କମିଟି ମେଡିକାଲ ବର୍ଜ୍ୟ ପରିଚାଳନା ସମ୍ପର୍କରେ ବୁଝିବା ସହ ଏଥିରେ ଅଧିକ ସୁଧାର ପାଇଁ ପରାମର୍ଶ ଦେଇଥିଲେ। ସେହିପରି ଡିଜିଟାଲ ପଞ୍ଜୀକରଣକୁ ପ୍ରଶଂସା କରିବା ସହ ଫାର୍ମାସିଷ୍ଟଙ୍କୁ ସ୍ୱତନ୍ତ୍ର ତାଲିମ ଦେବା ଉପରେ ଗୁରୁତ୍ୱ ଦେଇଥିଲେ।

ବୁଧବାର ଠାରୁ ଅନୁଗୋଳ ଜିଲା ଗସ୍ତରେ ଆସିଥିବା ଉକ୍ତ ଟିମ୍ ପ୍ରଥମ ଦିନରେ ଆଠମଲ୍ଲିକ ଡାକ୍ତରଖାନା ପରିଦର୍ଶନ କରିଥିଲେ। ଗୁରୁବାର ପୂର୍ବାହ୍ନ ୯ଟାରେ ଟିମ୍ ସଦସ୍ୟମାନେ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିବା ପରେ ମେଡିକାଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିଲା। ପରେ ପ୍ରଶିକ୍ଷଣ କେନ୍ଦ୍ରରେ ସିଡିଏମ୍ଓ ଡାକ୍ତର ଅମରେନ୍ଦ୍ର ନାଥ ମହାନ୍ତି, ଏଡିଏମ୍ଓ (ଜନସ୍ୱାସ୍ଥ୍ୟ) ରାକେଶ କୁମାର ସାହୁ, ମେଡିକାଲ ମ୍ୟାନେଜର ଦେବାଶିଷ ଦାସ, ମାଇକ୍ରୋ ବାୟୋଲୋଜିଷ୍ଟ ଏସ୍.ଏସ୍. ତ୍ରିପାଠୀ, ଜିକେଏସ୍ ଆଣ୍ଡ କ୍ୟୁଏର ଆସିଷ୍ଟାଣ୍ଟ ମ୍ୟାନେଜର ବ୍ରତୀନ କୁମାର ପ୍ରଧାନ ପ୍ରମୁଖଙ୍କ ସହ ଟିମ୍ ଆଲୋଚନା କରିଥିଲେ। ପରେ ସଦସ୍ୟମାନେ ଲେବର ରୁମ୍, ଓଟି, ଏସ୍ଏନ୍ସିୟୁ, ବହିଃବିଭାଗ, କାଜୁଆଲିଟି, ଡ୍ରେସିଂ ରୁମ୍, ଲାବୋରେଟୋରୀ ଓ ସମସ୍ତ ୱାର୍ଡ ପରିଦର୍ଶନ କରି ସମୀକ୍ଷା କରିଥିଲେ। ବିଭିନ୍ନ ୱାର୍ଡ ପରିଦର୍ଶନ ବେଳେ ରୋଗୀଙ୍କୁ ଭେଟି ସେମାନଙ୍କ ସୁବିଧା ଅସୁବିଧା ଓ ମେଡିକାଲରେ ମିଳୁଥିବା ସେବା ସମ୍ପର୍କରେ ପଚାରି ବୁଝିଥିଲେ। ଏହାସହିତ ଡିଜିଟାଲ ପଞ୍ଜୀକରଣ, ଲଣ୍ଡ୍ରି, କିଚେନ୍ ଓ ନିରାମୟ ଔଷଧ ଭଣ୍ଡାର ପରିଦର୍ଶନ କରି ସୁପରିଚାଳନାକୁ ପ୍ରଶଂସା କରିଥିଲେ। ମାତୃ ଓ ଶିଶୁ ବିଭାଗରେ ରୋଗୀ, ସମ୍ପର୍କୀୟମାନଙ୍କୁ ଡାକବାଜି ଯନ୍ତ୍ର ମାଧ୍ୟମରେ ବିଭିନ୍ନ ସୂଚନା ଦିଆଯାଉଥିବାରୁ ଏହାକୁ ପସନ୍ଦ କରିଥିଲେ। ତେବେ ବର୍ଜ୍ୟବସ୍ତୁ ପରିଚାଳନା ସନ୍ତୋଷ ଜନକ ରହିଥିଲେ ମଧ୍ୟ ଏଥିରେ ସୁଧାର ଆସିବା ଜରୁରୀ ବୋଲି ଟିମ୍ ପରାମର୍ଶ ଦେଇଥିଲେ। ସେହିପରି ଡ୍ରେସିଂ ରୁମ୍ର ନବୀକରଣ ଓ ଫର୍ମାସିଷ୍ଟମାନଙ୍କୁ ସ୍ୱତନ୍ତ୍ର ତାଲିମ୍ ପ୍ରଦାନ କରିବାକୁ କହିଥିଲେ। ତେବେ ମେଡିକାଲ ମୁଖ୍ୟ ଫାଟକ ନିକଟରେ ଥିବା କିଛି ଘରୋଇ ପାଥୋଲାବ୍କୁ ମେଡିକାଲ ଭିତର ଦେଇ ରାସ୍ତା ରହିଛି। ଏହାକୁ କାୟାକଳ୍ପ ଟିମ୍ ନାପସନ୍ଦ କରିବା ସହ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।



କର୍ମଶାଳାରେ ଅତିଥିମାନେ।

■ବିଶ୍ୱ ମତ୍ସ୍ୟ ଦିବସ ଉପଲକ୍ଷେ କର୍ମଶାଳା

# ବୈଜ୍ଞାନିକ ପଦ୍ଧତି ଆପଣାଇବାକୁ ପରାମର୍ଶ

ଢେଙ୍କାନାଳ ଅଫିସ, ୨୧।୧୧

ଢେଙ୍କାନାଳ ଜିଲା ମତ୍ସ୍ୟ ବିଭାଗ ପକ୍ଷରୁ ଗୁରୁବାର ବିଶ୍ୱ ମତ୍ସ୍ୟ ଦିବସ ପାଳିତ ହୋଇଯାଇଛି। ଏହି କର୍ମଶାଳାରେ ମତ୍ସ୍ୟ ପୋଖରୀ ଯୋଜନାରେ ଉପକୃତ ହୋଇଥିବା ୪୦ଜଣ ମତ୍ସ୍ୟଚାଷୀ ଯୋଗ ଦେଇଥିଲେ। ଜିଲା ମତ୍ସ୍ୟ ଅଧିକାରୀ ଦୀପ୍ତି କୁମାର ମହାପାତ୍ର କାର୍ଯ୍ୟକ୍ରମର ଲକ୍ଷ୍ୟ, ଉଦ୍ଦେଶ୍ୟ, ଗୁରୁତ୍ୱ, ବୈଜ୍ଞାନିକ ପଦ୍ଧତିରେ ମତ୍ସ୍ୟଚାଷ ଉପରେ ଆଲୋକପାତ କରିଥିଲେ। ମିଶନ ଶକ୍ତି ଜିଲା ପ୍ରକଳ୍ପ ସଂଯୋଜିକା ମୋନାଲିସା ଭଞ୍ଜ କହିଲେ, ପଞ୍ଚାୟତ ପୋଖରୀ ପରିଚାଳନା ଦାୟିତ୍ୱ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ଦିଆଯିବା ଆବଶ୍ୟକ। ଦୀର୍ଘମିଆଦୀ ସୂତ୍ରରେ ନିଲାମ ଦେଇ ପ୍ରୋତ୍ସାହନ ଯୋଗାଇ ଦେଲେ ସେମାନଙ୍କ ଆର୍ଥିକ ମାନଦଣ୍ଡ ଅଭିବୃଦ୍ଧି ହେବ।

ଅବସରପ୍ରାପ୍ତ ସହକାରୀ ମତ୍ସ୍ୟ ଅଧିକାରୀ ଶତ୍ରୁଘ୍ନ ମହାନ୍ତି, ଭୁବନ ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ ସ୍ୱପ୍ନାଲିପା ସାହୁ, ଓଡ଼ାପଡ଼ା ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ ଅନ୍ତର୍ଯ୍ୟାମୀ ବେହେରା ପ୍ରମୁଖ ଆଲୋଚନାରେ ଭାଗ ନେଇ ବାୟୋଫ୍ଲକ ମାଧ୍ୟମରେ ମାଛ ଚାଷ, ଜାଆଁଳ ଉତ୍ପାଦନ ପ୍ରଣାଳୀ, ସରକାରୀ ସହାୟତା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଚାଷୀମାନେ ମାଛଚାଷ ସମ୍ପର୍କରେ ସେମାନଙ୍କ ଅନୁଭୂତି ବର୍ଣ୍ଣନା କରିଥିଲେ। ବରିଷ୍ଠ ମତ୍ସ୍ୟ ବୈଷୟିକ ସହାୟକ ଶେଷଦେବ ପ୍ରଧାନ, କନିଷ୍ଠ ସହାୟକ ଅଞ୍ଜନ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବଜାରରୁ ଚୋରି, ୨ ଅଟକ

ଖଇରା,୨୧।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ଥାନା କୁପାରୀ ବଜାରସ୍ଥିତ ଓମ୍ ଟ୍ରେଡର୍ସ ଇଲେକ୍ଟ୍ରୋନିକ୍ସ ଦୋକାନରୁ ବୁଧବାର ରାତିରେ ଚୋରି ହୋଇଥିବା ନେଇ ଦୋକାନ ମାଲିକ ରଣଜିତ ଦାସ ଖଇରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଚୋରମାନେ ଦୋକାନ ଶଟର ଭାଙ୍ଗି ନଗଦ ୩୦ହଜାର ଟଙ୍କା ଓ ଏଲଇଡି ଟିଭି ନେଇ ଯାଇଥିବା ନେଇ ଅଭିଯୋଗରେ ଦର୍ଶାଯାଇଛି। ପ୍ରାଥମିକ ତଦନ୍ତ ପରେ ଖଇରା ପୋଲିସ ୨ ଜଣଙ୍କୁ ଥାନାରେ ଅଟକ ରଖିଛି।

■କଳିଙ୍ଗକ୍ଷେତ୍ର ଡିଏଭି ସ୍କୁଲର ରୌପ୍ୟଜୟନ୍ତୀ

# ଉତ୍ତମ ଛାତ୍ରୀଛାତ୍ର ଗଠନ ପାଇଁ ଶିକ୍ଷକଙ୍କୁ ସାଧୁବାଦ

ତାଳଚେର,୨୧।୧୧(ନି.ପ୍ର.)




ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ଏମ୍ସିଏଲ୍ର ତାଳଚେରସ୍ଥିତ କଳିଙ୍ଗକ୍ଷେତ୍ର ଡିଏଭି ସ୍କୁଲର ରୌପ୍ୟଜୟନ୍ତୀ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏମ୍ସିଏଲ୍ ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭୋଲାନାଥ ଶୁକ୍ଳା ଯୋଗଦେଇ ଉତ୍ତମ ଛାତ୍ରୀଛାତ୍ର ଗଠନରେ କଳିଙ୍ଗ ଡିଏଭି ସ୍କୁଲର ଶିକ୍ଷକମାନେ ପ୍ରମଖ ଭୂମିକା ଗ୍ରହଣ କରୁଥିବାରୁ ସାଧୁବାଦ ଜଣାଇଥିଲେ। ସ୍କୁଲ ନିମନ୍ତେ ଯାହା ଆବଶ୍ୟକ ତାହା ପୂରଣ କରିବାକୁ ସେ ପ୍ରତିଶ୍ରୁତି ଦେଇଥିଲେ। ବିଶିଷ୍ଟ ଅତିଥିଭାବେ ଓଡ଼ିଶା ଜୋନ ୨ ଆଞ୍ଚଳିକ ଅଧିକାରୀ ଲୋକନାଥ ପ୍ରଧାନ ଯୋଗଦେଇ କଳିଙ୍ଗ ଡିଏଭିକୁ ଏକ ଶ୍ରେଷ୍ଠ ଅନୁଷ୍ଠାନ ବୋଲି ପ୍ରକାଶ କରିଥିଲେ। ହିଙ୍ଗୁଳା କ୍ଷେତ୍ର ମହାପ୍ରବନ୍ଧକ ପି.ବି. ରେଡ୍ଡୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ଅଧକ୍ଷ ସୁରେନ୍ଦ୍ର କୁମାର ଭୋଇ ଭିତ୍ତିଭୂମି, ଶିକ୍ଷା ପଦ୍ଧତି, ସ୍ମାର୍ଟ କ୍ଲାସର ଉପଯୋଗିତା, ସୁନାମଧନ୍ୟ ଛାତ୍ରୀଛାତ୍ରଙ୍କ ସମ୍ପର୍କରେ ସୂଚନା ଦେଇଥିଲେ। ଏମ୍ସିଏଲ୍ ବିତ୍ତ ନିର୍ଦ୍ଦେଶକ କେ.ଆର. ବାସୁଦେବନ, ଜାଗୃତି ମହିଳାମଣ୍ଡଳ ଅଧକ୍ଷା ମଞ୍ଜୁଳା ଶୁକ୍ଳା, ଉପାଧକ୍ଷା ପଦ୍ମିନୀ ବାସୁଦେବନ, ଜ୍ୟୋତି ରେଡ୍ଡୀ, ମାନସୀ ପ୍ରଧାନ, ଶର୍ମିଷ୍ଠା ଭୋଇ, ତାଳଚେର କୋଲ ଫିଲ୍ଡସର ସମସ୍ତ ମହାପ୍ରବନ୍ଧକ, ଶ୍ରମିକ ସଙ୍ଗଠନର ନେତୃମଣ୍ଡଳୀ ଯୋଗ ଦେଇଥିଲେ। ମାନସ ରଞ୍ଜନ ପୃଷ୍ଟି ଓ ଡ.ଅଞ୍ଜନା ପାଣ୍ଡେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଇତିଶ୍ରୀ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଖଣି ସମସ୍ୟା ନେଇ ଥାନାରେ ଆଲୋଚନା

କଣିହାଁ,୨୧।୧୧(ଡି.ଏନ.ଏ.)

ଏମ୍ସିଏଲ୍ର କଣିହାଁ କୋଇଲା ଖଣି ଅଞ୍ଚଳରେ କ୍ଷତିଗ୍ରସ୍ତ ଜରଡ଼ା ଗ୍ରାମବାସୀଙ୍କ ସହ ଅନ୍ୟ କ୍ଷତିଗ୍ରସ୍ତମାନେ ବିସ୍ଥାପନ, ନିଯୁକ୍ତି ସମସ୍ୟା ନେଇ ଅନେକ ସମୟରେ ଆନ୍ଦୋଳନ କରୁଛନ୍ତି। ତେବେ ଖଣି ସମ୍ପ୍ରସାରଣ ନେଇ ଗୁରୁବାର ସନ୍ଧ୍ୟାରେ କଣିହାଁ ଥାନାରେ ଏକ ବୈଠକ ହୋଇଥିଲା। ଏଥିରେ ତାଳଚେର ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ, କଣିହାଁ ତହସିଲ ଅଧିକାରୀ, ଖଣି କର୍ତ୍ତୃପକ୍ଷ, ଜରଡ଼ା ଗ୍ରାମବାସୀ ଓ ଏସ୍ଡିପିଓ ଯଶୋବନ୍ତ ସାମଲ, ଆଇଆଇସି ପ୍ରଭାତ କୁମାର ତ୍ରିପାଠୀ ଉପସ୍ଥିତ ଥିଲେ। ଖଣି ସମସ୍ୟା ସହିତ ବିସ୍ଥାପନ ଓ ନିଯୁକ୍ତି ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଏ ସମ୍ପର୍କରେ ଆଇଆଇସି କହିଛନ୍ତି, ଖଣି ସମ୍ପ୍ରସାରଣ ସମ୍ପର୍କରେ ଜରଡ଼ା ଗ୍ରାମବାସୀ ଗ୍ରାମରେ ଆଲୋଚନା କରି ଜଣାଇବେ ବୋଲି କହିଛନ୍ତି। ତେବେ ଖଣି ଜିଏମ୍ ନାରାୟଣ ଦାସଙ୍କ ସହ ଯୋଗାଯୋଗ ହୋଇପାରି ନ ଥିବାରୁ ଅଧିକ ତଥ୍ୟ ମିଳିନାହିଁ।

**Marriage Wish**



Chittaranjan (Papu)
&
Laxmipriya (Puja)
With best wishes from Behera family, friends and relatives....
May Shree Jagannath Mahaprabhu shower his choicest blessings upon you....
Qtr. No.F/20, Unit-7, Suryanagar, Bhubaneswar
D-15347

**ବିବାହବାର୍ଷିକ ଶୁଭେଚ୍ଛା**



ମହେଶ (ନାନୁ) ଓ ସ୍ୱପ୍ନମିତ୍ରା (ଲିନୁ)
ଜଗନ୍ନାଥ ବିହାର, ବରମୁଣ୍ଡା, ଭୁବନେଶ୍ୱର
ତୁମ ଦାମ୍ପତ୍ୟ ଜୀବନ ସଦା ସୁଖମୟ ହେଉ, ତୁମ ବିବାହ ବାର୍ଷିକରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା ।
ପଟ୍ଟନାୟକ ପରିବାରବର୍ଗ, ଭୁବନେଶ୍ୱର
ଧ-୧୫୩୫୧

**FORM-13**
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA**
**O.A. No. 385 of 2019**

**Branch Manager, Union Bank of India, Dhenkanal Branch** ...Applicant
Versus
**M/s Women's Fitness Zone & Others** ...Defendant(s)

To
1) **M/s Women's Fitness Zone**, Respresented through its **Proprietor Smt. Smita Mishra**, W/o: Sri Sunil Kumar Padhi, At: Jawahar Chowk, P.O: Station Bazar, Dist: Dhenkanal-759001.
2) **Smt. Smita Mishra (Proprietor)**, At: Rameswarpur, P.O: Dhenkanal Town, Dist: Dhenkanal-759001.
3) **Sri Sunil Kumar Padhi (Guarantor)**, S/o: Sri Chaitanya Charan Padhi, At: Kumbhar Sahi, New Colony, Kanchan Bazar, Dhenkanal-759001.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 385 of 2019** in the Court of the Debts of Recovery Tribunal, Cuttack for recovery of **Rs.56,17,945.78** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **16.01.2020 at 10.30 AM** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this 18th day of Nov 2019.

Sd/- R.P. Patnaik
**REGISTRAR(I/C)**

**FORM-13**
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA**
**O.A. No. 528 of 2019**

**Branch Manager, Union Bank of India, Dhenkanal Branch** ...Applicant
Versus
**M/s Cell Traders & Others** ...Defendant(s)

To
1) **M/s Cell Traders, Prop: Sri Prahallad Samal**, At: Natabar Debta Market Complex, Meena Bazar, P.O: Dhenkanal, Dist: Dhenkanal-759001.
2) **Sri Prahallad Samal**, S/o: Sri Sashi Samal, At: Jaripal, P.O: Kottam, Dist: Dhenkanal-759015.
3) **Sri Sunil Kumar Padhi (Guarantor)**, S/o: Sri Chaitanya Charan Padhi, At: Kanchan Bazar, Kumbhar Sahi, P.O: Dhenkanal-759013.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 528 of 2019** in the Court of the Debts of Recovery Tribunal, Cuttack for recovery of **Rs.58,86,809.41** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **23.12.2019 at 10.30 AM** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this 18th day of Nov 2019.

Sd/- R.P. Patnaik
**REGISTRAR(I/C)**

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



୰ମାୟାଧର ସାହୁ
ଆର୍ବିଭାବ : ୦୬.୦୨.୧୯୪୯
ତିରୋଧାନ : ୧୨.୧୧.୨୦୧୯ (କାର୍ତ୍ତିକ ପୂର୍ଣ୍ଣିମା)
ତୁମର ଅକାଳ ବିୟୋଗରେ ଶୋକସନ୍ତପ୍ତ ପରିବାର, ବନ୍ଧୁଗଣ, ମହାପ୍ରଭୁ ଶ୍ରୀ ଜଗନ୍ନଥଙ୍କୁ ତୁମର ଅମର ଆତ୍ମାର ସଦ୍ଗତି ପାଇଁ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ - ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୬୮୧୮୯

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ସ୍ୱର୍ଣ୍ଣପ୍ରଭା ସାହୁ
ଗୋବିନ୍ଦପୁର, ଛତିଆ, କଟକ
ଆବିର୍ଭାବ: ୦୨।୦୩।୧୯୫୯
ତିରୋଧାନ: ୧୨।୧୧।୨୦୧୯
ତୁମ୍ଭର ଅମର ଆତ୍ମା ଶ୍ରୀଜୀଉଙ୍କ ପାଦପଦ୍ମରେ ବିଲୀନ ହେଉ, ଏହାହିଁ ଆମ୍ଭର ପ୍ରାର୍ଥନା।
ଶୋକସନ୍ତପ୍ତ:
କ୍ଷେତ୍ର ପରିବାର, ଝିଅ-ଜ୍ୱାଇଁ, ନାତି-ନାତୁଣୀ: ଅଙ୍କିତ୍, ମାମୁନି, ରାଜଶ୍ରୀ, ଅମିତ୍, ସ୍ୱିଟି, ଗୁଗୁଲୁ, ହାପି
ଧ-୧୫୩୫୦

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ସରୋଜିନୀ ଦାଶ
ଭାଲିଆବାଡ଼ି, ଖୋର୍ଦ୍ଧା
ଆବିର୍ଭାବ: ୨୫।୦୪।୧୯୪୩
ତିରୋଧାନ: ୦୨।୧୨।୨୦୧୮
ତୁମେ ଆଗ ପଛ କରି ଆମ ସମସ୍ତିଙ୍କୁ ପରକରି ଆରପାରିକୁ ଚାଲିଗଲ। ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଆଦର୍ଶ ଆମମାନଙ୍କର ପଥ ପ୍ରଦର୍ଶକ ହୋଇ ରହିବ। ତୁମ ଅମର ଆତ୍ମାର ସଦ୍ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ:
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୧୫୩୪୬

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ବାଉରୀବନ୍ଧୁ ବିଶ୍ୱାଳ
ଖଇରାଗଡ଼, ନାଉଗାଁ, ଜଗତ୍ସିଂହପୁର
ଆବିର୍ଭାବ: ୨୬।୧୧।୧୯୩୩
ତିରୋଧାନ: ୧୨।୧୧।୨୦୧୯
ତୁମ୍ଭର ଅମର ଆତ୍ମା ଶ୍ରୀଜୀଉଙ୍କ ପାଦପଦ୍ମରେ ବିଲୀନ ହେଉ, ଏହାହିଁ ଆମ୍ଭର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ଜିତା (ପତ୍ନୀ), ପୁତ୍ର-ପୁତ୍ରବଧୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ବନ୍ଧୁ ଓ ଆତ୍ମୀୟସ୍ୱଜନ ।
ଧ-୧୫୩୧୮

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ମନୋଜ କୁମାର ଦାଶ (ଟୁଟୁ)
ଭାଲିଆବାଡ଼ି, ଖୋର୍ଦ୍ଧା
ଆବିର୍ଭାବ: ୦୪।୦୨।୧୯୬୨
ତିରୋଧାନ: ୨୭।୦୨।୨୦୧୮
ତୁମେ ଆଗ ପଛ କରି ଆମ ସମସ୍ତିଙ୍କୁ ପରକରି ଆରପାରିକୁ ଚାଲିଗଲ। ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଆଦର୍ଶ ଆମମାନଙ୍କର ପଥ ପ୍ରଦର୍ଶକ ହୋଇ ରହିବ। ତୁମ ଅମର ଆତ୍ମାର ସଦ୍ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ:
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୧୫୩୪୫

# ଦରଦାମ ବୃଦ୍ଧି ନେଇ ଅସନ୍ତୋଷ

ଆଠମଲ୍ଲିକ, ୨୧।୧୧ (ଡି.ଏନ.ଏ.)

ଆଠମଲ୍ଲିକ ଅଞ୍ଚଳରେ ଖାଉଟି ଦ୍ରବ୍ୟର ଦରଦାମ ବୃଦ୍ଧି ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ଏଠାରେ ପିଆଜ କିଲୋ ୭୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ଆଳୁ ୨୦ ଟଙ୍କା ତଳକୁ ଖସୁ ନାହିଁ। ସେହିପରି ଅନ୍ୟ ପରିବା ଦର ମଧ୍ୟ ଆକାଶଛୁଆଁ ରହିଛି। ଏ ସମ୍ପର୍କରେ ଏନଏସି ନିର୍ବାହୀ ଅଧିକାରୀ ରବିନ କୁମାର ଦାସ କହିଛନ୍ତି, ଆମ ପାଖକୁ କୌଣସି ଅଭିଯୋଗ ଆସିନାହିଁ। ଅଭିଯୋଗ ଆସିଲେ ପଦକ୍ଷେପ ନିଆଯିବ।

## ସଂକ୍ଷେପରେ

### ବିଲ୍ ନ ମିଳିବାରୁ ଠିକାଦାରଙ୍କ ଅଭିନବ ପ୍ରତିବାଦ

ଉଦଳା,୨୧।୧୧(ଡି.ଏନ୍.ଏ.): କାର୍ଯ୍ୟ ଶେଷ ହେବାର ଅଢେଇ ବର୍ଷ ପରେ ମଧ୍ୟ ବିଲ୍ ମିଳିପାରୁ ନାହିଁ। ଏହାର ପ୍ରତିବାଦରେ ଅଭିନବ ଢଙ୍ଗରେ ପ୍ରତିବାଦ କରିଛନ୍ତି ଠିକାଦାର। ଉଦଳା ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ପରିସରରେ ଶୋଇରହି ସେ ପ୍ରତିବାଦ ଜଣାଇଛନ୍ତି। ଉଦଳା ଡାକ୍ତରଖାନା ପରିସରରେ କାର୍ଯ୍ୟରତ ଷ୍ଟାଫ୍‌ମାନଙ୍କ ନିମନ୍ତେ କ୍ୱାର୍ଟର ନିର୍ମାଣ କରାଯାଇଥିଲା। ଉକ୍ତ କାର୍ଯ୍ୟ ଶେଷ ହେବାର ଅଢେଇ ବର୍ଷ ବିତିଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଠିକାଦାର ସୀମାନ୍ତ ତ୍ରିପାଠୀଙ୍କୁ ନିର୍ମାଣ ସମ୍ବନ୍ଧୀୟ ବିଲ୍ ମିଳିପାରିନାହିଁ। ଏହାର ପ୍ରତିବାଦରେ ଗୁରୁବାର ଉଦଳା ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ସେ ଶୋଇରହି ଧାରଣା ଦେଇଥିଲେ। ଏନେଇ ଉଦଳା ପୂର୍ତ୍ତ ବିଭାଗ ଏସଡିଓ ନରସିଂହ ମହାନ୍ତଙ୍କୁ ପଚାରିବାରୁ ଉକ୍ତ କାର୍ଯ୍ୟ ତଦାରଖ କରୁଥିବା ଯନ୍ତ୍ରୀଙ୍କ ବଦଳି ହୋଇଥିବାରୁ ବିଲ୍ ପ୍ରଦାନ କରାଯାଇ ପାରି ନାହିଁ। ଆସନ୍ତା ୭ ଦିନ ମଧ୍ୟରେ ଠିକାଦାରଙ୍କୁ ବିଲ୍ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

### ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ

କୁଆଁମରା,୨୧।୧୧(ଡି.ଏନ୍.ଏ.): ଗୋପବନ୍ଧୁ ନଗର ବ୍ଲକ ଆରପଟା ପଞ୍ଚାୟତର ହରିବଂଶଠାରେ ବାବା ଭଜନାଥ ଆଥଲେଟିକ ଆସୋସିଏଶନ ପକ୍ଷରୁ ୩୩ତମ ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ଆରପଟା ସ୍ପୋର୍ଟ୍ସ କ୍ଲବ ୨-୦ ଗୋଲରେ ମା' ଲକ୍ଷ୍ମୀ ଏଫସି ପାଟପୁରକୁ ହରାଇ ଚାମ୍ପିୟନ ହୋଇଥିଲା। ଚାମ୍ପିୟନ ଦଳକୁ ୧୫ ହଜାର ଓ ରନର୍ସଅପ ଦଳକୁ ୧୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଅତିଥିଭାବେ ଜିଲା ପରିଷଦ ସଭ୍ୟ ନରେନ୍ଦ୍ର ପାତ୍ର, ଆଦିବାସୀ ଉନ୍ନୟନ ପରିଷଦ ଜିଲା ସଂଯୋଜକ ଲାଲମୋହନ ମାରାଣ୍ଡି, ଶିକ୍ଷାବିତ ଗୌରମୋହନ ବେହେରା, ଯୁବ ନେତା ସଞ୍ଜୀବ କୁମାର ନାୟକ, କୁଆଁମରା ମଣ୍ଡଳ ସଭାପତି ଶାନ୍ତନୁ କୁମାର ମଲ୍ଲୁଆଲ ପ୍ରମୁଖ ଯୋଗ ଦେଇଥିଲେ। ଆସୋସିଏଶନ ସଭାପତି ବନମାଳୀ ସିଂ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ବିଜୟ କୁମାର ସିଂ, ପୂର୍ଣ୍ଣଚନ୍ଦ୍ର ବିନ୍ଧାଣି, ମଧୁ ସିଂ, ରାଜେନ୍ଦ୍ର ସିଂ ପରିଚାଳନାରେ ସହଯୋଗ କରିଥିଲେ।

# 'ସଂସ୍କୃତିର ବିକାଶ ପାଇଁ ଆଗେଇ ଆସ'

**ବାରିପଦା ଅଫିସ,୨୧।୧୧**



ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ବିଭାଗ ପକ୍ଷରୁ ମୟୂରଭଞ୍ଜ ଜିଲା ପ୍ରଶାସନ ଓ ଜିଲା କ୍ରୀଡ଼ାବିଭାଗ ତତ୍ତ୍ୱାବଧାନରେ ଆୟୋଜିତ ୨୫ତମ ଜିଲା ଯୁବ ଉତ୍ସବ ଉଦ୍‌ଯାପିତ ହୋଇ ଯାଇଛି । ବାରିପଦା ସହିଦ ସ୍ମୃତି ଭବନରେ ଦୁଇଦିନ ବ୍ୟାପୀ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୟୂରଭଞ୍ଜ ଜିଲାପାଳ ବିନୀତ ଭରଦ୍ୱାଜ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜିଲାର ଯୁବ କଳା ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବା ମହତ ଉଦ୍ଦେଶ୍ୟ ନେଇ ଜିଲା ଯୁବ ଉତ୍ସବ ଆୟୋଜିତ ହେଉଛି । ଜିଲାରେ କଳା,ସଂସ୍କୃତିର ବିକାଶ ତଥା ସମାଜ ଗଠନରେ ଯୁବ ସମାଜ ତଥା କଳାକାରମାନେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଜିଲାପାଳ ସୁଜୟ କୁମାର ପତି, ଜିଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ଜିଲାର ଯୁବ ପ୍ରତିଭାମାନେ ରାଜ୍ୟ ତଥା ଜାତୀୟସ୍ତରରେ ସୁନାମ ଆଣିବା ପାଇଁ ମତବ୍ୟକ୍ତ କରିଥିଲେ । ଜିଲାସ୍ତରୀୟ ଏହି ଯୁବ ଉତ୍ସବରେ ଲୋକନୃତ୍ୟ, ଲୋକସଙ୍ଗୀତ, ଶାସ୍ତ୍ରୀୟ ନୃତ୍ୟ, ବାଦ୍ୟ ଯନ୍ତ୍ର ଆଦି ସାଂସ୍କୃତିକ କାର୍ଯ୍ୟକ୍ରମରେ କୃତୀତ୍ୱ ହାସଲ କରିଥିବା ଯୁବ କଳା ପ୍ରତିଭାମାନଙ୍କୁ ମୁଖ୍ୟ ଅତିଥି ଜିଲାପାଳ ଭରଦ୍ୱାଜ ପୁରସ୍କାର ସ୍ୱରୂପ ଟ୍ରଫି, ମାନପତ୍ର ଓ ନଗଦ ଅର୍ଥରାଶି ପ୍ରଦାନ କରିଥିଲେ।

ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ଯୁବ କଳାକାରମାନେ ରାଜ୍ୟସ୍ତରୀୟ ଯୁବ ମହୋତ୍ସବରେ ଅଂଶ ଗ୍ରହଣ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଜିଲା କ୍ରୀଡ଼ା ଅଧିକାରୀ ଭୋଜରାଜ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ୭୦୦ରୁ ଊର୍ଦ୍ଧ୍ୱ ଯୁବ କଳାକାର ଓ ଗୁରୁ ତଥା ବିଚାରକ ମଣ୍ଡଳୀ ଅଂଶ ଗ୍ରହଣ କରିଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଳସୁଆ ଆଉ ତା' ଠଉଁ ନାହିଁ
କୁଟାକୁ ଦି' ଖଣ୍ଡ କରଇ ନାହିଁ।**

ଅତି ଅଳସୁଆ। ଏତେ ଅଳସୁଆ ଯେ କୁଟାକୁ ଦି' ଖଣ୍ଡ କରିବାକୁ ମଧ୍ୟ ଇଚ୍ଛା ନ ଥାଏ। କିଛି ବ୍ୟକ୍ତି କାମଦାମ ନ କରି ଖାଇପିଇ ଅୟସରେ ଦିନ ବିତାଇଥାନ୍ତି। କାମ କରିବା କଥା କହିଲେ ନାନା ବାହାନା ଦେଖାଇ କାମରୁ ମୁହଁ ଫେରାଇ ନେଇଥାନ୍ତି। କୌଣସି କାମରେ ଦେହ ନ ହଲେଇବା ଲୋକ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅଖାଇ ରଙ୍କୁଣୀ ନ ଖାଏ ଭାତ,
ମାରି ଦେଉଥାଏ ପିହାଣ ସାତ।**

ଯିଏ ଖାଇବାକୁ ପାଏ ନାହିଁ ସେ ଖାଇବା ରଙ୍କୁଣୀ। ଖାଦ୍ୟ ରଙ୍କୁଣୀ ଭଲ ଭଲ ସୁଆଦିଆ ଜିନିଷ ପାଇଲେ ଖାଇବାକୁ ବିକଳ ହୁଏ, ତାକୁ ଭାତ ବି ଆଉ ଭଲ ଲାଗେନି ବା ରୁଚେନି। ଏହାଠୁଁ ଯାହା ଭଲ ଖାଦ୍ୟ ପଦାର୍ଥ ପାଏ ବିକଳରେ କେବେ ନ ଖାଇଲା ଭଳି ଗିଳି ଦେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# 'ନାମମାତ୍ର, ଭାଗଚାଷୀଙ୍କୁ ମିଳୁ କ୍ଷତିପୂରଣ'

**ଭଦ୍ରକ ଅଫିସ,୨୧।୧୧:**

ଭଦ୍ରକ ତହସିଲ ଅଞ୍ଚଳର ନାମମାତ୍ର ଓ ଭାଗ ଚାଷୀମାନେ ବାତ୍ୟା ବୁଲ୍‌ବୁଲ୍‌ର କ୍ଷୟକ୍ଷତି ଆକଳନ କରାଯାଇ ସେମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଉ ବୋଲି ଗୁରୁବାର ତହସିଲଦାରଙ୍କ ନିକଟରେ ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ କେନ୍ଦ୍ର ଓ ରାଜ୍ୟ ସରକାର ବାତ୍ୟା, ବନ୍ୟାର କ୍ଷୟକ୍ଷତି ଭରଣା ପାଇଁ ଯେଉଁସବୁ ଯୋଜନା କରୁଛନ୍ତି ତାହା ଜମି ମାଲିକମାନଙ୍କ ଲାଗି ପ୍ରଯୁଜ୍ୟ। ଜମି ମାଲିକମାନେ କ୍ଷତିପୂରଣ ଟଙ୍କା ପାଉଛନ୍ତି। କିନ୍ତୁ ବଳି ପଡୁଛନ୍ତି ଚାଷୀ, ଭୂମିହୀନ। ପ୍ରତ୍ୟେକ ତହସିଲ ଅଞ୍ଚଳରେ ତଦନ୍ତକାରୀ ଦଳ ଗଠନ କରାଯାଇ ବୁଲ୍‌ବୁଲ୍ ବାତ୍ୟାରେ କ୍ଷତିଗ୍ରସ୍ତ ଚାଷଜମି ତଦନ୍ତ କରି ପ୍ରକୃତ କ୍ଷତିଗ୍ରସ୍ତଙ୍କ ନାମ ପଞ୍ଜୀକରଣ କରାଯାଉ। ତଦନ୍ତ ସମୟରେ କ୍ଷତିଗ୍ରସ୍ତ ଭାଗଚାଷୀମାନଙ୍କୁ ଚିହ୍ନଟ କରି କ୍ଷତିପୂରଣ ଯୋଗାଇ ଦିଆଯାଉ। କୃଷିଋଣ ସମ୍ପୂର୍ଣ୍ଣ ଛାଡ଼, ବାସଗୃହ ଏବଂ ଯେଉଁମାନଙ୍କର ଗୁହାଳ ଭାଙ୍ଗି ନଷ୍ଟ ହୋଇଯାଇଛି ସେମାନଙ୍କୁ ମୋ କୁଡ଼ିଆ ଓ ପକ୍କା ଗୁହାଳ ଘର ତୁରନ୍ତ ଯୋଗାଇ ଦିଆଯାଉ ବୋଲି ଉଦୟ ହେମ୍ବ୍ରମ, ପୂର୍ଣ୍ଣ ସିଂ, ଦୀନବନ୍ଧୁ ସୁରୀ, ଲତା ସିଂ, ମଙ୍ଗଳ ସିଂ, ବିକ୍ରମ ହେମ୍ବ୍ରମ, ରେବତୀ ସ, ରାଧା ନାୟକ ପ୍ରମୁଖ ଶତାଧିକ ଚାଷୀ ଦାବି କରିଛନ୍ତି।

# ଶ୍ରୀମନ୍ଦିରରେ ଅଚେତ ଶ୍ରଦ୍ଧାଳୁ ହସ୍ପିଟାଲରେ ମୃତ

**ପୁରୀ ଅଫିସ, ୨୧।୧୧**

ମହାପ୍ରଭୁଙ୍କ ଦର୍ଶନ କରିବାକୁ ଆସିଥିବା ଜଣେ ଶ୍ରଦ୍ଧାଳୁ ଗୁରୁବାର ଶ୍ରୀମନ୍ଦିର ପରିସରରେ ଅଚେତ ହୋଇପଡ଼ିଥିଲେ। ତାଙ୍କୁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ହେଉଛନ୍ତି ମଧ୍ୟପ୍ରଦେଶ ଗୁନା ଜିଲାର ଅନୁରତ ସିଂ (୬୫)। ସୂଚନା ମୁତାବକ, ଅନୁରତ ସପରିବାର ପୁରୀ ଆସିଥିଲେ। ଗୁରୁବାର ସକାଳେ ସେମାନେ ରହୁଥିବା ହୋଟେଲରୁ ମନ୍ଦିରକୁ ବାହାରିବା ବେଳେ ଅନୁରତ ଅସୁସ୍ଥ ଅନୁଭବ କରିଥିଲେ। ପରିବାର ଲୋକେ ତାଙ୍କୁ ହସ୍ପିଟାଲ ନେବାକୁ ଚାହିଁଥିଲେ। କିନ୍ତୁ ପ୍ରଥମେ ମହାପ୍ରଭୁଙ୍କୁ ଦର୍ଶନ କରିବା ଲାଗି ସେ ଇଚ୍ଛା ପ୍ରକାଶ କରିଥିଲେ। ତେଣୁ ତାଙ୍କ କଥା ଅନୁସାରେ ସମସ୍ତେ ଶ୍ରୀମନ୍ଦିରକୁ ଆସିଥିଲେ। ମହାପ୍ରଭୁଙ୍କୁ ଦର୍ଶନ କରିସାରିବା ପରେ ହଠାତ୍ ଅନୁରତ ଅଚେତ ହୋଇ ପଡ଼ିଥିଲେ। ତାଙ୍କୁ ପୋଲିସ କର୍ମଚାରୀଙ୍କ ସହାୟତାରେ ପରିବାର ଲୋକେ ଉତ୍ତର ଦ୍ୱାର ବାହାରକୁ ଆଣିଥିଲେ। ଏହାପରେ ତାଙ୍କୁ ଆମ୍ବୁଲାନ୍ସରେ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ସିଂହଦ୍ୱାର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଋଣ ଦେବା ନାଁରେ ଅର୍ଥ ହଡ଼ପ ଅଭିଯୋଗ

**ରୂପ୍‌ସା, ୨୧।୧୧(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ରୂପ୍‌ସା ଥାନା ହାତିଆଡ଼ିହା ଗ୍ରାମବାସୀଙ୍କୁ ଋଣ ଯୋଗାଇ ଦେବା ନାଁରେ 'ଅନ୍ନପୂର୍ଣ୍ଣା ଫାଇନାନ୍ସ ପ୍ରାଇଭେଟ୍ ଲିମିଟେଡ୍' ସଂସ୍ଥା ଅର୍ଥ ହଡପ କରିଥିବା ଅଭିଯୋଗ ହୋଇଛି। ସଂସ୍ଥାର ଶାଖା ପରିଚାଳକ ବିଜୟ କୁମାର ନାୟକ ଓ ଡେଭେଲପମେଣ୍ଟ ଅଫିସର ସୁଚିସ୍ମିତା ଦାସ ବର୍ଷକ ପରେ ବାଇକ୍ ଯୋଗେ ଗୁରୁବାର ହାତିଆଡ଼ିହା ଗାଁକୁ ଆସି ବୁଝାଶୁଝା କରୁଥିବା ବେଳେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ସେମାନଙ୍କୁ ଅଟକ ରଖି ଥାନାକୁ ଆଣିଥିଲେ। ଏ ସମ୍ପର୍କରେ ମନୋରଞ୍ଜନ ନାୟକ, ସୁବାସ କୁମାର ପାତ୍ର, ଶ୍ରୀକାନ୍ତ ମହାଳିକ, ସନିଆ ଗିରି, ରଣଜିତ୍ ସାହୁ, ପଦ୍ମଲୋଚନ ରଣା ପ୍ରମୁଖ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଉଭୟ ପକ୍ଷ ଥାନାକୁ ଆସିଥିଲେ ମଧ୍ୟ ଖବର ଲେଖା ହେବା ପର୍ଯ୍ୟନ୍ତ ଘଟଣାର ସମାଧାନ ହୋଇପାରିନାହିଁ। ସେମାନଙ୍କ ବାଇକ୍‌କୁ ଗ୍ରାମବାସୀ ଆଣି ଥାନା ଜିମା ଦେଇଛନ୍ତି।

# ଖବରଦାତାଙ୍କୁ ଆକ୍ରମଣ ଅଭିଯୋଗ

**ବହଳଦା,୨୧।୧୧(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ବହଳଦା ଅଞ୍ଚଳରେ ଥିବା ଏକ ଘରୋଇ ଡିପ୍ଲୋମା କଲେଜକୁ ଗୁରୁବାର ଖବର ସଂଗ୍ରହ ପାଇଁ ଯାଇଥିବା କେତେକ ଖବରଦାତାଙ୍କୁ କଲେଜ କର୍ତ୍ତୃପକ୍ଷ ବାଧାଦେବା ସହ ମାରପିଟ କରିଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ବାରିପଦାରୁ କେତେକ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ଉକ୍ତ ଅନୁଷ୍ଠାନ ସମ୍ପର୍କରେ ଖବର ସଂଗ୍ରହ ପାଇଁ ଯାଇଥିଲେ। ଫଟୋ ଉଠାଉଥିବା ସମୟରେ ପ୍ରତିଷ୍ଠାନର ନିର୍ଦ୍ଦେଶକ ଓ କର୍ମଚାରୀ ସେମାନଙ୍କୁ ବାଧା ଦେବା ସହ ମାରପିଟ କରିଥିବା ବହଳଦା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ଗଣମାଧ୍ୟମର ପ୍ରତିନିଧିମାନେ କାହାକୁ କିଛି ନ କହି ପରୀକ୍ଷା ଚାଲିଥିବା ହଲ୍ ଭିତରେ ପଶି ଫଟୋ ଉଠାଉଥିଲେ। ସେଠାରେ ଉପସ୍ଥିତ ଥିବା ପ୍ରତିଷ୍ଠାନ ନିର୍ଦ୍ଦେଶକଙ୍କ ସ୍ତ୍ରୀ ଆପଣମାନେ କିଏ ଓ କାହିଁକି ଫଟୋ ଉଠାଉଛନ୍ତି ବୋଲି ପଚାରିବାରୁ ଖବରଦାତାମାନେ ତାଙ୍କୁ ଦୁର୍ବ୍ୟବହାର କରିଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଉଭୟ ପକ୍ଷଙ୍କ ଅଭିଯୋଗକୁ ଭିତ୍ତି କରି ବହଳଦା ଥାନା ଅଧିକାରୀ ବୀରେନ୍ଦ୍ର ସେନାପତି ଘଟଣାସ୍ଥଳକୁ ଯାଇ ତଦନ୍ତ କରି ଫେରିଛନ୍ତି। ଏନେଇ ଥାନାରେ ଦୁଇଟି ମାମଲା (ନଂ.୭୫/୧୯ ଓ ୭୬/୧୯) ରୁଜୁ ହୋଇଛି।

# ବାହାନଡ଼ା ଲ୍ୟାମ୍ପସ ପୁରସ୍କୃତ

**ଖୁଣ୍ଟା,୨୧।୧୧(ଡି.ଏନ୍.ଏ.)**

ଖୁଣ୍ଟା ବ୍ଲକ ଅଧୀନ ବାହାନଡ଼ା ଲ୍ୟାମ୍ପସକୁ କପ୍ତିପଦା ସର୍କଲରେ ଶ୍ରେଷ୍ଠ ଲ୍ୟାମ୍ପସ ଭାବେ ପୁରସ୍କୃତ କରାଯାଇଛି। ଚାଷୀମାନଙ୍କୁ ଋଣ ପ୍ରଦାନ ଓ ଆଦାୟ କ୍ଷେତ୍ରରେ ସଫଳତା ପାଇଁ ଲ୍ୟାମ୍ପସ ଏହି ଗୌରବର ଅଧିକାରୀ ହୋଇଛି। ବୁଧବାର ବାରିପଦା ସୂର୍ଯ୍ୟ ନିବାସରେ ଅନୁଷ୍ଠିତ ସମବାୟ ସପ୍ତାହ ପାଳନର ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ମୋରଡା ବିଧାୟକ ରାଜକିଶୋର ଦାସଙ୍କଠାରୁ ଲ୍ୟାମ୍ପସ ଏମଡି ମଧୁସ୍ମିତା ଦେ ପୁରସ୍କାର ସ୍ୱରୂପ ଟ୍ରଫି ଓ ମାନପତ୍ର ଗ୍ରହଣ କରିଥିଲେ। ଏହି ଲ୍ୟାମ୍ପସର ଲାଭ ପୂର୍ବ ବର୍ଷ ଅପେକ୍ଷା ୨୬% ବୃଦ୍ଧି ପାଇଛି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

EDUCATION

FINANCE

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail : - namonamoonlinem.p@gmail.com
9911321841
Add : - 41/14, Sec-1 Pushp Vihar, Delhi

FINANCE
Ujjivan ଋଣ ସରକାରୀ ସୀକୃତିପ୍ରାପ୍ତ ପ୍ରଧାନମନ୍ତ୍ରୀ ବେରୋଜଗାର ଯୋଜନା ଦ୍ୱାରା ମାର୍କସିଟ, ବ୍ୟକ୍ତିଗତ ଓ ସମ୍ପତି ଋଣ ଘରେ ବସି ମାତ୍ର 24 ଘଣ୍ଟାରେ ପାଆନ୍ତୁ।
2% ସୁଧ 45% ଛାଡ
No Guarantor/No Commission
Plot No 428/74, Shahnajaf Rd, Lucknow, Uttar Pradesh 226001
7056051417

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ। ୨% ସୁଧ ୬୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ଖର୍ଚ୍ଚ ଋଣରୁ କଟିବ
MAHALAXMI FINANCE
1 ଲକ୍ଷରୁ 90 ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ
1% ସୁଧ | 40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
9518852216, 9548270863
ADDRESS: T-51, GAUTAMPURI, DELHI

E-MUDRA FINANCE
All Odisha
★ Mudra Loan
★ Cash Credit Loan
★ Vehicle Loan
★ Agriculture Loan
★ Personal Loan
★ Business Loan
★ Mortgage Loan
★ Housing Loan
All types of Loan@ 1% Interest 50% Subsidy
Fund Received in 24 Hours
9614873562
B-34/A Block, Vijay Enclave, Burari, New Delhi

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ଋଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ। ସମସ୍ତ ପ୍ରକାର LOAN BARSA FINANCE ଯୋଗାଇ ଦେଉଛି। ସୁଧ=1%
MOB - 9853098838, 7656825259, 7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ASTROLOGY

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

DHARITRI Career appointment Every Wednesday and Saturday

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

TARIFF

| | Size | Amount |
|---|---|---|
| For Single Day | 6×4 cm | 1500.00 |
| For Single Day | 12×4 cm | 2000.00 |
| For 7 Days | 6×4 cm | 6000.00 |
| For 7 Days | 12×4 cm | 12,000.00 |
| For 15 Days | 6×4 cm | 12,000.00 |
| For 15 Days | 12×4 cm | 25,000.00 |
| For 30 Days | 6×4 cm | 20,000.00 |
| For 30 Days | 12×4 cm | 40,000.00 |

*GST 5% Extra

SPOT ADMISSION
B.Ed
Acharya Nagarjuna University Equivalent to Govt. of Odisha
FREE Practical, Study Material, Form fill-up fees & Weekend Class
NIDT
NO-1 B.Ed Academy Since 2001
B.J.B. Nagar, Lewis Road, Bhubaneswar
7978204082, 9438286091

CONGRATULATIONS TO ALL SUCCESSFUL STUDENTS OF OCS (MAIN) EXAM.-2018
LISAS'IAS CELEBRATES 27th YEAR OF SUCCESS
FREE GUIDANCE FOR OAS (VIVA-VOCE)
BATCH STARTS FROM 17.11.2019
LISAS' SUCCESS IN OAS
2017 : 41 (5 in Top 20)
2016 : 58 (4 in Top 20)
2015 : 155 (6 in Top 20)
2011 : 154 (Topper, 5 in Top 10 & 10 in Top 20)
2010 : 180 (Lady Topper & 6 in Top 10)
2000 : 93 (Topper, Lady Topper & 6 in Top 10)
1997 : 55 (Topper, Lady Topper)
1996 : 7 (Topper)
1995 : 7
LISAS'IAS
2, Budha Nagar (Near Kalpana Chowk), BBSR-6
9338222113
9337594620
CORRESPONDENCE COURSE ALSO AVAILABLE

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ସଂଖ୍ୟାଲଘୁ ଓ ଦୁର୍ବଳମାନଙ୍କୁ ଧାଡ଼ିରେ ଛିଡ଼ା କରାଇ ଅସୁବିଧାରେ ପକାଇବା ହେଉଛି କେନ୍ଦ୍ରର ଦେଶବ୍ୟାପୀ ଏନ୍ଆର୍‌ସି ଲାଗୁ କରାଇବା ପଛର ଉଦ୍ଦେଶ୍ୟ।

-ଅସାଦୁଦ୍ଦିନ ଓୱାଇସି,
ଏଆଇଏମ୍ଆଇଏମ୍ ଅଧ୍ୟକ୍ଷ

# ୨୧ ବର୍ଷରେ ବିଚାରପତି

**ଜୟପୁର,୨୧।୧୧**



ରାଜସ୍ଥାନ ରାଜଧାନୀ ଜୟପୁରର ମାନସରୋବର ବାସିନ୍ଦା ୨୧ ବର୍ଷୀୟ ମୟଙ୍କ ପ୍ରତାପ ସିଂ ଦେଶର ସର୍ବକନିଷ୍ଠ ବିଚାରପତି ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ସେ ପ୍ରଥମ ଉଦ୍ୟମରେ ହିଁ ରାଜସ୍ଥାନ ଜୁଡିସିଆଲ୍ ସର୍ଭିସ (ଆର୍‌ଜେଏସ୍)ରେ ଉତ୍ତୀର୍ଣ୍ଣ ହୋଇ ଇତିହାସ ରଚିଛନ୍ତି।

ରାଜସ୍ଥାନ ୟୁନିଭର୍ସିଟିରେ ଗତ ଏପ୍ରିଲରେ ୫ ବର୍ଷିଆ ଏଲ୍ଏଲ୍‌ବି ପାଠ୍ୟକ୍ରମ ଶେଷ କରିଥିବା ମୟଙ୍କ ନିଜ ପ୍ରସ୍ତୁତି ସମ୍ପର୍କରେ କହିଛନ୍ତି, ଆର୍‌ଜେଏସ୍ ପରୀକ୍ଷାରେ ପାସ୍ କରିବା ଲାଗି ତାଙ୍କୁ ଦିନକୁ ୧୨ରୁ ୧୩ ଘଣ୍ଟା ପରିଶ୍ରମ କରିବାକୁ ପଡୁଥିଲା। ଭଲ ଫଳ ଆସିବ ବୋଲି ସେ ଆଶା କରିଥିଲେ। ଜଣେ ଭଲ ବିଚାରପତି ହେବା ପାଇଁ ସାଧୁତା ହେଉଛି ସବୁଠୁ ଗୁରୁତ୍ୱପୂର୍ଣ୍ଣ ଯୋଗ୍ୟତା। ବିଚାରପତିମାନେ ବାହୁବଳ ଓ ଅର୍ଥବଳ ସମେତ ବାହ୍ୟ ପ୍ରଭାବରୁ ମୁକ୍ତ ରହିବା ଉଚିତ ବୋଲି ମୟଙ୍କ କହିଛନ୍ତି। ପ୍ରକାଶ ଯେ, ଆର୍‌ଜେଏସ୍ ପରୀକ୍ଷା ଦେବା ପାଇଁ ପୂର୍ବରୁ ସର୍ବନିମ୍ନ ବୟସ ସୀମା ୨୩ ଥିବାବେଳେ ଚଳିତବର୍ଷ ରାଜସ୍ଥାନ ହାଇକୋର୍ଟ ଏହାକୁ ୨୧କୁ ଖସାଇଛନ୍ତି।

# ଆଗାଥାଙ୍କୁ ଅଭିନନ୍ଦନ

**ନୂଆଦିଲ୍ଲୀ,୨୧।୧୧**

ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ତୁରା ଏମ୍‌ପି ଆଗାଥା ସଙ୍ଗ୍‌ମା ଗୁରୁବାର ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଲୋକ ସଭାର ପୂର୍ବତନ ବାଚସ୍ପତି ସ୍ୱର୍ଗତ ପି.ଏ. ସଙ୍ଗ୍‌ମାଙ୍କ ଝିଅ ତଥା ମେଘାଳୟ ମୁଖ୍ୟମନ୍ତ୍ରୀ କନ୍‌ରାଡ୍ ସଙ୍ଗ୍‌ମାଙ୍କ ଭଉଣୀ ଆଗାଥା ପାଟ୍ରିକ୍ ରୋଙ୍ଗମା ମାରାକଙ୍କୁ ବିବାହ କରିଛନ୍ତି। ପାଟ୍ରିକ୍ ଶିଲଂସ୍ଥିତ ନର୍ଥ ଇଷ୍ଟର୍ନ ଇନ୍ଦିରା ଗାନ୍ଧୀ ରିଜିଓନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲ୍‌ଥ ଆଣ୍ଡ ମେଡିକାଲ୍ ସାଇନ୍ସେସ୍‌ରେ କାର୍ଯ୍ୟ କରନ୍ତି। ଏହି ପରିପ୍ରେକ୍ଷୀରେ କନରାଡ୍‌ଙ୍କ ଏକ ଟୁଇଟ୍‌କୁ ନେଇ ପ୍ରତିକ୍ରିୟା ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନବଦମ୍ପତିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



କହିଛନ୍ତି, ଏହି ଶୁଭ ଅବସରରେ ଆଗାଥା ଓ ପାଟ୍ରିକ୍‌ଙ୍କୁ ଶୁଭେଚ୍ଛା। ବନ୍ଧୁ ସ୍ୱର୍ଗତ ସଙ୍ଗମା ଜୀବିତ ଥିଲେ ଝିଅର ବାହାଘର ଦେଖି ଖୁସି ହୋଇଥାନ୍ତେ।

# ୨୦୨୧ରେ ହେବ ଚମତ୍କାର

**ଚେନ୍ନାଇ,୨୧।୧୧**



୨୦୨୧ ତାମିଲନାଡୁ ବିଧାନସଭା ନିର୍ବାଚନ ବେଳେ ରାଜ୍ୟ ରାଜନୀତିରେ ଚମତ୍କାର ହେବ ବୋଲି ଗୁରୁବାର ସୁପରଷ୍ଟାର ରଜନୀକାନ୍ତ ଦୋହରାଇଛନ୍ତି। ଜାତି, ସମ୍ପ୍ରଦାୟ ଓ ଆଧ୍ୟାତ୍ମିକ ରାଜନୀତି କେବେ କାମ କରିବନାହିଁ ବୋଲି ମନ୍ତ୍ରୀ ଡି. ଜୟକୁମାର ମନ୍ତବ୍ୟ ଦେଇଥିବାବେଳେ ଏହାକୁ ନେଇ ପ୍ରତିକ୍ରିୟା ପ୍ରକାଶ କରି ରଜନୀକାନ୍ତ ଏପରି କହିଛନ୍ତି। ଆସନ୍ତାବର୍ଷ ନିଜ ରାଜନୈତିକ ଦଳ ଆରମ୍ଭ କରିବାକୁ ଯାଉଥିବା ରଜନୀକାନ୍ତ ପୂର୍ବରୁ କହିସାରିଛନ୍ତି ଯେ, ତାଙ୍କ ଦଳ ଆଧ୍ୟାତ୍ମିକ ରାଜନୀତି ଉପରେ ଗୁରୁତ୍ୱ ଦେବ। ତାମିଲନାଡୁର ଜନସାଧାରଣ ଚମତ୍କାର ଓ ବିସ୍ମୟକୁ ୧୦୦% ସୁନିଶ୍ଚିତ କରିବେ ବୋଲି ଚେନ୍ନାଇ ବିମାନବନ୍ଦରରେ କହିଛନ୍ତି। ଆବଶ୍ୟକ ହେଲେ ରଜନୀକାନ୍ତ ଓ ଅଭିନେତାରୁ ରାଜନେତା ସାଜିଥିବା କମଲ ହାସନ ରାଜନୀତିରେ ହାତ ମିଳାଇବେ ବୋଲି ସଙ୍କେତ ଦେଇସାରିଛନ୍ତି। ଅନ୍ୟପକ୍ଷରେ ଶାସକ ଏଆଇଏଡିଏମ୍‌କେ ପୁନର୍ବାର କ୍ଷମତାକୁ ଫେରିବ ବୋଲି ରଜନୀକାନ୍ତ କହିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଇ.କେ. ପାଲାନିସ୍ୱାମୀ କଟାକ୍ଷ କରିଛନ୍ତି।

## ସଂକ୍ଷେପରେ

### ଲେବର ପାର୍ଟି ଇସ୍ତାହାରରେ ଜାଲିଆନାୱାଲା ବାଗ୍ ଗଣହତ୍ୟା ପ୍ରସଙ୍ଗ

**ଲଣ୍ଡନ,୨୧।୧୧:** ବ୍ରିଟେନର ବିରୋଧୀ ଦଳ ଲେବର ପାର୍ଟି ପକ୍ଷରୁ ଗୁରୁବାର ସାଧାରଣ ନିର୍ବାଚନ ପାଇଁ ୧୦୭ ପୃଷ୍ଠାର ଇସ୍ତାହାର ଉନ୍ମୋଚନ କରାଯାଇଛି। ଡିସେମ୍ବର ୧୨ରେ ହେବାକୁ ଥିବା ଏହି ନିର୍ବାଚନରେ ଦଳ ବିଜୟୀ ହେଲେ ଜାଲିଆନାୱାଲା ବାଗ୍ ଗଣହତ୍ୟା ପାଇଁ କ୍ଷମା ମଗାଯିବ ବୋଲି ଏଥିରେ କୁହାଯାଇଛି। ପ୍ରକାଶ ଯେ, କିଛି ମାସ ତଳେ ଜାଲିଆନାୱାଲା ବାଗ୍ ଗଣହତ୍ୟାର ୧୦୦ ବର୍ଷ ପୂର୍ତ୍ତି ଅବସରରେ ପୂର୍ବତନ ପ୍ରଧାନମନ୍ତ୍ରୀ ଥେରେସା ମେ ଏହାକୁ ନେଇ ଗଭୀର ଶୋକବ୍ୟକ୍ତ କରିଥିଲେ। କିନ୍ତୁ କ୍ଷମାମାଗି ନ ଥିଲେ।

### ସଭରକର, ବିର୍ସା ମୁଣ୍ଡାଙ୍କୁ ଭାରତରତ୍ନ ପ୍ରଦାନ ଦାବି

**ନୂଆଦିଲ୍ଲୀ,୨୧।୧୧(ପି.ଟି.):** ହିନ୍ଦୁତ୍ୱବାଦୀ ନେତା ବୀର ସଭରକର ଏବଂ ଆଦିବାସୀ ନେତା ତଥା ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କୁ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ ଭାରତରତ୍ନ ପ୍ରଦାନ କରିବା ଲାଗି ଗୁରୁବାର ଲୋକ ସଭାରେ ଶିବସେନା ସଦସ୍ୟ ରାଜେନ୍ଦ୍ର ଗାଭିଟ୍ ଦାବି କରିଥିଲେ। ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ଗାଭିଟ୍ କହିଥିଲେ, ଦେଶ ପାଇଁ ବିର୍ସା ମୁଣ୍ଡାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିବାରୁ ତାଙ୍କୁ ସର୍ବୋଚ୍ଚ ସମ୍ମାନ ମିଳିବା ଆବଶ୍ୟକ। ସେହିପରି ବୀର ସଭରକରଙ୍କ ଭଳି ସ୍ୱାଧୀନତା ସଂଗ୍ରାମୀଙ୍କୁ ଭାରତରତ୍ନ ମିଳିବା ଉଚିତ ବୋଲି ସେ କହିଥିଲେ।

### ରାଜ୍ୟ ସଭା ସିଲେକ୍ଟ କମିଟିକୁ ଗଲା ସରୋଗେସୀ ବିଲ୍

**ନୂଆଦିଲ୍ଲୀ,୨୧।୧୧(ପି.ଟି.):** ସରୋଗେସୀ ବିଲ୍‌କୁ ସରକାର ଗୁରୁବାର ରାଜ୍ୟ ସଭା ସିଲେକ୍ଟ କମିଟିକୁ ପଠାଇଦେଇଛନ୍ତି। ଏନେଇ ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନ ଗୃହରେ ପ୍ରସ୍ତାବ ଆଣିଥିଲେ। ସରୋଗେସୀ (ନିୟନ୍ତ୍ରଣ) ବିଲ୍, ୨୦୧୯ରେ ଥିବା କେତେକ ବ୍ୟବସ୍ଥାରେ ସଂଶୋଧନ ଆଣିବା ପାଇଁ ବୁଧବାର ରାଜ୍ୟ ସଭା ସଦସ୍ୟମାନେ ପ୍ରସ୍ତାବ ଦେବା ସହ ବ୍ୟବସାୟିକ ସରୋଗେସୀକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ଲାଗି ଦାବି କରିଥିଲେ। ୫ ବର୍ଷର ବୈବାହିକ ଜୀବନ ପରେ ସନ୍ତାନ ହେଉ ନ ଥିଲେ କେବଳ ଉକ୍ତ ଦମ୍ପତିଙ୍କ ନିକଟ ସମ୍ପର୍କୀୟଙ୍କୁ ସରୋଗେଟ ମା’ ଭାବେ କାର୍ଯ୍ୟ କରିବା ପାଇଁ ଅନୁମତି ମିଳିବ ବୋଲି ବିଲ୍‌ରେ ବ୍ୟବସ୍ଥା ରହିଛି।

## ଇତିହାସର ଆଇନାରେ

### ନଭେମ୍ବର ୨୨ର ପ୍ରମୁଖ ଘଟଣା

୨୦୦୫ ନଭେମ୍ବର ୨୨ରେ ଜର୍ମାନୀର ପ୍ରଥମ ମହିଳା ଚାନ୍‌ସେଲର ଭାବେ ଆଞ୍ଜେଲା ମର୍କେଲ ନିର୍ବାଚିତ ହୋଇ କାର୍ଯ୍ୟରେ ଯୋଗ ଦେଇଥିଲେ। ୟୁରୋପିଆନ୍ ୟୁନିୟନରେ ସେ ଜଣେ ଟାଣୁଆ ନେତ୍ରୀ ଭାବେ ଜଣାଶୁଣା।

୨୦୧୫ ନଭେମ୍ବର ୨୨ରେ ଉତ୍ତର ମ୍ୟାନ୍‌ମାରର କାଚିନ୍‌ରେ ଭୂସ୍ଖଳନ ହେବାରୁ ସେଠାରେ କାର୍ଯ୍ୟ କରୁଥିବା ୧୧୬ ଖଣି କର୍ମଚାରୀଙ୍କ ମୃତ୍ୟୁ ହୋଇଥିଲା। ଶତାଧିକ ନିଖୋଜ ମଧ୍ୟ ହୋଇଥିଲେ। ଭୂସ୍ଖଳନର କାରଣ ଜଣାପଡ଼ି ନ ଥିବାବେଳେ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ କରାଯାଇଥିଲା।

## ସ୍ୱଦେଶ ଫେରିଲେ ୧୪୫ ଭାରତୀୟ

# ହାତଗୋଡ଼ ବାନ୍ଧି ପଠାଇଲା ଆମେରିକା

**ନୂଆଦିଲ୍ଲୀ,୨୧।୧୧**

ଅନେକ ବର୍ଷ ଧରି ବେଆଇନ ଭାବେ ଆମେରିକାରେ ରହୁଥିବା ୧୪୫ ଭାରତୀୟଙ୍କୁ ଟ୍ରମ୍ପ୍ ପ୍ରଶାସନ ସ୍ୱଦେଶକୁ ପଠାଇଦେଇଛି। ପ୍ରତ୍ୟର୍ପଣ ପରେ ସେମାନେ ଗୁରୁବାର ସକାଳେ ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଛନ୍ତି। ଏହା ସେମାନଙ୍କ ପରିବାର ପାଇଁ ଆଶ୍ୱସ୍ତି ଆଣିଦେଇଛି। ତେବେ ଯେପରି ଢଙ୍ଗରେ ସେମାନଙ୍କୁ ବିଦା କରାଯାଇଛି ତାହା ଅତ୍ୟନ୍ତ ଅପମାନଜନକ। ଚାର୍ଟାର୍ଡ ପ୍ଲେନ୍‌ରେ ବସାଇବା ପୂର୍ବରୁ ୧୪୫ ଭାରତୀୟଙ୍କ ହାତଗୋଡ଼ ବାନ୍ଧି ଦିଆଯାଇଥିଲା।

ଆମେରିକାର ଆରିଜୋନାରୁ ଢାକା (ଯେଉଁଠି ୨୫ ବାଂଲାଦେଶୀଙ୍କୁ ପ୍ରତ୍ୟର୍ପଣ କରାଗଲା) ଦେଇ ନୂଆଦିଲ୍ଲୀରେ ବୁଧବାର ସକାଳ ୭ଟା ୩୦ରେ ପହଞ୍ଚିଥିଲା ଚାର୍ଟାର୍ଡ ପ୍ଲେନ। ଉକ୍ତ ବିମାନରୁ ବାହାରିଥିଲେ ୧୪୨ ପୁରୁଷ ଓ ୩ ମହିଳା, ଯାହାଙ୍କ ବୟସ ୧୯ରୁ ୩୧ ମଧ୍ୟରେ ହେବ। ସେମାନଙ୍କୁ ଅପରାଧୀ ଭଳି ବିମାନରେ ଅଣାଯାଇଥିଲା। ଏଠାରେ ପହଞ୍ଚିବା ପରେ ସେମାନଙ୍କୁ ଗୋଇନ୍ଦା ବ୍ୟୁରୋ (ଆଇବି) ଏବଂ ବିଦେଶୀ କ୍ଷେତ୍ରୀୟ ପଞ୍ଜୀକରଣ କାର୍ଯ୍ୟାଳୟ (ଏଫ୍ଆର୍‌ଆର୍‌ଓ) ପକ୍ଷରୁ ପଚରାଉଚରା କରାଯାଇଥିଲା। ଆପ୍ରବାସନ ଔପଚାରିକତା ଶେଷ ହେବା ପରେ ସେମାନେ ନିଜ ନିଜ ରାଜ୍ୟ ପଞ୍ଜାବ, ହରିୟାଣା, ମହାରାଷ୍ଟ୍ର ଓ ଗୁଜରାଟ ଅଭିମୁଖେ ଯାତ୍ରା କରିବେ ବୋଲି କହିଛନ୍ତି। ଆପ୍ରବାସନ ଅଧିକାରୀମାନେ କହିଛନ୍ତି, ଏହି ୧୪୫ ଭାରତୀୟଙ୍କ ନିକଟରେ ଆମେରିକାରେ ପ୍ରବେଶ କରିବା କିମ୍ବା ରହିବା ପାଇଁ ଅନୁମତି ଦେବା ଭଳି ଦସ୍ତାବିଜ ନ ଥିଲା। ଏହି ଯୁବତୀଯୁବକମାନେ ଏଜେଣ୍ଟମାନଙ୍କୁ ଜଣପିଛା ୨୫ ଲକ୍ଷ ଟଙ୍କା ଦେବା ପରେ ବିଭିନ୍ନ ସୀମା ଦେଇ ଆମେରିକାରେ ପ୍ରବେଶ କରିଥିଲେ। ଆମେରିକାରୁ ବେଆଇନ ପ୍ରବାସୀଙ୍କୁ ବିଦା କରିବା ପାଇଁ ଟ୍ରମ୍ପ୍ ପ୍ରଶାସନ ନିଷ୍ପତ୍ତି ନେବା ପରେ ଭାରତୀୟ ଦୂତାବାସ ସେମାନଙ୍କୁ ଚିହ୍ନଟ କରିଥିଲା। ଶରଣାର୍ଥୀ ଶିବିରରେ ରଖାଯାଇ ସେମାନଙ୍କୁ ଜରୁରୀ ପ୍ରମାଣପତ୍ର ଜରିଆରେ ଭାରତକୁ ପଠାଯାଇଥିବା ଜଣେ ଆପ୍ରବାସନ ଅଧିକାରୀ ସୂଚନା ଦେଇଛନ୍ତି। ଯେଉଁ ଏଜେଣ୍ଟମାନଙ୍କୁ ଏମାନେ ମୋଟା ଅଙ୍କର ଅର୍ଥ ଦେଇ ଆମେରିକା ଯାଇଥିଲେ, ସେମାନଙ୍କ ପତ୍ତା ମିଳୁନାହିଁ। ତେବେ ସେମାନଙ୍କୁ ଠାବ କରାଯିବ ବୋଲି କୁହାଯାଇଛି। ଆମେରିକାରୁ ଭାରତକୁ ଏହା ହେଉଛି ଏହି ଧରଣର ଦ୍ୱିତୀୟ ପ୍ରତ୍ୟର୍ପଣ। ଅକ୍ଟୋବର ୧୮ରେ ୩୧୧ ଭାରତୀୟଙ୍କୁ ପ୍ରତ୍ୟର୍ପଣ କରାଯାଇଥିଲା।




୨୫ ବର୍ଷୀୟ ରବୀନ୍ଦର ସିଂ ନୂଆଦିଲ୍ଲୀରେ ପହଞ୍ଚିବା ପରେ ଭୂମିକୁ ଛୁଇଁବାବେଳେ ତାଙ୍କ ହାତ ଓ ଗୋଡ଼କୁ ମୁକ୍ତ କରାଯାଇଥିବାରୁ ଆଶ୍ୱସ୍ତ ଅନୁଭବ କରୁଥିଲେ। ମୋ ବାପାଙ୍କ ସାରା ଜୀବନର ଆୟରୁ ଅଧିକାଂଶ ଅର୍ଥକୁ ଆମେରିକା ଯିବା ପାଇଁ ମୁଁ ଖର୍ଚ୍ଚ କରିଦେଇଛି। ଆମେରିକାରେ ଧରାପଡ଼ିବା ପରେ ମୋ ପାଇଁ ଓକିଲ ଖର୍ଚ୍ଚ ବାବଦରେ ବାପାଙ୍କୁ ଋଣ ନେବାକୁ ପଡ଼ିଛି। ଏହା ଜାଣିବା ପରେ ମୋତେ ଆହୁରି ଦୁଃଖ ଲାଗୁଛି। ନିଜ ମାତୃଭୂମିକୁ ଫେରିବାବେଳେ ଏକ ଅତ୍ୟନ୍ତ କଟୁ ଅନୁଭୂତି ବୋଲି ହରିୟାଣାର କୈଥାଲ ନିବାସୀ ରବୀନ୍ଦର କହିଛନ୍ତି।



ଜେଏନ୍‌ୟୁ, ଏବିଭିପି ଏବଂ ଡିୟୁଏସ୍‌ୟୁ ଛାତ୍ର ସଂସଦ ପକ୍ଷରୁ ମଣ୍ଡି ହାଉସ୍‌ରୁ ଯନ୍ତରମନ୍ତର ଅଭିମୁଖେ ବିକ୍ଷୋଭ ଶୋଭାଯାତ୍ରା ବେଳେ ଜଣେ ଛାତ୍ରୀଙ୍କୁ ଅଟକ ରଖିଛି ଦିଲ୍ଲୀ ପୋଲିସ।

### ମହାରାଷ୍ଟ୍ର: ଚୂଡ଼ାନ୍ତ ନିଷ୍ପତ୍ତି ଆଜି

**ମୁମ୍ବାଇ/ନୂଆଦିଲ୍ଲୀ,୨୧।୧୧:** ମହାରାଷ୍ଟ୍ରରେ ଶିବସେନା ନେତୃତ୍ୱରେ ସରକାର ଗଠନ ପାଇଁ ଉଦ୍ୟମ ଜାରି ରହିଛି। ନୂଆଦିଲ୍ଲୀରେ ଗୁରୁବାର କଂଗ୍ରେସ-ଏନ୍‌ସିପି ପକ୍ଷରୁ ଏନେଇ ସମସ୍ତ ପ୍ରସଙ୍ଗରେ ଆଲୋଚନା ଶେଷ ହୋଇଛି। ମୁମ୍ବାଇରେ ଶୁକ୍ରବାର ପୁଣି ଶିବସେନା ସହ ବୈଠକ ହେବ। ଏଥିରେ ସରକାର ଗଠନ ସମ୍ପର୍କିତ ସମସ୍ତ ବିଷୟ ନେଇ ଆଲୋଚନା କରାଯିବ ବୋଲି ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ପୃଥ୍ୱୀରାଜ ଚଭନ କହିଛନ୍ତି। ଅନ୍ୟପକ୍ଷରେ ଏହି ମେଣ୍ଟର ନାମ ‘ମହା ବିକାଶ ଅଘାଡ଼ି’ ରଖାଯିବ ବୋଲି ଜଣାପଡ଼ିଛି। ଏହା ପୂର୍ବରୁ ଉଦ୍ଧବ ଠାକ୍‌ରେଙ୍କ ଦଳ ଏହି ମେଣ୍ଟର ନାମ ‘ମହା ଶିବ ଅଘାଡ଼ି’ ରଖିବା ପାଇଁ ଚାହୁଁଥିଲା, ଯାହାକୁ କଂଗ୍ରେସ-ଏନ୍‌ସିପି ପକ୍ଷରୁ ପ୍ରତ୍ୟାଖ୍ୟାନ କରାଯାଇଛି।

## ଆଟର୍ନି ଜେନେରାଲଙ୍କ ପ୍ରସ୍ତାବ

# ୩ ବର୍ଷ ହେଉ ସିଜେଆଇଙ୍କ କାର୍ଯ୍ୟକାଳ

**ନୂଆଦିଲ୍ଲୀ,୨୧।୧୧ (ଆଇଏଏନ୍ଏସ୍)**

ଭାରତର ପ୍ରଧାନ ବିଚାରପତି (ସିଜେଆଇ)ଙ୍କ କାର୍ଯ୍ୟକାଳ ୩ ବର୍ଷ ସ୍ଥିର କରାଯାଉ ବୋଲି ସରକାରଙ୍କ ସର୍ବୋଚ୍ଚ ଆଇନ ଅଧିକାରୀ କେ.କେ. ବେଣୁଗୋପାଳ ଗୁରୁବାର ପ୍ରସ୍ତାବ ଦେଇଛନ୍ତି।

ନୂଆ ସିଜେଆଇ ଏସ୍.ଏ. ବୋବ୍‌ଡେଙ୍କ ସମ୍ବର୍ଦ୍ଧନା ଲାଗି ଆୟୋଜିତ ଏକ ଉତ୍ସବକୁ ସମ୍ବୋଧିତ କରି ଆଟର୍ନି ଜେନେରାଲ ବେଣୁଗୋପାଳ କହିଛନ୍ତି, ପ୍ରଧାନ ବିଚାରପତିଙ୍କ କାର୍ଯ୍ୟକାଳ ଅନ୍ୟୂନ ୩ ବର୍ଷ କରାଯିବା ଜରୁରୀ। ଏପରି କରାଗଲେ ପର୍ଯ୍ୟାପ୍ତ ପରିବର୍ତ୍ତନ ପାଇଁ ସିଜେଆଇଙ୍କୁ ସମୟ ମିଳିବ। ଏବେ ଏହି ଅବଧି ଅବସର ଅନୁସାରେ ରହିଛି। ଏହି ସମୟ ମଧ୍ୟରେ ସିଜେଆଇ କିଛି କରିବା ପାଇଁ ନିଷ୍ପତ୍ତି ନେବାବେଳକୁ ଅବସର ନେଇଯାଇଥାନ୍ତି। ଫଳରେ କମ୍ ସମୟ ମଧ୍ୟରେ ଯୋଜନା ମୁତାବକ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ଓ ପରିବର୍ତ୍ତନ ଆଣିବା ସମ୍ଭବ ହୋଇ ନ ଥାଏ। ସେହିପରି ହାଇକୋର୍ଟ ଓ ସୁପ୍ରିମକୋର୍ଟ ବିଚାରପତିମାନଙ୍କ ଅବସର ବୟସ ସୀମାକୁ ବୃଦ୍ଧି କରାଯାଉ। ସୁପ୍ରିମକୋର୍ଟ ବିଚାରପତିମାନେ ୬୫ ବର୍ଷ ଓ ହାଇକୋର୍ଟ ବିଚାରପତି ୬୨ ବର୍ଷ ବୟସରେ ଅବସର ନେଉଥିବାବେଳେ ଏହାକୁ ୭୦ ବର୍ଷ କରାଯିବା ଉଚିତ ବୋଲି ସେ ପ୍ରସ୍ତାବ ଦେଇଛନ୍ତି। ବେଣୁଗୋପାଳଙ୍କ ଏହି ମନ୍ତବ୍ୟକୁ ନେଇ ସିଜେଆଇ ବୋବ୍‌ଡେ କହିଛନ୍ତି, ଆଟର୍ନି ଜେନେରାଲ ଏହି ପ୍ରସ୍ତାବ କେନ୍ଦ୍ର ସରକାରଙ୍କୁ ଦେବା ଉଚିତ। ଆମେ କାମ କରିବା ପାଇଁ ପ୍ରସ୍ତୁତ ଅଛୁ।

# ପ୍ରତିରକ୍ଷା କମିଟିକୁ ଫାରୁକ୍ ମନୋନୀତ



ଅଗଷ୍ଟ ୪ରୁ ଅଟକ ଅଛନ୍ତି

**ନୂଆଦିଲ୍ଲୀ,୨୧।୧୧(ପି.ଟି.)**

ସାଧାରଣ ନିରାପତ୍ତା ଆଇନ (ପିଏସ୍ଏ)ରେ ଅଟକ ଥିବା ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ ଅବଦୁଲ୍ଲାଙ୍କୁ ଗୁରୁତ୍ୱପୂର୍ଣ୍ଣ ପ୍ରତିରକ୍ଷା ସମ୍ପର୍କିତ ପରାମର୍ଶ କମିଟିକୁ ମନୋନୀତ କରାଯାଇଛି। ଅନୁଚ୍ଛେଦ ୩୭୦ ଉଚ୍ଛେଦ ପୂର୍ବରୁ ଏନ୍‌ସି ଅଧ୍ୟକ୍ଷ ଫାରୁକଙ୍କୁ ଅଗଷ୍ଟ ୪ ରାତିରୁ ଅଟକ ରଖାଯାଇଛି। ସେପ୍ଟେମ୍ବର ୧୭ରେ ସରକାର ତାଙ୍କ ବିରୋଧରେ ପିଏସ୍ଏ ଲାଗୁ କରିଥିଲେ। ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ଗଠିତ ୨୧ ଜଣିଆ କମିଟିରେ ଫାରୁକଙ୍କ ସମେତ ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାରଙ୍କୁ ନିଆଯାଇଛି।

### ପ୍ରଜ୍ଞାଙ୍କ ସଦସ୍ୟତାକୁ କଂଗ୍ରେସର ବିରୋଧ

ଲୋକ ସଭା ସଚିବାଳୟ ପକ୍ଷରୁ ପ୍ରକାଶିତ ବୁଲେଟିନ୍ ଅନୁଯାୟୀ ପ୍ରତିରକ୍ଷା ପରାମର୍ଶଦାତା କମିଟିରେ ବିବାଦୀୟ ଭାଜପା ଏମ୍‌ପି ପ୍ରଜ୍ଞା ସିଂ ଠାକୁରଙ୍କ ନାଁ ଥିବା ଜଣାପଡିବା ପରେ କଂଗ୍ରେସ ଏହାକୁ ଦୁର୍ଭାଗ୍ୟଜନକ କହିଛି। ଆତଙ୍କବାଦର ପ୍ରସାରଣ କରୁଥିବା ବ୍ୟକ୍ତିଙ୍କୁ କମିଟିରେ ନିଆଯାଇଥିବାରୁ କଂଗ୍ରେସ ଏହାର ସମାଲୋଚନା କରିଛି। ମାଲେଗାଓଁ ବିସ୍ଫୋରଣ



ମାମଲାରେ ଅଭିଯୁକ୍ତ ପ୍ରଜ୍ଞା ଠାକୁରଙ୍କୁ ପ୍ରତିରକ୍ଷା କମିଟିରେ ନିଆଯିବା ଦେଶ ପାଇଁ ଅପମାନ ବୋଲି ବିରୋଧୀ ଦଳ କହିଛି। ମୋଦି ଥିଲେ ସବୁ ସମ୍ଭବ ବୋଲି କଂଗ୍ରେସ ମୁଖପାତ୍ର ରଣଦୀପ ସୁର୍ଜେୱାଲା ଟୁଇଟ୍ କରି ପରିହାସ କରିଛନ୍ତି।

# କେନ୍ଦ୍ର ସରକାରରେ ୭ ଲକ୍ଷ ପଦବୀ ଖାଲି

**ନୂଆଦିଲ୍ଲୀ,୨୧।୧୧(ପି.ଟି.)**

କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗରେ ପାଖାପାଖି ୭ ଲକ୍ଷ ପଦବୀ ଖାଲିପଡିଥିବା ରାଜ୍ୟ ସଭାରେ କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ କହିଛନ୍ତି। ଗତବର୍ଷ ମାର୍ଚ୍ଚ ୧ ସୁଦ୍ଧା ବିଭିନ୍ନ ବିଭାଗରେ ମୋଟ ୬ ଲକ୍ଷ ୮୩ ହଜାର ୮୨୩ ପଦବୀ ଖାଲି ରହିଛି। ସେଥିମଧ୍ୟରୁ ଗ୍ରୁପ୍ ସ’ରେ ୫,୭୪,୨୮୯ ପଦବୀ ଖାଲି ଥିବାବେଳେ ଗ୍ରୁପ୍ ବି’ରେ ୮୯,୬୩୮ ଏବଂ ଗ୍ରୁପ୍ ଏ’ରେ ୧୯,୮୯୬ ପଦବୀ ଖାଲି ରହିଥିବା କାର୍ମିକ ବିଭାଗ ରାଷ୍ଟ୍ରମନ୍ତ୍ରୀ କହିଥିଲେ। ଚଳିତ ଆର୍ଥିକ ବର୍ଷରେ ୧,୦୫,୩୩୮ ପଦବୀ ପୂରଣ ଲାଗି ଷ୍ଟାଫ୍ ସିଲେକ୍ସନ କମିଶନ (ଏସ୍ଏସ୍‌ସି) ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିଛନ୍ତି। ୨୦୧୭-୧୮ରେ ବିଭିନ୍ନ ଗ୍ରୁପ୍ ସି ଏବଂ ଲେଭଲ୍-୧ର ୧,୨୭,୫୭୩ ପଦବୀ ଲାଗି ରେଲୱେ ନିଯୁକ୍ତି ବୋର୍ଡ (ଆର୍‌ଆର୍‌ବି) ଏବଂ ରେଳ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହା ପରେ ୨୦୧୮-୧୯ରେ ଗ୍ରୁପ୍ ସି ଏବଂ ଲେଭଲ୍-୧ରେ ୧,୫୬,୧୩୮ ପଦବୀ ପୂରଣ ପାଇଁ ୫ ଥର ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଡାକ ବିଭାଗ ୧୯,୫୨୨ ପଦବୀ ପୂରଣ ଲାଗି ବିଜ୍ଞପ୍ତି ପ୍ରକାଶ ପାଇବା ସହ ପରୀକ୍ଷା କରାଯାଇଥିଲା। ଏହିପରି ମୋଟ ୪,୦୮,୫୯୧ ପଦବୀ ପୂରଣ ପାଇଁ ଏସ୍ଏସସି, ରେଳପଥ ନିଯୁକ୍ତି ବୋର୍ଡ ଏବଂ ଡାକ ବିଭାଗ ପକ୍ଷରୁ ନିଯୁକ୍ତି ପ୍ରକ୍ରିୟା ଜାରି ରହିଥିବା ମନ୍ତ୍ରୀ କହିଛନ୍ତି।



ରାଜ୍ୟ ସଭାରେ ଜିତେନ୍ଦ୍ର ସିଂ

# କଂଗ୍ରେସ ଅଟକାଇଥିଲା ଅଯୋଧ୍ୟା ରାୟ

**ମାନିକା/ଲୋହାରଡ଼ାଗା, ୨୧।୧୧(ପି.ଟି.)**

କଂଗ୍ରେସ ଅଯୋଧ୍ୟା ରାୟକୁ ସୁପ୍ରିମକୋର୍ଟରେ ଅଟକାଇଥିଲା ଓ ଜମ୍ମୁ-କଶ୍ମୀର ପ୍ରସଙ୍ଗକୁ ଝୁଲାଇ ରଖିଥିଲା ବୋଲି ଗୁରୁବାର ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ସମାଲୋଚନା କରିଛନ୍ତି। ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ପ୍ରଚାରରେ ଯାଇ ଶାହ ମାନିକା ଓ ଲୋହାରଡ଼ାଗା ସଭାରେ କହିଛନ୍ତି, ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ ହେଉ ବୋଲି ସମସ୍ତେ ଚାହୁଁଥିବାବେଳେ କଂଗ୍ରେସ ଏହି ମାମଲାକୁ ଅଟକାଇ ଦେଇଥିଲା। କଂଗ୍ରେସ ଯୋଗୁ ବହୁ ବର୍ଷ ଧରି ଅଯୋଧ୍ୟା ରାୟ ଆସି ନ ଥିଲା। ସାମ୍ବିଧାନିକ ଢାଞ୍ଚା ଅନୁସାରେ ଆମେ ଏହାର ସମାଧାନ ଚାହୁଁଥିଲୁ। ଏବେ ଭଗବାନ ରାମଙ୍କ ଆଶୀର୍ବାଦରେ ସୁପ୍ରିମକୋର୍ଟ ଭବ୍ୟ ରାମମନ୍ଦିର ନିର୍ମାଣ ରାସ୍ତା ପରିଷ୍କାର କରିଥିବା ଶାହ କହିଛନ୍ତି। ସେହିପରି କଶ୍ମୀର ପ୍ରସଙ୍ଗର ସମାଧାନରେ ବିଳମ୍ବ ପାଇଁ ମଧ୍ୟ ସେ କଂଗ୍ରେସକୁ ଦାୟୀ କରିଛନ୍ତି।



### ଝାଡ଼ଖଣ୍ଡରେ ଶାହଙ୍କ ପ୍ରଚାର

କଂଗ୍ରେସ ଦଳ ଭୋଟବ୍ୟାଙ୍କ୍ ଲୋଭରେ କଶ୍ମୀର ପ୍ରସଙ୍ଗକୁ ଦୀର୍ଘ ୭୦ ବର୍ଷ ଧରି ଝୁଲାଇ ରଖିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନୁଚ୍ଛେଦ ୩୭୦ର କଳଙ୍କକୁ ଭାରତ ମାତାଙ୍କ ମୁକୁଟମଣିରୁ ହଟାଇଦେଇ କଶ୍ମୀରରେ ବିକାଶର ପଥ ଉନ୍ମୁକ୍ତ କରିଛନ୍ତି ବୋଲି ଶାହ କହିଛନ୍ତି। କଂଗ୍ରେସ-ଜେଏମ୍‌ଏମ୍ (ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା) ମେଣ୍ଟ ଭ୍ରଷ୍ଟାଚାରରେ ଲିପ୍ତ ରହି ଆଦିବାସୀ ଓ ଗରିବଙ୍କୁ ଭୁଆଁ ବୁଲାଉଛନ୍ତି ବୋଲି ସେ ସମାଲୋଚନା କରିବା ସହ ରଘୁବର ଦାସ ସରକାରଙ୍କୁ ପୁନର୍ବାର କ୍ଷମତାସୀନ କରାଇବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।

## ସଂକ୍ଷେପରେ

### ଛାତ୍ର ନିଖୋଜ

ହାଟଡିହୀ,୨୧ା ୧୧(ଡି.ଏନ୍.ଏ.)- କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ସଡଙ୍ଗ ପଞ୍ଚାୟତ ଅଧୀନ ଏକ ଘରୋଇ ଶିକ୍ଷାନୁଷ୍ଠାନର ଜଣେ ସପ୍ତମ ଶ୍ରେଣୀ ଛାତ୍ର ନିଖୋଜ ହୋଇଥିବା ଜଣାପଡିଛି। ନିଖୋଜ ଛାତ୍ର ହେଉଛନ୍ତି, ଉଆଁର ଗ୍ରାମର ପ୍ରକାଶ ବେହେରାଙ୍କ ପୁଅ ଶ୍ରୀବତ୍ସ। ବାପା ପ୍ରକାଶଙ୍କ କହିବା ଅନୁଯାୟୀ, ପୁଅ ଦେହ ଖରାପ ଥିବାରୁ ସେ ଆସି ଘରେ ଥିଲା। ଗୁରୁବାର ମୁଁ ତାକୁ ନେଇ ସ୍କୁଲରେ ଛାଡିଥିଲି। କିଛି ସମୟ ପରେ ପୁଅ ସ୍କୁଲରୁ କୁଆଡେ ପଳାଇ ଥିବା ସ୍କୁଲ ତରଫରୁ ତାଙ୍କ ବାପାଙ୍କୁ ଖବର ଆସିଥିଲା। ସ୍କୁଲର ଅଧକ୍ଷ କହିଛନ୍ତି ଯେ, ଛାତ୍ର ଶ୍ରୀବତ୍ସ ଏକ କଲମ କିଣିବା ପାଇଁ ନିକଟସ୍ଥ ଏକ ଦୋକାନକୁ ଯାଇଥିଲେ। ପରବର୍ତ୍ତୀ ସମୟରେ ସେ ଆଉ ସ୍କୁଲକୁ ଫେରିନଥିଲେ। ଏ ବାବଦରେ ଛାତ୍ରଙ୍କ ବାପାଙ୍କୁ ଆମେ ଜଣାଇଛୁ। ଏନେଇ ନନ୍ଦିପଦା ଥାନାରେ କୌଣସି ଅଭିଯୋଗ ହୋଇନଥିବା ପୋଲିସ କହିଛି।

### କୀଟନାଶକ ପିଇ ବିବାହିତ ଯୁବକଙ୍କ ଜୀବନ ଗଲା

ପାଟଣା,୨୧ା୧୧(ସ୍ୱ. ପ୍ର.)-କେନ୍ଦୁଝର ଜିଲା ଘଟଗାଁ ବ୍ଲକ ମୁକ୍ତାପୁର ପଞ୍ଚାୟତ ରାମଚନ୍ଦ୍ରପୁର ଗ୍ରାମର ଜଣେ ବିବାହିତ ଯୁବକ କୀଟନାଶକ ପିଇ ଦେବାରୁ ଗୁରୁବାର ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ଯୁବକ ଜଣଙ୍କ କୌଣସି କାରଣରୁ କୀଟନାଶକ ପିଇ ପାଟଣା ଥାନା ସରାସକୋଲା ହାଟ ନିକଟରେ ଗୁରୁତର ହୋଇପଡ଼ିଥିଲେ। ଖବର ପାଇ ପରିବାର ଲୋକେ ତାଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଥିବାବେଳେ ତାଙ୍କର ମୃତ୍ୟୁ ହୋଇଛି।

### କାଶିଆ ନାଳରେ ବୁଡି ଜଣେ ମୃତ

ପାଟଣା/ଢେଙ୍କିକୋଟ, ୨୧ା୧୧ (ସ୍ୱ.ପ୍ର./ଡି.ଏନ.ଏ.)-କେନ୍ଦୁଝର ଜିଲା ପାଟଣା ବ୍ଲକ ଚିନାବାଲିପଶି ତଣ୍ଡିଆ ସାହିର ଜଣେ ୫୮ ବର୍ଷୀୟ ବ୍ୟକ୍ତି ବୁଧବାର ସନ୍ଧ୍ୟାରେ କାଶିଆ ନାଳ ପାରହୋଇ ଘରକୁ ଫେରୁଥିବା ବେଳେ ଅର୍ଜୁନ ମହାନ୍ତ ନାମକ ଜଣେ ବ୍ୟକ୍ତି ନାଳରେ ବୁଡିଯାଇ ମୃତ୍ୟୁବରଣ କରିଛନ୍ତି। ସୂଚନା ଅନୁଯାୟୀ ବୁଧବାର ପ୍ରଥମାଷ୍ଟମୀ ସନ୍ଧ୍ୟାରେ ଅର୍ଜୁନ ନିଜ ପିଉଶୀ ଘର ଧନୁର୍ଜୟପୁର ଗ୍ରାମରୁ ଘରକୁ ଫେରୁଥିବା ବାଟରେ ଚିନାବାଲିପଶି ନିକଟ କାଶିଆ ନାଳରେ ପାର ହେଉଥିବା ବେଳେ ପାଣିରେ ବୁଡି ଯାଇଥିଲେ। ଗୁରୁବାର ସକାଳୁ ଘଟଗାଁ ପୋଲିସ ଖବର ପାଇ ମୃତ ଦେହ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଏଏସଆଇ ସତ୍ୟନାରାୟଣ ପରିଡା ଘଟଗାଁ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୫୫/୧୯) ରୁଜୁ ଜରିଛନ୍ତି।

### ଝୁଲନ୍ତା ଅବସ୍ଥାରେ ମୃତଦେହ ଉଦ୍ଧାର

ଆନନ୍ଦପୁର/ହାଟଡିହୀ,୨୧ା୧୧(ସ୍ୱ.ପ୍ର./ଡି.ଏନ୍.ଏ.)-କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ମତାବାଜ ଗାଁର ଗୋବିନ୍ଦ କାଣ୍ଡି ଗୁରୁବାର ସକାଳୁ ଶୌଚ ହେବାକୁ ନିକଟସ୍ଥ ପଡିଆକୁ ଯାଇଥିଲେ। କିନ୍ତୁ ଦୀର୍ଘ ସମୟ ଧରି ଘରକୁ ଫେରି ନ ଥିଲେ। ପରିବାର ଲୋକ ଖୋଜାଖୋଜି ପରେ ତାଙ୍କର ମୃତଦେହ ଏକ ଗଛରେ ଝୁଲନ୍ତା ଅବସ୍ଥାରେ ଦେଖିଥିଲେ। ଆତ୍ମହତ୍ୟାର କାରଣ ଜଣାପଡିନି। ନନ୍ଦିପଦା ପୋଲିସ ମୃତଦେହକୁ ଜବତ କରି ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ପୋଲିସ କହିଛି।

■ 'ମୋ ଗାଁରେ ତହସିଲ୍' କାର୍ଯ୍ୟକ୍ରମ

# ଜାତି ପ୍ରମାଣପତ୍ର, ଜମିପଟ୍ଟା ପ୍ରଦାନ



ଜଣେ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

ତାଳଚେର,୨୧ା୧୧(ନି.ପ୍ର.)

ତାଳଚେର ଉପଖଣ୍ଡ ପ୍ରଶାସନ ପ୍ରଚେଷ୍ଟାରେ ବନ୍ତୋଲ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଗୁରୁବାର 'ମୋ ଗାଁରେ ତହସିଲ୍' କାର୍ଯ୍ୟର ଶୁଭାରମ୍ଭ ହୋଇଛି। ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ ଏହାକୁ ଉଦ୍‌ଘାଟନ କରି ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା କାର୍ଯ୍ୟକ୍ରମ ଇ-ପାଉତି, ବିବିଧ ପ୍ରମାଣପତ୍ର, ବସୁନ୍ଧରା ଯୋଜନା, ପଟ୍ଟା ଦାଖଲ ଖାରଜ, ଜମି ବଣ୍ଟୁଆରା, କିସମ ପରିବର୍ତ୍ତନ ଆଦି ଯୋଜନା ବିଷୟରେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୨୫ ଜଣ ଭୂମିହୀନଙ୍କୁ ଜାତିଗତ ପ୍ରମାଣପତ୍ର ପ୍ରଦାନ କରାଯାଇଥିବା ବେଳେ ୧୯ ଭୂମିହୀନଙ୍କୁ ବସୁନ୍ଧରା ଯୋଜନାରେ ୨ ଡେସିମିଲ୍ ଲେଖାଏ ପଟ୍ଟା ପ୍ରଦାନ ଏବଂ ୧୦ ଜଣଙ୍କୁ ଦାଖଲ ଖାରଜ ପଟ୍ଟା ପ୍ରଦାନ କରାଯାଇଥିଲା। ସରକାରଙ୍କ ୫-ଟି ଯୋଜନାରେ ସାମିଲ ହୋଇଥିବା ଇ-ପାଉତି ବ୍ୟବସ୍ଥାରେ ଲୋକଙ୍କ ଠାରୁ ଖଜଣା ଗ୍ରହଣ କରି ଇ-ପାଉତି ପ୍ରଦାନ ଏବଂ ୭ଟି ଜମି ବଣ୍ଟୁଆରା ଫର୍ମ ଓ ୩ଟି କିସମ ପରିବର୍ତ୍ତନ ଫର୍ମ ଗ୍ରହଣ କରାଯାଇଥିଲା। ତହସିଲଦାର ସଚିଦାନନ୍ଦ ନାୟକଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନେତ୍ରାନନ୍ଦ ମଲ୍ଲିକ୍ ଯୋଗ ଦେଇଥିଲେ। ବନ୍ତୋଲ ସରପଞ୍ଚ ଅବନୀକାନ୍ତ ଦେହୁରୀ ସହଯୋଗ କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ, ଗଣମାଧ୍ୟମ ପ୍ରତିନିଧି, ସରପଞ୍ଚ, ସମିତିସଭ୍ୟ, ଗ୍ରାମବାସୀଙ୍କ ସମେତ ତହସିଲ୍ ଅଫିସର ସଞ୍ଜୟ ସାହୁ, ପ୍ରଫୁଲ୍ଲ ଦିହୁଡି, ପୁଷ୍ପାଞ୍ଜଳି ରଞ୍ଜିତ, ସିନ୍ଧୁନନ୍ଦିନୀ ପ୍ରଧାନ, ଅନିଲ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ୨୬ରେ ଉପଜିଲାପାଳଙ୍କ ଅଫିସ ଘେରାଉ ନିଷ୍ପତ୍ତି



ଆଞ୍ଚଳିକ ମହିଳା ସୁରକ୍ଷା କମିଟି ସଦସ୍ୟାମାନେ।

ଆଠମଲ୍ଲିକ,୨୧ା୧୧(ଡି.ଏନ.ଏ.)

ଗତ ଅକ୍ଟୋବର ୯ ତାରିଖ ଠାରୁ ନିଖୋଜ ଥିବା ମାଧପୁର ପଞ୍ଚାୟତ ଡିଗପଦର ଗ୍ରାମର ଅଙ୍ଗନୱାଡି ସହାୟିକା ବାଲି ପ୍ରଧାନଙ୍କୁ ଉଦ୍ଧାର କରିବା ସହିତ ଅପହରଣକାରୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଦାବି ନେଇ ଆସନ୍ତା ୨୬ ତାରିଖ ଦିନ ଆଞ୍ଚଳିକ ମହିଳା ସୁରକ୍ଷା କମିଟି ପକ୍ଷରୁ ଉପଜିଲାପାଳଙ୍କ ଅଫିସ୍ ଘେରାଉ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଆଠମଲ୍ଲିକ ଜନଜୀବନ ସୁରକ୍ଷା କମିଟି ଆବାହକ ତୀର୍ଥବାସୀ ଭୋଇଙ୍କ ଆହ୍ୱାନ କ୍ରମେ ଗୁରୁବାର ଏ ନେଇ ଡିଗପଦର ଗ୍ରାମରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ନିଖୋଜ ନେଇ ଆଠମଲ୍ଲିକ ଥାନାରେ ଏତଲା ହୋଇଥିଲେ ମଧ୍ୟ ପୋଲିସ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଇ ନ ଥିବା ଅଭିଯୋଗ କରି ବୈଠକରେ ଉଦ୍‌ବେଗ ପ୍ରକାଶ କରାଯାଇଥିଲା। ତୁରନ୍ତ ନିଖୋଜ ବାଲି ପ୍ରଧାନଙ୍କୁ ଉଦ୍ଧାର କରିବାକୁ ସୁରକ୍ଷା କମିଟି ସଭାପତି ପଙ୍କଜିନୀ ସାହୁ, ଉପସଭାପତି ତପସ୍ୱିନୀ ବିଶ୍ୱାଳ, ସମ୍ପାଦିକା ପ୍ରେମଶୀଳା କମ୍ପ, ଶୋଭାଗିନୀ ବଘାର, ଦୀପାଞ୍ଜଳୀ ପ୍ରଧାନ, ସରୋଜିନୀ ନାୟକ, ଚିତ୍ତରଞ୍ଜନ ବିଶ୍ୱାଳ, କିଶୋରଚନ୍ଦ୍ର ଦେହୁରୀ, ଜଗନ୍ନାଥ ମହାକୁର ପ୍ରମୁଖ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ଆସନ୍ତା ୨୬ ତାରିଖ ଦିନ ଉପଜିଲାପାଳଙ୍କ ଅଫିସ୍ ଘେରାଉ କରିବାକୁ ସେମାନେ ଧମକ ଦେଇଛନ୍ତି।

## ୧୨ ଜଣଙ୍କୁ ମ୍ୟୁଟେଶନ ପଟ୍ଟା ପ୍ରଦାନ



ଜଣେ ହିତାଧିକାରୀଙ୍କୁ ଜମିପଟ୍ଟା ପ୍ରଦାନ କରାଯାଉଛି।

କଣିହାଁ,୨୧ା୧୧(ଡି.ଏନ.ଏ.)

କଣିହାଁ ବ୍ଲକ ରୁଟୁଭୂଇଁ ଗ୍ରାମ ବଲାଙ୍ଗୀ (ଏ) କଲୋନୀ କ୍ଲବଘରଠାରେ ଗୁରୁବାର ପ୍ରଶାସନ ପକ୍ଷରୁ 'ମୋ ଗାଁରେ ତହସିଲ' କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। କଣିହାଁ ତହସିଲ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ତାଳଚେର ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ, କଣିହାଁ ତହସିଲଦାର ଅଂଶୁମାନ ଶତପଥୀ, ସୁପରଭାଇଜର ଦଣ୍ଡଧର ସିଂହ ଉପସ୍ଥିତ ରହି କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ବୁଝାଇଥିଲେ। ଏକ ଶହରୁ ଅଧିକ ବ୍ୟକ୍ତି ବିଭିନ୍ନ ପ୍ରମାଣପତ୍ର ଆବେଦନ ପାଇଁ ଫର୍ମ ନେଇଥିବା ବେଳେ ୧୨ ଜଣଙ୍କୁ ମ୍ୟୁଟେଶନ ପଟ୍ଟା ବଣ୍ଟନ କରାଯାଇଥିଲା। ନିକଟସ୍ଥ ଗ୍ରାମର ମାନ୍ୟଗଣ୍ୟ ବ୍ୟକ୍ତି, ଜନସାଧାରଣ, ତହସିଲ କର୍ମଚାରୀ ଉପସ୍ଥିତ ଥିଲେ। ଆଗାମୀ ଦିନରେ ବିଭିନ୍ନ ଗ୍ରାମରେ ଏହି କାର୍ଯ୍ୟକ୍ରମ କରାଯିବ ବୋଲି ତହସିଲ ପକ୍ଷରୁ ସୂଚନା ଦିଆଯାଇଛି।

## ଯୁବକଙ୍କୁ ନିସ୍ତୁକ ପିଟିଲେ ଅଞ୍ଚଳବାସୀ

ଯୋଡ଼ା, ୨୧ା୧୧(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ସହର କମାରଯୋଡା ଅଞ୍ଚଳର ଜଣେ ନାବାଳିକାଙ୍କୁ ନେଇ ଫେରାର ହୋଇଯାଇଥିବା ଯୁବକଙ୍କୁ ଗୁରୁବାର ସ୍ଥାନୀୟ ଲୋକେ ଧରି ନିସ୍ତୁକ ମାରିଥିବା ଜଣାପଡିଛି। ଗୁରୁତର ଅବସ୍ଥାରେ ଉକ୍ତ ଯୁବକଙ୍କୁ ଯୋଡା ପୋଲିସ ଗୁରୁବାର ସନ୍ଧ୍ୟାରେ ଉଦ୍ଧାର କରି ଟାଟାଷ୍ଟିଲ ଡାକ୍ତରଖାନାରେ ଭର୍ତ୍ତି କରିଛି। ଘଟଣାସ୍ଥଳରୁ ଜଣାପଡିଛି ଯେ, ଯୋଡା ଆଇଡିବିଆଇ ବ୍ୟାଙ୍କ ନିକଟରେ ରହୁଥିବା ଜଣେ ଯୁବକ ଜଣେ ନାବାଳିକାଙ୍କୁ ୧୯ ତାରିଖ ଦିନ ଫେରାର ହୋଇଯାଇଥଲେ। ଏନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଯୋଡା ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ତେବେ ପରିବାର ଲୋକେ ବହୁ ଖୋଜାଖୋଜି କରି ଗୁରୁବାର ନାରଦପୁର ଗ୍ରାମରୁ ଉଭୟଙ୍କୁ ଧରି ଘରକୁ ଆଣିଥିଲେ। ଏହି ଘଟଣାକୁ କେନ୍ଦ୍ର କରି ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ଫେରାର କରିନେଇଥିବା ଯୁବକଙ୍କୁ ନିସ୍ତୁକ ମାଡ ମାରିଥିଲେ।

## ଟିଟିପିଏସ୍ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର



ସ୍ୱାସ୍ଥ୍ୟ ଶିବିରରେ ରୋଗୀଙ୍କ ଭିଡ଼।

ତାଳଚେର,୨୧ା୧୧(ନି.ପ୍ର.)

ଏନ୍‌ଟିପିସି ପରିଚାଳନାଧୀନ ତାଳଚେର ଥର୍ମାଲ ପକ୍ଷରୁ ସିଏସ୍‌ଆର୍ ଯୋଜନାରେ ସନ୍ଥପଡା ଗ୍ରାମରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଡାକ୍ତର ଇନ୍ଦ୍ରଜିତ ଜେନା, ଦିଲୀପ କୁମାର ସାହୁ ଓ ହସ୍ପିଟାଲର କର୍ମଚାରୀମାନେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ୩ଶହ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ମାଗଣାରେ ଔଷଧ ପ୍ରଦାନ କରାଯାଇଥିଲା। ମାନବ ସମ୍ବଳ ବିଭାଗର ଡିଜିଏମ୍ ସମିତ କୁମାର ଦେବ ଉପସ୍ଥିତ ରହି ଏହା ପରିଚାଳନା କରିଥିଲେ।

## ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

ତେଲକୋଇ, ୨୧ା୧୧(ଡି.ଏନ.ଏ.)

ତେଲକୋଇ ଥାନା ଅନ୍ତର୍ଗତ ସିରିଆବାହାଳ ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର ହୋଇଥିବା ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ବୁଧବାର ସନ୍ଧ୍ୟା ସମୟରେ ଉକ୍ତ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ସ୍ଥାନୀୟବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ସେ ତାଙ୍କ ଅପା ଘରେ ଥିଲାବେଳେ ବଳାତ୍କାର ହୋଇଥିଲା। ପରେ ତାଙ୍କୁ ଅଚେତ ଅବସ୍ଥାରେ ପରିବାର ଲୋକ ଉଦ୍ଧାର କରିଥିଲେ। ପୋଲିସ ଏହି ଘଟଣାରେ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ତଦନ୍ତ ଜାରି ରଖିଛି।

■ ଧାନ ସଂଗ୍ରହ ପ୍ରଶିକ୍ଷଣ ଶିବିର

## ଚାଷୀଙ୍କୁ ସହଯୋଗ କରିବାକୁ ପରାମର୍ଶ

ଆଠମଲ୍ଲିକ,୨୧ା୧୧(ଡି.ଏନ.ଏ.)



ବୈଠକରେ ଉପସ୍ଥିତ ଅଧିକାରୀମାନେ।

୨୦୧୯-୨୦ ବର୍ଷର ଧାନ ସଂଗ୍ରହ ପାଇଁ ଗୁରୁବାର ଆଠମଲ୍ଲିକ ବ୍ଲକ ସଭାଗୃହରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ସଞ୍ଜୟ କୁମାର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଏହି ବୈଠକରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ଜନପ୍ରତିନିଧି, ସୋସାଇଟି ସ୍ତରୀୟ ଧାନ ସଂଗ୍ରହ କମିଟି ସଦସ୍ୟ ଓ ନିୟନ୍ତ୍ରିତ ବଜାର କମିଟି କର୍ମଚାରୀ ଏବଂ ପ୍ରାଥମିକ ସେବା ସମବାୟ ସମିତି ସମ୍ପାଦକମାନେ ଉପସ୍ଥିତ ଥିଲେ। ଯୋଗାଣ ନିରୀକ୍ଷକ ଇତିରଞ୍ଜନ ପାତ୍ର କାର୍ଯ୍ୟକ୍ରମ ଆଭିମୁଖ୍ୟ ଉପରେ ଆଲୋଚନା କରିଥିବା ବେଳେ ବିଡିଓ ଆଚାର୍ଯ୍ୟ କିଭଳି ସୁରୁଖୁରୁରେ ଚାଷୀମାନେ ମଣ୍ଡିକୁ ଧାନ ଆଣି ଦେଇପାରିବେ ସେ ଦିଗରେ ଯତ୍ନର ସହ କାର୍ଯ୍ୟ କରିବାକୁ ସମସ୍ତ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥିଭାବେ ସହକାରୀ ଜିଲାପାଳ ନାରାୟଣ ମହାପାତ୍ର, ସହକାରୀ ଯୋଗାଣ ଅଧିକାରୀ ଦାଶରଥି ସୋରେନ ନୀତିନିୟମ ଓ ବ୍ୟବସ୍ଥାବଳୀ ଉପରେ ଆଲୋକପାତ କରିଥିଲେ। ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ସୁଶାନ୍ତ କୁମାର ଜେନା ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବିନା ଟୋକନରେ କୌଣସି ପଞ୍ଜୀକୃତ ଚାଷୀ ମଣ୍ଡିକୁ ଧାନ ଆଣିବାକୁ ବାରଣ କରାଯାଇଥିଲା। ସେହିପରି ଧାନ ଦେବାର ୪୮ ଘଣ୍ଟା ମଧ୍ୟରେ ଚାଷୀମାନଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ପ୍ରଦାନ କରାଯିବା ବ୍ୟବସ୍ଥା ଥିବା ସୂଚନା ଦିଆଯାଇଥିଲା।

## ଚିତ୍ରାଙ୍କନ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା

ଅନୁଗୋଳ ଅଫିସ, ୨୧ା୧୧



ଅନୁଗୋଳସ୍ଥିତ ସେଣ୍ଟ ଜାଭିୟର ସ୍କୁଲ ପରିସରରେ ନବକୃଷ୍ଣ ଚୌଧୁରୀଙ୍କ ୧୧୮ ତମ ଜୟନ୍ତୀ ଅବସରରେ ରଙ୍ଗଭୋର ଚିତ୍ରାଙ୍କନ ଓ ସାଧାରଣ ଜ୍ଞାନ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୨୨ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଆସନ୍ତା ୨୩ ତାରିଖ ବିଜୁ ମଇଦାନ ଠାରେ ସନ୍ଧ୍ୟା ୫ଟାରେ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ଦିବସରେ ଏକ ସାଧାରଣ ସଭା ଅନୁଷ୍ଠିତ ହେବ। ଏହି ଅବସରରେ ତାଙ୍କ ଜୀବନୀ ଉପରେ ଆଧାରିତ ଫଟୋଚିତ୍ର ପ୍ରଦର୍ଶିତ ହେବ। କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରାଯିବ। କାର୍ଯ୍ୟକ୍ରମକୁ ସ୍କୁଲ ଅଧ୍ୟକ୍ଷ ବିନୋଦ କୁମାର ନନ୍ଦ, ତପସ୍ୱିନୀ ସାହୁ, ପଦ୍ମିନୀ ସାହୁ, ଯଜ୍ଞସେନୀ ସାହୁ, କରୁଣା ପଟେଲ, ଅମ୍ବିକା କଲ୍ୟାଣୀ, ସ୍ମିତା ସେଠୀ ଓ ସାମାଜିକ କର୍ମୀ ଅଦ୍ୟାଶ୍ଳୋକ ମିଶ୍ର ପରିଚାଳନା କରିଥିଲେ। ବିଚାରକ ଭାବେ ବ୍ରହ୍ମଟିକା ପାଣି ଯୋଗଦେଇଥିଲେ।

# ବାଲିଘାଟ ବିବାଦର ତଦନ୍ତ

କଣିହାଁ,୨୧ା୧୧(ଡି.ଏନ.ଏ.)



ପ୍ରଶାସନିକ ଅଧିକାରୀ ତଦନ୍ତ କରୁଛନ୍ତି।

କଣିହାଁ ବ୍ଲକ ରେଙ୍ଗାଳି ଥାନା ଶୁଶୁବା ଗ୍ରାମ ଏରିଆ ବ୍ରାହ୍ମଣୀ ନଦୀରେ ବାଲିଘାଟକୁ ନେଇ ସୃଷ୍ଟି ହୋଇଥିବା ବିବାଦର ଗୁରୁବାର ତଦନ୍ତ କରାଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ କଣିହାଁ ତହସିଲଦାର ଅଂଶୁମାନ ଶତପଥୀ, ଅତିରିକ୍ତ ତହସିଲଦାର ରବୀନ୍ଦ୍ର ସାମଲ ଓ ବିଭାଗୀୟ ଅନ୍ୟ ଅଧିକାରୀମାନେ ଏହି ତଦନ୍ତ କରିଥିଲେ। ଗ୍ରାମବାସୀ କହିଛନ୍ତି, ବର୍ଷାଦିନେ ଚାଷ ଜମିକୁ ନଦୀ ପାଣି ପ୍ରବେଶ ସମ୍ଭାବନା ଥିବାବେଳେ ବାଲିଘାଟ ଯୋଗୁ ନଦୀକୂଳ କ୍ଷୟ ହେଉଛି। ତେଣୁ ବାଲିଘାଟ ବନ୍ଦ ପାଇଁ ବହୁବାର ପ୍ରଶାସନକୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ହେଲେ କେହି କର୍ଣ୍ଣପାତ ନ କରିବାରୁ କୋର୍ଟରେ ମାମଲା ଦାଏର କରାଯାଇଥିଲା। ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳ ପରିଦର୍ଶନ କରିବା ସହ ଗ୍ରାମବାସୀଙ୍କ ମତାମତ ନେଇଛନ୍ତି। ତହସିଲଦାର ଶତପଥୀ କହିଛନ୍ତି, ବେଆଇନ ଭାବେ ଲିଜ ପ୍ରଦାନ କରାଯାଇ ନାହିଁ। ଗ୍ରାମବାସୀ ବାଲିଘାଟକୁ ବିରୋଧ କରୁଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶରେ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହିତ ବାଲିଘାଟକୁ ଯାଇଥିଲୁ। ତଦନ୍ତ ରିପୋର୍ଟ ଜିଲାପାଳଙ୍କୁ ଦିଆଯିବ।

# ସରୁନି ବାତ୍ୟା କ୍ଷୟକ୍ଷତି ଆକଳନ

ଚାନ୍ଦବାଲି, ୨୧ା୧୧ (ଡି.ଏନ.ଏ.)

ବୁଲ୍‌ବୁଲ୍ ବାତ୍ୟାକୁ ୧୪ ଦିନ ବିତିଲା। ହେଲେ ଏଯାଏ ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକରେ ବାତ୍ୟା କ୍ଷୟକ୍ଷତି ଆକଳନ ସରୁ ନାହିଁ। କ୍ଷତିଗ୍ରସ୍ତଙ୍କ ପ୍ରାଥମିକ ତାଲିକା ଚୂଡ଼ାନ୍ତ ହୋଇପାରୁ ନାହିଁ। ଜିଲା ପ୍ରଶାସନର ଚିଠି ନଂ. ୮୯୨୧ ଅନୁସାରେ ୨୦ ତାରିଖରେ କ୍ଷତିଗ୍ରସ୍ତଙ୍କ ପ୍ରାଥମିକ ତାଲିକା ତହସିଲ, ବ୍ଲକ, ଆରଆଇ ଅଫିସ ଓ ପଞ୍ଚାୟତରେ ପ୍ରଦର୍ଶନ କରିବା ପରେ ୨୨ ତାରିଖ ସୁଦ୍ଧା ଏହା ଉପରେ ଅଭିଯୋଗ ଗ୍ରହଣ କରାଯିବ। ମାତ୍ର ୨୧ ତାରିଖ ସନ୍ଧ୍ୟା ସୁଦ୍ଧା ଏହି ତାଲିକା ପ୍ରସ୍ତୁତ ହୋଇପାରି ନ ଥିବା ଜଣାଯାଇଛି।

ଉଲ୍ଲେଖନୀୟ ଯେ, ୨୦୧୮ ଅକ୍ଟୋବରରେ ତିତ୍‌ଲି ବାତ୍ୟା ହୋଇଥିଲା। ଏହାର ବର୍ଷକ ପରେ ମଧ୍ୟ ଚାନ୍ଦବାଲି ବ୍ଲକର କ୍ଷତିଗ୍ରସ୍ତଙ୍କ ତାଲିକା ଚୂଡ଼ାନ୍ତ ହୋଇପାରୁ ନାହିଁ। ବୁଧବାର ଚାନ୍ଦବାଲି ତହସିଲ ଅଫିସରେ ଦାଖଲ ହୋଇଥିବା ତିତ୍‌ଲି କ୍ଷତିଗ୍ରସ୍ତଙ୍କ ତାଲିକାରେ ବ୍ୟାପକ ତ୍ରୁଟି ଦେଖାଯାଇଛି। ଗୋଟିଏ ଜମିକୁ ଭାଗ ଭାଗ କରି ପରିବାରର ଏକାଧିକ ଲୋକଙ୍କୁ କ୍ଷତିଗ୍ରସ୍ତ ତାଲିକାରେ ଦର୍ଶାଯାଇଛି। ସେହିପରି କ୍ଷତିଗ୍ରସ୍ତଙ୍କ ନାମରେ ତହସିଲ ରେକର୍ଡରେ କେଇ ଡିସିମିଲ ଜମିଥିବାବେଳେ ତାଙ୍କୁ କେଇ ଏକରର ଜମିର କ୍ଷତିପୂରଣ ପାଇଁ ସୁପାରିସ କରାଯାଇଥିବା ନଜରକୁ ଆସିଛି। କେତେଜଣ ଅସାଧୁ କର୍ମଚାରୀ ଏଥିରେ ସମ୍ପୃକ୍ତ ଥିବା କୁହାଯାଉଥିବାବେଳେ ତାଲିକାରେ ତ୍ରୁଟି ସୁଧାରିବାକୁ କାମ ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଛି। ସେହିପରି ବୁଲ୍‌ବୁଲ୍ ପ୍ରଭାବରେ ସମଗ୍ର ବ୍ଲକରେ ୫୦ ଭାଗ ଜମିରେ ଧାନଚାଷ କ୍ଷତି ହୋଇଥିବାବେଳେ କ୍ଷତିପୂରଣ ପାଇବାକୁ ଏବେ ଆର୍‌ଆଇ ଓ ପଞ୍ଚାୟତ ଅଫିସ୍‌ରେ ଅଧିକାଂଶ ଲୋକଙ୍କ ଭିଡ଼ ଲାଗୁଛି। କେତେକ ସ୍ଥାନରେ ଦଲାଲଙ୍କ ମାଧ୍ୟମରେ ଟଙ୍କା ଆଦାୟ ହେଉଥିବା ଜଣାପଡ଼ିଛି। ନିଜର ନାଁ କ୍ଷତିଗ୍ରସ୍ତଙ୍କ ତାଲିକାରେ ସ୍ଥାନ ପାଇଛି କି ନାହିଁ ନ ଜାଣି ଲୋକେ ଜମି ପଟ୍ଟା, ଆଧାର କାର୍ଡ ଓ ବ୍ୟାଙ୍କ ଖାତାର ଜେରକ୍ସ କପି ଆର୍‌ଆଇ ଅଫିସ ଓ ପଞ୍ଚାୟତରେ ଜମା କରୁଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ତହସିଲଦାର ସତ୍ୟଜିତ ରାଉତଙ୍କୁ ପଚାରିବାରୁ ସେ କହିଛନ୍ତି, କ୍ଷତିଗ୍ରସ୍ତଙ୍କ ତାଲିକା ଚୂଡ଼ାନ୍ତ ହୋଇ ନ ଥିବାରୁ କାଗଜପତ୍ରର ଜେରକ୍ସ କପି ଜମା କରିବାକୁ କାହାରିକୁ ନିର୍ଦ୍ଦେଶ ଦିଆଯାଇ ନାହିଁ। ଲୋକେ ଠିକ୍ ଖବର ନ ଜାଣି ଅଯଥାରେ ଦଲାଲଙ୍କ କଥାରେ ପଡ଼ି ଏପରି କରୁଛନ୍ତି।

## ସଂକ୍ଷେପରେ

### ଚୋରା ବାଲି ଟ୍ରାକ୍ଟର ଉପରେ ଚଢ଼ାଉ, ଜରିମାନା



ଛେଣ୍ଡିପଦା,୨୧।୧୧(ସ୍ୱ.ପ୍ର.)- ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଆଉଁଳୀ ନଦୀରୁ ଟ୍ରାକ୍ଟର ଯୋଗେ ଦୈନନ୍ଦିନ ଚୋରାରେ ବାଲି ଚାଲାଣ ନେଇ ଅଭିଯୋଗ ହେଉଥିଲା। ଗୁରୁବାର ଚୋରା ବାଲି ଧରି କେତେକ ଟ୍ରାକ୍ଟର ମାମୁରିଆ ଦେଇ ଛେଣ୍ଡିପଦା ଆସୁଥିବା ଖବରପାଇ ଛେଣ୍ଡିପଦା ତହସିଲଦାର ଡାନିଏଲ ଏକ୍କା ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ୨ଟି ବାଲି ବୋଝେଇ ଟ୍ରାକ୍ଟରକୁ ୧୫ ହଜାର ଟଙ୍କା ଜରିମାନା କରାଯାଇଥିଲା। ବ୍ଲକ ଅଞ୍ଚଳରେ ବିଭିନ୍ନ ନଦୀ, ନାଳରୁ ରାଜସ୍ୱ ଫାଙ୍କି ମାଫିଆମାନେ ବାଲି ଚୋରା ଚାଲାଣ କରୁଥିବା ଜଣାପଡିଛି। ଆଗାମୀ ଦିନରେ ଛେଣ୍ଡିପଦା ପୋଲିସ ଓ ରାଜସ୍ୱ ବିଭାଗ ପକ୍ଷରୁ ମିଳିତ ଭାବେ ଚୋରା ବାଲି ଚାଲାଣ ଉପରେ ଚଢ଼ାଉ କରାଯିବ ବୋଲି ତହସିଲଦାର ଡାନିଏଲ ଏକ୍କା ପ୍ରକାଶ କରିଛନ୍ତି।

### ଟ୍ରେନ୍‌ରୁ ଖସି ମହିଳା ଗୁରୁତର



ବଇଣ୍ଡା,୨୧।୧୧(ଡି.ଏନ.ଏ.) ଅନୁଗୋଳ ଜିଲା ଜରପଡ଼ା ରେଲଷ୍ଟେଶନ ନିକଟରେ ଜଣେ ମହିଳା ଟ୍ରେନ୍‌ରୁ ଖସି ଗୁରୁତର ହୋଇଛନ୍ତି। ତାଙ୍କୁ ବଇଣ୍ଡା ରେଲୱେ ଫାଣ୍ଡି ପୋଲିସ ଅଧିକାରୀ ଏ.କେ. ଗଡ଼ନାୟକ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ତାଙ୍କ ପରିଚୟ ଜଣାପଡ଼ିନାହିଁ। ରେଲୱେ ପୋଲିସ କହିଛି ଯେ, ମହିଳା ଜଣକ ବାମୁର ଷ୍ଟେଶନରୁ ସମ୍ବଲପୁର-ପୁରୀ ଇଣ୍ଟରସିଟି ଯୋଗେ ଯାଉଥିବା ବେଳେ ଭାରସାମ୍ୟ ହରାଇ ଖସି ପଡ଼ିଥିଲେ। ଏ ନେଇ ସୂଚନା ମିଳିବା ପରେ ଗୁରୁତର ମହିଳାଙ୍କୁ ଉଦ୍ଧାର କରାଯାଇଛି।

### ଯୁବକଙ୍କୁ ପଥର ମାଡ଼ ଅଭିଯୋଗ

ବଇଣ୍ଡା,୨୧।୧୧(ଡି.ଏନ.ଏ.)- କିଶୋରନଗର ବ୍ଲକ ହଣ୍ଡପା ଥାନା ବିଡିସିଙ୍ଗ ଗ୍ରାମର ଉଦୟନାଥ ମାଝିଙ୍କୁ ସେହି ଗ୍ରାମର ଯୁଧିଷ୍ଠିର ନାୟକ ପଥର ମାଡ଼ କରିଥିବା ବୁଧବାର ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ନଂ. ୨୦୫/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ଉଦୟ ଓ ଯୁଧିଷ୍ଠିରଙ୍କ ପରିବାର ମଧରେ ପୂର୍ବରୁ ବିବାଦ ଥିଲା। ଏହାକୁ କେନ୍ଦ୍ରକରି ଉଦୟଙ୍କୁ ଯୁଧିଷ୍ଠିର ପଥର ମାଡ଼ କରିଥିବା ଅଭିଯୋଗରେ ଦର୍ଶାଯାଇଛି।

### ସାମାଜିକ କର୍ମୀଙ୍କ ପରଲୋକ

ବଇଣ୍ଡା,୨୧।୧୧(ଡି.ଏନ.ଏ.)- କିଶୋରନଗର ବ୍ଲକ ଲୁହାମୁଣ୍ଡା ଗ୍ରାମର ସାମାଜିକ କର୍ମୀ ହର ଲହରାଙ୍କ ଗୁରୁବାର ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ହେବ ଅସୁସ୍ଥ ଥିଲେ। ତାଙ୍କ ମୃତଦେହକୁ ଗ୍ରାମବାସୀ ନଗର ପରିକ୍ରମା କରିବା ପରେ ସଂସ୍କାର କରିଥିଲେ। ହରଙ୍କ ମୃତ୍ୟୁ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।

### ଭାଜପାର ବୈଠକ

ବଇଣ୍ଡା,୨୧।୧୧(ଡି.ଏନ.ଏ.)- କିଶୋରନଗର ବ୍ଲକ ଗାଁବଇଣ୍ଡା ରାଜୀବ ଭବନ ପରିସରରେ ଗୁରୁବାର ଭାଜପାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ବିଶ୍ୱଜିତ ମିଶ୍ରଙ୍କ ସଭାପତିତ୍ୱରେ ଏହି ବୈଠକରେ ଜିଲା ସଭାପତି ଭାଗୀରଥି ପ୍ରଧାନ, ଜିଲା ମଣ୍ଡଳ ସମ୍ପାଦକ ଧ୍ରୁବଚରଣ ସାହୁ, ଯଶୋବନ୍ତ ସାହୁ, ଠାକୁରଗଡ଼ ମଣ୍ଡଳ ପର୍ଯ୍ୟବେକ୍ଷକ ଅଭିରାମ ସାହୁ, ରୁଦ୍ରନାରାୟଣ ସାହୁ, ବିପିନ ପ୍ରଧାନ, ପରମାନନ୍ଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଭାଜପାର ଆକ୍ଟିଭ ମେମ୍ବର ସମ୍ପର୍କରେ ଆଲୋଚନା କରାଯିବା ସହ ଦଳକୁ କିଭଳି ଅଧିକ ସୁଦୃଢ଼ କରାଯିବ ତାହା ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଇଥିଲା।

## ଜାନୁୟାରୀ ୧୫ରେ ମେଗା ନିଯୁକ୍ତି ମେଳା

# ପ୍ରସ୍ତୁତି ବୈଠକରେ ପ୍ରଚାର ଉପରେ ଗୁରୁତ୍ୱ

ଅନୁଗୋଳ ଅଫିସ, ୨୧।୧୧



ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀମାନେ।

ଅନୁଗୋଳ ଜିଲା ନିୟୋଜନ କାର୍ଯ୍ୟାଳୟ ପକ୍ଷରୁ ଆସନ୍ତା ଜାନୁୟାରୀ ୧୫ରେ ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରାଙ୍ଗଣରେ ଜିଲାସ୍ତରୀୟ ମେଗା ନିଯୁକ୍ତି ମେଳା ଅନୁଷ୍ଠିତ ହେବ। ଏହି ନିଯୁକ୍ତି ମେଳାରେ ଜିଲାର ସମସ୍ତ ବ୍ଲକ ଅଞ୍ଚଳରୁ ବହୁ ସଂଖ୍ୟାରେ ଯୁବତୀ ଓ ଯୁବକମାନଙ୍କ ସମେତ ବିଭିନ୍ନ କମ୍ପାନୀର ନିଯୁକ୍ତିଦାତା ଯୋଗଦେବେ। ଏହି ନିଯୁକ୍ତିମେଳାକୁ ସଫଳତାର ସହିତ ଆୟୋଜନ କରିବା ପାଇଁ ଗୁରୁବାର ପୂର୍ବାହ୍ନରେ ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ନିଯୁକ୍ତିମେଳାରେ ବିଭିନ୍ନ ନିଯୁକ୍ତିଦାତା ସଂସ୍ଥା ଦ୍ୱାରା ମନୋନୀତ ହେଉଥିବା ଯୁବତୀ ଓ ଯୁବକମାନଙ୍କୁ ଚୂଡ଼ାନ୍ତ ସାକ୍ଷାତକାର ଆୟୋଜନ କରି ମେଳା ସ୍ଥାନରେ ନିଯୁକ୍ତିପତ୍ର ଦେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଗତବର୍ଷ ମେଳାରେ ୧୪୮୦ ଜଣ ଅଂଶଗ୍ରହଣ କରିଥିବା ବେଳେ ୪୩୦ ଜଣଙ୍କୁ ନିଯୁକ୍ତି ପାଇଁ ପ୍ରସ୍ତାବ ଦିଆଯାଇଥିଲା। କିନ୍ତୁ ସେମାନଙ୍କ ମଧ୍ୟରୁ ଖୁବ କମ୍ ଚାକିରିରେ ଯୋଗଦାନ କରିଥିବାବେଳେ କେତେଜଣ ଆଗ୍ରହ ପ୍ରକାଶ କରି ନ ଥିଲେ। ନିଜ ରାଜ୍ୟରେ ନିଯୁକ୍ତି ପାଇଁ ଅଧିକାଂଶ ଆଗ୍ରହୀ ଥିବାରୁ ମେଳା ଦିନ ମନୋନୀତଙ୍କୁ ନେଇ ନିଯୁକ୍ତିଦାତା କାଉନସେଲିଂ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଏହି ମେଳାର ସମସ୍ତ ପ୍ରକାର ଆୟୋଜନ ଦାୟିତ୍ୱରେ ନୋଡାଲ ଅଫିସର ଭାବେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ମେଳାରେ ପାନୀୟ ଜଳ ଯୋଗାଣ, ନିରାପତ୍ତା ବ୍ୟବସ୍ଥା, ଟେଣ୍ଟ, ପ୍ରାଥମିକ ଚିକିତ୍ସା, ଅଗ୍ନି ନିର୍ବାପକ ଓ ପରିମଳ ବ୍ୟବସ୍ଥା ସହ ଅନ୍ୟ ସମସ୍ତ ସୁବିଧା କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ଅଧିକ ସଂଖ୍ୟାରେ ଯୁବତୀ ଯୁବକମାନେ କିପରି ଯୋଗଦାନ କରିବେ ସେଥିପାଇଁ ଆଗୁଆ ପ୍ରଚାର ବ୍ୟବସ୍ଥା କରିବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଅମରେନ୍ଦ୍ର ନାଥ ମହାନ୍ତି, ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରାଙ୍କ ସମେତ ଜିଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଜିଲା ନିୟୋଜନ ଅଧିକାରୀ ମାନସ ରଞ୍ଜନ ମହାନ୍ତି ନିଯୁକ୍ତି ମେଳା ଆୟୋଜନ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ ଏହାର ସଫଳ ଆୟୋଜନ ପାଇଁ ସହଯୋଗ କାମନା କରିଥିଲେ।

## ମାଲ୍ୟଗିରି କଲେଜ କ୍ୟାଣ୍ଟିନ ଉଦ୍‌ଘାଟିତ



ପାଲଲହଡା,୨୧।୧୧(ଡି.ଏନ.ଏ.)

ପାଲଲହଡା ଉପଖଣ୍ଡର ମାଲ୍ୟଗିରି ମହାବିଦ୍ୟାଳୟ ପରିସରରେ ଗୁରୁବାର ଏକ ଅତ୍ୟାଧୁନିକ କ୍ୟାଣ୍ଟିନ ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ ଯୁବକଙ୍କ ନିଜସ୍ୱ ପ୍ରଚେଷ୍ଟା ଓ ମହାବିଦ୍ୟାଳୟ ପ୍ରଶାସନ ପକ୍ଷରୁ କରାଯାଇଥିବା ଏହି କ୍ୟାଣ୍ଟିନକୁ ବିଧାୟକ ମୁକେଶ କୁମାର ପାଲ ଉଦ୍‌ଘାଟନ କରିଥିଲେ। ଏଥିସହ ମହାବିଦ୍ୟାଳୟରେ ଥିବା ଅନ୍ୟାନ୍ୟ ସମସ୍ୟାଗୁଡିକୁ ସରକାରଙ୍କ ସହିତ ଆଲୋଚନା କରି ଶୀଘ୍ର ସମାଧାନ କରିବା ପାଇଁ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ବଳଭଦ୍ର ପ୍ରଧାନ ଏହାକୁ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ନବକିଶୋର ନାଏକ, ବିଧାୟକଙ୍କ ପ୍ରତିନିଧି ନରେନ୍ଦ୍ର ଭୁକ୍ତା, ନିଜିଗଡ଼ ପଞ୍ଚାୟତ ସମିତିସଭ୍ୟ ଦିଲୀପ କୁମାର ଉଦାବଲ ଯୋଗ ଦେଇଥିବା ବେଳେ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

ଛେଣ୍ଡିପଦା,୨୧।୧୧(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ୍ ସନ୍ତରାବନ୍ଧ ମହର୍ଷି ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀଙ୍କ ଆତ୍ମରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ବିଦ୍ୟାଳୟ ଅଧ୍ୟକ୍ଷ ପଞ୍ଚୁନାଥ ସାହୁ ଉଦ୍‌ଘାଟନ କରିଥିଲେ। ତର୍କଶାସ୍ତ୍ର ଅଧ୍ୟାପିକା ପଦ୍ମିନୀ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମାଷ୍ଟର ଟ୍ରେନର ଭାବେ କଣିହାଁ ମହାବିଦ୍ୟାଳୟର ଜୁଲିରାଣୀ ସାହୁ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଦେଉଛନ୍ତି। ଏହି ଶିବିର ୧୨ଦିନ ଧରି ହେବାକୁ ଥିବାବେଳେ ପରିଚାଳନାରେ ଇତିହାସ ଅଧ୍ୟାପିକା ବିଦ୍ୟୁତ୍‌ପ୍ରଭା ପ୍ରଧାନ, ଓଡ଼ିଆ ଅଧ୍ୟାପିକା ଜ୍ୟୋତି ଶ୍ୱେତାଲିନ, ଯୋଗ ଅଧ୍ୟାପକ ଶରତ ଚନ୍ଦ୍ର ପ୍ରଧାନ ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ମା'ବୁଢ଼ୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ଉଦ୍‌ଘାଟନ ଅବସରରେ ଅତିଥି ଓ ଅନ୍ୟମାନେ।

ଛେଣ୍ଡିପଦା,୨୧।୧୧(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ୍ ବ୍ରାହ୍ମଣବିଲ ଗ୍ରାମ ଖେଳ ପଡିଆରେ ମା'ବୁଢ଼ୀ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ମା'ବୁଢ଼ୀ କ୍ରିକେଟ କ୍ଲବ ନେତୃତ୍ୱରେ ଆୟୋଜିତ ଟୁର୍ନାମେଣ୍ଟରେ ମୁଖ୍ୟଅତିଥି ଭାବେ ବ୍ରାହ୍ମଣବିଲ ସରପଞ୍ଚ ସୁଧାକର ବେହେରା ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଦିବସରେ ପ୍ରଥମ ମ୍ୟାଚ ସନ୍ତରାବନ୍ଧ ଓ ବଲଣ୍ଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସନ୍ତରାବନ୍ଧ ବିଜୟ ଲାଭ କରିଥିଲା। ୨ୟ ମ୍ୟାଚ ବୁଢ଼ାପାଳ ଓ ହରିଚନ୍ଦନପୁର ମଧ୍ୟରେ ହୋଇଥିଲା। ଏଥିରେ ହରିଚନ୍ଦନପୁର ବିଜୟ ଲାଭ କରିଥିଲା। ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଆସନ୍ତା ୨୯ ତାରିଖ ଦିନ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି। ମା'ବୁଢ଼ୀ କ୍ରିକେଟ କ୍ଲବ ସଭାପତି ଆଲୋକ ପ୍ରଧାନ, ମ୍ୟାନେଜର ଜିତେନ ଦେହୁରୀ ପ୍ରମୁଖଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ବିଦ୍ୟୁତ୍ ବିଭାଗ ଅବହେଳା ପ୍ରତିବାଦରେ ରାସ୍ତାରୋକୋ

ଜଳେଶ୍ୱର, ୨୧।୧୧(ଡି.ଏନ.ଏ.)

ବିଦ୍ୟୁତ୍ ବିଭାଗର ଅବହେଳା ପ୍ରତିବାଦରେ ଜଳେଶ୍ୱର ସହର ପୁରୁଣିଆ ବଜାରଠାରେ ସ୍ଥାନୀୟ ବାସିନ୍ଦା ଗୁରୁବାର ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ଖବର ଲେଖାହେବା ପର୍ଯ୍ୟନ୍ତ ରାସ୍ତାରୋକୋ ହଟି ନ ଥିଲା।

ବାସନ୍ତୀ ପଡିଆଠାରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ଏକ ଷଣ୍ଢର ମୃତ୍ୟୁ ହୋଇଥିଲା। ବିଦ୍ୟୁତ୍ ବିଭାଗ କର୍ମଚାରୀମାନେ ଆସି ମୃତ ଷଣ୍ଢକୁ ଉଦ୍ଧାର କରିଥିଲେ। ଟ୍ରାନ୍ସଫର୍ମର ବସିଥିବା ସ୍ଥାନର ଚାରି ପାଖରେ ପାଚେରି ଥିଲେ ମଧ୍ୟ ତାର ଗେଟ୍ ଖୋଲା ରହୁଥିବାରୁ ଷଣ୍ଢଟି ଭିତରକୁ ପଶିଯାଇଥିଲା ଓ ଖୋଲା ଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲା। ସ୍ଥାନୀୟ ଲୋକମାନେ ଷଣ୍ଢର ମୃତଦେହ ସଂସ୍କାର କରିବା ସହ ବିଦ୍ୟୁତ୍ ବିଭାଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରି ରାସ୍ତାରୋକୋ କରିଥିଲେ।

## ଲିଟିଲ ହାର୍ଟ୍ସ ପକ୍ଷରୁ ଫ୍ୟାଶନ ଶୋ



ଅତିଥିଙ୍କ ସହ ବିଜୟୀ ଛାତ୍ରୀଛାତ୍ରମାନେ।

ଅନୁଗୋଳ ଅଫିସ, ୨୧।୧୧

ଅନୁଗୋଳ ଜିଲା କୁଇଓ ସ୍ଥିତ ଲିଟିଲ ହାର୍ଟ୍ସ ଟଡଲର୍ସ ଏକାଡେମୀ ଠାରେ ଏକ ଫ୍ୟାଶନ ଶୋ ଆୟୋଜିତ ହୋଇଯାଇଛି। ଏଥିରେ ଶତାଧିକ କୁନି କୁନି ଛାତ୍ରୀଛାତ୍ର ଭାଗ ନେଇଥିଲେ। ବେଶଭୂଷା, ର୍‍ୟାମ୍ପରେ ଚାଲିବା, ସାଧାରଣ ଜ୍ଞାନ, ଉପସ୍ଥିତ ବୁଦ୍ଧିକୁ ନେଇ ମୂଲ୍ୟାୟନ ହୋଇଥିଲା। ବାଳକ ବିଭାଗରେ ସାଇ ବିଘ୍ନେଶଙ୍କୁ ମିଷ୍ଟର ଲିଟିଲହାର୍ଟ୍ସ ମୁକୁଟ ମିଳିଥିବା ବେଳେ ଆଇହାନ୍ ସାରଙ୍ଗୀ ପ୍ରଥମ ରନର୍ସଅପ୍, ଆରବ ମହାପାତ୍ର ଦ୍ୱିତୀୟ, ସାଇ ରିତ୍‌ୱିତ୍ ଦାସ ତୃତୀୟ ଓ ସ୍ୱରୂପ କୁମାର ପାଲଙ୍କୁ ଚତୁର୍ଥ ରନର୍ସଅପ୍ ଘୋଷଣା କରାଯାଇଥିଲା। ସେହିଭଳି ବାଳିକା ବିଭାଗରେ ଦୀକ୍ଷିତା ସାହୁଙ୍କୁ ମିସ୍ ଲିଟିଲ ହାର୍ଟ୍ସ ମୁକୁଟ ମିଳିଥିବାବେଳେ ତିୟାସା ମଣ୍ଡଳ ପ୍ରଥମ ରନର୍ସଅପ୍, ଅନୁଷ୍କା ସାହୁ ଦ୍ୱିତୀୟ, ଆଲିଶା ପାଲ ତୃତୀୟ ଓ ଦେବାଂଶୀ କେଡ଼ିଆଙ୍କୁ ଚତୁର୍ଥ ରନର୍ସଅପ୍ ଘୋଷଣା କରାଯାଇଥିଲା। ଅତିଥି ତଥା ବିଚାରକ ଭାବେ ସ୍ମୃତି ଗୁପ୍ତା ଓ ଟ୍ୱିଙ୍କଲ ଦାସ ଯୋଗଦେଇ ବିଜେତାମାନଙ୍କୁ ପୁରସ୍କୃତ କରିଥିଲେ। ସ୍କୁଲ ଅଧ୍ୟକ୍ଷା ପ୍ରିୟଙ୍କା ଶୁକ୍ଲାଙ୍କ ସମେତ ସହକାରୀ ଶିକ୍ଷୟିତ୍ରୀ ପରମଜିତ କୌର, ଅଞ୍ଜଳି ପଟ୍ଟନାୟକ ଓ ବିସ୍ମିତା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ତାର ଜବତ, ଦୁଇ ଶିକାରୀ ଗିରଫ



ଗିରଫ ଦୁଇ ଶିକାରୀ ଓ ଜବତ ତାର।

ବନ୍ତଳା,୨୧।୧୧(ଡି.ଏନ.ଏ.)

ଅନୁଗୋଳ ରେଞ୍ଜ କୁମୁରିସିଙ୍ଗା ପଞ୍ଚାୟତ ଅଧୀନରେ ଥିବା କାବୁଲିପାଳ-ମନ୍ଦରଗିରି ପାହାଡ଼ ମଧ୍ୟରେ ବୁଧବାର ଅପରାହ୍ନରେ ଜନ୍ତୁ ଶିକାର ପାଇଁ ଏଗାର କେଭିରୁ ହୁକ ପକାଇ ଜିଆଇ ତାର ବିଛାଉଥିବା ବେଳେ ଦୁଇ ଶିକାରୀଙ୍କୁ ବନ ବିଭାଗ ଗିରଫ କରିଛି। ଡିଏଫଓ ଭି. କାର୍ତ୍ତିକଙ୍କ ନିର୍ଦ୍ଦେଶକ୍ରମେ ରେଞ୍ଜର ସତ୍ୟବ୍ରତ ପ୍ରଧାନଙ୍କ ନେତୃତ୍ୱରେ ଫରେଷ୍ଟର ଅଶୋକ ପ୍ରଧାନଙ୍କ ସମେତ ଟିମ୍ ଜଗି ରହିଥିଲେ। କୁମୁରିସିଙ୍ଗା ଗ୍ରାମର ଦିଲୀପ କୁମାର ବେହେରା ଓ କାବୁଲିପାଳ ଗ୍ରାମର ପ୍ରମୋଦ ଭୋଇ ବାଡ଼ି ସାହାଯ୍ୟରେ ଜିଆଇ ତାର ବିଛାଉଥିବା ବେଳେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ବନ କର୍ମଚାରୀମାନେ ଉଭୟଙ୍କୁ କାବୁ କରିଥିଲେ। ଏଥିସହିତ ତିନି କିଲୋମିଟର ପର୍ଯ୍ୟନ୍ତ ଲମ୍ବିଥିବା ଜିଆଇ ତାର ସହିତ ବହୁ ବାଡ଼ି ଜବତ କରିଥିଲେ। ଗୁରୁବାର ମାମଲା ରୁଜୁ ପରେ ଉଭୟଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି।

## ଲକ୍ଷ୍ମୀ ହୋଣ୍ଡା ପକ୍ଷରୁ ସର୍ଭିସ ଅନ୍ ହୁଇଲ୍ ସେବାର ଶୁଭାରମ୍ଭ

ଅନୁଗୋଳ ଅଫିସ, ୨୧।୧୧



ହୋଣ୍ଡା ସର୍ଭିସ ମହୋତ୍ସବ ଓ ସର୍ଭିସ ଅନ୍ ହୁଇଲ୍ ସେବା (ଡୋର ଟୁ ଡୋର)ର ଶୁଭାରମ୍ଭ କରାଯାଉଛି।

ହୋଣ୍ଡା ମୋଟରସାଇକେଲ ଓ ସ୍କୁଟି ଇଣ୍ଡିଆ ପ୍ରାଇଭେଟ ଲିମିଟେଡର ଅନୁଗୋଳସ୍ଥିତ ଅଧିକୃତ ବିକ୍ରେତା ଲକ୍ଷ୍ମୀ ହୋଣ୍ଡାଠାରେ ଗୁରୁବାର ହୋଣ୍ଡା ସର୍ଭିସ ମହୋତ୍ସବ ଓ ସର୍ଭିସ ଅନ୍ ହୁଇଲ୍ ସେବା (ଡୋର ଟୁ ଡୋର)ର ଶୁଭାରମ୍ଭ କରାଯାଇଛି। ଏହି ମହୋତ୍ସବରେ ସହର ଓ ଜିଲାର ସବୁ ପ୍ରାନ୍ତରୁ ଗ୍ରାହକମାନେ ଯୋଗଦେଇଥିଲେ। ଏହା ମାତ୍ର ୩ ଦିନ ଧରି ଚାଲି ରହିବ। ହୋଣ୍ଡା କମ୍ପାନୀ ଗ୍ରାହକ ସେବାର ଜୋନାଲ ଇନ୍‌ଚାର୍ଜ ଅମରଜିତ ଝା ଓ ଏରିଆ ଇନ୍‌ଚାର୍ଜ ସର୍ଭିସ ଶୁଭେନ୍ଦୁଙ୍କ କରକମଳରେ ଏହା ଆରମ୍ଭ କରାଯାଇଥିଲା। ଏହି ସର୍ଭିସ ମୋଟର୍ସରେ ଗ୍ରାହକମାନଙ୍କ ପାଇଁ ସ୍ୱତନ୍ତ୍ର ରିହାତି ବ୍ୟବସ୍ଥା ରହିଛି। ଏଏମ୍‌ସି, ଇଡବ୍ଲ୍ୟୁ, ହେଲମେଟ, ଆସୋସରିଜରେ ୫ ପ୍ରତିଶତ ରିହାତି ସହ ପଲିସ୍, ମାଗଣା ପଲିସ, ପିକ୍‌ଅପ ଏବଂ ଡ୍ରପର ସୁବିଧା କରାଯାଇଛି। ଗ୍ରାହକମାନଙ୍କ ପାଇଁ ମେହେନ୍ଦି ଲଗାଇବାର କାର୍ଯ୍ୟକ୍ରମ ସହ ଗ୍ରାହକମାନଙ୍କୁ ଉନ୍ନତମାନର ସେବା ପ୍ରଦାନ କରିବା ପାଇଁ ସର୍ଭିସ ଅନ୍ ହୁଇଲ ବା ଡୋର ଟୁ ଡୋର ସେବାର ଶୁଭାରମ୍ଭ କରାଯାଇଛି। ଏହା ଗ୍ରାହକଙ୍କ ଘରେ ଘରେ ପହଞ୍ଚି ସେବା ପ୍ରଦାନ କରିବ। ଏହି ଅବସରରେ ଉପସ୍ଥିତ ଗ୍ରାହକମାନଙ୍କୁ ନିୟମିତ ସର୍ଭିସ ଉପଯୋଗିତା ବିଷୟରେ ଅବଗତ କରାଯାଇଥିଲା। ଭବିଷ୍ୟତରେ ନିୟମିତ ଉନ୍ନତ ଓ ଉନ୍ନତମାନର ସେବା ଦେବାକୁ ଆମେ ପ୍ରତିଶ୍ରୁତିବଦ୍ଧ ବୋଲି ଲକ୍ଷ୍ମୀ ହୋଣ୍ଡାର ସ୍ୱତ୍ୱାଧିକାରୀ ବିକ୍ରମ ଅଗ୍ରୱାଲା କହିଛନ୍ତି। ଏହି ସର୍ଭିସ ମୋଟର୍ସର ଭରପୂର ଲାଭ ଉଠାଇବାକୁ ଗ୍ରାହକମାନଙ୍କୁ ସେ ନିବେଦନ କରିଛନ୍ତି।

ଧରିତ୍ରୀର ଢେଙ୍କାନାଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବଣ୍ଡିଁରପାଳ- ୭୮୯୪୪୬୨୯୧୬, ବନ୍ତଳା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ମାଧପୁର-୯୯୩୭୬୪୪୫୫୨, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

# ଅଗ୍ନି ନିରାପତ୍ତା ନିର୍ଦ୍ଦେଶାଳୟରେ ଅଦଳବଦଳ

**ଭୁବନେଶ୍ୱର,୨୧।୧୧(ବ୍ୟୁରୋ):** ରାଜ୍ୟ ସରକାର ଗୁରୁବାର ଓଡ଼ିଶା ଅଗ୍ନି ଓ ବିପର୍ଯ୍ୟୟ ପ୍ରଶମନ ଏକାଡେମୀ(ଓଏଫ୍ଏଡିଆରଏ)ର ନିର୍ଦ୍ଦେଶକ(ସିଏଫ୍ଓ) ମହେଶ୍ୱର ସ୍ୱାଇଁଙ୍କୁ ଫାୟାର ପ୍ରିଭେନ୍ସନ ୱିଙ୍ଗ୍ ଅଫ୍ ଦ ଡାଇରେକ୍ଟୋରେଟ୍ ଅଫ୍ ଫାୟାର ସର୍ଭିସର ଅତିରିକ୍ତ ଦାୟିତ୍ୱରୁ ଅବ୍ୟାହତି ଦେଇଛନ୍ତି। ପରବର୍ତ୍ତୀ ନିର୍ଦ୍ଦେଶନାମା ଆସିବା ପର୍ଯ୍ୟନ୍ତ ମହେଶ୍ୱର କେବଳ ପୂର୍ବଭଳି ନିର୍ଦ୍ଦେଶକ(ସିଏଫ୍ଓ), ଓଡ଼ିଶା ଅଗ୍ନି ଓ ବିପର୍ଯ୍ୟୟ ପ୍ରଶମନ ଏକାଡେମୀର ଦାୟିତ୍ୱ ତୁଲାଇବେ। ଏ ନେଇ ଗୃହ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ନଂ-୫୧୬୪୭ରେ ଉଲ୍ଲେଖ କରାଯାଇଛି। ଅଗ୍ନିସେବା ନିର୍ଦ୍ଦେଶାଳୟର ମୁଖ୍ୟ ଅଗ୍ନି ନିରାପତ୍ତା ଅଧିକାରୀ(ସିଏଫ୍ଓ)ସୁକାନ୍ତ ସେଠୀଙ୍କୁ ମୂଳ ଦାୟିତ୍ୱ ସହ ନିର୍ଦ୍ଦେଶାଳୟସ୍ଥିତ ଅଗ୍ନି ପ୍ରଶମନ ଶାଖାର ଅତିରିକ୍ତ ଦାୟିତ୍ୱପ୍ରଦାନ କରାଯାଇଛି। ଅଗ୍ନି ନିରାପତ୍ତା ନିର୍ଦ୍ଦେଶାଳୟର ଉପ ନିର୍ଦ୍ଦେଶକ ଅରୁଣ କୁମାର ଷଡଙ୍ଗୀଙ୍କୁ ଭବାନୀପାଟଣା ସର୍କଲକୁ ବଦଳି କରାଯାଇଛି। ସେହିପରି ଭବାନୀପାଟଣା ସର୍କଲ ଅଗ୍ନି ନିରାପତ୍ତା ଉପ ନିର୍ଦ୍ଦେଶକ ସଲିଲ ପ୍ରକାଶ କିଣ୍ଡୋଙ୍କୁ କଟକସ୍ଥିତ ଅଗ୍ନି ନିରାପତ୍ତା ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଭାବେ ଦାୟିତ୍ୱ ମିଳିଛି। ଉପରୋକ୍ତ ନିଯୁକ୍ତି ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍ଓ) ପକ୍ଷରୁ ଗଣମାଧ୍ୟମକୁ ଅବଗତ କରାଯାଇଛି।

# ରାଜସ୍ୱ ବିଭାଗ ଖର୍ଚ୍ଚଦାବି ଗୃହୀତ

ଭୁବନେଶ୍ୱର,୨୧।୧୧(ବ୍ୟୁରୋ)



ଧାନ କିଣାରେ ଟୋକନ୍ ବ୍ୟବସ୍ଥାକୁ ବିରୋଧ କରି ଗୁରୁବାର ବିଧାନସଭାରେ ବିରୋଧୀ ଦଳ ହଟ୍ଟଗୋଳ ଜାରି ରଖିଛନ୍ତି। ପ୍ରଥମାର୍ଦ୍ଧ ଭଳି ଦ୍ୱିତୀୟାର୍ଦ୍ଧରେ ମଧ୍ୟ ହଟ୍ଟଗୋଳ ଜାରି ରହିଥିଲା। ତେଣୁ ରାଜସ୍ୱ ମନ୍ତ୍ରୀ ସୁଦାମ ମାର୍ଣ୍ଡି ନିଜ ବିଭାଗୀୟ ଖର୍ଚ୍ଚଦାବି ବିଳମ୍ବରେ ଆଣିଥିଲେ। ଅପରାହ୍ନ ୫ଟାରେ ଖର୍ଚ୍ଚଦାବି ଆଲୋଚନା ଆରମ୍ଭ ହୋଇଥିଲା। ମନ୍ତ୍ରୀ ଆଗତ କରିବା ସମୟରେ ଉଭୟ ବିରୋଧୀ କଂଗ୍ରେସ ଓ ଭାଜପାର ସଭ୍ୟମାନେ ବିରୋଧ ପ୍ରଦର୍ଶନ ଜାରି ରଖିଥିଲେ। ଶାସକ ଦଳ ପକ୍ଷରୁ ଅନନ୍ତ ଦାସ ଏବଂ ପ୍ରଶାନ୍ତ ମୁଦୁଲି କୋଳାହଳ ମଧ୍ୟରେ ଖର୍ଚ୍ଚଦାବି ସପକ୍ଷରେ ବକ୍ତବ୍ୟ ରଖିଥିଲେ।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପାଇଁ ୨୦୧୯-୨୦ ଆର୍ଥିକ ବର୍ଷର ଅତିରିକ୍ତ ବଜେଟ୍ ୫୪ କୋଟି ୮୭ ଲକ୍ଷ ୫୦ ହଜାର ଟଙ୍କାର ବ୍ୟୟବରାଦ କରାଯାଇଛି। ତନ୍ମଧ୍ୟରୁ ପ୍ରଶାସନିକ ବ୍ୟୟ ବାବଦକୁ ୮ କୋଟି ୬୨ ଲକ୍ଷ ୪୩ ହଜାର ଟଙ୍କା ଏବଂ କାର୍ଯ୍ୟକ୍ରମ ବ୍ୟୟ ବାବଦକୁ ୪୬.୨୫ କୋଟି ୭ ହଜାର ଟଙ୍କା ରହିଛି। ରାଜସ୍ୱ ବିଭାଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୫-ଟି ମନ୍ତ୍ରର କାର୍ଯ୍ୟକାରିତାକୁ ଗୁରୁତ୍ୱ ଦିଆଯାଇଛି। ଅନ୍‌ଲାଇନ ମାଧ୍ୟମରେ ଖଜଣା ପୈଠ, ସାର୍ଟିଫିକେଟ୍ ଆବେଦନ ଇତ୍ୟାଦିକୁ ଗୁରୁତ୍ୱ ଦିଆଯାଇଥିବା ମନ୍ତ୍ରୀ ଉତ୍ତର ରଖିଥିଲେ। କେବଳ ବିଭାଗୀୟ ଡିଜିଟାଲାଇଜେଶନ୍ କରିବା ପାଇଁ ଅତିରିକ୍ତ ବଜେଟ୍‌ରେ ୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ୨୦୨୦ରେ ହେବାକୁ ଥିବା ଗୃହ ଗଣନା କାର୍ଯ୍ୟକ୍ରମ ପାଇଁ ୧୦ କୋଟି ଟଙ୍କା ଟଙ୍କାର ବ୍ୟୟବରାଦ ରହିଥିବା ଜଣାପଡିଛି। ସେହିଭଳି ଭୂମି ଅଧିକାର ଅର୍ପଣରେ ୧୦ ଲକ୍ଷ ଟଙ୍କା, ଅଣଆବାସିକ କୋଠାବାଡି ନିର୍ମାଣ ୫୦୦ ଲକ୍ଷ ଟଙ୍କା, ଯାଜପୁରରେ ପ୍ରଶାସନ ନଗର ଭୂମି ଅଧିଗ୍ରହଣ ପାଇଁ ୧୫୦୦ ଲକ୍ଷ ଟଙ୍କା, ସରକାରୀ ଜମି ସୁରକ୍ଷା ପାଇଁ ୫୦୦ ଲକ୍ଷ ଟଙ୍କାର ବ୍ୟୟବରାଦ ରହିଛି। ଅନୁରୂପ ଭାବେ ବିଭାଗୀୟ ସୂଚନା, ଶିକ୍ଷା, ଯୋଗାଯୋଗ ବାବଦକୁ ୧୦ ଲକ୍ଷ ଟଙ୍କା ଏବଂ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ଡିଜିଟାଲ ଇଣ୍ଡିଆ ଜମିଜମା ରେକର୍ଡ ଆଧୁନିକୀକରଣ ପାଇଁ ୧୦୫.୦୭ ଲକ୍ଷ ଟଙ୍କାର ବ୍ୟୟବରାଦ ରଖାଯାଇଛି।

# ଧାନ ବିକ୍ରିରେ ଟୋକନ ବ୍ୟବସ୍ଥା ଉଚ୍ଛେଦ ଦାବି କଲେ ସୁରେଶ ପୂଜାରୀ

**ନୂଆଦିଲ୍ଲୀ,୨୧।୧୧:** ଟୋକନ ବ୍ୟବସ୍ଥା ଯୋଗୁ ଓଡ଼ିଶାର ଚାଷୀ ଅମଳ କରିଥିବା ଧାନ ବିକ୍ରି କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ରାଜ୍ୟ ସରକାର ଟୋକନ ବ୍ୟବସ୍ଥା ଉଚ୍ଛେଦ କରନ୍ତୁ ବୋଲି ବରଗଡ଼ର ଭାଜପା ଏମ୍‌ପି ସୁରେଶ ପୂଜାରୀ ଗୁରୁବାର ଦାବି କରିବା ସହ କେନ୍ଦ୍ର ସରକାର ଏ ଦିଗରେ ରାଜ୍ୟ ସହ ସମନ୍ୱୟ ରଖିବାକୁ ଅନୁରୋଧ କରିଛନ୍ତି। ଲୋକ ସଭାରେ ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ପୂଜାରୀ କହିଥିଲେ, ରାଜ୍ୟ ସରକାରଙ୍କ ଟୋକନ ନିଷ୍ପତ୍ତିକୁ କୃଷକମାନେ ଜୋରଦାର ବିରୋଧ କରୁଛନ୍ତି। ଚାଷୀମାନେ ବିଧାୟକ, ଏମ୍‌ପିଙ୍କ ଘର ଆଗରେ ଧାନବସ୍ତା ରଖି ବିରୋଧ ପ୍ରଦର୍ଶନ କରିବା ସହ ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ କରିଥିଲେ। ଅମଳ ସମୟରେ ମଣ୍ଡିକୁ ଯିବା ବଦଳରେ ଚାଷୀଙ୍କୁ ରାସ୍ତାରେ ବସିବାକୁ ପଡୁଛି। ଅନ୍ୟ କୌଣସି ରାଜ୍ୟ କିମ୍ବା ଦେଶରେ ଏଭଳି ଟୋକନ ବ୍ୟବସ୍ଥା ନ ଥିବାବେଳେ କେବଳ ଓଡିଶା ଏଭଳି ବ୍ୟବସ୍ଥା ଆରମ୍ଭ କରି ଚାଷୀଙ୍କୁ ଅସୁବିଧାରେ ପକାଇଛି। ତେଣୁ କେନ୍ଦ୍ର ସରକାର ଏଥିରେ ହସ୍ତକ୍ଷେପ କରି ଚାଷୀ କିପରି ଭଲ ଆୟ କରିପାରିବେ ତାହାର ସମାଧାନ ସୂତ୍ର ବାହାର କରିବାକୁ ପୂଜାରୀ ଅନୁରୋଧ କରିଥିଲେ।

ନୂଆ ପରିବହନ ଆଇନ

# ଗତବର୍ଷ ତୁଳନାରେ ଜରିମାନା ଆଦାୟ କମିଛି

ଭୁବନେଶ୍ୱର, ୨୧।୧୧(ବ୍ୟୁରୋ)

- ୫୦ହଜାର ନେଇଛନ୍ତି ଲାଇସେନ୍ସ
- ଦୁଇ ମାସରେ ୨୪୪କୋଟି ୬୪ଲକ୍ଷ ଟିକସ ଆଦାୟ
- ୪୯ହଜାର ଫିଟ୍‌ନେସ୍ ପ୍ରମାଣପତ୍ର ନେଇଛନ୍ତି

ନୂତନ ପରିବହନ ଆଇନ, ୨୦୧୯ ଲାଗୁ ହେବାପରେ ନିୟମ ଖିଲାପକାରୀଙ୍କ ଠାରୁ ମୋଟା ଅଙ୍କର ଜରିମାନା ଆଦାୟ କରାଯାଇଛି। ଗତ ସେପ୍ଟେମ୍ବର ଏବଂ ଅକ୍ଟୋବରରେ ନୂଆ ପରିବହନ ଆଇନ ଲାଗୁ ହେବାପରେ ନିୟମ ଖିଲାପକାରୀଙ୍କ ଠାରୁ ମୋଟ ୧୩କୋଟି ୮୫ଲକ୍ଷ ଟଙ୍କା ଆଦାୟ ହୋଇଛି, ପୂର୍ବ ବର୍ଷ ଏହି ଦୁଇ ମାସରେ ମୋଟ ୨୦.୦୬ କୋଟି ଟଙ୍କା ଆଦାୟ ହୋଇଥିଲା। ଏହି ଦୁଇ ମାସରେ ଟିକସ ବାବଦକୁ ୨୪୪କୋଟି ୬୪ଲକ୍ଷ ଟଙ୍କା ଆଦାୟ କରାଯାଇଛି। ପୂର୍ବ ବର୍ଷ ଏହି ଦୁଇ ମାସରେ ୨୦୨କୋଟି ଟଙ୍କା ଆଦାୟ ହୋଇଥିଲା। ଫିଟ୍‌ନେସ୍ ପ୍ରମାଣପତ୍ର ନ ଥାଇ ଗାଡି ଚାଳନା ବାବଦକୁ ୨୬ଲକ୍ଷ ୪୦ହଜାର ଟଙ୍କା ଏବଂ ପ୍ରଦୂଷଣ ପ୍ରମାଣପତ୍ର ନ ଥାଇ ଗାଡି ଚାଳନା ବାବଦକୁ ୫୧ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ନୂତନ ଲାଇସେନ୍ସ ପ୍ରଦାନ ବାବଦକୁ ୩୦କୋଟି ୮୪ଲକ୍ଷ ଟଙ୍କା ଫି ଆଦାୟ କରାଯାଇଛି ବୋଲି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା କହିଛନ୍ତି। ବିଧାନସଭା ସଦସ୍ୟ ଶଙ୍କର ଓରାମ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ବେହେରା କହିଛନ୍ତି, ଟିକସ ଦାଖଲ ନ କରି ଚାଲୁଥିବା ୬୮୯୨ ଗୋଟି ଗାଡି, ଫିଟ୍‌ନେସ୍ ପ୍ରମାଣପତ୍ର ନ ଥାଇ ଚାଲୁଥିବା ୧୩୪୦ ଗାଡି ଏବଂ ପ୍ରଦୂଷଣ ପ୍ରମାଣପତ୍ର ନ ଥାଇ ଚାଲୁଥିବା ୯୦ଟି ଯାନକୁ ଯାଞ୍ଚ କରାଯାଇ ଚାଲାଣ କଟାଯାଇଛି। ନୂତନ ପରିବହନ ଆଇନ ୨୦୧୯ ଲାଗୁହେଲା ପରେ ଗତ ସେପ୍ଟେମ୍ବର ଓ ଅକ୍ଟୋବର ମାସ ମଧ୍ୟରେ ୯୮୧୩୨୫ ଗୋଟି ଅନ୍‌ଲାଇନ ପ୍ରଦୂଷଣ ପ୍ରମାଣପତ୍ର, ୩୫୧୦୭୫ ଗୋଟି ଲର୍ନର୍ସ ଲାଇସେନ୍ସ, ୫୦୩୧୪ ଗୋଟି ଡ୍ରାଇଭିଂ ଲାଇସେନ୍ସ ଏବଂ ୪୯୩୮୯ଟି ଫିଟ୍‌ନେସ୍ ପ୍ରମାଣପତ୍ର ପ୍ରଦାନ କରାଯାଇଥିବା ମନ୍ତ୍ରୀ ବେହେରା ସୂଚନା ଦେଇଛନ୍ତି।

କାଜୁ ନିଗମର ୨୦୧୭-୧୮ ଆର୍ଥିକ ବର୍ଷ ରିପୋର୍ଟ

# ନଗଦ ଲାଭ ୧୪୦୧.୮୯ ଲକ୍ଷ ଟଙ୍କା

ଭୁବନେଶ୍ୱର, ୨୧।୧୧(ବ୍ୟୁରୋ)

ଓଡ଼ିଶା କାଜୁ ଉନ୍ନୟନ ନିଗମ ପକ୍ଷରୁ ୨୦୧୭-୧୮ ଆର୍ଥିକ ବର୍ଷ ପାଇଁ ବାର୍ଷିକ ରିପୋର୍ଟ ନିକଟରେ ବିଧାନସଭାରେ ଉପସ୍ଥାପନ କରାଯାଇଛି। ୨୦୧୭-୧୮ ଆର୍ଥିକ ବର୍ଷରେ ନିଗମର ୧୪୦୧.୮୯ ଲକ୍ଷ ଟଙ୍କା ନଗଦ ଆୟ ହୋଇଛି। ପୂର୍ବବର୍ଷ ଏହି ଆୟ ୪୦୫.୭୪ ଲକ୍ଷ ଟଙ୍କା ରହିଥିଲା। ତେଣୁ ଗୋଟିଏ ଆର୍ଥିକ ବର୍ଷ ମଧ୍ୟରେ ନିଗମକୁ ପ୍ରାୟ (୧୪୦୧.୮୯-୪୦୫.୭୪) ୯୯୬.୧୫ ଲକ୍ଷ ଟଙ୍କାର ନଗଦ ଲାଭ ହୋଇଥିବା ଜଣାପଡ଼ିଛି। ହେଲେ ବାର୍ଷିକ ରିପୋର୍ଟର ୫ ପୃଷ୍ଠା ସମସ୍ତ ମୂଲ୍ୟକୁ କେବଳ ସଂଖ୍ୟାରେ ଉଲ୍ଲେଖ କରାଯାଇଥିଲା। ଏହି ମୂଲ୍ୟ ଲକ୍ଷ କିମ୍ବା କୋଟି ଟଙ୍କାରେ ବୋଲି ନିର୍ଦ୍ଦିଷ୍ଟ ଭାବେ ଉଲ୍ଲେଖ କରାଯାଇ ନାହିଁ। ତେଣୁ ବୁଧବାର ପ୍ରକାଶ ପାଇଥିବା ଖବରରେ ନିଗମ ଲାଭାଂଶ କୋଟିରେ ଉଲ୍ଲେଖ କରାଯାଇଥିଲା। ଏହି ଅନିଚ୍ଛାକୃତ ତ୍ରୁଟି ନେଇ ନିଗମ ଗୁରୁବାର ଗଣମାଧ୍ୟମକୁ ଅବଗତ କରାଇଥିଲେ। ଏଥିସହିତ ଲାଭାଂଶ ମୂଲ୍ୟକୁ କୋଟି ପରିବର୍ତ୍ତେ ଲକ୍ଷ ବୋଲି ଧରିବାକୁ ପରାମର୍ଶ ଦେଇଥିଲେ।


## ତହସିଲ୍ ଅଫିସ ମୁରିବାହାଲ୍

**ବିଜ୍ଞାପନ**

ଏତଦ୍ୱାରା ସମସ୍ତ ଜନସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ ତହସିଲ ଅଫିସ ମୁରିବାହାଲର ଅଫିସ କାର୍ଯ୍ୟ ପାଇଁ ଏକ ଚାରିଚକିଆ ଯାନ (TUV300/ BOLERO/ SUMOGOLD/ ERTIGA) ଆବଶ୍ୟକ ଅଛି। ଏଥିପାଇଁ ଟେଣ୍ଡର କାର୍ଯ୍ୟ ଆସନ୍ତା ତା 06.12.2019 ରିଖ ଦିନ ତହସିଲ ଅଫିସରେ ଅନୁଷ୍ଠିତ ହେବ।

ଇଚ୍ଛୁକ ଗାଡ଼ି ମାଲିକମାନେ ତାଙ୍କ ଯାନର କାଗଜପତ୍ର ଏବଂ ଟେଣ୍ଡର କାଗଜପତ୍ର ତହସିଲଦାର, ମୁରିବାହାଲଙ୍କୁ ତା 05.12.2019 ରିଖ ସୁଦ୍ଧା ଦାଖଲ କରିବେ।

**ବି.ଦ୍ର:** ସବିଶେଷ ବିବରଣୀ ଜାଣିବା ପାଇଁ ତହସିଲଦାର, ମୁରିବାହାଲଙ୍କ ଅଫିସରେ ଯୋଗାଯୋଗ କରନ୍ତୁ।

**ସ୍ୱା./- ତହସିଲଦାର, ମୁରିବାହାଲ**

## GOVERNMENT OF ODISHA
## OFFICE OF THE EXECUTIVE ENGINEER
## P.H. DIVISION, BHANJANAGAR, AT-CHATRAPUR

Phone - 06811 263909, Fax - 06811 263950

No.C-336 : E-mail - eephchpr@gmail.com

**NATIONAL COMPETITIVE BIDDING THROUGH e-Procurement**

Bid Identification No.27/03/SPH©/ 2019-20, dt.20.11.2019

1. Name of the work : 01 (One) no. of work
2. Estimated Cost : 58.69 lakh
3. Date & time of availability of bid document in the portal : From 11.00 A.M. of 26.11.2019 to 5.00 P.M. of 06.12.2019
4. Last date / time of receipt of bid in the portal : 5.00 P.M. of 06.12.2019
5. Date and time of opening of bids : 11.00 A.M. on dated.09.12.2019
6. Name and address of the Officer inviting the bid : Executive Engineer, P.H. Division, Bhanjanagar at Chatrapur.

Further details can be seen from the e-procurement portal https://www.tenderorissa.gov.in

Sd./- Executive Engineer
P.H. Division, Bhanjanagar
at Chatrapur

13013/11/0019/1920

## Government of Odisha "e" Procurement Notice
## WORKS DEPARTMENT

Bid Identification No. S.E.K.C., Keonjhar No. 07/2019-20
No.: B-333 e-mail: sekcpwd_keonjhar@yahoo.com
Letter No.: 3216 Dt.18.11.2019

1. Name of the Work : Construction of approach road to 100 seated Medical College and Teaching Hospital at Keonjhar under DMF for the year 2019-20.
2. Estimated Cost : Rs.158.20 Lakhs
3. Period of Completion : 04 (Four) Calendar Months
4. Date and time of availability of Bid document in the portal : From 11.00 Hours of 28.11.2019 to 16.00 Hours of 13.12.2019
5. Last date/time for receipt of bids in the portal : 16.00 Hours of 13.12.2019
6. Date of Opening of Bid from Portal : 12.00 Hours on 16.12.2019
7. Name and address of the Officer Inviting Bid : Superintending Engineer, Keonjhar (R&B) Circle, Keonjhar - 758001

Further details can be seen from the e-procurement portal "http://tendersodisha.gov.in".

Sd./- P.C. Nayak
Superintending Engineer
Keonjhar (R&B) Circle, Keonjhar

34033/11/0008/1920

## ODISHA HYDRO POWER CORPORATION LTD.

(A Government of Odisha Undertaking)

OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELECTRIC PROJECT
At/P.O.- Bariniput, Dist.- Koraput (Odisha) - 764006
Telephone: 06854-242001, Fax: 06854-242038
E-mail ID: sgmel_ukhep@ohpcltd.com
CIN: U40101OR1995SGC003963

**OPEN TENDER CALL NOTICE NO. UKHEP-25/2019-20 DTD. 20.11.2019**

No.: CAD-606: Tenders are invited in sealed envelopes from Manufactures/ Authorized Dealers/Reputed Suppliers for supply of "Tolley Mounted 50 Ltr. Water Mist. Fire Fighting System High Pressure Design for UKHEP, Bariniput".

| Sl. No. | Description of Materials | Cost of Tender Paper | EMD in Rs. |
|---|---|---|---|
| 1 | Supply of "Tolley Mounted 50 Ltr. Water Mist. Fire Fighting System High Pressure Desing for UKHEP, Bariniput". | Rs.2360/- | 1% of Quoted Value |

Sale of Tender Paper - From 27.11.2019 13.00 Hrs. of 12.12.2019
Last date of submission of tender - 16.00 Hrs. of 12.12.2019
Date & Time of Opening of Tender - 16.30 Hrs. of 12.12.2019
Further details of the tender document, terms and conditions please visit our website www.ohpcltd.com.

C & P Head
UKHEP, Bariniput

04002/11/0048/1920

## OFFICE OF THE MUNICIPAL COUNCIL, BARBIL
## QUOTATION CALL NOTICE

No. 2895 Date: 19.11.2019

Sealed quotations are invited from registered Firms/ Supplier/ Agencies/ Contractors having PAN Card and GST registration for supplying fitting and fixing up following equipments for operation of Micro Composting Centre with material recovery facility under Barbil Municipality. The prescribed quotation schedule can be obtained from website of Barbil Municipality www.barbilmunicipality.in. The quotationer should be deposited an amount of Rs. 5,000/- (Rupees Five Thousand) only towards cost of bid document which is none refundable and Rs. 10,000/- (Rupees Ten Thousand) only towards E.M.D. in shape of Money Receipt/Bank Draft/ Bankers Cheque drawn in favour of the Executive Officer, Barbil Municipality payable at Barbil from any Nationalized Bank from 21.11.2019 to 02.12.2019 upto 5.00 PM during office hour except holidays. The quotationer should furnish the rate inclusive all taxes, transportation charges, installation charges and one year maintenance charges. The quotation paper alongwith all documents should reach the undersigned by Regd. Post/Speed Post or by person on or before 04.12.2019 upto 3.30 PM and the same will be opened on the same date i.e. on 04.12.2019 at 4.00 PM in presence of the agency or their authorised representative if any. All terms and conditions may be seen in the quotation schedule. The undersigned has the rights to accept, cancel or reject any or all the quotations without assigning any reason thereof.

Sd./- Executive Officer, Barbil Municipality

## OFFICE OF THE EXECUTIVE ENGINEER POTTERU IRRIGATION DIVISION, BALIMELA

No.: A-404 e-mail ID: eepid78@gmail.com

**e-Procurement Notice No.- EE-PID-BML-04/2019-20**

1. Type of Works : System Improvement Works
2. Total No. of Works : Eight (8) Nos.
3. Estimated Cost : Varies from Rs.8.33 Lakhs to Rs.14.21 Lakhs
4. Period of Completion : 60 (Sixty) days to 90 (Ninety) days

| Procurement Officer | Bid Identification No. | Bid Amount (Rs. in Lakhs) | Availability & Submission of Bids Online |
|---|---|---|---|
| Executive Engineer, Potteru Irrigation Division, Balimela, Malkangiri | EE-PID-BML-04(1)/2019-20 to EE-PID-BML-04(8)/2019-20 | Varies from Rs.8.33 Lakhs to Rs.14.21 Lakhs | From 26.11.2019 10.00 A.M. to 03.12.2019 5.00 P.M. |

Date of Opening of the Tender/Bid: 04.12.2019 at 11.00 A.M.
Further details can be seen from the Govt. website: www.tendersorissa.gov.in.

Executive Engineer
Potteru Irrigation Division, Balimela

32052/11/0004/1920

## ORISSA STATE AIDS CONTROL SOCIETY (OSACS)

**(Department of Health & Family Welfare), Government of Odisha**

No.4767/OSACS Dated: 21.11.2019

**Tender Call Notice for Printing Materials.**

Orissa State AIDS Control Society (OSACS) invites sealed tenders from interested /bonafide/reputed firms/agencies having adequate experience in taking up the works of composing, proof reading, designing and printing for print and supply of ICTC Materials. The detailed quantity, specifications and terms and conditions are available in the website i.e. www.osacs.nic.in & www.odisha.gov.in, which may downloaded for use. Interested parties may submit their tender super-scribing "Tender for Print & supply of ICTC Materials 2019-20 to OSACS" to the undersigned through Speed Post/ Registered Post / Courier only which should reach on or before 11.00 A.M. of 15.12.2019 positively and the same will be opened at 11.30 A.M. of the same date. The undersigned reserves the right to reject any or all the tender without assigning any reason thereof.

Sd./- Project Director
Orissa State AIDS Control Society,
(Department of Health & Family Welfare),
Govt. of Odisha
2nd Floor, Oil Orissa Building,
F-Nayapalli, Bhubaneswar-12

## GOVERNMENT OF ODISHA
## DEPARTMENT OF WATER RESOURCES

No.: A-410

Office of the Superintending Engineer, Drainage Circle, Balasore

**"e" PROCUREMENT NOTICE No.- SEDCBLS-07/2019-20**

| | | |
|---|---|---|
| 1 | Name of Work | Drainage Projects (Under D.I.P. Scheme) |
| 2 | Total No. of Projects | 04 Nos. Individual Work |
| 3 | Estimated Cost of Individual Works | From Rs.1,74,80,324/- to Rs.3,52,98,507/- (Excluding GST) |
| 4 | Period of Completion | 11 (Eleven) Calendar Months |
| 5 | Bid Identification Number | SEDCBLS/DDBDK - 07/2019-20 |
| 6 | Date & Time of availability and receipt of Bid document in the portal | From Dt.25.11.2019 at 10.00 hours to Dt.16.12.2019 at 17.00 hours |
| 7 | Date of Opening of Technical Bid | Dt.17.12.2019 at 11.30 Hrs. in the O/o. the S.E.D.C., Balasore |
| 8 | Date of Opening of Financial Bid | Dt.31.12.2019 at 11.30 Hrs. in the O/o. the S.E.D.C., Balasore |
| 9 | Date of Lottery (If required) | Dt.03.01.2020 at 11.30 Hrs. in the O/o. the S.E.D.C., Balasore |
| 10 | Procurement Officer/Name & Address of the Officer Inviting Bids | Superintending Engineer, Drainage Circle, Balasore |

Further details can be seen from the Govt. website www.tendersodisha.gov.in. Any addendum/corrigendum/cancellation of tender can also be seen in said website.

Sd./- Superintending Engineer
Drainage Circle, Balasore

32190/11/0007/1920

## ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

ଆକାଶ ଶୋଭା ବିଲ୍ଡିଂ
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ପତ୍ର ସଂଖ୍ୟା: 27106/ଭୁ.ଉ.କ., ଭୁବନେଶ୍ୱର ତା15.11.2019ରିଖ
Misc.AL-III-20/19

**ସୂଚନା**

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ନିମ୍ନଲିଖିତ ପ୍ରକଳ୍ପର ଲିଜ୍ ଦଲିଲ ଓଡ଼ିଶା ସରକାରଙ୍କ ଦ୍ୱାରା ସମ୍ପାଦନ କରାଯାଇ ହସ୍ତାନ୍ତର କରାଯାଇଅଛି।

୧. ଲିଙ୍ଗରାଜ ବିହାର ଗୃହ ନିର୍ମାଣ ପ୍ରକଳ୍ପ, ଫେଜ୍-୧ ଓ ୨, ମୌଜା-ଭିମପୁର
୨. ଡିଷ୍ଟ୍ରିକ୍ଟ ସେଣ୍ଟର ବ୍ୟବସାୟିକ ପ୍ରକଳ୍ପ, ମୌଜା-ଚନ୍ଦ୍ରଶେଖରପୁର ଓ ଗାଡକଣ
୩. ଅନନ୍ତ ବିହାର ଗୃହ ନିର୍ମାଣ ପ୍ରକଳ୍ପ, ଫେଜ୍-୧ ଓ ୨, ମୌଜା-ପୋଖରୀପୁଟ
୪. ଆର୍ଯ୍ୟ ବିହାର ଗୃହ ନିର୍ମାଣ ପ୍ରକଳ୍ପ, ମୌଜା-ଚନ୍ଦ୍ରଶେଖରପୁର
୫. ନୟାପଲ୍ଲୀ କମର୍ସିଆଲ କମ୍ପ୍ଲେକ୍ସ, ମୌଜା-ନୟାପଲ୍ଲୀ
୬. ଶୁଭମ୍ ମାର୍କେଟ କମ୍ପ୍ଲେକ୍ସ, ମୌଜା-ଖାରବେଳନଗର
୭. ଇନ୍ଦ୍ରଧନୁ ମାର୍କେଟ୍, ମୌଜା-ଜୟଦେବ ବିହାର
୮. ଇଣ୍ଟିଗ୍ରେଟେଡ୍ ରେସିଡେନ୍ସିଆଲ ପ୍ରୋଜେକ୍ଟ, ମୌଜା-ଗୋବିନ୍ଦପ୍ରସାଦ
୯. ଆଡିସ୍‌ନାଲ୍ ଲ୍ୟାଣ୍ଡ, ବରଗଡ ଗୃହନିର୍ମାଣ ପ୍ରକଳ୍ପ, ମୌଜା-ବରଗଡ
୧୦. ମହତାବ ମାର୍କେଟ୍ କମ୍ପ୍ଲେକ୍ସ, ମୌଜା-କପିଳପ୍ରସାଦ
୧୧. ଉଦୟଗିରି ବିହାର ଗୃହ ନିର୍ମାଣ ପ୍ରକଳ୍ପ, ମୌଜା-ପାତ୍ରପଡା
୧୨. କେ-୪, କଳିଙ୍ଗନଗର ହାଉସିଂ ସ୍କିମ୍, ମୌଜା-ସୁବୁଦ୍ଧିପୁର

ଏଣୁ ଉପରୋକ୍ତ ପ୍ରକଳ୍ପର ଆବଣ୍ଟନଗ୍ରାହୀମାନଙ୍କୁ ଏହି ସୂଚନା ମାଧ୍ୟମରେ ଜଣାଇଦିଆଯାଉଅଛି କି ସେମାନେ ଆବଣ୍ଟିତ ଗୃହ/ଜମି/ଫ୍ଲାଟ୍‌ର ଦଲିଲ୍ ସମ୍ପାଦନ ପାଇଁ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ଦ୍ଧାରିତ କାଗଜାତ ସହିତ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରନ୍ତୁ। ପରନ୍ତୁ ଏହା ଇଚ୍ଛାଧୀନ କୋଟା ଆବଣ୍ଟନ/ଏକାଧିକ ପ୍ଲଟ୍ ଓ ଘର/ବିନାଦଲିଲ ସମ୍ପାଦନରେ ତୃତୀୟ ପକ୍ଷ ମାଲିକାନା ପରିବର୍ତ୍ତନ ଏବଂ ଟାସ୍କଫୋର୍ସ ରିପୋର୍ଟ ଅନ୍ତର୍ଭୁକ୍ତ ଆବଣ୍ଟନଗ୍ରାହୀଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ ନୁହେଁ।

ସ୍ୱା./- ସଚିବ
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ଭୁବନେଶ୍ୱର

## OFFICE OF THE ANGUL MUNICIPALITY, ANGUL

No.9406 Date: 21.11.19

**QUOTATION CALL NOTICE**

No.C-331 :- Quotations are invited from the different intending registered Firms or individuals having valid GST registration for supply of the portable Fogging machine for Angul Municipality. So the firms or individual desires to supply may submit their quotation on plain paper against the item in sealed cover by dt.30.11.2019 at 11.00 A.M. in person or through authorized agent before the undersigned in this office on the top of the closed cover should be written "QUOTATION FOR SUPPLY OF PROTABLE FOGGING MACHINE". The quotation will be opened on the same day at 3.00 P.M.

**CONDITION**

1. Stock is to be delivered in the office of Angul Municipality within 7 days for the date of issue of supply order.
2. Payment will be made after delivery as per order given by this office.
3. The undersigned is not bound to accept if the defective machine or machinery parts.
4. The authority reserves the right to cancel any or all the quotations without assigning any reason thereof.
5. Rate should be quoted including of all taxes, transporting charges and commissioning/Training our staff.

Sd./- Executive Officer,
Angul Municipality

13085/11/0016/1920

## ODISHA STATE SEEDS CORPORATION LIMITED

(A GOVERNMENT UNDERTAKING)
SANTARAPUR, BHUBANESWAR-751002
E-Mail: mdosscltd456@gmail.com, website: http/www.osscltd.in

**TENDER CALL NOTICE**

**No.- OSSC/ Engg-56/2019**

No.: CAD-610: The Managing Director, Odisha State Seeds Corporation Ltd invites item wise Tenders through ONLINE MODE only from eligible tenderers through e-tender site of Govt of Odisha (www.tenderodisha.gov.in) for the following works.

| | |
|---|---|
| 1 | Supply, Installation, Commissioning & testing of Feed Elevator with Auto-shutoff Arrangement with Dust Aspiration System with all other accessories and related works. |
| 2 | Supply, Installation, Commissioning & testing of Gravity Separator with all other accessories and related works. |
| 3 | Supply, Installation, Commissioning & testing Automatic Weighing and Bagging Machines with all other accessories and related works. |

The details of location of work, cost of Tender Document, EMD and other criteria along with critical dates can be seen in the Detailed Tender Call Notice posted in Website of Govt. of Odisha www.tenderodisha.gov.in. The last date for uploading of tender to tender portal is dt. 16.12.2019.

Sd./- Sri JR Mishra, OAS (S)
Managing Director,
OSSC Ltd, BBSR

01045/11/0022/1920

No. h-06

MSME DEPARTMENT
GOVERNMENT OF ODISHA

**DIRECTORATE OF EXPORT PROMOTION & MARKETING**

**EXTENSION OF DATE FOR SUBMISSION OF APPLICATION FOR STATE EXPORT AWARD 2018-19**

Applications are invited from the Exporters of Odisha for consideration of State Export Award for the year 2018-19.

(1) **Eligibility** : All exporters of Odisha including Micro, Small, Medium and Large scale Enterprises, Export Houses, Merchant Exporters, Government of India undertakings based in Odisha as well as State Government undertakings are eligible to participate in the above competition furnishing the required information in the prescribed format in duplicate.

(2) Interested exporters are required to fill up the prescribed application form in all respect and submit to the **Director, Export Promotion & Marketing, Odisha, Raptani Bhawan, 1st Floor, Near Indradhanu Market, Nayapalli, Bhubaneswar-751015, Tel. No.0674-2552675, E-mail : depmodisha@gmail.com** in duplicate.

(3) The application form and State Export Award Scheme are available in the website **www.odisha.gov.in / All Advertisement** and "**www.depmodisha.nic.in**".

(4) The application form can also be received from the office of the undersigned during the office hours on any working day.

(5) The last date of deposit of applications for State Export Award **2018-19** is dt.**31.12.2019**. Application received after the due date shall not be entertained.

Sd/- S.K. Jena,
DIRECTOR,
Export Promotion & Marketing,
Odisha, Bhubaneswar

14007/11/0006/1920


ନରସିଂହ ଯାଦବ


ସୀମା ପୁନିଆ


ସାନାମାଚା ଚାନୁ

# ଡୋପିଂ ଅପବାଦ


ପୃଥ୍ୱୀ ଶ'


**ନିର୍ମଳ କୁମାର ମିଶ୍ର**

କ୍ରୀଡ଼ାରେ ଅସାଧୁ ଉପାୟର ସ୍ଥାନ ନାହିଁ। ମାତ୍ର ଦୁର୍ଭାଗ୍ୟର ବିଷୟ ଯେ ସମଗ୍ର ବିଶ୍ୱର ବିଭିନ୍ନ ଦେଶର ଖେଳାଳି ବେଳେବେଳେ ଅସାଧୁ ଉପାୟ ଅବଲମ୍ବନ କରିବାର ଦେଖାଯାଉଛି, ଯାହାକି କ୍ରୀଡ଼ାଜଗତ ପାଇଁ କଳଙ୍କିତ ଅଧ୍ୟାୟ ସୃଷ୍ଟି କରିବା ସହିତ ନିଜ ଦେଶର ଗରିମାକୁ କଳଙ୍କିତ କରୁଛି। ଅନେକ ପ୍ରତିଭାବାନ୍ ଯୁବ ଖେଳାଳି ବିଭିନ୍ନ ଇଭେଣ୍ଟରେ ନିଜର ଶ୍ରେଷ୍ଠତା ପ୍ରତିପାଦନ ପାଇଁ ସୁଯୋଗ ପାଇପାରୁନାହାନ୍ତି। ସେମାନଙ୍କ ଖେଳାଳି କ୍ୟାରିୟରର ଅନ୍ତଃ ଘଟିବା ସହିତ ଅସତ୍ ଉପାୟ ଅବଲମ୍ବନ କରିଥିବା ଖେଳାଳି ସୁଯୋଗ ନେଇ ପରବର୍ତ୍ତୀ ଅବସ୍ଥାରେ ଡୋପିଂ ଟେଷ୍ଟରେ ଧରାପଡିବା କିଛି ନୂଆ କଥା ନୁହେଁ।

ଆଗକୁ ରହିଛି ବିଶ୍ୱର ଶ୍ରେଷ୍ଠ କ୍ରୀଡ଼ା ମହାକୁମ୍ଭ ଟୋକିଓ ୨୦୨୦ ଅଲିମ୍ପିକ୍ସ। ଏଥିରେ ଭାଗନେବା ସମସ୍ତ ଖେଳାଳିଙ୍କ ଲକ୍ଷ୍ୟ ଏବଂ ସ୍ୱପ୍ନ ମଧ୍ୟ। ବର୍ତ୍ତମାନ ବିଶ୍ୱର ସମସ୍ତ ଦେଶର ଖେଳାଳି ସେମାନଙ୍କ କ୍ୱାଲିଫାୟର ରାଉଣ୍ଡ ପାଇଁ ଶ୍ରେଷ୍ଠ ଖେଳାଳିମାନଙ୍କୁ ନେଇ ପ୍ରତିଯୋଗିତାମାନ ଆୟୋଜନ କରୁଛନ୍ତି। ଯଦିଓ ଖେଳାଳି ଚୟନରେ ଇଣ୍ଟରନ୍ୟାଶନାଲ ଅଲିମ୍ପିକ୍ସ କମିଟି (ଆଇଓସି) ହସ୍ତକ୍ଷେପ କରେନାହିଁ ମାତ୍ର ସଂପୃକ୍ତ ଦେଶର ଖେଳାଳିମାନଙ୍କ ଉପରେ କଡ଼ା ନଜର ରଖିଥାଏ। ଆମ ଦେଶରେ ପ୍ରତ୍ୟେକ ଖେଳ ପାଇଁ ନ୍ୟାଶନାଲ ଆଣ୍ଟି ଡୋପିଂ ଏଜେନ୍ସି (ନାଡା) ବା ଜାତୀୟ ନିଶା ନିବାରଣ ସଂସ୍ଥା ବିଭିନ୍ନ କ୍ରୀଡ଼ାରେ ଖେଳାଳିଙ୍କ ଉପରେ ସତର୍କ ଦୃଷ୍ଟି ରଖିଥାଏ। ଏପରି କି ଦଳଗତ ଖେଳ କ୍ରିକେଟ୍ ମଧ୍ୟ ଏଥିରୁ ବାଦ୍ ପଡିନାହିଁ। କ୍ରିକେଟରେ ଏହାର ସଦ୍ୟତମ ଶିକାର ହୋଇଛନ୍ତି ଯୁବ କ୍ରିକେଟ ଖେଳାଳି ପୃଥ୍ୱୀ ଶ'। ୨୦୧୯ ଫେବୃୟାରୀରେ ଇନ୍ଦୋରଠାରେ ବିସିସିଆଇର ଆଣ୍ଟି ଡୋପିଂ ଟେଷ୍ଟ ସମୟରେ ପୃଥ୍ୱୀ ଶ'ଙ୍କ ରକ୍ତ ନମୁନାରୁ ଟରବୁଟାଲାଇନ୍ ନାମକ ନିଷିଦ୍ଧ ରାସାୟନିକ ପଦାର୍ଥ, ଯାହାକି କଫ୍ ସିରପ୍‌ଗୁଡିକରେ ବ୍ୟବହାର ହୋଇଥାଏ ତାହା ଅତିରିକ୍ତ ମାତ୍ରାରେ ଜଣାପଡିବା ପରେ ତାଙ୍କୁ ୮ ମାସ ପାଇଁ କ୍ରିକେଟରୁ ବାସନ୍ଦ




କରାଯାଇଛି। ଅନ୍ୟତମ ଖେଳାଳି ୟୁସୁଫ୍ ପଠାନ ମଧ୍ୟ ଭାରତର ଘରୋଇ ପ୍ରତିଯୋଗିତା ରଣଜୀ ଟ୍ରଫିରେ ୨୦୧୭ ମସିହାରେ ଦିଲ୍ଲୀଠାରେ ଡୋପ୍ ଟେଷ୍ଟରେ ବିଫଳ ହୋଇ ୫ ମାସ ପର୍ଯ୍ୟନ୍ତ ବ୍ୟାନ୍ ହୋଇଥିଲେ।

ଅନ୍ୟ ଆଥ୍‌ଲେଟମାନଙ୍କ ମଧ୍ୟରେ ୱେଟ୍ ଲିଫ୍ଟିଙ୍ଗ୍‌ରେ ସାନାମାଚା ଚାନୁ ଭାରତର ଷ୍ଟାର ଭାରୋତ୍ତୋଳନକାରୀ ଦ୍ୱିତୀୟ ଥର ପାଇଁ ଡୋପିଂ ଟେଷ୍ଟରେ ବିଫଳ ହୋଇ ୨୦୦୪ ଏଥେନ୍ସ ଅଲିମ୍ପିକ୍ସ ପୂର୍ବରୁ ବ୍ୟାନ୍ ହୋଇଥିଲେ। ୨୦୦୮ ମସିହାରେ ମୋନିକା ଦେବୀ ମଧ୍ୟ ୨୦୦୮ ମସିହା ବେଜିଂ ଅଲିମ୍ପିକ୍ସ ପୂର୍ବ ଡୋପିଂ ଟେଷ୍ଟରେ ବିଫଳ ହୋଇ ଚର୍ଚ୍ଚାକୁ ଆସିଥିଲେ। ପରବର୍ତ୍ତୀ ଅବସ୍ଥାରେ ନରସିଂହ ଯାଦବ ୨୦୧୬ ରିଓ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତ ହେବାର ଏକ ଦିନ ପୂର୍ବରୁ ଏହି ଫ୍ରିଷ୍ଟାଇଲ ରେସ୍‌ଲର ଡୋପିଂ ଟେଷ୍ଟରେ ବିଫଳ ହୋଇ ବ୍ୟାନ୍ ହେବା ସମସ୍ତ କ୍ରୀଡ଼ାପ୍ରେମୀଙ୍କୁ ଚକିତ କରିଥିଲା। ସେହିପରି ଆଥ୍‌ଲେଟିକ୍ସ ଫେଡେରେଶନ୍ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) କେରଳର ଷ୍ଟାର ଆଥଲେଟ ଟ୍ରିପଲ ଜମ୍ପର ରଣଜିତ ମାହେଶ୍ୱରୀଙ୍କୁ ୨୦୦୮ ମସିହାରେ ୩ ମାସ ପାଇଁ ବ୍ୟାନ୍ କରିବା ଚର୍ଚ୍ଚାର ବିଷୟ ଥିଲା। ଡିସ୍କସ୍ ଥ୍ରୋ ପାଇଁ ଜଣାଶୁଣା ସୀମା ପୁନିଆ ୨୦୦୦ ମସିହାରେ ଦୁଇ ଦୁଇଥର ପଜିଟିଭ୍ ପାଇବା ପରେ ତାଙ୍କୁ ବହୁମୂଲ୍ୟ ଦେବାକୁ ହୋଇଥିଲା। ଏପରି କି ସେ ହାସଲ କରିଥିବା ଗୋଲ୍ଡ ମେଡାଲ ମଧ୍ୟ ତାଙ୍କୁ ଫେରାଇବାକୁ ହୋଇଥିଲା। କୌଣସି ଅନ୍ତର୍ଜାତୀୟ ଇଭେଣ୍ଟଗୁଡ଼ିକ ପାଇଁ ୱାଡା (ୱାର୍ଲ୍ଡ ଆଣ୍ଟି ଡୋପିଂ ଏଜେନ୍‌ସିଜ୍) ମଧ୍ୟ କାର୍ଯ୍ୟ କରୁଛି। ଏହା ୧୯୯୯ ମସିହାଠାରୁ କାର୍ଯ୍ୟ କରିଆସୁଛି। ଆଣ୍ଟି ଡୋପିଂ କୋଡ୍ ମାଧ୍ୟମରେ ବ୍ଲଡ ଏବଂ ୟୁରିନ୍ ଟେଷ୍ଟରେ କୌଣସି ଆଥଲେଟ୍ ଫେଲ୍ ହେଲେ କିମ୍ବା ସେମାନଙ୍କର ବ୍ଲଡ କିମ୍ବା ୟୁରିନ୍‌ରେ ମାତ୍ରାଧିକ ନିଷିଧ (ରାସାୟନିକ ପଦାର୍ଥ)ର କଣିକା ମିଳିଲେ ସେମାନଙ୍କୁ କୌଣସି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାରୁ ବାଦ୍ ଦିଆଯାଇଥାଏ।

ଓଡ଼ିଆ ଭାରୋତ୍ତୋଳନକାରୀ ଏବଂ ରାଜ୍ୟଗୋଷ୍ଠୀ କ୍ରୀଡାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା କେ. ରବି କୁମାରଙ୍କୁ ମଧ୍ୟ ନାଡା ପକ୍ଷରୁ ୪ ବର୍ଷ ବାସନ୍ଦ କରାଯାଇଛି। ଫଳରେ ରବିଙ୍କ ୨୦୨୦ ଟୋକିଓ ଅଲିମ୍ପିକ୍ସ ସ୍ୱପ୍ନ ଧୂଳିସାତ୍ ହୋଇଛି। ଅଜାଣତରେ ହୋଇଥିବା ତାଙ୍କର ଏହି ଭୁଲକୁ ସ୍ୱୀକାର କରିଥିଲେ ମଧ୍ୟ ନାଡା ତାଙ୍କ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିଛି। ୟୁରିନ୍ ଟେଷ୍ଟରେ 'ସେରମନ୍' ନାମକ ନିଷିଦ୍ଧ ଔଷଧ ମିଳିବା ଦ୍ୱାରା ସେ ନମୁନା ଟେଷ୍ଟ ନ ଦେଇ ଅନୁଷ୍ଠିତ କ୍ୟାମ୍ପରୁ ଚାଲିଆସିଥିଲେ। ଶକ୍ତିବର୍ଦ୍ଧକ ରୂପେ ସେରମ୍ ବ୍ୟବହାର କରୁଥିବା ସେ ସ୍ୱୀକାର କରୁଥିଲେ ମଧ୍ୟ ଗତ ବର୍ଷଠାରୁ ନାଡା ପକ୍ଷରୁ ଏହାକୁ ନିଷିଦ୍ଧ ଘୋଷଣା କରାଯାଇଛି।

ଅଧିକାଂଶ ଅନ୍ତର୍ଜାତୀୟ ଖେଳାଳି ମଧ୍ୟ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଡୋପିଂ ଟେଷ୍ଟରେ ବିଫଳ ହୋଇଥିବାର ପ୍ରମାଣ ମିଳିଛି। ସେମାନଙ୍କ ମଧ୍ୟରେ ରହିଛନ୍ତି ସେନ୍ ୱର୍ନ, ସୋଏବ୍ ଅଖତର, ବେନ୍ ଜନସନ୍, ଲାନ୍ସ ଆର୍ମଷ୍ଟ୍ରଙ୍ଗ, ଡିଏଗୋ ମାରାଡୋନା, ମାରିଅନ ଜୋନ୍‌ସ, ଟିମ୍ ମଣ୍ଟେଗାସେଲି। ୨୦୧୮ ସେପ୍ଟେମ୍ବର ୨୬ ତାରିଖ ସୁଦ୍ଧା ୭୭ଜଣ ରୁଷିଆ ଆଥ୍‌ଲେଟ୍ ଡୋପିଂ ଟେଷ୍ଟରେ ବିଫଳ ହୋଇ ୪୩ଟି ଅଲିମ୍ପିକ୍ସ ପଦକ ହରାଇବା ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି। ଏଥିପାଇଁ ସୁଇଜରଲାଣ୍ଡର କାସ୍ (କୋର୍ଟ ଅଫ୍ ଆର୍ବିଟ୍ରେଶନ୍ ଫର ସ୍ପୋର୍ଟସ୍)ରେ ମଧ୍ୟ ମାମଲା ବିଚାରାଧୀନ ରହିଛି। ୱାଡା ଏଥିରେ ମଧ୍ୟ ହସ୍ତକ୍ଷେପ କରି ରୁଷିଆର ଆଥଲେଟ୍‌ମାନଙ୍କୁ ଦୋଷୀ ସାବ୍ୟସ୍ତ କରିଛି। ଆଗକୁ ଡୋପିଂ ଟେଷ୍ଟରେ ଅନେକ ଖେଳାଳି ବାସନ୍ଦ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ମାତ୍ର ଏହା କେତେଦୂର ସମ୍ଭବ ହେଉଛି ତାହା କହିବା କଷ୍ଟକର। ଏଥିପାଇଁ ଆଇଏଏଏଫ୍, ଆଇଓସି, ୱାଡା ଏବଂ କାସ୍‌ର ମିଳିତ ଉଦ୍ୟମର ଆବଶ୍ୟକତା ରହିଛି। ମାତ୍ର ଏପରି ନିନ୍ଦିତ କାର୍ଯ୍ୟରୁ ଆଥ୍‌ଲେଟ୍‌ମାନେ ଦୂରେଇ ରହିବା ନିହାତି ଆବଶ୍ୟକ।

> ଡୋପିଂ କ୍ରୀଡ଼ା ପାଇଁ କ୍ୟାନସର ସଦୃଶ ହୋଇଛି। ବିଭିନ୍ନ ଇଭେଣ୍ଟରେ ନିଜର ଶ୍ରେଷ୍ଠତା ପ୍ରତିପାଦନ ପାଇଁ କ୍ରୀଡ଼ାବିତ୍‌ମାନେ ଶକ୍ତିବର୍ଦ୍ଧକ ଔଷଧ ସେବନ କରି ଏଭଳି କଳଙ୍କକୁ ଆଗକୁ ନେଉଛନ୍ତି। ଏଭଳି ଅସତ୍ ଉପାୟକୁ ରୋକିବା ପାଇଁ ଆଇଏଏଏଫ୍, ଆଇଓସି, ୱାଡା, ନାଡ଼ା ଏବଂ କାସ୍ ମିଳିତ ଭାବେ ଉଦ୍ୟମ କରୁଥିଲେ ମଧ୍ୟ ଏହା ଯଥେଷ୍ଟ ହେଉନାହିଁ।

# ତାରକା ମହିଳା ଡିଫେଣ୍ଡର

ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ମଣିପୁର ରାଜଧାନୀ ଇମ୍ଫାଲରେ ଜନ୍ମିତ ମହିଳା ଫୁଟବଲର ଲୋଇଟୋଙ୍ଗ୍‌ବାମ୍ ଆଶାଲତା ଦେବୀ ଏବେ ଏକ ପରିଚିତ ନାମ। ମାତ୍ର ୭ ବର୍ଷ ବୟସରେ ସେ ପିତାଙ୍କ ସହିତ ଫୁଟବଲ ସମ୍ପର୍କରେ ଆଲୋଚନ କରିଥିଲେ। ପ୍ରଥମେ ଜଣେ ସଫଳ ଗୋଲ କିପର ହେବାକୁ ଚାହୁଁଥିବା ଆଶାଲତା ଶେଷରେ ଜଣେ ସଫଳ ଡିଫେଣ୍ଡର ଭାବେ ପରିଚୟ ପାଇଛନ୍ତି। ସେ ଫୁଟବଲ ନ ଖେଳି ପାଠ ପଢନ୍ତୁ ବୋଲି ତାଙ୍କ ମା' ଚାହୁଁଥିଲେ। ବଲ୍ କିକ୍ ମାରିବାରେ ସେ ନିଜରକୁ ରୋକିପାରି ନ ଥିଲେ। ଫଳରେ ସେ ଗୋଲକିପର ହୋଇପାରି ନ ଥିଲେ। ୧୭ ବର୍ଷରୁ କମ୍ ଜାତୀୟ ଦଳରେ ସ୍ଥାନ ନ ପାଇବା ପର୍ଯ୍ୟନ୍ତ ତାଙ୍କୁ ଅବଶ୍ୟ ଗାଳିଗୁଲଜ ଶୁଣିବାକୁ ମିଳୁଥିଲା। ଭାରତୀୟ ସିନିୟର ଫୁଟବଲ ଦଳର ଅଧିନାୟିକା ଆଶାଲତା ଏବେ ଏକ ବଡ଼ ସମ୍ମାନର ଅଧିକାରୀ ହୋଇଛନ୍ତି। ଏସିଆନ ଫୁଟବଲ କନ୍‌ଫେଡେରେଶନ (ଏଏଫ୍‌ସି) ପ୍ଲେୟାର ଅଫ୍ ଇୟର ପୁରସ୍କାର ପାଇଁ ସେ ନୋମିନେଟ ହୋଇଛନ୍ତି। ସେ ପ୍ରଥମ ଭାରତୀୟ ପୁରୁଷ କିମ୍ବା ମହିଳା ଖେଳାଳି ଭାବେ ଏହି ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ଏହା ଭାରତୀୟ ଫୁଟବଲ ପାଇଁ ଏକ ଗୌରବର ବିଷୟ । ଏହି ପୁରସ୍କାର ଦୌଡ଼ରେ ଆଶାଲତାଙ୍କୁ ବାଦ୍ ଦେଲେ ଚାଇନାର ଲି ୟିଙ୍ଗ୍, ଜାପାନର ମିଡ୍‌ଫିଲ୍ଡର ସାକି କୁମାଗାଇ ସାମିଲ ରହିଛନ୍ତି।

ଆଶାଲତା ସେଥୁ ଏଫ୍‌ସିର ନେତୃତ୍ୱ ନେଇଥିଲେ ଓ ଦଳକୁ ଆଇ– ଲିଗ୍ ଚାମ୍ପିୟନ କରାଇଥିଲେ। କେବଳ ସେତିକି ନୁହଁ ତାଙ୍କ ନେତୃତ୍ୱରେ ଭାରତ ସାଫ୍ ଚାମ୍ପିୟନଶିପ୍ ଟାଇଟଲ ମଧ୍ୟ ହାସଲ କରିଥିଲା। ପୁଣି ଏଏଫ୍‌ସି ଅଲିମ୍ପିକ୍ କ୍ୱାଲିଫାୟର୍ସରେ ତାଙ୍କ ନେତୃତ୍ୱରେ ଭାରତ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଥିଲା। ୨୬ ବର୍ଷୀୟା ଆଶାଲତା ବିଦ୍ୟାଳୟସ୍ତରରେ ପ୍ରଥମେ ଫୁଟବଲ ଖେଳିଥିଲେ। ୧୩– ୧୪ ବର୍ଷରେ ସେ ଶୁଟ୍‌ଆଉଟ୍‌ରେ ପେନାଲ୍ଟି ଗୋଲ ସ୍କୋର କରିଥିଲେ ଓ ଏହାକୁ ବେଶ୍ ଉପଭୋଗ କରିଥିଲେ। ୨୦୦୮ରେ ଗ୍ୱାଲିୟରରେ ଅନୁଷ୍ଠିତ ୧୭ ବର୍ଷରୁ କମ୍ କ୍ୟାମ୍ପରେ ଯୋଗ ଦେବା ପରେ ସେ ପଛକୁ ଫେରିଚାହିଁନାହାନ୍ତି। ଏହି ବର୍ଷ ସେ ଜାତୀୟ ଦଳରେ ସ୍ଥାନ ପାଇଥିଲେ। ୨୦୧୩ରେ ବାପାଙ୍କ ଦେହାନ୍ତ ପରେ ସେ ବହୁ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ସେତେବେଳେ ମା, ୪ ଭଉଣୀ ଓ ଜଣେ ଭାଇଙ୍କୁ ନେଇ ଘର ଚଳାଇବା ଭାରି କଷ୍ଟଥିଲା। ସେ ଦିଲ୍ଲୀ ଆସି ଏକ ମର୍ଡନ ସ୍କୁଲ୍‌ରେ ଛୋଟ ପିଲାଙ୍କୁ ପ୍ରଶିକ୍ଷଣ ଦେଉଥିଲେ। ଏହାପରେ ସେ ରେଲଓ୍ୱେରେ ଚାକିରି କରିଥିଲେ। ତାଙ୍କ ସ୍ୱାସ୍ଥ୍ୟ ଖରାପ ହୋଇଥିଲା। ସୁସ୍ଥ ହୋଇ ୨୦୧୫ରେ ଭାରତୀୟ ସିନିୟର ଦଳରେ ସ୍ଥାନ ପାଇଥିଲେ। ଡିସେମ୍ବର ୨ ତାରିଖରେ ହଂକଂରେ ଏଏଫ୍‌ସି ବାର୍ଷିକ ପୁରସ୍କାର ଘୋଷଣା କରାଯିବ। ଅବଶ୍ୟ ଆଶାଲତା ସେତେବେଳେ କାଠମାଣ୍ଡୁରେ ସାଫ୍ ଗେମ୍ସ ଖେଳୁଥିବେ। ଆଶାଲତାଙ୍କ ସଂଘର୍ଷ ଓ ସଫଳତାର କାହାଣୀ ଅନ୍ୟମାନଙ୍କ ପାଇଁ ପ୍ରେରଣା ସୃଷ୍ଟି କରିଛି।

> ଇମ୍ଫାଲରେ ଜନ୍ମିତ ଆଶାଲତା ଦେବୀ ଏଏଫ୍‌ସି ପ୍ଲେୟାର ଅଫ୍ ଦି ଇୟର ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ଜଣେ ଗୋଲକିପର ହେବାକୁ ଚାହୁଁଥିଲେ ମଧ୍ୟ ସେ ସମୟକ୍ରମେ ଡିଫେଣ୍ଡର ବନିଯାଇଥିଲେ। ତାଙ୍କ ନେତୃତ୍ୱରେ ଭାରତ ସାଫ୍ ଚାମ୍ପିୟନଶିପ୍ ଟାଇଟଲ ଜିତିଥିଲା। ତାଙ୍କ ସଂଘର୍ଷ ଓ ସଫଳତାର କାହାଣୀ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି।


ଆଶାଲତା ଦେବୀ

# ପିଙ୍କ୍ ବଲ୍ କ୍ରିକେଟ

> ଏପର୍ଯ୍ୟନ୍ତ ୧୧ଟି ପିଙ୍କ୍ ବଲ୍ ଟେଷ୍ଟ ସଫଳତାର ସହ ଆୟୋଜନ ହୋଇଛି। ଅବଶ୍ୟ ଥରେ ମାତ୍ର ମହିଳା ଦିବାରାତ୍ର ଟେଷ୍ଟ ଖେଳାଯାଇଛି। ଦିବାରାତ୍ର ଟେଷ୍ଟ ଦେଖିବାକୁ ଷ୍ଟାଡିୟମରେ ଦର୍ଶକଙ୍କ ଭିଡ଼ ଦେଖିବାକୁ ମିଳିଛି। ଅଷ୍ଟ୍ରେଲିଆ ସର୍ବାଧିକ ପିଙ୍କ ବଲ୍ ଟେଷ୍ଟ ଖେଳିଛି ଓ ୫ ଥର ବିଜୟୀ ହୋଇ ସଫଳତମ ଦଳ ସାବ୍ୟସ୍ତ ହୋଇଛି।



ଫ୍ଲଡ ଲାଇଟ୍ ତଳେ ଦିବାରାତ୍ର କ୍ରିକେଟ ଆଦୌ ନୂଆ କଥା ନୁହଁ। ଧଳା ବଲ୍‌ରେ ଦିନିକିଆ କ୍ରିକେଟ ମଧ୍ୟ ଖେଳିବା ଅଭ୍ୟାସରେ ପରିଣତ ହୋଇଛି। କିନ୍ତୁ ଫ୍ଲଡ ଲାଇଟ୍ ତଳେ ଟେଷ୍ଟ ଖେଳିବା ଏବେ ଏକ ବଡ଼ ଚ୍ୟାଲେଞ୍ଜ ହୋଇ ରହିଛି। ଯଦିଓ ପୂର୍ବରୁ କେତେଥର ଦିବାରାତ୍ର ଟେଷ୍ଟ ମ୍ୟାଚ୍ ସଫଳତାର ସହ ଆୟୋଜନ ହୋଇଛି। ତେବେ ଏହା ଧଳା ବଲ୍‌ରେ ନୁହଁ ଗୋଲାପୀ ବା ପିଙ୍କ୍ ବଲ୍‌ରେ ଖେଳାଯାଇଥିଲା। ତେଣୁ ଦିବାରାତ୍ର ଟେଷ୍ଟକୁ ପିଙ୍କ୍ ବଲ୍ କ୍ରିକେଟ ମଧ୍ୟ କୁହାଯାଇଥାଏ। କୋଲକାତାର ଐତିହାସିକ ଇଡେନ ଗାର୍ଡେନରେ ପ୍ରଥମଥର ପାଇଁ ଭାରତ ଓ ବାଂଲାଦେଶ ପିଙ୍କ ବଲ୍ ଟେଷ୍ଟ ଖେଳିବେ। ଫଳରେ ଏହି ମ୍ୟାଚ୍ କ୍ରିକେଟ ଇତିହାସ ପୃଷ୍ଠାରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ନବ ନିର୍ବାଚିତ ସଭାପତି ସୌରଭ ଗାଙ୍ଗୁଲିଙ୍କ ସ୍ୱତନ୍ତ୍ର ପ୍ରଚେଷ୍ଟା ଏହି ମ୍ୟାଚ୍ ଆୟୋଜନ ହେଉଛି।

ତେବେ ବିଶ୍ୱ କ୍ରିକେଟରେ ପ୍ରଥମଥର ପାଇଁ ପିଙ୍କ୍ ବଲ୍ ଟେଷ୍ଟ ଆୟୋଜନ ହେଉନାହିଁ। ପୂର୍ବରୁ ଏକାଧିକବାର ଏହାର ସଫଳ ଆୟୋଜନ ହୋଇଛି। ୨୦୧୫ ନଭେମ୍ବରରେ ୨୭ରୁ ଡିସେମ୍ବର ୧ ତାରିଖ ମଧ୍ୟରେ ଆଡିଲେଡ ଓଭାଲ ଗ୍ରାଉଣ୍ଡରେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ପ୍ରଥମଥର ପାଇଁ ପିଙ୍କ୍ ବଲ ଟେଷ୍ଟ ଖେଳାଯାଇଥିଲା। ଏଥିରେ ଅଷ୍ଟ୍ରେଲିଆ ୩ ଉଇକେଟରେ ବିଜୟୀ ହୋଇଥିଲା। ଏଥିରେ ଏପର୍ଯ୍ୟନ୍ତ ୧୧ଟି ପିଙ୍କ ବଲ୍ ଟେଷ୍ଟ ଆୟୋଜନ ହୋଇଛି। ପୁଣି ନୂଆ ବର୍ଷ ପୂର୍ବରୁ ଭାରତ–ବାଂଲାଦେଶ ମ୍ୟାଚ୍ ସମେତ ୩ଟି ଦିବାରାତ୍ର ଟେଷ୍ଟ ଆୟୋଜନ ହେବ। ଦୁବାଇ ଅନ୍ତର୍ଜାତୀୟ ଷ୍ଟାଡିୟମରେ ୨୦୧୬ ଅକ୍ଟୋବର ୧୩ରୁ ୧୭ ତାରିଖ ମଧ୍ୟରେ ଦ୍ୱିତୀୟ ପିଙ୍କ୍ ବଲ୍ ଟେଷ୍ଟ ଖେଳାଯାଇଥିଲା। ଏଥିରେ ପାକିସ୍ତାନ ୫୬ ରନରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଥିଲା।


ନୂଆ ରୂପରେ ଇଡେନ୍ ଗାର୍ଡେନ

ଏହିବର୍ଷ ନଭେମ୍ବର ୨୪ରୁ ୨୮ ତାରିଖ ମଧ୍ୟରେ ଅନୁଷ୍ଠିତ ତୃତୀୟ ପିଙ୍କ୍ ବଲ୍ ଟେଷ୍ଟ ଆଡିଲେଡ୍‌ରେ ଖେଳାଯାଇଥିଲା ଓ ଏଥିରେ ଅଷ୍ଟ୍ରେଲିଆ ୭ ଉଇକେଟରେ ଦକ୍ଷିଣ ଆଫ୍ରିକାକୁ ହରାଇଥିଲା। ପୁଣି ଏହି ବର୍ଷ ଚତୁର୍ଥ ପିଙ୍କ ବଲ୍ ଟେଷ୍ଟରେ ବ୍ରିସ୍‌ବେନର ଗାବାରେ ଡିସେମ୍ବର ୧୫ରୁ ୧୯ ତାରିଖରେ ଖେଳାଯାଇଥିଲା ଓ ଏଥିରେ ଅଷ୍ଟ୍ରେଲିଆ ୩୯ ରନରେ ପାକିସ୍ତାନକୁ ହରାଇଥିଲା। ପଞ୍ଚମ ଦିବାରାତ୍ର ଟେଷ୍ଟ ୨୦୧୭ ଅଗଷ୍ଟ ୧୭ରୁ ୨୧ ତାରିଖ ମଧ୍ୟରେ ବର୍ମିଂହାମର ଏଜବାଷ୍ଟନ କ୍ରିକେଟ ଗ୍ରାଉଣ୍ଡରେ ଆୟୋଜନ ହୋଇଥିଲ। ଏଥିରେ ଇଂଲଣ୍ଡ ଏକ ଇନିଂସ ୨୦୯ ରନରେ ୱେଷ୍ଟଇଣ୍ଡିଜକୁ ହରାଇଥିଲା। ଏହି ବର୍ଷ ଅକ୍ଟୋବର ୬ରୁ ୧୦ ତାରିଖ ମଧ୍ୟରେ ଦୁବାଇରେ ଅନୁଷ୍ଠିତ ଷଷ୍ଠ ଦିବାରାତ୍ର ଟେଷ୍ଟରେ ପାକିସ୍ତାନ ୬୮ ରନରେ ଶ୍ରୀଲଙ୍କାଠାରୁ ପରାସ୍ତ ହୋଇଥିଲା। ସେହିପରି ୨୦୧୭ ଡିସେମ୍ବର ୨ରୁ ୬ ତାରିଖ ମଧ୍ୟରେ ଆଡିଲେଡ୍‌ରେ ଅନୁଷ୍ଠିତ ସପ୍ତମ ପିଙ୍କ୍ ବଲ୍ ଟେଷ୍ଟରେ ଅଷ୍ଟ୍ରେଲିଆ ୧୨୦ ରନରେ ଇଂଲଣ୍ଡକୁ ହରାଇଥିଲା। ଅଷ୍ଟମ ପିଙ୍କ୍ ବଲ୍ ଟେଷ୍ଟରେ ଦକ୍ଷିଣ ଆଫ୍ରିକା ଓ ଜିମ୍ବାୱେ ପରସ୍ପରକୁ ଭେଟିଥିଲେ। ଏହା ୨୦୧୭ ଡିସେମ୍ବର ୨୬ରୁ ୨୯ ତାରିଖ ମଧ୍ୟରେ ଖେଳାଯାଇଥିଲା ଓ ଏଥିରେ ଦକ୍ଷିଣ ଆଫ୍ରିକା ୧୨୦ ରନରେ ବିଜୟୀ ହୋଇଥିଲା। ଅକଲାଣ୍ଡର ଇଡେନ ପାର୍କରେ ୨୦୧୮ ମାର୍ଚ୍ଚ ୨୨ରୁ ୨୬ ତାରିଖ ମଧ୍ୟରେ ନବମ ଦିବାରାତ୍ର ଟେଷ୍ଟ ଆୟୋଜନ ହୋଇଥିଲା। ଏଥିରେ ନ୍ୟୁଜିଲାଣ୍ଡ ଏକ ଇନିଂସ ଓ ୪୯ ରନରେ ଇଂଲଣ୍ଡକୁ ହରାଇଥିଲା। ୧୦ମ ପିଙ୍କ୍ ବଲ୍ ଟେଷ୍ଟ ୨୦୧୮ ଜୁନ ୨୩ରୁ ୨୭ ମଧ୍ୟରେ ଖେଳାଯାଇଥିବା କେନିଂଟନ ଓଭାଲ ଗ୍ରାଉଣ୍ଡରେ। ଏଥିରେ ଶ୍ରୀଲଙ୍କା ୪ ଉଇକେଟରେ ୱେଷ୍ଟଇଣ୍ଡିଜକୁ ହରାଇଥିଲା। ସେହିପର ୧୧ତମ ଦିବାରାତ୍ର ଟେଷ୍ଟରେ ବ୍ରିସ୍‌ବେନ୍‌ର ଗାବାରେ ୨୦୧୯ ଜାନୁୟାରୀ ୨୪ରୁ ୨୮ ତାରିଖ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଷ୍ଟ୍ରେଲିଆ ଏକ ଇନିଂସ ଓ ୪୦ ରନରେ ଶୀଲଙ୍କା ହରାଇଥିଲା। ଥରେ ମାତ୍ର ମହିଳା ପିଙ୍କବଲ୍ ଟେଷ୍ଟ ଖେଳାଯାଇଛି। ୨୦୧୭ ନଭେମ୍ବର ୯ରୁ ୧୨ ତାରିଖ ମଧ୍ୟରେ ସିଡନୀରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ପରସ୍କରକୁ ଭେଟିଥିଲେ ଓ ଏହା ଡ୍ର ରହିଥିଲା। ଏହା ପରେ ଭାରତ ଓ ବାଂଲାଦେଶ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ଏଥିରେ ଘରୋଇ ଭାରତ ଫେଭରାଇଟ୍ ବିବେଚିତ ହେଉଛି।

## ଆଇନ



ସାଥୀ ଖେଳାଳିଙ୍କୁ ଆକ୍ରମଣ କରି
ହୋସେନଙ୍କୁ ପାଞ୍ଚ ବର୍ଷ
ବାଂଲାଦେଶ ବୋର୍ଡ ବାସନ୍ଦ କରିଛି
ତିନି ଲକ୍ଷ ଦଣ୍ଡାଦେଶ
ସ୍ତିରୀ ବେକେ ଦେଇଫାଶ
ସ୍ୱାମୀ ଏଠି ସେକେଣ୍ଡ ମ୍ୟାରେଜ କରଇ
ଏ ଆମ ଆଇନ କୁଶ ।୧।

ଫିଫା ବିଶ୍ୱକପ ଯୋଗ୍ୟତା ପର୍ଯ୍ୟାୟ
ରାଉଣ୍ଡରେ ଖାଇ ଖୁନ୍ଦା
ବାର ପଏଣ୍ଟ ପାଇ ଓମାନ ଦ୍ୱିତୀୟ
ଭାରତ ହୋଇଛି ବିଦା
କାତାର ଶୀର୍ଷରେ ଦାଦା
ଗୋଲାପୀ ବଲ୍‌ରେ ଡେ, ନାଇଟ୍ ଟେଷ୍ଟ
ଦେଖ, ଫୁଟବଲ ପଦା ।୨।

ସ୍ୱାଭିମାନୀ ରଜତ ଡିଡିସିଏ ଅଧକ୍ଷ
ପଦ ପାଇଁ କଲା ମନା
ଆର୍ଜେଣ୍ଟିନା କ୍ଲବ କୋଚ୍ ପଦ ଛାଡ଼ି
ଦେଇଅଛି ମାରାଡୋନା
ଦେଶ, ବ୍ୟକ୍ତିତ୍ୱକୁ ଅନା
ଆଇନକୁ ଆଖି ଠାର ମାରି ଲୁଟ୍
ଅହରହ ଚାଲେ ସିନା ।୩।

**ସୁବାସ ଚନ୍ଦ୍ର ପ୍ରଧାନ**

| Dollar | Sensex | Nifty | Gold | Silver |
| --- | --- | --- | --- | --- |
| 71.76 (5) | 40,575.17 (76.77) | 11,968.90 (30.70) | 39,007.00 (₹53) | 45,830.00 (₹20) |



ନଭେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ସରକାର ୭୧୪୧ ଷ୍ଟାର୍ଟ ଅପ୍‌କୁ ଚିହ୍ନଟ କରିଛନ୍ତି।
–ପୀୟୂଷ ଗୋୟଲ, କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ



ବିନା କୌଣସି ଟ୍ୟାଗରେ ଫାଷ୍ଟ ଟ୍ୟାଗ ଲେନ ବ୍ୟବହାର କଲେ ଡିସେମ୍ବରରୁ ଦୋହରା ଟୋଲ ଦେବାକୁ ପଡିବ।
– ନୀତିନ ଗଡକରି, କେନ୍ଦ୍ର ସଡକ ଏବଂ ପରିବହନ ମନ୍ତ୍ରୀ

## ସଂକ୍ଷେପରେ

### ଅକ୍ଟୋବରରେ ୨.୫୨ ଲକ୍ଷ କୋଟି ଟଙ୍କାର ଋଣ ପ୍ରଦାନ

**ମୁମ୍ବାଇ,୨୧-୧୧:** ଅକ୍ଟୋବର ମାସରେ ଦେଶର ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ୨.୫୨ ଲକ୍ଷ କୋଟି ଟଙ୍କାର ଋଣ ପ୍ରଦାନ କରିଛନ୍ତି। ପାର୍ବଣ ସମୟ ଲାଗି ଏହି ଋଣ ପ୍ରଦାନ କରାଯାଇଥିବା କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏହା ମଧ୍ୟରୁ ୧.୦୫ ଲକ୍ଷ କୋଟି ଟଙ୍କା ନୂଆ ଋଣ ରହିଥିବା ଅର୍ଥ ସେବା ବିଭାଗ ପକ୍ଷରୁ ସୂଚନା ରହିଛି। ଏହି ସମୟରେ ୱାର୍କିଂ କ୍ୟାପିଟାଲ ଋଣ ଭାବେ ୪୬,୮୦୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ଦେଶର ୪୦୦ ଜିଲାରେ ଋଣ ମେଳା ଆୟୋଜନ କରି ବିଭିନ୍ନ ବର୍ଗରେ ଋଣ ଯୋଗାଇ ଦେବାକୁ ଚଳିତ ବର୍ଷ ସେପ୍ଟେମ୍ବରରେ ସରକାର ବ୍ୟାଙ୍କଗୁଡିକୁ କହିଥିଲେ।

### ଖାଉଟି ସର୍ଭେ ଡାଟା ପ୍ରକାଶ କରିବାକୁ ଚିଠି ଲେଖିଲେ ୨୦୦ ସ୍କଲାର

**ମୁମ୍ବାଇ,୨୧-୧୧:** ଖାଉଟି ଖର୍ଚ୍ଚ ସର୍ଭେ ଡାଟାକୁ ପ୍ରକାଶ କରିବାକୁ ସରକାରଙ୍କୁ ୨୦୦ ସ୍କଲାର ଚିଠି ଲେଖିଛନ୍ତି। ଡାଟା ଗୁଣବତ୍ତାରେ ଅସୁବିଧା ରହିଥିବାରୁ ୨୦୧୭-୧୮ର ଡାଟା ପ୍ରକାଶ ପାଇବ ନାହିଁ ବୋଲି ସରକାର ନିକଟରେ କହିଥିଲେ। ଏହା ପରେ ସରକାରଙ୍କୁ ଏଭଳି ପ୍ରସଙ୍ଗରେ ଚିଠି ଲେଖାଯାଇଛି। ଏହି ସ୍କଲାରଙ୍କ ମଧ୍ୟରେ ଅଧିକାଂଶ ଅର୍ଥନୀତିଜ୍ଞ ରହିଛନ୍ତି। ଜାତୀୟ ସାମ୍ପଲ ସର୍ଭେ ଅଫିସର ଏକ ଲିକ୍ ଡାଟା ନିକଟରେ ଗଣମାଧ୍ୟମରେ ପ୍ରକାଶ ପାଇବାରୁ ଏ ସଂକ୍ରାନ୍ତ ସର୍ଭେ ରିପୋର୍ଟ ନ ପ୍ରକାଶ କରିବାକୁ ସରକାର ତତକ୍ଷଣାତ କହିଥିଲେ। ଗ୍ରାମାଞ୍ଚଳରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଲାଗି ଲୋକ ଖର୍ଚ୍ଚ କରୁ ନ ଥିବା ଏବଂ ବ୍ୟକ୍ତି ପିଛା ମାସିକ ଖର୍ଚ୍ଚ ୨୦୧୧-୧୨ ତୁଳନାରେ ୩.୭% ଖସିଥିବା ରିପୋର୍ଟରେ ଉଲ୍ଲେଖ ରହିଥିଲା।

### ବ୍ୟାଙ୍କ ଜମା ବୀମା କ୍ଷେତ୍ରରେ ଭାରତ ବହୁ ପଛରେ

**ନୂଆଦିଲ୍ଲୀ,୨୧-୧୧:** ବ୍ୟାଙ୍କରେ ଗ୍ରାହକ ଜମା କରୁଥିବା ଅର୍ଥ ଉପରେ ମିଳୁଥିବା ବୀମା ଭାରତରେ ୧ ଲକ୍ଷ ଟଙ୍କା ରହିଛି। ସାରା ବିଶ୍ୱ କଥା ବିଚାର କଲେ ଉକ୍ତ ବର୍ଗରେ ଭାରତରେ ବୀମା ସବୁଠାରୁ କମ୍ ରହିଛି। ବ୍ରାଜିଲରେ ଏହା ୪୨ ଲକ୍ଷ ଟଙ୍କା ରହିଥିବା ବେଳେ ରୁଷରେ ୧୨ ଲକ୍ଷ ଟଙ୍କାର ବୀମା କଭର ଲୋକଙ୍କୁ ପ୍ରଦାନ କରାଯାଉଥିବା ଏସ୍‌ବିଆଇ ରିସର୍ଚ୍ଚ ପକ୍ଷରୁ ସୂଚନା ରହିଛି। ଏହି ବୀମା ରାଶିକୁ ସରକାର ବଢାଇବା ଲାଗି ଯୋଜନା କରୁଥିବା ଜଣାପଡିଛି। ଅପରପକ୍ଷରେ ବୀମା ରାଶି ୧୦ ଲକ୍ଷ ଟଙ୍କାକୁ ବଢୁ ବୋଲି ରିଜର୍ଭ ବ୍ୟାଙ୍କ କର୍ମଚାରୀ ସଂଘ ସରକାରଙ୍କ ନିକଟରେ ଦାବି ରଖିଛି। ପଞ୍ଜାବ ଏବଂ ମହାରାଷ୍ଟ୍ର କୋଅପରେଟିଭ ବ୍ୟାଙ୍କ ଠକେଇ ପରେ ଏଭଳି ଦାବି ଜୋର ଧରିଛି।

### ସାମ୍‌ସଙ୍ଗର ଷ୍ଟାର ସ୍କଲାର କାର୍ଯ୍ୟକ୍ରମ

**ନୂଆଦିଲ୍ଲୀ,୨୧-୧୧:** ସାମ୍‌ସଙ୍ଗ ଇଣ୍ଡିଆ ପକ୍ଷରୁ ସାମ୍‌ସଙ୍ଗ ଷ୍ଟାର ସ୍କଲାର କାର୍ଯ୍ୟକ୍ରମ ସମ୍ପର୍କରେ ଘୋଷଣା କରାଯାଇଛି। ଏଥିରେ ଜବାହର ନବୋଦୟ ବିଦ୍ୟାଳୟ(ଜେଏନ୍‌ଭି)ର ୫୬୦ ଜଣ ଛାତ୍ରୀଛାତ୍ରଙ୍କ ପାଇଁ ବୃତ୍ତି ଘୋଷଣା କରାଯାଇଛି। ଏହି କାର୍ଯ୍ୟକ୍ରମ ଦ୍ୱାରା କମ୍ପାନୀ ଜେଏନ୍‌ଭିର ମେଧାବୀ ଛାତ୍ରୀଛାତ୍ରଙ୍କୁ ଦେଶର ଯେକୌଣସି ଆଇଆଇଟି ଓ ଏନ୍‌ଆଇଟିରେ ବିଟେକ୍ ଏବଂ ଏମ୍‌ଟେକ ଶିକ୍ଷା ଗ୍ରହଣ ଲାଗି ଛାତ୍ରବୃତ୍ତି ପ୍ରଦାନ କରୁଛି। ଚଳିତ ବର୍ଷର ଛାତ୍ରବୃତ୍ତି ଲାଗି ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିରେ ପ୍ରଯୁଜ୍ୟ କାଗଜପତ୍ର ଦାଖଲ କରିବାର ଅନ୍ତିମ ତାରିଖ ଡିସେମ୍ବର ୧୦ ରହିଛି। ଗୋଟିଏ ଶିକ୍ଷାବର୍ଷ ଲାଗି କମ୍ପାନୀ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଛାତ୍ରବୃତ୍ତି ପ୍ରଦାନ କରୁଛି। ଏଥିଲାଗି ଛାତ୍ରୀଛାତ୍ର ସାମସଙ୍ଗ ୱେବସାଇଟରୁ ସବିଶେଷ ବିବରଣୀ ଲାଭ କରିପାରିବେ। ଛାତ୍ରୀଛାତ୍ରଙ୍କୁ ଭବିଷ୍ୟତରେ ଜଣେ ସଫଳ ଇଞ୍ଜିନିୟର ହେବା ଦିଗରେ ଏହି ସ୍କଲାରଶିପ ସହାୟତା କରିବ ବୋଲି ସାମ୍‌ସଙ୍ଗ ଇଣ୍ଡିଆର କର୍ପୋରେଟ ଉପାଧ୍ୟକ୍ଷ ପିଟର ରି କହିଛନ୍ତି।

# ବୃହତ୍ ଇଚ୍ଛାକୃତ ଖିଲାପକାରୀଙ୍କ ନାମ ଖୁଲାସା



- ୩୦ ବ୍ୟକ୍ତି ବିଶେଷଙ୍କ ନାମ ସାମିଲ
- ବୃହତ୍ ଖିଲାପକାରୀଙ୍କ ୫୦ ହଜାର କୋଟିର ଋଣ ରାଇଟଅଫ୍
- ୧୧ ହଜାର କମ୍ପାନୀ ୧.୬୦ ଲକ୍ଷ କୋଟି ଖିଲାପ କରିଛନ୍ତି

ମୁମ୍ବାଇ,୨୧-୧୧

ବ୍ୟାଙ୍କଗୁଡିକରୁ ବୃହତ୍ତ ପରିମାଣର ଋଣ ନେଇ ପଇଠ କରି ନ ଥିବା ବୃହତ୍ ଇଚ୍ଛାକୃତ ଖିଲାପକାରୀଙ୍କ ନାମକୁ ରିଜର୍ଭ ବ୍ୟାଙ୍କ ଶେଷରେ ଖୁଲାସା କରିଛି। ଏହି ବ୍ୟକ୍ତି ବିଶେଷଙ୍କ ନାମ ଘୋଷଣା କରିବାକୁ ସୁପ୍ରିମକୋର୍ଟ ରିଜର୍ଭ ବ୍ୟାଙ୍କୁ ନିର୍ଦ୍ଦେଶ ଦେବାର ୪ ବର୍ଷ ପରେ ଏନେଇ କେନ୍ଦ୍ରୀୟ ବ୍ୟାଙ୍କ ପଦକ୍ଷେପ ନେଇଛି। ଏକ ଜାତୀୟ ଗଣମାଧ୍ୟମ ପକ୍ଷରୁ ସୂଚନା ଅଧିକାର ଆଇନ(ଆର୍‌ଟିଆଇ)ରେ ମଗାଯାଇଥିବା ତଥ୍ୟ ଆଧାରରେ କେନ୍ଦ୍ରୀୟ ବ୍ୟାଙ୍କ ବଡ ଖିଲାପକାରୀଙ୍କ ନାମ ଦେଇଛି। ଏହି ତାଲିକାରେ ୩୦ ଜଣଙ୍କ ନାମ ରହିଛି। ଏଭଳି ଖିଲାପକାରୀ ବ୍ୟକ୍ତିଙ୍କ ନାମ ପ୍ରଦାନ କରିବାକୁ ଗତ ୧୦ ବର୍ଷ ହେବ ଅନେକ ଆର୍‌ଟିଆଇ ଫାଇଲ କରାଯାଇଛି। ଦେଶର ଆର୍ଥିକ ସ୍ୱାର୍ଥରେ ଏହା ବାଧା ଉପୁଜାଇବ କହି ରିଜର୍ଭ ବ୍ୟାଙ୍କ ଏ ନେଇ ନାମକୁ ପ୍ରଘଟ କରି ନ ଥିଲା।

ରିଜର୍ଭ ବ୍ୟାଙ୍କ ଏମାନଙ୍କ ନାମ ଦେଇ ନ ଥିବାବେଳେ ବ୍ୟାଙ୍କଗୁଡିକଠାରୁ ଖିଲାପକାରୀଙ୍କ ସମ୍ପର୍କରେ ସୂଚନା ମିଳି ଯାଉଥିଲା। କାରଣ ବ୍ୟାଙ୍କଗୁଡ଼ିକ ଦେଇଥିବା ଅର୍ଥ ସେମାନେ ଫେରି ପାଇବାକୁ ଅସୁବିଧା ହେବାରୁ କିଏ କେତେ ପରିମାଣର ଋଣ ନେଇଛି ସେ ଉପରେ ସ୍ପଷ୍ଟ କରିଥିଲେ। ବ୍ୟାଙ୍କଗୁଡିକ ସେମାନଙ୍କ ଅର୍ଥ ଫେରି ପାଇବା ଲାଗି ଆଇନଗତ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରିଛନ୍ତି। ଏଭଳି ତଥ୍ୟ ସବୁକୁ ଟ୍ରାନ୍ସ ୟୁନିୟନ ସିବିଲ୍ ଏକତ୍ର କରିଥିବା ଜଣାପଡିଛି। ଏହି ୩୦ କମ୍ପାନୀ ମଧ୍ୟରେ ପଳାତକ ହୀରା ବ୍ୟବସାୟୀ ମେହୁଲ ଚୋକ୍‌ସୀଙ୍କ ଭଳି ବ୍ୟକ୍ତି ବିଶେଷ ରହିଛନ୍ତି। ଏହି ବ୍ୟକ୍ତି ବିଶେଷଙ୍କୁ ବ୍ୟାଙ୍କ ଦେଇଥିବା ପ୍ରାୟ ୫୦ ହଜାର କୋଟି ଟଙ୍କାର ଊର୍ଦ୍ଧ୍ୱ ଋଣ ଅର୍ଥକୁ ବ୍ୟାଙ୍କଗୁଡିକ ସେମାନଙ୍କ ବାଲାନ୍ସ ସିଟକୁ ବାଦ ଦେଇଛନ୍ତି ବା ଋଣ ରାଇଟ ଅଫ୍ କରାଯାଇଛି। ୨୦୧୮ ଡିସେମ୍ବର ୧୮ ସୁଦ୍ଧା ୧୧,୦୦୦ରୁ ଊର୍ଦ୍ଧ୍ୱ କମ୍ପାନୀ ୧.୬୧ ଲକ୍ଷ କୋଟି ଟଙ୍କା ଇଚ୍ଛାକୃତ ଭାବେ ଖିଲାପ କରିଥିବା ଟ୍ରାନ୍ସୟୁନିୟନ ସିବିଲ ତଥ୍ୟରୁ ସାମ୍ନାକୁ ଆସିଛି।

ଏହି ବ୍ୟକ୍ତି ବିଶେଷ ୫ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଋଣ ନେଇଛନ୍ତି। ଖିଲାପକାରୀଙ୍କ ଏହି ତଥ୍ୟକୁ ଆର୍‌ବିଆଇର ସେଣ୍ଟ୍ରାଲାଇଜ ସିଷ୍ଟମ ଡାଟା ବେସ୍ ଦ୍ୱାରା ପ୍ରକାଶ କରାଯାଇଛି। ସୂଚନା ମୁତାବକ ବୃହତ୍ତ ଖିଲାପକାରୀଙ୍କ ମଧ୍ୟରେ ଗୀତାଞ୍ଜଳି ଜେମସ୍ ଉପରେ ସର୍ବାଧିକ ୫୦୪୪ କୋଟି ଋଣ ରହିଛି। ସେହିଭଳି ରେଇ ଆଗ୍ରୋ ଲିମିଟେଡ ୪୧୯୭ କୋଟି, ୱିନସମ ଡାଇମଣ୍ଡ ଆଣ୍ଡ ଜୁଏଲେରୀ ଉପରେ ୩୩୮୬ କୋଟି, ରୁଚି ସୋୟା ଲିମିଟେଡ ୩୨୨୫ କୋଟି, ରୋଟୋମାକ ଗ୍ଲୋବାଲ ୨୮୪୪ କୋଟି, କିଙ୍ଗଫିସର ୨୪୮୮ କୋଟି, କୁଡୁସ କେମି ଲିମିଟେଡ ୨୩୨୬ କୋଟି, ଜୁମ ଡେଭଲପର୍ସ ୨୦୨୪ କୋଟି, ଡେକାନ କ୍ରନିକାଲ ହୋଲ୍ଡିଂ ୧୯୫୧ କୋଟି ଭଳି ଅନ୍ୟ କମ୍ପାନୀ ରହିଛନ୍ତି।

# ତନିଷ୍କ ପକ୍ଷରୁ ଗୋଲ୍ଡ ଏକ୍ସଚେଞ୍ଜ ପ୍ରୋଗ୍ରାମ



ଭୁବନେଶ୍ୱର,୨୧-୧୧(ବ୍ୟୁରୋ)

ପ୍ରମୁଖ ଜୁଏଲର୍ସ ତନିଷ୍କ ପକ୍ଷରୁ ସ୍ଥାନୀୟ ଚନ୍ଦ୍ରଶେଖରପୁର ଶୋ'ରୁମଠାରେ ଆକର୍ଷଣୀୟ ଗୋଲ୍ଡ ଏକ୍ସଚେଞ୍ଜ ପ୍ରୋଗ୍ରାମ ଘୋଷଣା କରାଯାଇଛି। ଏହି ସମୟରେ ଗ୍ରାହକ ପୁରୁଣା ସୁନାକୁ ବଦଳାଇ ଶତ ପ୍ରତିଶତ ଏକ୍ସଚେଞ୍ଜ ଭାଲ୍ୟୁ ଲାଭ କରିପାରିବେ। ସେହିଭଳି ସୁନା ଗହଣାର ଗଢାମୂଲ୍ୟ ଉପରେ ୨୫% ପର୍ଯ୍ୟନ୍ତ ରିହାତି ସୁବିଧା ରହିଛି। ତନିଷ୍କର ସମସ୍ତ ଆଉଟଲେଟରେ ଗ୍ରାହକ ଏହି ଅଫରର ଲାଭ ଉଠାଇ ପାରିବେ। ଶୋ'ରୁମରେ ବିସ୍ତୃତ ରେଞ୍ଜର ସୁନା ଗହଣା କଲେକ୍ସନ ଗ୍ରାହକଙ୍କ ଲାଗି ରହିଛି। ଡିସେମ୍ବର ୧୫ ଯାଏ ଏହି ଅଫର ସୁବିଧା ଉପଲବ୍ଧ ରହିବ। ଗ୍ରାହକ ଅତ୍ୟାଧୁନିକ ଏବଂ କାରୁକାର୍ଯ୍ୟପୂର୍ଣ୍ଣ ଗହଣା ବାଛିବାକୁ ସକ୍ଷମ ହେବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏଥିରେ ଶୋ'ରୁମର ଫ୍ରାଞ୍ଚାଇଜି ଓନର ମାନିକ ହଂସ, ଲିପ୍ସା ନାୟକ ହଂସ ପ୍ରମୁଖ ଉପସ୍ଥିତ ଥିଲେ।

# ଆକୋ ପରଫ୍ୟୁମସର ବାଲିଯାତ୍ରାରେ ଲକି ଡ୍ର



ଭୁବନେଶ୍ୱର,୨୧-୧୧

ଆକୋ ପରଫ୍ୟୁମସ ପକ୍ଷରୁ କଟକ ବାଲିଯାତ୍ରା ଅବସରରେ ଏହାର ପ୍ରଦର୍ଶନୀ ଷ୍ଟଲରେ ଏକ ଲକି ଡ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଗ୍ୟଶାଳୀ ବିଜେତା ହୋଇ କଟକର ନଗମା ନସରିନ ପ୍ରଥମ ପୁରସ୍କାର ଭାବେ ଏଲଇଡି ଟିଭି ଜିତିଛନ୍ତି। କଟକର ପ୍ରଶାନ୍ତ ରାଉତ ଦ୍ୱିତୀୟ ଭାଗ୍ୟଶାଳୀ ବିଜେତା ଭାବେ ଏକ ରେଫ୍ରିଜରେଟର ଲାଭ କରିଛନ୍ତି। ତୃତୀୟ ବିଜେତା ଭାବେ ଅନୁଷ୍କା ନନ୍ଦ, ଅଞ୍ଜଳି ପେଦିନି ଏବଂ ଶୁଭଙ୍କର ୩ ଗ୍ରାଇଣ୍ଡର ପାଇଛନ୍ତି। ମୁମ୍ବାଇଠାରେ ପ୍ରତିଷ୍ଠିତ ଏ.ଏ. ଅତରୱାଲା ଆଣ୍ଡ କୋ ପକ୍ଷରୁ ପ୍ରସ୍ତୁତ କରାଯାଉଥିବା ଆକୋ ବ୍ରାଣ୍ଡର ପରଫ୍ୟୁମ ଓ ଡିଓ ଗ୍ରାହକଙ୍କ ଦ୍ୱାରା ବେଶ ଆଦୃତ ହେଉଥିବା କମ୍ପାନୀର ଏମ୍‌ଡି ଅଦଶ ସମ୍ମଦ ଅତରୱାଲା କହିଛନ୍ତି। କାର୍ଯ୍ୟକ୍ରମରେ ମହମ୍ମଦ ରାଜୱାନ ଅତରୱାଲା, ବିତରକ ସତୀଶ କୁମାର ଅଗ୍ରୱାଲ, ସାମସନ ରାଉତ, ମନୋଜ ନନ୍ଦ, ରତିଶ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ସୁପର-୩୦ ଚଳଚ୍ଚିତ୍ରର ସଫଳତା ପାଳନ



ନୂଆଦିଲ୍ଲୀ,୨୧-୧୧

ସୁପର-୩୦ ପ୍ରତିଷ୍ଠାନ ଉପରେ ନିର୍ମିତ ସିନେମାର ସଫଳତା ପାଳନ କରାଯାଇଛି। ଗଣିତଜ୍ଞ ଆନନ୍ଦ କୁମାରଙ୍କ ଜୀବନ କାହାଣୀ, ତାଙ୍କ ଦ୍ୱାରା ସ୍ଥାପନ ହୋଇ ଗରିବ ମେଧାବୀଙ୍କୁ ମାଗଣା ଆଇଆଇଟି କୋଚିଂ ପ୍ରଦାନ କରୁଥିବା ଏହି ପ୍ରତିଷ୍ଠାନ ଉପରେ ହୋଇଥିବା ସିନେମା ଦର୍ଶକଙ୍କ ଦ୍ୱାରା ବେଶ ରେସପନ୍ସ ପାଇଥିଲା। ମୁଖ୍ୟ ଭୂମିକାରେ ହୃତିକ ରୋଶନ ଏବଂ ମୃଣାଳ ଠାକୁର ନଜରକୁ ଆସିଥିଲେ। ସିନେମାର ସଫଳତା ପାଳନ ପୂର୍ବକ ଆନନ୍ଦ କୁମାର ଏବଂ ତାଙ୍କ ସାନ ଭାଇ ପ୍ରଣବ କୁମାରଙ୍କୁ ହୃତିକ ରୋଶନ ମୁମ୍ବାଇସ୍ଥିତ ନିଜ ବାସଭବନକୁ ଆମନ୍ତ୍ରଣ କରିଥିଲେ। ଏହି ଅବସରରେ ଏକ ନୈଶ୍ୟ ଭୋଜିର ଆୟୋଜନ କରାଯାଇଥିଲା। ଏହି ଅବସରରେ ହୃତିକଙ୍କ ପିତା ରାକେଶ ରୋଶନ ଏବଂ ମାତା ମଧ୍ୟ ଉପସ୍ଥିତ ଥିଲେ।

# ବ୍ରହ୍ମପୁରରେ ଖୋଲିଲା ଅଡିଜୋନ




ଭୁବନେଶ୍ୱର,୨୧-୧୧

ଅଡିଜୋନ ସ୍ପିଚ୍ ଆଣ୍ଡ ହିଅରିଂ କ୍ଲିନିକ୍ ପକ୍ଷରୁ ନୂଆ ଶାଖା ବ୍ରହ୍ମପୁରସ୍ଥିତ ଗୋଇଲୁଣ୍ଡି ଛକଠାରେ ଖୋଲିଛି। ଶ୍ରବଣ ସମସ୍ୟା ସାମ୍ନା କରୁଥିବା ବ୍ୟକ୍ତି ବିଶେଷକଙ୍କ ଲାଗି ଏଠାରେ ବିଭିନ୍ନ ସମାଧାନ ପ୍ରଦାନ କରାଯାଉଥିବା ଅଡିଜୋନ ପକ୍ଷରୁ ସୂଚନା ରହିଛି। ଏଠାରେ ସମସ୍ତ ପ୍ରକାର ଶ୍ରବଣ ଯନ୍ତ୍ର ଉଚିତ ମୂଲ୍ୟରେ ଗ୍ରାହକ ଲାଭ କରିପାରିବେ। ଏହା ଶିଭାଣ୍ଟେସ ଇଣ୍ଡିଆର ଓଡିଶାରେ ତୃତୀୟ ଶାଖା। ଏଠାରେ ୧୦ରୁ ୧୨ ହଜାର ଟଙ୍କାର ଆରମ୍ଭ ମୂଲ୍ୟରେ ବିଭିନ୍ନ ପ୍ରଡକ୍ଟ ଉପଲବ୍ଧ ହେଉଛି। ଶୁଣିବାରେ ଲୋକମାନେ କୌଣସି ଅସୁବିଧା ସାମ୍ନା କରୁଥିଲେ ଏଠାକୁ ଆସି ପରୀକ୍ଷଣ କରିବା ସହ ଶ୍ରବଣ ସଲ୍ୟୁଶନ ଲୋକମାନେ ଲାଭ କରିବାକୁ ସକ୍ଷମ ହେବେ ବୋଲି ଅଡିଜୋନର ନିର୍ଦ୍ଦେଶକ ଉତ୍ପଳ ପ୍ରଧାନ କହିଛନ୍ତି। ଶିଶୁଙ୍କ ସମେତ ବିଭିନ୍ନ ବୟସର ବ୍ୟକ୍ତି ବିଶେଷଙ୍କ ଲାଗି ଏଠାରେ ପ୍ରଡକ୍ଟ ଉପଲବ୍ଧ ହେଉଛି। କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ଦୀପକ ମିଶ୍ର, ପ୍ରବନ୍ଧକ ପାପୁନ ପାଣିଗ୍ରାହୀ, ବିଶେଷଜ୍ଞ ସୌରଭ ସ୍ୱାଇଁ, ଶିଭାଣ୍ଟେସ ଇଣ୍ଡିଆର ଆଞ୍ଚଳିକ ବିକ୍ରି ପ୍ରବନ୍ଧକ ସୌରଭ ବାନାର୍ଜୀ, ବ୍ୟବସାୟ ଉନ୍ନୟନ ପ୍ରବନ୍ଧକ ରାକେଶ ଦେ ପ୍ରମୁଖ ଉପସ୍ଥିତ ଥିଲେ।

# ଏକ୍‌ଜିକ୍ୟୁଟିଭ ସେଡାନ ବର୍ଗରେ ହୋଣ୍ଡାର ସଫଳତା

**ନୂଆଦିଲ୍ଲୀ,୨୧-୧୧**

ହୋଣ୍ଡା କାର୍ସ ଇଣ୍ଡିଆ ଲିମିଟେଡ( ଏଚ୍‌ସିଆଇଏଲ୍)ର ପ୍ରମୁଖ ମଡେଲ ସିଭିକ୍ ଏକଜିକ୍ୟୁଟିଭ ସେଡାନ ବର୍ଗରେ ସଫଳତା ହାସଲ କରିଛି। କମ୍ପାନୀର ଏହି ମଡେଲଟି ଉକ୍ତ ବର୍ଗରେ ପ୍ରମୁଖ ସ୍ଥାନରେ ରହିଛି। ଏହି ମଡେଲ ବିକ୍ରି କ୍ଷେତ୍ରରେ କମ୍ପାନୀ ମାସିକ ଭିତ୍ତିରେ ୩୦% ବିକ୍ରି ଅଭିବୃଦ୍ଧି ହାସଲ କରିବାକୁ ସକ୍ଷମ ହୋଇଛି। ୨୦୧୯ ଅକ୍ଟୋବରରେ ଏହାର ୪୩୬ ୟୁନିଟ ଯାନ ବିକ୍ରି ହୋଇଛି। ସେପ୍ଟେମ୍ବରରେ କମ୍ପାନୀ ଏହି ମଡେଲର ୩୩୬ ୟୁନିଟ ଯାନ ବିକ୍ରି କରିଥିଲା। ବର୍ତ୍ତମାନ ସୁଦ୍ଧା କମ୍ପାନୀ ଏହି ମଡେଲର ୪୩୭୫ ୟୁନିଟ ଯାନ ବିକ୍ରି କରିଛି। ବଜାରରେ ମାନ୍ଦାବସ୍ଥା ଥିବା ସତ୍ତ୍ୱେ ଏହି ବର୍ଗରେ ବିକ୍ରି ଅଭିବୃଦ୍ଧି ଉନ୍ନତ ରହିଥିବା କମ୍ପାନୀର ସେଲସ ଏବଂ ମାର୍କେଟିଂ ବରିଷ୍ଠ ଉପସଭାପତି ତଥା ନିର୍ଦ୍ଦେଶକ ରାଜେଶ ଗୋଏଲ କହିଛନ୍ତି। ଏହି ମଡେଲରେ ଗ୍ରାହକ ସର୍ବୋତ୍ତମ ଷ୍ଟାଇଲିସ ଲୁକ ଏବଂ ଡ୍ରାଇଭିଂ ଲୁକ୍ସ ଲାଭ କରିପାରିବେ। ହୋଣ୍ଡା ସିଭିକ ଉପରେ ଗ୍ରାହକ ଭରସା ଜାରି ରଖିଥିବାରୁ କୃତଜ୍ଞ ବୋଲି ସେ ମତ ରଖିଛନ୍ତି।

# ହୁଡ୍‌କୋର ନେଟ୍ ଆୟରେ ଉନ୍ନତ ଅଭିବୃଦ୍ଧି

ଭୁବନେଶ୍ୱର,୨୧-୧୧

ହାଉସିଂ ଆଣ୍ଡ ଅର୍ବାନ ଡେଭଲପମେଣ୍ଟ କର୍ପୋରେଶନ (ହୁଡକୋ) ଏହାର ନେଟ ଆୟ କ୍ଷେତ୍ରରେ ଉନ୍ନତ ଅଭିବୃଦ୍ଧି ହାସଲ କରିବାକୁ ସକ୍ଷମ ହୋଇଛି। କମ୍ପାନୀ ଚଳିତ ଆର୍ଥିକ ବର୍ଷ ଦ୍ୱିତୀୟ ତ୍ରୈମାସରେ ଏହାର ଏମ୍‌ଓୟୁ ଲକ୍ଷ୍ୟ, ମୋଟ ଆୟ, କାରବାର, ଋଣ ଯୋଗାଣ, ବାଲାନ୍ସ ଶିଟ ସାଇଜ କ୍ଷେତ୍ରରେ ଉନ୍ନତି କରିଥିବା ଏହାର ବୋର୍ଡ ବୈଠକ ଅବସରରେ ପ୍ରକାଶ କରିଛି। କମ୍ପାନୀର ନେଟ ଆୟ ୨.୧୬ଗୁଣ ବଢିଛି। ଏହା ଦ୍ୱିତୀୟ ତ୍ରୈମାସ ଲାଗି ସର୍ବାଧିକ ସର୍ବୋଚ୍ଚ ସ୍ତରରେ ରହି ୭୨୫.୮୪ କୋଟି ଟଙ୍କା ଛୁଇଁଛି। ଏହା ପ୍ରଥମ ତ୍ରୈମାସରେ ୩୩୫.୬୮ କୋଟି ଟଙ୍କା ରହିଛି। ପ୍ରଥମ ୬ ମାସରେ ନେଟ ଆୟ ୭୨% ବଢି ୧୦୬୧.୫୨ କୋଟି ଟଙ୍କା ରହିଛି। ଏହା ଗତ ବର୍ଷ ସମାନ ସମୟରେ ୬୧୫.୫୨ କୋଟି ଟଙ୍କା ରହିଥିଲା। ମୋଟ ଆୟ ୧.୧୩ ଗୁଣ ବଢି ୨୦୫୩. ୭୯ କୋଟି ରହିଛି। ଏହା ପ୍ରଥମ ତ୍ରୈମାସରେ ୧୮୧୬.୧୯ କୋଟି ଟଙ୍କା ରହିଥିଲା। ବାଲାନ୍ସ ଶିଟ ସାଇଜ ୫୫% ବଢି ୭୫,୦୦୦ କୋଟି, କାରବାର ୧୧% ବଢି ୧୧, ୯୮୦ କୋଟି, ଋଣ ଯୋଗାଣ ୫୨% ବଢି ୫୩୧୧ କୋଟି ଟଙ୍କା ରହିଛି। ଏହା ହାଉସିଂ ଏବଂ ଗ୍ରାମୀଣ ଭିତ୍ତିଭୂମି ଲାଗି ମୋଟ ୧.୭୧ ଲକ୍ଷ କୋଟି ଟଙ୍କାର ଋଣ ଯୋଗାଇ ସାରିଛି। ଗତ ବର୍ଷ ୮୦୦ କୋଟି ଟଙ୍କାର ଏନପିଏ ଅସୁଲ କରାଯାଇଛି। ମୋଟ ଏନ୍‌ପିଏ ୪.୧୯%କୁ ହ୍ରାସ ଘଟିଛି। ଏହି ସମୟରେ ନେଟ୍ ଏନ୍‌ପିଏ ୦.୩୯%କୁ ଖସିଛି ବୋଲି ହୁଡକୋ ପକ୍ଷରୁ କୁହାଯାଇଛି।

DADLS - 56



## ଶହୀଦ ଲକ୍ଷ୍ମଣ ନାଏକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

୨୨ ନଭେମ୍ବର, ୨୦୧୯

**ସମୟ – ସକାଳ ଘ.୭.୩୦.ମି.**
ଭୁବନେଶ୍ୱର ଏକ ନମ୍ବର ୟୁନିଟ୍‌ସ୍ଥିତ ଆଦିବାସୀ ପ୍ରଦର୍ଶନୀ ପଡ଼ିଆଠାରେ ଶହୀଦ ଲକ୍ଷ୍ମଣ ନାଏକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ।

**ସମୟ – ସକାଳ ଘ.୮.୩୦ମି.**
କଳିଙ୍ଗ ହସ୍ପିଟାଲ ଛକସ୍ଥିତ ଶହୀଦ ଲକ୍ଷ୍ମଣ ନାଏକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ।

**ସାଧାରଣ ସଭା**

**ସମୟ – ସଂଧ୍ୟା ୫.୩୦ ମି.** **ସ୍ଥାନ – ଜୟଦେବ ଭବନ**

**ମୁଖ୍ୟ ଅତିଥି** – **ଶ୍ରୀଯୁକ୍ତ ଜଗନ୍ନାଥ ସାରକା,**
ମାନ୍ୟବର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ମନ୍ତ୍ରୀ

**ବିଶିଷ୍ଟ ଅତିଥି** – **ଶ୍ରୀମତୀ ପଦ୍ମିନୀ ଦିଆନ,**
ମାନ୍ୟବର ମନ୍ତ୍ରୀ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ

**ସମ୍ମାନିତ ଅତିଥିବୃନ୍ଦ** – ମାନ୍ୟବର ସାଂସଦ **ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ମାଝୀ,** ମାନ୍ୟବର ବିଧାୟକବୃନ୍ଦ **ଶ୍ରୀଯୁକ୍ତ ତାରା ପ୍ରସାଦ ବାହିନୀପତି, ଶ୍ରୀଯୁକ୍ତ ମନୋହର ରନ୍ଧାରୀ, ଶ୍ରୀଯୁକ୍ତ ରଘୁରାମ ପୋଡାଲ, ଶ୍ରୀଯୁକ୍ତ ପ୍ରକାଶ ଚନ୍ଦ୍ର ମାଝୀ, ଶ୍ରୀଯୁକ୍ତ ନିତ୍ୟାନନ୍ଦ ଗଣ୍ଡ, ଶ୍ରୀଯୁକ୍ତ ସଦାଶିବ ପ୍ରଧାନୀ, ଶ୍ରୀଯୁକ୍ତ ପିତମ ପାଢ଼ୀ, ଶ୍ରୀଯୁକ୍ତ ପ୍ରଭୁ ଜାନୀ, ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ବାକା, ଶ୍ରୀଯୁକ୍ତ ଆଦିତ୍ୟ ମାଢ଼ି, ଶ୍ରୀଯୁକ୍ତ ରଘୁନାଥ ଗମାଙ୍ଗ, ଶ୍ରୀଯୁକ୍ତ ମକରନ୍ଦ ମୁଦୁଲି,** ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ଉପଦେଷ୍ଟା **ଶ୍ରୀଯୁକ୍ତ ମୁନ୍ନା ଖାନ୍,** ଉପଦେଷ୍ଟା, ଓଡ଼ିଶା ସରକାର (ଗଣମାଧ୍ୟମ ଓ ଲୋକସମ୍ପର୍କ) **ଶ୍ରୀଯୁକ୍ତ ମାନସ ରଞ୍ଜନ ମଙ୍ଗରାଜ**

**ମୁଖ୍ୟବକ୍ତା** – **ଶ୍ରୀଯୁକ୍ତ ପ୍ରଦୀପ କୁମାର ମିଶ୍ର,** ବିଶିଷ୍ଟ ଗବେଷକ ତଥା ସାହିତ୍ୟିକ

କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ ।

ସଭା ପରେ ପରେ ନବରଙ୍ଗପୁର ମହିଳା ମହାବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ଆଦିବାସୀ (ଢେ଼ମ୍‌ସା) ନୃତ୍ୟ ପରିବେଷଣ କରାଯିବ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଶବରୀ ସାଂସ୍କୃତିକ ସଂସଦ, ଭୁବନେଶ୍ୱରଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0086/1920

“ ପିଙ୍କ୍ ବଲରେ ଫିଲ୍ଡିଂ ସମୟରେ ମୋତେ ଏହା ଏକ ଓଜନିଆ ହକି ବଲ୍ ଭଳି ଲାଗୁଛି । ଉଇକେଟ୍‌କିପରକୁ ଥ୍ରୋ କରିବା ସମୟରେ ରେଡ୍ ବଲ୍ ଅପେକ୍ଷା ଏଥିରେ ଅତିରିକ୍ତ ବଳ ଖର୍ଚ୍ଚ କରିବାକୁ ପଡୁଛି ।

–ବିରାଟ କୋହଲି, ଭାରତୀୟ କ୍ରିକେଟ୍ ଅଧିନାୟକ



“ ଘାନା ବକ୍ସର ଚାର୍ଲସ ଆଡାମୁଙ୍କ ବିପକ୍ଷ ବାଉଟ୍ ମୋ ଲାଗି ବେଶି ଚ୍ୟାଲେଞ୍ଜପୂର୍ଣ୍ଣ ରହିବ ନାହିଁ ଆଶା କରୁଛି। ତାଙ୍କୁ ହରେଇ ଦେବି ବୋଲି ଭାବୁଛି ।

–ବିଜେନ୍ଦର ସିଂ, ଭାରତୀୟ ପ୍ରଫେଶନାଲ ବକ୍ସର



## ସଂକ୍ଷେପରେ

### କୁନାଲଙ୍କୁ ସିନିୟର ବିଲିୟାର୍ଡ୍ସ ଟାଇଟଲ୍



କଟକ ଅଫିସ,୨୧।୧୧: କଟକ କ୍ଲବଠାରେ ଚାଲିଥିବା ୨୬ତମ ଅଲ ଓଡ଼ିଶା ବିଲିୟାର୍ଡସ ଓ ସ୍ନୁକର ରାଜ୍ୟ ର୍ୟାଙ୍କିଙ୍ଗ୍ ଚାମ୍ପିୟନଶିପରେ ଗୁରୁବାର ସିନିୟର ବିଲିୟାର୍ଡ୍ସ ପ୍ରତିଯୋଗିତା ଶେଷ ହୋଇଛି। ୭ ଫ୍ରେମ ବିଶିଷ୍ଟ ଫାଇନାଲରେ କୁନାଲ ଅଗ୍ରୱାଲ ରାଜ୍ୟର ପ୍ରତିଷ୍ଠିତ ବିଲିୟାର୍ଡ୍ସ ଖେଳାଳି ସୁବ୍ରତ ଦାସଙ୍କୁ ୪-୧ରେ ହରାଇ ଚାମ୍ପିୟନ ହୋଇଛନ୍ତି। ଦୀର୍ଘ ୧୧ବର୍ଷ ପରେ କୁନାଲ ଏହି ଟାଇଟଲ ଜିତିଛନ୍ତି। ପୂର୍ବରୁ ୨୦୦୮ ମସିହାରେ ସେ ସିନିୟର ବିଲିୟାର୍ଡ୍ସ ବର୍ଗର ରାଜ୍ୟ ଚାମ୍ପିୟନଶିପ୍ ଜିତିଥିଲେ। ଅନ୍ୟପକ୍ଷରେ ଗତ ଦୁଇ ସଂସ୍କରଣରେ ଲଗାତାର ଭାବେ ଏହି ଟାଇଟଲ ବିଜୟୀ ହେଉଥିବା ସୁବ୍ରତଙ୍କୁ ହ୍ୟାଟ୍ରିକ ଟାଇଟଲ ଜିତିବାରୁ କୁନାଲ ବଞ୍ଚିତ କରିଥିଲେ। ଗତ ଦୁଇ ସଂସ୍କରଣରେ କୁନାଲ ରନର୍ସଅପ ହୋଇଥିଲେ। ଅନ୍ୟପକ୍ଷରେ ଗୁରୁବାର ଖେଳାଯାଇଥିବା ସିନିୟର ସ୍ନୁକର ପ୍ରତିଯୋଗିତାରେ ସୌଭାଗ୍ୟ ବେହେରା ୩-୦ ଫ୍ରେମରେ ବରୁଣ ନାୟକଙ୍କୁ ଓ ଅନୁଜ ପଣ୍ଡା ୩-୦ ଫ୍ରେମରେ ଜିତୁ ମହାପାତ୍ରଙ୍କୁ ପରାସ୍ତ କରିଛନ୍ତି। ବିଲିୟାର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏଶନ ଅଫ ଓଡ଼ିଶା(ବିଏସ୍ଏଓ) ଏବଂ ଓଡ଼ିଶା ମାଇନିଂ କର୍ପୋରେଶନର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଚାଲିଛି।

### ଖାତା ଖୋଲିପାରିଲେନି ୧୦ ବ୍ୟାଟ୍ସମ୍ୟାନ

ମୁମ୍ବାଇ,୨୧।୧୧- ଦଳ ଅଲଆଉଟ୍ ହେଲା ପୁଣି କୌଣସି ବ୍ୟାଟ୍ସମ୍ୟାନ ରନ୍‌ଟିଏ ବି କରିପାରିଲେନି। ଏହା ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ। ଏଭଳି ଘଟଣା ଘଟିଛି ମୁମ୍ବାଇରେ। ସ୍ଥାନୀୟ ଅନ୍ଧେରୀସ୍ଥିତ ଚିଲଡ୍ରେନ ୱେଲଫେୟାର ସ୍କୁଲ ଏଭଳି ଏକ ଅଲୋଡ଼ା ରେକର୍ଡର ଅଧିକାରୀ ହୋଇଛି। ହାରିସ ସିଲ୍ଡ ଟୁର୍ନାମେଣ୍ଟର ପ୍ରଥମ ରାଉଣ୍ଡରେ ବୋରିବଲିସ୍ଥିତ ସ୍ୱାମୀ ବିବେକାନନ୍ଦ ଇଣ୍ଟରନ୍ୟାଶନାଲ ସ୍କୁଲ (ଏସ୍‌ଭିଆଇଏସ୍) ବିପକ୍ଷ ମ୍ୟାଚ୍‌ରେ ଅନ୍ଧେରୀ ଦଳର କୌଣସି ବ୍ୟାଟ୍ସମ୍ୟାନ ଖାତା ଖୋଲିପାରି ନ ଥିଲେ। ୬ ଓଭର ଖେଳିଥିବାବେଳେ ଅତିରିକ୍ତ ରନ୍ (୬ ୱାଇଡ୍ ଓ ଏକ ବାଇ )ଯୋଗୁ ଏହି ଦଳ ୭ ରନ୍‌ରେ ପହଞ୍ଚିଥିଲା। ଫଳରେ ଚିଲଡ୍ରେନ୍ସ ୱେଲଫେୟାର ଦଳ ଅବିଶ୍ୱସନୀୟ ୭୫୪ ରନ୍‌ର ବ୍ୟବଧାନରେ ପରାଜୟ ବରଣ କରିଛି। ବିଶ୍ୱାସ କରାଯାଉଛି, ପାରମ୍ପରିକ ଇଣ୍ଟର ସ୍କୁଲ କ୍ରିକେଟ ଟୁର୍ନାମେଣ୍ଟ ଇତିହାସରେ ଏହା ସର୍ବବୃହତ୍ ପରାଜୟ। ଆଜାଦ ମୈଦାନର ନ୍ୟୁ ଇରା ଗ୍ରାଉଣ୍ଡରେ ପ୍ରଥମେ ବ୍ୟାଟିଂ କରିଥିବା ଏସ୍‌ଭିଆଇଏସ୍ ମିଡ୍ ମାୟେକରଙ୍କ ଅପରାଜିତ ତ୍ରିଶତକ ବଳରେ ଧାର୍ଯ୍ୟ ୩୯ ଓଭରରେ ୪ ଉଇକେଟ ହରାଇ ୭୬୧ ରନ୍ କରିଥିଲା। ଦଳ ପାଇଁ ମାୟେକର ୧୩୪ ବଲର ସମ୍ମୁଖୀନ ହୋଇ ୩୩୮ ରନ୍ କରି ଅପରାଜିତ ଥିଲେ। ତାଙ୍କ ଇନିଂସରେ ୫୬ ଚୌକା ଓ ୭ ଛକା ସାମିଲ ଥିଲା। ପ୍ରତିପକ୍ଷ ଚିଲଡ୍ରେନ୍ସ ୱେଲଫେୟାର ଧାର୍ଯ୍ୟ ୩ ଘଣ୍ଟାରେ ୬ ଓଭର କମ୍ ବୋଲିଂ କରିଥିଲା। ଏହି ତ୍ରୁଟି ପାଇଁ ପେନାଲ୍ଟି ବାବଦକୁ ଏସ୍‌ଭିଆଇଏସ୍ ଦଳକୁ ୧୫୬ ରନ୍ ମିଳିଥିଲା। ଅନ୍ୟମାନଙ୍କ ମଧ୍ୟରେ କ୍ରିଷ୍ଣା ପାର୍ଟେ ୯୫ ଓ ଈଶାନ ରୟ ୬୭ ରନ୍ କରିଥିଲେ।

# ଇଡେନରେ ଦିବାରାତ୍ର ଟେଷ୍ଟ ଆଜିଠାରୁ

କୋଲକାତା,୨୧।୧୧(ପି.ଟି.)

ଐତିହାସିକ ଇଡେନ ଗାର୍ଡେନରେ ଶୁକ୍ରବାରଠାରୁ ଭାରତ ଓ ଭ୍ରମଣକାରୀ ବାଂଲାଦେଶ ମଧ୍ୟରେ ଆରମ୍ଭ ହେବାକୁ ଯାଉଛି ପ୍ରଥମ ଦିବାରାତ୍ର ଟେଷ୍ଟ। ଗୋଲାପୀ ବା ପିଙ୍କ୍ ବଲ୍‌ରେ ଖେଳାଯିବାକୁ ଥିବା ଏହି ଟେଷ୍ଟ ଉପରେ କେବଳ ଭାରତ ନୁହେଁ ସାରା ବିଶ୍ୱର କ୍ରିକେଟପ୍ରେମୀଙ୍କ ନଜର ରହିଛି। ଉଭୟ ଦେଶ ପ୍ରଥମଥର ପାଇଁ ଦିବାରାତ୍ର ଟେଷ୍ଟ ଖେଳିବାକୁ ଯାଉଥିବାରୁ କୋଲକାତାରେ ଗୋଲାପୀ ବିପ୍ଳବ ହେବାକୁ ଯାଉଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ନବନିର୍ବାଚିତ ସଭାପତି ତଥା ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କ ପ୍ରୟାସରେ ଏହି ପିଙ୍କ୍ ବଲ୍ ଟେଷ୍ଟର ଆୟୋଜନ ହେଉଛି। ଆଜିକୁ ୭ ବର୍ଷ ତଳେ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଦିବାରାତ୍ର ଟେଷ୍ଟ ଆୟୋଜନକୁ ଅନୁମତି ଦେଇଥିଲା। ବାଂଲାଦେଶ ଭାରତ ପହଞ୍ଚିବା ପୂର୍ବରୁ ଦିବାରାତ୍ର ଟେଷ୍ଟ ଖେଳିବାକୁ ଗାଙ୍ଗୁଲି ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି)କୁ ରାଜି କରାଇବାରେ ସଫଳ ହୋଇଥିଲେ।

୪ ବର୍ଷ ତଳେ ଆଡିଲେଡ୍‌ରେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ପ୍ରଥମ ଦିବାରାତ୍ର ଟେଷ୍ଟ ଖେଳିବା ପରେ ଏପର୍ଯ୍ୟନ୍ତ ୧୧ଟି ଦିବାରାତ୍ର ଟେଷ୍ଟ ମ୍ୟାଚ୍ ଖେଳାଯାଇଛି। ଗତବର୍ଷ ଆଡିଲେଡ୍‌ରେ ଦିବରାତ୍ର ଟେଷ୍ଟ ଖେଳିବାକୁ ଅଷ୍ଟ୍ରେଲିଆ ପ୍ରସ୍ତାବ ଦେଇଥିଲେ ମଧ୍ୟ ଭ୍ରମଣକାରୀ ଭାରତ ସେତେବେଳେ ରାଜି ହୋଇ ନ ଥିଲା। ଘରୋଇ ପରିବେଶ୍‌ରେ ମଧ୍ୟ ଭାରତ ପିଙ୍କ୍ ବଲ୍ ଟେଷ୍ଟ ଖେଳିବାକୁ ଅମଙ୍ଗ ଥିଲା। ତେବେ ଗାଙ୍ଗୁଲି ବୋର୍ଡ ଅଧ୍ୟକ୍ଷ ହେବା ପରେ ପଥ ପରିଷ୍କାର ହୋଇଥିଲା। ଏସ୍‌ଜି ପିଙ୍କ୍ ବଲ୍‌ରେ ଏହି ମ୍ୟାଚ୍ ଖେଳାଯିବ ଓ ଏହି ବଲ୍ ଏବେ ଚର୍ଚ୍ଚାରେ ରହିଛି। ସୂର୍ଯ୍ୟାସ୍ତ ପରେ ଏହି ବଲ୍‌କୁ ଦେଖିବାରେ ସମସ୍ୟା ରହିବା ନେଇ ଚର୍ଚ୍ଚା ହେଉଛି। ପୁଣି କାକର ସମସ୍ୟା ରହିବ। ଫଳରେ ବୋଲରଙ୍କ ପାଇଁ ଆହୁରି ସମସ୍ୟା ରହିବ ବୋଲି କୁହାଯାଉଛି।

ଫ୍ଲଡ ଲାଇଟ୍ ତଳେ ଏହି ମ୍ୟାଚ୍ ନେଇ ପ୍ରଶଂସକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ପ୍ରଥମ ୪ ଦିନର ଟିକେଟ ବିକ୍ରି ସରିଛି। ଭାରତ ଘରୋଇ ମାଟିରେ କ୍ରମାଗତ ଦ୍ୱାଦଶ ଟେଷ୍ଟ ସିରିଜ ବିଜୟର ନିକଟତର ହୋଇଛି। ସୂର୍ଯ୍ୟାସ୍ତ ପରେ ଯେତେବେଳେ କାକର ପଡ଼ିବ ସେତେବେଳେ ଉଭୟ ଦଳର ଖେଳାଳିମାନେ ପ୍ରକୃତ ପରୀକ୍ଷାର ସମ୍ମୁଖୀନ ହେବେ। ମ୍ୟାଚ୍‌କୁ ସଫଳ କରିବା ପାଇଁ କ୍ରିକେଟ ଆସୋସିଏଶନ ଅଫ୍ ବେଙ୍ଗଲ (ସିଏବି) ସବୁ ପ୍ରକାର ପ୍ରସ୍ତୁତିପର୍ବ ଶେଷ କରିଛି।

ମ୍ୟାଚ୍‌କୁ ପ୍ରଶଂସକଙ୍କ ପାଇଁ ଏକ ଉତ୍ସବରେ ପରିଣତ କରିବା ପାଇଁ ପ୍ରୟାସ କରାଯାଇଛି। ପୂରା ଷ୍ଟାଡିୟମ ଗୋଲାପୀ ରଙ୍ଗରେ ସଜ୍ଜିତ ହୋଇଛି। ଷ୍ଟାଡିୟମରେ ପିଙ୍କ୍ ବଲ୍‌ର ମାସ୍କଟ ମଧ୍ୟ ରଖାଯାଇଛି। ସେନାବାହିନୀର ପାରାଟ୍ରୁପର୍ସ ଉଡି ଆସି ମ୍ୟାଚ୍ ବଲ୍ ପ୍ରଦାନ କରିବେ। ତାରକା କ୍ରୀଡ଼ାବିତ, ରାଜନେତାମାନେ ଏହି ଅବସରରେ ଉପସ୍ଥିତ ରହିବେ। ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ଓ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଧ୍ୟ ଉପସ୍ଥିତ ରହିବେ।

ମହମ୍ମଦ ସାମି, ଇଶାନ୍ତ ଶର୍ମା ଓ ଉମେଶ ଯାଦବଙ୍କୁ ନେଇ ଗଠିତ ଭାରତୀୟ ପେସ୍ ବାହିନୀ ଇନ୍ଦୋର ଟେଷ୍ଟରେ ଦମ୍‌ଦାର ପ୍ରଦର୍ଶନ କରି ଭାରତକୁ ମାତ୍ର ୩ ଦିନ ମଧ୍ୟରେ ଏକ ଇନିଂସ ଓ ୧୩୦ ରନରେ ବିଜୟୀ କରାଇଥିଲେ। ଏହି ଭାରତୀୟ ଦଳ ଏଥିସହ ଦଶମ ଇନିଂସ ବିଜୟ ହାସଲ କରିଥିଲା। ରୋହିତ ଶର୍ମା ଓ ମୟଙ୍କ ଅଗ୍ରୱାଲଙ୍କୁ ନେଇ ଗଠିତ ଭାରତୀୟ ଓପନିଂ ଯୋଡି ମଧ୍ୟ ଜବରଦସ୍ତ ଫର୍ମରେ ରହିଛି। ଚଳିତ ସିଜନରେ ଏହି ଯୋଡି ବେଶ୍ ସଫଳ ହୋଇଛି। ପ୍ରଥମ ଟେଷ୍ଟରେ ଦ୍ରୁତ ବୋଲରମାନେ ୧୪ଟି ଉଇକେଟ ଅକ୍ତିଆର କରିଥିଲେ। ଦ୍ୱିତୀୟ ଟେଷ୍ଟରେ ମଧ୍ୟ ଏମାନେ କମାଲ କରିବେ ବୋଲି ଆଶା କରାଯାଉଛି। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ର୍ୟାଙ୍କିଙ୍ଗ୍‌ର ଶୀର୍ଷରେ ଥିବା ଭାରତ ଆଉ ଏକ ସିରିଜ ବିଜୟ ହାସଲ କରି ତା'ର ୧ ନମ୍ବର ସ୍ଥାନକୁ ଆହୁରି ମଜଭୁତ କରିବା ଲକ୍ଷ୍ୟରେ ରହିଛି।



ଅଭ୍ୟାସ ସେସନରେ ବିରାଟ କୋହଲି

| ଭାରତୀୟ ଦଳ | ବାଂଲାଦେଶ ଦଳ |
|---|---|
| ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ମୟଙ୍କ ଅଗ୍ରୱାଲ, ଚେତେଶ୍ୱର ପୂଜାରା, ଅଜିଙ୍କ୍ୟ ରାହାନେ, ଋଦ୍ଧିମାନ ଶାହ (ଉଇକେଟ କିପର), ରବିଚନ୍ଦ୍ରନ ଅଶ୍ୱିନ, ରବୀନ୍ଦ୍ର ଜାଡେଜା, ଋଷଭ ପନ୍ତ, ମହମ୍ମଦ ସାମି, ଇଶାନ୍ତ ଶର୍ମା, ଉମେଶ ଯାଦବ, ହନୁମା ବିହାରୀ, କୁଲଦୀପ ଯାଦବ ଓ ଶୁବମନ ଗିଲ। | ମୋମିନୁଲ ହକ (ଅଧିନାୟକ), ଲିଟନ ଦାସ (ଉଇକେଟ କିପର), ମେହିଦ ହାସନ, ନଇମ ହାସନ, ଅଲ- ଅମିନ ହୋସେନ, ଇବାଦତ ହୋସେନ, ମୋସାଡେକ ହୋସେନ, ଶଦମାନ ଇସ୍‌ଲାମ, ତାଇଜୁଲ ଇସ୍‌ଲାମ, ଆବୁ ଜାଏଦ, ଇମରୁଲ କାଏସ, ମହମୁଦୁଲ୍ଲା, ମହମ୍ମଦ ମିଥୁନ, ମୁସ୍‌ଫିକର ରହିମ ଓ ମୁସ୍ତାଫିଜୁର ରହମାନ। |

**ମ୍ୟାଚ ଆରମ୍ଭ: ଅପରାହ୍ନ ୧ଟା, ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ**

### ଟି୨୦, ଦିନିକିଆ ପାଇଁ ଭାରତୀୟ ଦଳ ଘୋଷିତ

## ଭୁବନେଶ୍ୱରଙ୍କ ପ୍ରତ୍ୟାବର୍ତ୍ତନ

କୋଲକାତା, ୨୧।୧୧(ପି.ଟି.)



ୱେଷ୍ଟଇଣ୍ଡିଜ ବିପକ୍ଷ ଟି୨୦ ଓ ଏକଦିବସୀୟ କ୍ରିକେଟ ସିରିଜ ପାଇଁ ଗୁରୁବାର ଭାରତୀୟ ଦଳ ଘୋଷଣା କରାଯାଇଛି। ଆହତ ସମସ୍ୟାରୁ ମୁକୁଳିଥିବା ଭୁବନେଶ୍ୱର କୁମାର ଉଭୟ ସିରିଜ ପାଇଁ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ବାଂଲାଦେଶ ବିପକ୍ଷ ଟି୨୦ରେ ଖେଳି ନ ଥିବା ଅଧିନାୟକ ବିରାଟ କୋହଲି ପୁଣି ଦାୟିତ୍ୱକୁ ଫେରିଛନ୍ତି। ବାଂଲାଦେଶ ବିପକ୍ଷ ଟି୨୦ରେ ଖେଳିଥିବା ଅଲରାଉଣ୍ଡର ଶିଭମ୍ ଦୁବେ ପ୍ରଥମଥରପାଇଁ ଦିନିକିଆ ଦଳରେ ସ୍ଥାନ ପାଇଛନ୍ତି। ସେହିପରି ତାରକା ଦ୍ରୁତ ବୋଲର ମହମ୍ମଦ ସାମି ଦଳକୁ ଫେରିଛନ୍ତି। ସେ ବାମହାତୀ ପେସର ଖଲିଲ ଅହମଦଙ୍କ ସ୍ଥାନ ନେଇଛନ୍ତି। ସେହିପରି କୃନାଲ ପାଣ୍ଡ୍ୟାଙ୍କ ସ୍ଥାନରେ କୁଲଦୀପ ଯାଦବଙ୍କୁ ସ୍ଥାନ ମିଳିଛି।

ଗତ ଅଗଷ୍ଟରେ ଭାରତୀୟ ଦଳ ୱେଷ୍ଟଇଣ୍ଡିଜ ଗସ୍ତରେ ଯାଇଥିବାବେଳେ ଦ୍ରୁତ ବୋଲର ଭୁବନେଶ୍ୱର ହାମଷ୍ଟ୍ରିଙ୍ଗ୍ ଇଞ୍ଜୁରି ଯୋଗୁ ଦଳଠାରୁ ବାହାରେ ରହିଥିଲେ। ଫିଟ୍ ଘୋଷିତ ହେବାପରେ ସେ ଦଳକୁ ଫେରିଛନ୍ତି। ଭଲ ଫର୍ମରେ ନ ଥିଲେ ହେଁ ଶିଖର ଧାୱନଙ୍କ ଉପରେ ଚୟନକର୍ତ୍ତା ପୁଣି ଆସ୍ଥା ସ୍ଥାପନ କରିଛନ୍ତି। ଅନ୍ୟପକ୍ଷରେ ମୟଙ୍କ ଅଗ୍ରୱାଲ ଟେଷ୍ଟ ସିରିଜରେ ଚମତ୍କାର ଫର୍ମରେ ଥିଲେ ହେଁ ସୀମିତ ଓଭର ପାଇଁ ଦଳରେ ସ୍ଥାନ ପାଇ ନାହାନ୍ତି। ସେହିପରି ରୋହିତ ଶର୍ମା କ୍ରମାଗତ ଖେଳି ଆସୁଥିଲେ ହେଁ ତାଙ୍କୁ ବିଶ୍ରାମ ଦିଆ ଯାଇନାହିଁ। ୱେଷ୍ଟଇଣ୍ଡିଜ ବିପକ୍ଷରେ ଭାରତୀୟ ଦଳ ୩ଟି ଟି୨୦ ମୁମ୍ବାଇ(ଡିସେମ୍ବର ୬), ଥିରୁଭାନନ୍ତପୁରମ(୮) ଓ ହାଇଦ୍ରାବାଦ(୧୧)ରେ ଖେଳିବ। ସେହିପରି ୩ଟି ଦିନିକିଆ ଯଥାକ୍ରମେ ଚେନ୍ନାଇ, ବିଶାଖାପାଟଣା ଓ କଟକରେ ଡିସେମ୍ବର ୧୫, ୧୮ ଓ ୨୨ରେ ଅନୁଷ୍ଠିତ ହେବ।

ଭାରତୀୟ ଟି୨୦ ଦଳ: ବିରାଟ କୋହଲି(ଅଧିନାୟକ), ରୋହିତ ଶର୍ମା, ଶିଖର ଧାୱନ, ଲୋକେଶ ରାହୁଲ, ଋଷଭ ପନ୍ତ, ମନୀଷ ପାଣ୍ଡେ, ଶ୍ରେୟାସ ଆୟାର, ରବୀନ୍ଦ୍ର ଜାଡେଜା, ଶିଭମ୍ ଦୁବେ, ଯୁଜବେନ୍ଦ୍ର ଚହଲ, କୁଲଦୀପ ଯାଦବ, ମହମ୍ମଦ ସାମି, ଦୀପକ ଚହର, ଭୁବନେଶ୍ୱର କୁମାର, ୱାଶିଂଟନ ସୁନ୍ଦର।

ଭାରତୀୟ ଦିନିକିଆ ଦଳ: ବିରାଟ କୋହଲି(ଅଧିନାୟକ), ରୋହିତ ଶର୍ମା, ଶିଖର ଧାୱନ, ଲୋକେଶ ରାହୁଲ, ଋଷଭ ପନ୍ତ, ମନୀଷ ପାଣ୍ଡେ, କେଦାର ଯାଦବ, ଶ୍ରେୟାସ ଆୟାର, ରବୀନ୍ଦ୍ର ଜାଡେଜା, ଶିଭମ୍ ଦୁବେ, ଯୁଜବେନ୍ଦ୍ର ଚହଲ, କୁଲଦୀପ ଯାଦବ, ମହମ୍ମଦ ସାମି, ଦୀପକ ଚହର, ଭୁବନେଶ୍ୱର କୁମାର।

## ପ୍ରଥମ ଟେଷ୍ଟ: ବର୍ନ୍ସ, ଡେନ୍‌ଲି, ଷ୍ଟୋକ୍ସଙ୍କ ଅର୍ଦ୍ଧଶତକ

ମାଉଣ୍ଟ ମାଉନଗାନୁଇ
୨୧।୧୧(ଏଏଫ୍‌ପି)

ସ୍ଥାନୀୟ ବେ ଓଭାଲ ଗ୍ରାଉଣ୍ଡରେ ନ୍ୟୁଜିଲାଣ୍ଡ ଓ ଭ୍ରମଣକାରୀ ଇଂଲଣ୍ଡ ମଧ୍ୟ ପ୍ରଥମ ଟେଷ୍ଟ ମ୍ୟାଚ୍ ଗୁରୁବାରଠାରୁ ଆରମ୍ଭ ହୋଇଛି। ଟସ୍ ଜିତି ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଓପନର ରୋରୀ ବର୍ନ୍ସ, ଜୋ ଡେନ୍‌ଲି ଓ ଅଲରାଉଣ୍ଡର ବେନ୍ ଷ୍ଟୋକ୍ସଙ୍କ ଅର୍ଦ୍ଧଶତକ ସହାୟତାରେ ଇଂଲଣ୍ଡ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୯୦ ଓଭରରେ ୪ ଉଇକେଟ ହରାଇ ୨୪୧ ରନ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଷ୍ଟୋକ୍ସ ୬୭ ଓ ଓଲି ପୋପ୍ ୧୮ ରନ କରି ଅପରାଜିତ ରହିଛନ୍ତି।

ଓପନର ଡୋନ ସିବ୍‌ଲେ ୨୨ ରନ କରି ପ୍ରଥମେ ଆଉଟ ହେବା ପରେ ବର୍ନ୍ସ ୫୨ ରନର ଅର୍ଦ୍ଧଶତକୀୟ ପାଳି ଖେଳି ପ୍ୟାଭିଲିୟନ ଫେରିଥିଲେ। ଉଭୟ ଦ୍ରୁତ ବୋଲର କଲିନ୍ ଡି ଗ୍ରାଣ୍ଡହୋମଙ୍କ ଦ୍ୱାରା ଆଉଟ ହୋଇଥିଲେ। ତେବେ ଅଧିନାୟକ ଜୋ ରୁଟ୍ ମାତ୍ର ୨ ରନ କରିଥିବା ବେଳେ ଦ୍ରୁତ ବୋଲର ନିଲ ୱାଗନରଙ୍କ ଦ୍ୱାରା ଆଉଟ ହୋଇଥିଲେ। ଶେଷରେ ଡେନ୍‌ଲି ୭୪ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଅଭିଜ୍ଞ ଟିମ୍ ସୌଦିଙ୍କ ଶିକାର ହୋଇଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ ଗ୍ରାଣ୍ଡହୋମ ୨, ସୌଦି ଓ ୱାଗନର ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

## ମହିଳା ଟି୨୦ ସିରିଜ୍ ପୋଛିଲା ଭାରତ



ସିରିଜ ବିଜୟ ପରେ ଭାରତୀୟ ମହିଳା କ୍ରିକେଟ ଦଳର ଖେଳାଳିମାନେ।

ଗୁୟାନା,୨୧।୧୧(ପି.ଟି.)

ୱେଷ୍ଟଇଣ୍ଡିଜ ବିପକ୍ଷ ଟି୨୦ ସିରିଜ୍‌ରେ ଭାରତୀୟ ମହିଳା ଦଳ ତା'ର ଅପରାଜେୟ ଧାରା ବଜାୟ ରଖି ୫ ମ୍ୟାଚ୍‌ବିଶିଷ୍ଟ ସିରିଜ୍‌କୁ ପୋଛିନେଇଛି। ବେଦ କ୍ରିଷ୍ଣମୂର୍ତ୍ତି ଓ ଜେମିମା ରୋଡ୍ରିଗୁଏଜଙ୍କ ଅର୍ଦ୍ଧଶତକ ଓ ପରେ ବୋଲରଙ୍କ ମାପଚୁପ ବୋଲିଂ ଯୋଗୁ ଟିମ୍ ଇଣ୍ଡିଆ ଅନ୍ତିମ ଟି୨୦ ମ୍ୟାଚ୍‌ରେ ୬୧ ରନ୍‌ରେ ବିଜୟୀ ହୋଇଛି। ଏହା ସହିତ ୫ ମ୍ୟାଚ୍‌ବିଶିଷ୍ଟ ସିରିଜ୍‌କୁ ଭାରତ ୫–୦ରେ ଜିତି ନେଇଛି। ବିଜୟୀ ଦଳ ଲାଗି ବେଦ କ୍ରିଷ୍ଣମୂର୍ତ୍ତିଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ କରାଯାଇଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ୧୭ ରନ୍ ମଧ୍ୟରେ ଦୁଇ ଓପନର ଶେଫାଳି ବର୍ମା (୯) ଓ ସ୍ମୃତି ମନ୍ଧାନା (୭)ଙ୍କ ଉଇକେଟ ହରାଇଥିଲା। ଏହାପରେ କ୍ରିଷ୍ଣମୂର୍ତ୍ତି ଓ ରୋଡ୍ରିଗୁଏଜ ୩ୟ ଉଇକେଟ ପାଇଁ ଦଳୀୟ ସ୍କୋରରେ ୧୧୭ ରନ୍ ଯୋଡ଼ିଥିଲେ। ଫଳରେ ଟିମ୍ ଇଣ୍ଡିଆ ଧାର୍ଯ୍ୟ ୨୦ ଓଭରରେ ୩ ଉଇକେଟ ହରାଇ ୧୩୪ ରନ୍ କରିଥିଲା। ରୋଡ୍ରିଗୁଏଜ ୫୦ ରନ୍ କରି ଆଉଟ୍ ହୋଇଥିବାବେଳେ କ୍ରିଷ୍ଣମୂର୍ତ୍ତି ୫୭ ରନ୍ କରି ଅପରାଜିତ ରହିଥିଲେ। ଘରୋଇ ଦଳ ପକ୍ଷରୁ ହେଲି ମାଥ୍ୟୁସ ଓ ଅନିସା ମହମ୍ମଦ ଗୋଟିଏ ଉଇକେଟ ନେଇଥିଲେ। ଜବାବରେ ୱେଷ୍ଟଇଣ୍ଡିଜ ଦଳ ନିୟମିତ ବ୍ୟବଧାନରେ ଉଇକେଟ ହରାଇବାରୁ ବିଜୟ ଲକ୍ଷ୍ୟଠାରୁ ଦୂରେଇ ରହିଥିଲା। ଘରୋଇ ଦଳ ଶେଷପର୍ଯ୍ୟନ୍ତ ବ୍ୟାଟିଂ କରି ୭ ଉଇକେଟ ହରାଇ ମାତ୍ର ୭୩ ରନ୍ କରିବାକୁ ସକ୍ଷମ ହୋଇଥିଲା। ଦଳର କେବଳ ଦୁଇଜଣ କିଶୋନା ନାଇଟ୍ ୨୨ ଓ ଶେମାଇନ କମ୍ପାବେଲେ (୧୯)ଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟାଟ୍ସୱମ୍ୟାନ ଦୁଇଅଙ୍କ ସ୍କୋର ଛୁଇଁପାରି ନ ଥିଲେ। ବିଜୟୀ ଦଳ ପାଇଁ ଅନୁଜା ପାଟିଲ ୨ ଉଇକେଟ ନେଇଥିବାବେଳେ ପୁନମ ଯାଦବ, ପୂଜା, ରାଧା ଯାଦବ ଓ ହର୍ଲିନ ଦେଓଲ ଗୋଟିଏ ଲେଖାଏ ଉଇକେଟ ହାତେଇଥିଲେ।

## ଉପଭୋଗ୍ୟ ହେବ ପିଙ୍କ ବଲ୍ ଟେଷ୍ଟ

ମହିନ୍ଦର ଅମରନାଥ

ଇଡେନ ଗାର୍ଡେନରେ ଖେଳାଯିବାକୁ ଥିବା ପିଙ୍କ୍ ବଲ୍ ଟେଷ୍ଟ କ୍ରିକେଟର ଏହି ଲମ୍ବା ଫର୍ମାଟକୁ ନୂଆ ରୂପ ଦେବ। ସବୁ ଟିକେଟ ବିକ୍ରି ହୋଇଥିବା ଓ ଦର୍ଶକଙ୍କ ଉତ୍ସାହ କଥା ଶୁଣି ମୁଁ ବେଶ୍ ଆନନ୍ଦିତ। ଇଡେନ ଗାର୍ଡେନରେ କ୍ରିକେଟକୁ ନେଇ ଯେତେ ଉତ୍ସାହ ଦେଖିବାକୁ ମିଳିଥାଏ ତାହା ଆଉ କେଉଁ ଗ୍ରାଉଣ୍ଡରେ ନ ଥାଏ। ଦିବାରାତ୍ର କ୍ରିକେଟ ସାଙ୍ଗକୁ ପିଙ୍କ୍ ବଲ୍‌କୁ ନେଇ କୌତୂହଳ ଏହି ମ୍ୟାଚ୍‌ର ଗୁରୁତ୍ୱ ବଢ଼ାଇଛି।

ଦିବାରାତ୍ର ଟେଷ୍ଟକୁ ଭାରତ ସବୁବେଳେ ବିରୋଧ କରିଆସୁଥିଲା। ତେବେ ସୌରଭ ଗାଙ୍ଗୁଲି ବୋର୍ଡ ଅଧ୍ୟକ୍ଷ ହେବା ପରେ ଦିବାରାତ୍ର ଟେଷ୍ଟ ଆୟୋଜନ ନେଇ ରାସ୍ତା ସଫା ହୋଇଥିଲା। ଗାଙ୍ଗୁଲି ଓ ଭାରତୀୟ କ୍ରିକେଟ ପାଇଁ ଏହି ମ୍ୟାଚ୍ ଏକ ସ୍ୱତନ୍ତ୍ର ସ୍ଥାନ ତଥା ମୁହୂର୍ତ୍ତ ସୃଷ୍ଟି କରିବ। ଦିବାରାତ୍ର ଟେଷ୍ଟରେ କାକର ସମସ୍ୟା ରହିବ। ପୁଣି ପିଙ୍କ୍ ବଲ୍‌କୁ ଦେଖିବା ମଧ୍ୟ ସେତେଟା ସହଜ ହେବ ନାହିଁ। ନଭେମ୍ବର ମାସ ଚାଲିଥିବାରୁ କାକର ସମସ୍ୟା ସେତେଟା ଉତ୍କଟ ହେବ ନାହିଁ। ସମସ୍ୟା ଯାହାବି ହେଉ ନା କାହିଁକି ଉଭୟ ଦଳ ପାଇଁ ସମାନ ହେବ। ତେଣୁ ଏସବୁ ନେଇ ସେତେଟା ବିବ୍ରତ ହେବାର ଆବଶ୍ୟକତା ନାହିଁ। ଇନ୍ଦୋର ଟେଷ୍ଟରେ ବାଂଲାଦେଶ ମାତ୍ର ୩ ଦିନ ମଧ୍ୟରେ ଇନିଂସ ପରାଜୟବରଣ କରିବା ପରେ ଭାରତ ଏହି ମ୍ୟାଚ୍‌ରେ କ୍ଲିୟର ଫେଭରାଇଟ୍ ବିବେଚିତ ହେଉଛି।

ବାଂଲାଦେଶ ପାଇଁ ମୁଖ୍ୟତଃ ଦୁଇଟି ସମସ୍ୟ ରହିଛି। ଟେଷ୍ଟ ଅପେକ୍ଷା ଛୋଟ ଫର୍ମାଟକୁ ଏହି ଦଳ ବେଶ୍ ଗୁରୁତ୍ୱ ଦେଉଛି। ଦ୍ୱିତୀୟଟି ହେଉଛି ୩ଜଣ ଅଭିଜ୍ଞ ଖେଳାଳିଙ୍କ ଅନୁପସ୍ଥିତି। ପୁଣି ୩ ଭାରତୀୟ ଦ୍ରୁତ ବୋଲରଙ୍କ ଦମ୍‌ଦାର ପ୍ରଦର୍ଶନ ଭ୍ରମଣକାରୀ ଦଳର ସମସ୍ୟାକୁ ଦ୍ୱିଗୁଣିତ କରିଛି। ଅଭିଜ୍ଞ ଉମେଶ ଯାଦବଙ୍କ ଏବେ ଜଣେ ପରିପକ୍ୱ ଦ୍ରୁତ ବୋଲରରେ ପରିଣତ ହୋଇଛନ୍ତି। ପୂରା ୫ ଦିନ ଖେଳ ହେବ ବୋଲି ଆଶା କରୁଛି। କୋଲକାତାର ଦର୍ଶକମାନେ ଅତିକମ୍‌ରେ ୪ରୁ ଅଧିକ ଦିନ ଖେଳ ଦେଖିବେ ବୋଲି ଆଶା ରଖିଛନ୍ତି। ପୂରା ଷ୍ଟାଡିୟମରେ ଧଳା ଜର୍ସିରେ ଖେଳାଳିଙ୍କ ମ୍ୟାଚ୍ ଦେଖିବାକୁ ନିଶ୍ଚିତ ଭାବେ ସେମାନେ ଭଲ ପାଇବେ। ମୁଁ ମଧ୍ୟ ଏହି ମ୍ୟାଚ୍ ଦେଖିବାକୁ ବ୍ୟଗ୍ର।

(ଗେମ୍‌ପ୍ଲାନ୍)

#WhatDrivesYou
EXIDE

## ଧେରସଙ୍କ ଷ୍ଟଣ୍ଟରେ ଦର୍ଶକ ଉତ୍ସାହିତ

ଭୁବନେଶ୍ୱର, ୨୧।୧୧(କ୍ରୀଡ଼ା ପ୍ରତିନିଧି)

ରେଡ୍ ବୁଲ୍ ଆଥଲେଟ୍ ଓ ବିଏମ୍ଏକ୍ସ ପାର୍କ କିମ୍ବଦନ୍ତୀ ଡାନିଏଲ୍ ଧେର୍‌ସ ଗୁରୁବାର କିଟ୍ ପରିସରରେ ଚିତ୍ତାକର୍ଷକ ଷ୍ଟଣ୍ଟ (ଦୁଃସାହସିକ ସାଇକେଲ ଚାଳନା) ପ୍ରଦର୍ଶନ କରିଛନ୍ତି। ଅନେକ ଯୁବ ଦର୍ଶକ ଧେର୍‌ସଙ୍କ ଏହି ଷ୍ଟଣ୍ଟକୁ ମନଭରି ଉପଭୋଗ କରିଛନ୍ତି। ଦର୍ଶକମାନେ ଏପରି ମଜ୍ଜିଯାଇଥିଲେ ଯେ, ପ୍ରତି ୧୦ ମିନିଟରେ ବ୍ରେକ୍ ନେବାକୁ ଥିଲେ ହେଁ ଧେର୍‌ସ ତାହା ଭୁଲିଯାଇଥିଲେ। ଯୁବ ଦର୍ଶକଙ୍କ ଉପସ୍ଥିତି ଓ କୋଳାହଳ ତାଙ୍କୁ ଅଭୀଭୂତ କରିଥିଲା। ସେ ମଝିରେ ବ୍ରେକ୍ ନେଇ ନିଜ ପ୍ରିୟ ଦର୍ଶକଙ୍କୁ ନିରାଶ କରିବାକୁ ଚାହିଁ ନ ଥିଲେ। ଏହି ଅବସରରେ ସେ ଉପସ୍ଥିତ ଦର୍ଶକଙ୍କ ସହ ଭାବ ବିନିମୟ ମଧ୍ୟ କରିଥିଲେ। ଦୁଃସାହସିକ ବାଇକ୍ ଚାଳନା ପ୍ରେମୀଙ୍କୁ ସେ ଷ୍ଟଣ୍ଟ ସମ୍ପର୍କରେ ମୂଲ୍ୟବାନ୍ ପରାମର୍ଶ ଦେଇଥିଲେ।

ଧେର୍‌ସ ଗତ ୧୬ ତାରିଖରେ ଭେନେଜୁଏଲାରୁ ଭାରତ ଭ୍ରମଣରେ ଆସିଛନ୍ତି। ଏଠାରେ ୨ ଦିନ ରହଣି ପରେ ସେ ଗୁଆହାଟୀରେ ହେବାକୁ ଥିବା ରେଡ୍ ବୁଲ୍ ଲୋକାଲ୍ ହିରୋ ଟୁର୍‌ରେ ଯୋଗଦେବେ। ପାଞ୍ଚଥର ୱାର୍ଲଡ ଏକ୍ସ ଗେମ୍ ଚାମ୍ପିୟନ୍ ଧେର୍‌ସ ଇମ୍ଫାଲରେ ଚଳିତମାସ ୨୪ରେ ହେବାକୁ ଥିବା ଏକ୍ସ–ଜାମ୍‌ରେ ମଧ୍ୟ ବିଚାରକ ଭାବେ ଯୋଗଦେବେ। ରେଡ୍ ବୁଲ୍ ଲୋକାଲ୍ ହିରୋ ଟୁର୍ଣ୍ଣାମେଣ୍ଟ ଜରିଆରେ ପରବର୍ତ୍ତୀ ପିଢ଼ିର ଦୁଃସାହସିକ କ୍ରୀଡ଼ା ପ୍ରତି ରୁଚି ରଖୁଥିବା ଯୁବକଙ୍କ ପାଖରେ ପହଞ୍ଚିବା ତାଙ୍କର ଲକ୍ଷ୍ୟ। ଆମ୍ବାସାଡର ଭାବେ ଦାୟିତ୍ୱ ନିର୍ବାହ କରିବା ପରେ ସେ ସାରା ବିଶ୍ୱରେ ଏହି କ୍ରୀଡ଼ାର ପ୍ରସାର ଉପରେ ଗୁରୁତ୍ୱ ଦେଉଛନ୍ତି। ଡାନିଏଲ୍ ଧେରସ୍ ହେଉଛନ୍ତି ଭେନେଜୁଏଲାର ଜଣେ ରେଡ୍ ବୁଲ୍ କ୍ରୀଡ଼ାବିତ୍ ଓ ବିଏମ୍ଏକ୍ସ ପାର୍କ କିମ୍ବଦନ୍ତୀ। ୨୦୦୬ ତାଙ୍କ ପାଇଁ ଉଲ୍ଲେଖନୀୟ ବର୍ଷ ଥିଲା। ଏହି ବର୍ଷ ସେ ଆକ୍ସନ୍ ସ୍ପୋର୍ଟ୍ସ ଟୁର୍ ଟାଇଟଲ୍ ଜିତିଥିଲେ। ସେ ଏକ୍ସ ଗେମ୍ ସ୍ୱର୍ଣ୍ଣ ପଦକ ମଧ୍ୟ ଜିତିଛନ୍ତି। ୨୦୧୪ରେ ସେ ଏଫ୍‌ଆଇଏସ୍‌ଇ ୱାର୍ଲଡ ସିରିଜ୍ ଚାମ୍ପିୟନ୍ ହୋଇଥିଲେ। ସୂଚନା ଅନୁସାରେ, ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆଗାମୀ ଦିନରେ ଏସୀୟ କିମ୍ବା ଜାତୀୟସ୍ତରୀୟ ରେଡ୍ ବୁଲ୍ ଲୋକାଲ୍ ହିରୋ ବିଏମ୍ଏକ୍ସ ଟୁର୍ଣ୍ଣାମେଣ୍ଟ ଆୟୋଜନ ହେବା ସମ୍ଭାବନା ରହିଛି। ଧେରସଙ୍କ ଷ୍ଟଣ୍ଟ ଅବସରରେ ରେଡ୍ ବୁଲ୍‌ର ଆଥଲେଟ୍ ଓ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

**ରେଡ୍ ବୁଲ୍ ଲୋକାଲ ହିରୋ ଟୁର୍ ବିଏମ୍ଏକ୍ସ**



ସାଇକେଲ ସହାୟତାରେ ଡାନିଏଲ୍ ଧେର୍‌ସଙ୍କ ଷ୍ଟଣ୍ଟ।

“ ସୁନୀଲ ଛେତ୍ରୀ ଫିଟ୍ ରହିବା ସହ ତାଙ୍କ ଶ୍ରେଷ୍ଠ ପ୍ରଦର୍ଶନ କରୁଛନ୍ତି । ସେ ଆମ ପାଇଁ ମୂଲ୍ୟବାନ ଖେଳାଳି। ତାଙ୍କର କୌଣସି ବଦଳ ଖେଳାଳି ନାହାନ୍ତି।

–ଇଗର ଷ୍ଟିମାକ୍, ଭାରତୀୟ ଫୁଟ୍‌ବଲ କୋଚ୍



“ ପିଙ୍କ୍ ବଲ୍‌ରେ ଆମେ କୌଣସି ଅଭ୍ୟାସ ମ୍ୟାଚ୍ ଖେଳିବାର ସୁଯୋଗ ପାଇଲୁ ନାହିଁ । ଏହି ମ୍ୟାଚ୍ ପୂର୍ବରୁ ମାନସିକସ୍ତରରେ ଆମେ କେବଳ ଯାହା ନିଜକୁ ପ୍ରସ୍ତୁତ କରିଛୁ ।

–ବାଂଲାଦେଶ ଅଧିନାୟକ ମୋମିନୁଲ ହକ୍



## ସଂକ୍ଷେପରେ

### ଓଡ଼ିଶାକୁ ୧୦ ଉଇକେଟରେ ହରାଇଲା ଆନ୍ଧ୍ର

କଟକ ଅଫିସ,୨୧।୧୧: ଗୁଣ୍ଟୁରର ଜେକେସି କଲେଜ ଗ୍ରାଉଣ୍ଡରେ ଗୁରୁବାର ଅନୁଷ୍ଠିତ ୨୩ବର୍ଷରୁ କମ୍ ମହିଳା ଟି୨୦ ଟୁର୍ନାମେଣ୍ଟର ଏକ ମ୍ୟାଚ୍‌ରେ ଆନ୍ଧ୍ରପ୍ରଦେଶ ୧୦ ଉଇକେଟରେ ଓଡ଼ିଶାକୁ ହରାଇଛି। ଏହି ବିଜୟ ସହ ଆନ୍ଧ୍ରପ୍ରଦେଶ ପରବର୍ତ୍ତୀ ରାଉଣ୍ଡକୁ କ୍ୱାଲିଫାଇ କରିଛି ଓ ଓଡ଼ିଶା ପଏଣ୍ଟ ଟେବୁଲର ୪ର୍ଥ ସ୍ଥାନରେ ରହି ପ୍ରତିଯୋଗିତାରୁ ବାଦ୍ ପଡ଼ିଛି। ଆନ୍ଧ୍ରପ୍ରଦେଶ ଟସ୍ ଜିତି ଓଡ଼ିଶାକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା। ଶୁଭ୍ରନିର୍ଝରିଣୀ ସ୍ୱାଇଁଙ୍କ ୨୭, ପୁନମ ନାୟକଙ୍କ ୧୮ ଓ ଅଧିନାୟିକା ଅଞ୍ଜଳି ସିଂଙ୍କ ୧୩ରନ ସହାୟତାରେ ଓଡ଼ିଶା ୭ ଉଇକେଟ ହରାଇ ୮୭ରନ କରିଥିଲା। ଆନ୍ଧ୍ରପ୍ରଦେଶ ପକ୍ଷରୁ କେ. ଅଞ୍ଜଳି, ଚନ୍ଦ୍ରା ଗଡ଼ୱାଲ, ଜି ସିନ୍ଧୁଜା, ଜି. ସରନ୍ୟ ଗୋଟିଏ ଲେଖାଏ ଉଇକେଟ ଦଖଲ କରିଥିଲେ। ଜବାବରେ ଆନ୍ଧ୍ରପ୍ରଦେଶ କୌଣସି ଉଇକେଟ ନ ହରାଇ ୧୫ତମ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଦୁଇ ଓପନର ଅନୁଷା ନିରୁଗାଟି (୩୯ରନ) ଓ ଝାନସୀ ଚାଲା(୪୮) ଅପରାଜିତ ରହି ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିଲେ।

### ଅଷ୍ଟ୍ରେଲିଆରେ ପଦାର୍ପଣ କରିବାରେ ଶାହ ସର୍ବକନିଷ୍ଠ



ବ୍ରିସ୍‌ବେନ,୨୧।୧୧- ୧୬ ବର୍ଷୀୟ ପାକିସ୍ତାନୀ ପେସର ନସୀମ ଶାହ ଗୁରୁବାର ସର୍ବକନିଷ୍ଠ କ୍ରିକେଟର ଭାବେ ଅଷ୍ଟ୍ରେଲିଆରେ ଟେଷ୍ଟ ପଦାର୍ପଣ କରିଛନ୍ତି। ଅଷ୍ଟ୍ରେଲିଆ ଓ ପାକିସ୍ତାନ ମଧ୍ୟରେ ଏଠାରେ ଖେଳାଯାଉଥିବା ପ୍ରଥମ ଟେଷ୍ଟରେ ଫିଲ୍ଡକୁ ଓହ୍ଲାଇ ସେ ଏହି କୀର୍ତ୍ତିମାନର ଅଧିକାରୀ ହୋଇଛନ୍ତି। ୧୬ ବର୍ଷ ୨୭୯ ଦିନ ବୟସରେ ଅଷ୍ଟ୍ରେଲିଆରେ ଟେଷ୍ଟ ପଦାର୍ପଣ କରି ନସୀମ ପୂର୍ବତନ ଅଷ୍ଟ୍ରେଲିଆନ ଅଧିନାୟକ ଇଆନ କ୍ରେଗଙ୍କୁ ପଛରେ ପକାଇଛନ୍ତି। କ୍ରେଗ ୧୯୫୩ରେ ୧୭ ବର୍ଷ ବୟସରେ ଜାତୀୟ ଦଳ ପାଇଁ ଖେଳିଥିଲେ। ତେବେ ଟେଷ୍ଟ କ୍ରିକେଟ ଇତିହାସରେ ଖୁବ କମ୍ ବୟସରେ ପଦାର୍ପଣ କରିବାରେ ସେ ୩ୟ ସ୍ଥାନରେ ରହିଛନ୍ତି। ସେ ପ୍ରଥମ ଟେଷ୍ଟ କ୍ୟାପ ବୋଲିଂ କୋଚ୍ ୱାକର ୟୁନିସଙ୍କଠାରୁ ପାଇବା ପରେ ଭାବବିହ୍ୱଳ ହୋଇପଡ଼ିଥିଲେ। ପରେ ସେ କ୍ୟାପକୁ କିସ୍ କରିଥିଲେ।

# ଅନ୍‌ଲାଇନ୍ ଟିକେଟ ବିକ୍ରି ଆରମ୍ଭ

**ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍**



ଭୁବନେଶ୍ୱର, ୨୧।୧୧(କ୍ରୀଡ଼ା ପ୍ରତିନିଧି)

ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍ ପାଇଁ ଉତ୍ସାହ ବଢ଼ିବାରେ ଲାଗିଛି। ଭାରତ ଏହାର ସମସ୍ତ ଘରୋଇ ମ୍ୟାଚ୍ କଳିଙ୍ଗ ଷ୍ଟାଡିୟମରେ ଖେଳିବ। ତେଣୁ ଷ୍ଟାଡିୟମ ପ୍ରସ୍ତୁତି ସହ ଅନ୍ୟାନ୍ୟ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଭାରତର ଘରୋଇ ମ୍ୟାଚ୍‌ଗୁଡ଼ିକ ପାଇଁ ହକି ଇଣ୍ଡିଆ ପକ୍ଷରୁ ଗୁରୁବାର ଅନ୍‌ଲାଇନ୍ ଟିକେଟ ବିକ୍ରି ଆରମ୍ଭ ହୋଇଛି। ପ୍ରୋ ଲିଗ୍‌ର ପ୍ରଥମ ସଂସ୍କରଣରେ ଭାରତ ଖେଳି ନ ଥିଲା। ଏଥର ପ୍ରଥମଥର ପାଇଁ ଭାରତ ଏହି ସମ୍ମାନଜନକ ଲିଗ୍‌ରେ ଭାଗନେବାକୁ ଯାଉଥିବାରୁ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ଘରୋଇ ପରିବେଶରେ ଭାରତ ନେଦରଲାଣ୍ଡ୍ସ, ବେଲ୍‌ଜିୟମ, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଆଦି ଶକ୍ତିଶାଳୀ ଦଳ ବିପକ୍ଷରେ ଖେଳିବ। ପ୍ରତି ଦଳ ସହ ୨ଟି ଲେଖାଏ ଏହିପରି କଳିଙ୍ଗ ଷ୍ଟାଡିୟମରେ ୨୦୨୦ ଜାନୁୟାରୀ ୧୮ରୁ ମେ’ ୨୪ ମଧ୍ୟରେ ମୋଟ ୮ଟି ମ୍ୟାଚ୍ ଅନୁଷ୍ଠିତ ହେବ। କଳିଙ୍ଗ ଷ୍ଟାଡିୟମରେ ଘରୋଇ ମ୍ୟାଚ୍ ପାଇଁ ଟିକେଟ ମୂଲ୍ୟ ଧାର୍ଯ୍ୟ କରାଯାଇଛି। ସାଉଥ୍ ଓ ନର୍ଥ ଷ୍ଟାଣ୍ଡର ଟିକେଟ ମୂଲ୍ୟ ୨୦୦ ଟଙ୍କା ଲେଖାଏ ରଖାଯାଇଥିବାବେଳେ ଇଷ୍ଟ ଷ୍ଟାଣ୍ଡ ମୂଲ୍ୟ ୩୦୦ ଓ ୱେଷ୍ଟ ଷ୍ଟାଣ୍ଡ ଟିକେଟ ମୂଲ୍ୟ ୫୦୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଅନ୍‌ଲାଇନ୍ ଟିକେଟ https://in.ticketgenie.in/Tickets/FIH-Hockey-Pro-League-2020 ରେ ଉପଲବ୍ଧ।

ପ୍ରୋ ହକି ଲିଗ୍‌ର ଦ୍ୱିତୀୟ ସଂସ୍କରଣ ୬ ମାସ ଧରି ଚାଲିବ। ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୫ମ ସ୍ଥାନରେ ଥିବା ଭାରତ ପ୍ରଥମେ ଜାନୁୟାରୀ ୧୮ ଓ ୧୯ ତାରିଖରେ ୩ ନମ୍ବର ଦଳ ନେଦରଲାଣ୍ଡ୍ସ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ଏହାପରେ ଫେବୃୟାରୀ ୮ ଓ ୯ରେ ବିଶ୍ୱ ଚାମ୍ପିୟନ ବେଲ୍‌ଜିୟମକୁ ଭେଟିବ। ସେହି ମାସ ୨୧ ଓ ୨୨ରେ ଅଷ୍ଟ୍ରେଲିଆ ବିପକ୍ଷରେ ଆଉ ୨ଟି ଘରୋଇ ମ୍ୟାଚ୍ ଖେଳିବାପରେ ଭାରତୀୟ ଦଳ ଏପ୍ରିଲରେ ଜର୍ମାନୀ ଏବଂ ମେ’ରେ ଗ୍ରେଟ୍ ବ୍ରିଟେନ ଯାଇ ବାହାର ପରିବେଶରେ ଖେଳିବ। ଏହାପରେ ପୁଣି ପ୍ରତ୍ୟାବର୍ତ୍ତନ କରି ମେ’ ୨୩ ଓ ୨୪ରେ ନ୍ୟୁଜିଲାଣ୍ଡ ବିପକ୍ଷରେ କଳିଙ୍ଗ ଷ୍ଟାଡିୟମରେ ଘରୋଇ ମ୍ୟାଚ୍ ଖେଳିବ ଭାରତ। ପ୍ରୋ ଲିଗ୍‌ରେ ଭାରତର ଏହା ଶେଷ ଘରୋଇ ମ୍ୟାଚ୍ ହେବ। ଏହାପରେ ଦଳ ଜୁନ୍‌ରେ ଆର୍ଜେଣ୍ଟିନା ଓ ସ୍ପେନ୍ ଯାଇ ବାହାର ମ୍ୟାଚ୍ ଖେଳିବ। ଅନ୍‌ଲାଇନ୍ ଟିକେଟର ଶୁଭାରମ୍ଭ କରି ହକି ଇଣ୍ଡିଆ ସଭାପତି ମହମ୍ମଦ ମୁସ୍ତାକ କହିଲେ ଯେ, ଆସନ୍ତା ସିଜନ ପାଇଁ ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟ। ଆମେ ଘରୋଇ ମ୍ୟାଚ୍ ଗୁଡ଼ିକ ଦର୍ଶକରେଭରା କଳିଙ୍ଗ ଷ୍ଟାଡିୟମରେ ଖେଳିବାକୁ ଯାଉଛୁ। ଏହା ଏକ ନୂଆ ଲିଗ୍ ହୋଇଥିବାରୁ ଦର୍ଶକଙ୍କୁ ନିଶ୍ଚିତ ଭଲ ଲାଗିବ। ଏବେ ଅନ୍‌ଲାଇନ୍ ଟିକେଟ ଉପଲବ୍ଧ ହୋଇଛି। ତେଣୁ ଦେଶର ବିଭିନ୍ନ ସ୍ଥାନରେ ଥିବା ହକି ପ୍ରଶଂସକମାନେ ସେମାନଙ୍କ ମନ ମୁତାବକ ମ୍ୟାଚ୍‌ର ଟିକେଟ କ୍ରୟ କରିପାରିବେ। ଅନ୍‌ଲାଇନ୍ ଟିକେଟ ରିଡମ୍ପଶନ ଏବଂ କାଉଣ୍ଟରରେ ଟିକେଟ ବିକ୍ରି ତାରିଖ ନିର୍ଦ୍ଧାରିତ ସମୟରେ ହେବ ବୋଲି ହକି ଇଣ୍ଡିଆ ପକ୍ଷରୁ ପ୍ରକାଶ କରାଯାଇଛି।

## ମନୁ, ଇଲାଭେନିଲ, ଦିବ୍ୟାଂଶୁଙ୍କୁ ସ୍ୱର୍ଣ୍ଣ

ପୁଟାନ(ଚାଇନା),୨୧।୧୧(ପି.ଟି.) ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍‌ର ଗୋଟିଏ ଦିନରେ ଭାରତୀୟ ଶୁଟରମାନେ ସର୍ବାଧିକ ସଫଳତା ପାଇଛନ୍ତି। ଯୁବ ଶୁଟର ମନୁ ଭାକର, ଇଲାଭେନିଲ ଭାଲରିଭାନ ଓ ଦିବ୍ୟାଂଶୁ ପାନ୍ୱାର ନିଜ ନିଜ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ପ୍ରଥମ ଥର ପାଇଁ ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍‌ର ଗୋଟିଏ ଦିନରେ ଭାରତୀୟ ଶୁଟରମାନେ ଏତେସଂଖ୍ୟକ ସ୍ୱର୍ଣ୍ଣ ପଦକ ହାତେଇଛନ୍ତି। ୧୭ ବର୍ଷୀୟ ଭାକର ମହିଳା ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ସର୍ବାଧିକ ସଫଳତା ପାଇଛନ୍ତି। ସେହିଭଳି ଇଲାଭେନିଲ (୨୦) ୧୦ ମି. ଏୟାର ରାଇଫଲ ପ୍ରତିଯୋଗିତାରେ ପୋଡିୟମର ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ଏମାନଙ୍କ ଭଳି ୧୭ ବର୍ଷୀୟ ଦିବ୍ୟାଂଶୁ ପୁରୁଷ ୧୦ ମି. ଏୟାର ରାଇଫଲ ଇଭେଣ୍ଟର ଫାଇନାଲରେ ସର୍ବାଧିକ ୨୫୦.୧ ସ୍କୋର କରି ସମାନ ସଫଳତା ହାତେଇଛନ୍ତି। ପ୍ରତିଯୋଗିତାରେ ଏପର୍ଯ୍ୟନ୍ତ ଭାରତ ୩ ସ୍ୱର୍ଣ୍ଣ ପଦକ ସହ ତାଲିକା ଶୀର୍ଷରେ ରହିଛି। ଆୟୋଜକ ଚାଇନା ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଚାଇନା ନିକଟରେ ୨ ସ୍ୱର୍ଣ୍ଣ, ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ରହିଛି।

ଚଳିତ ସିଜନର ଅନ୍ତର୍ଜାତୀୟ ଶୁଟିଂ ସ୍ପୋର୍ଟ ଫେଡେରେଶନ (ଆଇଏସ୍‌ଏସ୍‌ଏଫ୍) ଅନ୍ତିମ ପ୍ରତିଯୋଗିତାର ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟ ଫାଇନାଲରେ ଭାକର ୨୪୪.୭ ସ୍କୋର କରିଥିଲେ। ଏଥିରେ ଅଂଶଗ୍ରହଣ କରିଥିବା ଅନ୍ୟ ଭାରତୀୟ ଶୁଟର ଯଶସ୍ୱିନୀ ସିଂ ଦେଶ୍ୱାଲ ଫାଇନାଲରେ ୬ଷ୍ଠ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ସର୍ବିଆର ଜୋରାନା ଅରୁନୋଭିକ୍ (୨୪୧.୯) ଓ ଚାଇନାର କ୍ୱିଆନ ୱାଙ୍ଗ (୨୨୧.୮) ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହି ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଥିଲେ। ୧୦ ମି. ଏୟାର ରାଇଫଲ ପ୍ରତିଯୋଗିତାରେ ତାଇୱାନର ଲିନ ୟିଙ୍ଗ ଶିନ(୨୫୦.୭)ଙ୍କୁ ମାତ୍ର ଦଶମିକ ଏକ ପଏଣ୍ଟରେ ପଛରେ ପକାଇ ଇଲାଭେନିଲ (୨୫୦.୮) ସ୍ୱର୍ଣ୍ଣ ପଦକ ହାତେଇଥିଲେ। ମେହୁଲି ଘୋଷ ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ପଦକ ଜିଣିବାକୁ ସଫଳ ହୋଇ ନ ଥିଲେ। ୧୦ ମି. ଏୟାର ପିସ୍ତଲ ଇଭେଣ୍ଟରେ ଅଭିଷେକ ବର୍ମା ଓ ସୌରଭ ଚୌଧାରୀ ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ପଦକ ହାତେଇବାରେ ବିଫଳ ହୋଇଥିଲେ। ଯୋଗ୍ୟତା ପର୍ଯ୍ୟାୟରେ ସଫଳ ପ୍ରଦର୍ଶନ କରି ଫାଇନାଲରେ ପ୍ରବେଶ କରିଥିବା ବର୍ମା (୧୭୯.୪) ୫ମ ସ୍ଥାନରେ ଓ ଚୌଧାରୀ (୧୫୯.୮) ୬ଷ୍ଠ ସ୍ଥାନରେ ରହିଥିଲେ।

# ପାକିସ୍ତାନ ୨୪୦ରେ ଅଲ୍‌ଆଉଟ୍

ବ୍ରିସବେନ୍, ୨୧।୧୧ (ଏଏଫ୍‌ପି)– ଭ୍ରମଣକାରୀ ପାକିସ୍ତାନ ବିପକ୍ଷରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ପ୍ରଥମ ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଦିନର ସମ୍ମାନ ଅଷ୍ଟ୍ରେଲିଆ ହାତେଇ ନେଇଛି। ଟସ୍ ଜିତି ବ୍ୟାଟିଂ କରିଥିବା ପାକିସ୍ତାନ ମିଚେଲ ଷ୍ଟାର୍କଙ୍କ ବୋଲିଂକୁ ସାମ୍ନା କରି ନ ପାରି ପ୍ରଥମ ଇନିଂସରେ ୨୪୦ ରନରେ ଅଲ୍‌ଆଉଟ୍ ହୋଇଯାଇଛି।

ଗାବା ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ପାକିସ୍ତାନ ଅଧିନାୟକ ଆଝାର ଅଲି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ପ୍ରଥମ ଉଇକେଟ୍‌ରେ ଶାନ୍ ମାସୁଦ (୨୭ ରନ) ଓ ଆଝାର (୩୯) ୭୫ ରନ ଭାଗୀଦାରି କରିଥିଲେ। ତେବେ ୩ଟି ବଲ୍ ଅନ୍ତରରେ ଏହି ଦୁଇ ବ୍ୟାଟ୍ସମ୍ୟାନ ଆଉଟ୍ ହେବା ପରେ ପାକିସ୍ତାନ ଦଳର ବିପର୍ଯ୍ୟୟ ଆରମ୍ଭ ହୋଇଯାଇଥିଲା। ଏହାପରେ ଅଭିଜ୍ଞ ବାବର ଆଜମ (୧), ହାରିସ ସୋହେଲ (୧) ଓ ଇଫ୍‌ତିକାର ଅହମ୍ମଦ (୭) ମଧ୍ୟ ଶସ୍ତାରେ ଆଉଟ୍ ହୋଇଥିଲେ। ଏକଦା ୭୫ ରନରେ କୌଣସି ଉଇକେଟ୍ ହରାଇ ନ ଥିବା ପାକିସ୍ତାନ ୭୮ ରନରେ ୪ ଓ ୯୪ରେ ୫ ଜଣ ବ୍ୟାଟ୍ସମ୍ୟାନ ପ୍ୟାଭିଲିୟନ ଫେରିଥିଲେ। ତେବେ ମଧ୍ୟକ୍ରମରେ ଆସଦ୍ ସଫିକ (୭୬ ରନ) ଏବଂ ଅନ୍ତିମ ଭାଗରେ ଉଇକେଟ୍‌କିପର ମହମ୍ମଦ ରିଜୱାନ (୩୭) ଓ ୟାସିର ଶାହ (୨୬)ଙ୍କ ଉପଯୋଗୀ ବ୍ୟାଟିଂ ଯୋଗୁ ପାକିସ୍ତାନ ୨୦୦ ରନ ଅତିକ୍ରମ କରିପାରିଥିଲା। ୮୬.୨ ଓଭରରେ ଦଳ ୨୪୦ ରନରେ ସୀମିତ ରହିଥିଲା। ଘରୋଇ ଦଳ ପକ୍ଷରୁ ୩ ଦ୍ରୁତ ବୋଲର ଷ୍ଟାର୍କ (୪/୫୨), ଜୋଶ ହାଜେଲଉଡ୍ (୨/୪୬) ଓ ପ୍ୟାଟ୍ କମିନ୍ସ (୩/୬୦) ମିଳିତଭାବେ ୯ ଉଇକେଟ୍ ଅକ୍ତିଆର କରିଥିଲେ। ସ୍ପିନର ନାଥନ ଲିୟନଙ୍କୁ ଗୋଟିଏ ସଫଳତା ମିଳିଥିଲା। ଶୁକ୍ରବାର ଅଷ୍ଟ୍ରେଲିଆ ଏହାର ପ୍ରଥମ ଇନିଂସ ଆରମ୍ଭ କରିବ।



ମିଚେଲ ଷ୍ଟାର୍କଙ୍କୁ ସାଥୀ ଖେଳାଳିଙ୍କ ଅଭିନନ୍ଦନ

# ଜାତୀୟ ବେଞ୍ଚ୍‌ପ୍ରେସ୍ ପାଇଁ ଓଡ଼ିଶା ଦଳ ଘୋଷିତ

ଭୁବନେଶ୍ୱର, ୨୧।୧୧ (କ୍ରୀଡ଼ା ପ୍ରତିନିଧି)

ଚଳିତମାସ ୨୪ରୁ ୨୭ ପର୍ଯ୍ୟନ୍ତ ଦିଲ୍ଲୀଠାରେ ହେବାକୁଥିବା ଜାତୀୟ ବେଞ୍ଚ୍‌ପ୍ରେସ୍ ପ୍ରତିଯୋଗିତା ପାଇଁ ଗୁରୁବାର ୯ ଜଣିଆ ଓଡ଼ିଶା ଦଳ ଘୋଷିତ ହୋଇଛି। ବାଦଲ ବେହେରା ଓ ଦିବାକର ଗୋଚ୍ଛାୟତ ଜୁନିୟର ବିଭାଗ, ରାକେଶ କୁମାର ଶତପଥି ଓ ସୂର୍ଯ୍ୟକାନ୍ତ ପ୍ରଧାନ ସିନିୟର ଏବଂ ସୁଜିତ କୁମାର ଗିରି, ନାରାୟଣ ସେଠୀ, ବିଜୟ ଚକ୍ରବର୍ତ୍ତୀ ଓ ଧନପତି ନାଏକ ମାଷ୍ଟର୍ସ ବିଭାଗରେ ସ୍ଥାନ ପାଇଥିବାବେଳେ କୋଚ୍ ଓ ମ୍ୟାନେଜର ଦାୟିତ୍ୱ ତୁଲାଇବେ ଶକ୍ତିରଞ୍ଜନ ବାରିକ। ଓଡ଼ିଶା ଦଳ ଗୁରୁବାର ଦିଲ୍ଲୀ ଯାତ୍ରା କରିଛି। ଓଡ଼ିଶା ଶକ୍ତିଉତ୍ତୋଳନ ସଂଘର ସଭାପତି କଳିକେଶ ନାରାୟଣ ସିଂଦେଓ, ଉପସଭାପତି ହରିପ୍ରସାଦ ପଟ୍ଟନାୟକ, କୋଷାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ ଓ ସମ୍ପାଦକ ଚିତ୍ତରଞ୍ଜନ ସ୍ୱାଇଁ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।




ଜାତୀୟ ପ୍ରତିଯୋଗିତା ପାଇଁ ମନୋନୀତ ଓଡ଼ିଶା ଶକ୍ତି ଉତ୍ତୋଳନ ଦଳ।

### କ୍ୱାର୍ଟରରେ ଘୋଷାଲ

ସରେ (ଇଂଲଣ୍ଡ), ୨୧।୧୧ (ପି.ଟି.)– ଭାରତୀୟ ସ୍କ୍ୱାଶ ଖେଳାଳି ସୌରଭ ଘୋଷାଲ ଏଠାରେ ଚାଲିଥିବା ପିଏସ୍‌ଏ ୱାର୍ଲ୍ଡ ଟୁର୍ ଅଂଶବିଶେଷ ଚ୍ୟାନେଲ ଭିଏଏସ୍ ଚାମ୍ପିୟନଶିପ୍‌ର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଖେଳାଯାଇଥିବା ଦ୍ୱିତୀୟ ରାଉଣ୍ଡର ଏକ ମ୍ୟାଚ୍‌ରେ ସୌରଭ ୧୧–୩, ୧୧–୫, ୧୧–୫ରେ ଇଂଲଣ୍ଡର ଟମ୍ ରିଚାର୍ଡ୍ସଙ୍କୁ ପରାସ୍ତ କରିଛନ୍ତି। ୭ମ ସିଡ୍ ଘୋଷାଲ ଅନ୍ତିମ-୮ରେ ଇଜିପ୍ଟର ମହମ୍ମଦ ଶୋରବାଗିଙ୍କୁ ଭେଟିବେ।

### କିଦାମ୍ବି, ସମୀରଙ୍କ ବିଦାୟ

ଗ୍ୱାଙ୍ଗଜୁ(ଦକ୍ଷିଣ କୋରିଆ),୨୧।୧୧(ପି.ଟି.)

ଭାରତୀୟ ଶଟଲର କିଦାମ୍ବି ଶ୍ରୀକାନ୍ତ ଓ ସମୀର ବର୍ମା ଚଳିତ କୋରିଆ ମାଷ୍ଟର୍ସ ଟୁର୍ନାମେଣ୍ଟର ଦ୍ୱିତୀୟ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଉଭୟ ଖେଳାଳି ନିଜ ନିଜ ମ୍ୟାଚ୍‌ରେ ସିଧାସଳଖ ଗେମ୍‌ରେ ପରାସ୍ତ ହୋଇଛନ୍ତି। ପ୍ରଥମ ଥର ଶ୍ରୀକାନ୍ତଙ୍କ ସମ୍ମୁଖୀନ ହୋଇଥିବା ଜାପାନର କାଣ୍ଟା ସୁନେୟାମା ମ୍ୟାଚ୍‌କୁ ୨୧–୧୪, ୨୧–୧୯ ଗେମ୍‌ରେ ଜିତି ନେଇଛନ୍ତି। ସେହିଭଳି ସମୀର ମଧ୍ୟ ପ୍ରିକ୍ୱାର୍ଟର ଫାଇନାଲକୁ ଅତିକ୍ରମ କରିବାରେ ବିଫଳ ହୋଇଛନ୍ତି। ସେ ୧୯–୨୧, ୧୨–୨୧ ବ୍ୟବଧାନରେ ଦକ୍ଷିଣ କୋରିଆର କିମ୍ ଡଙ୍ଗହୁନଙ୍କଠାରୁ ପରାଜୟ ବରଣ କରିଛନ୍ତି। ଉଭୟଙ୍କ ପରାଜୟ ସହ ଚଳିତ ଟୁର୍ନାମେଣ୍ଟରେ ଭାରତୀୟ ଅଭିଯାନ ଶେଷ ହୋଇଛି।

THE ODISHA MINING CORPORATION LIMITED
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

NIT No. 30/E-PROC/OMC/2019

Tender for the following works are invited on-line through e-procurement portal of Govt. of Odisha.

| Sl. No | Name of the work | Estimated cost (Rs. In lakhs) | Time period of the work in month | Class of Contract or | EMD (Rs) Online | Cost of Bid document (Rs.) Online |
|---|---|---|---|---|---|---|
| 1. | Construction of Crate Boulder wall at Tiringpahar Mines of Barbil Region in the district of Keonjhar. | 24.44 | 06 | C & B | 24,500 | 6,000/- +18% GST |
| 2 | Construction of compound wall with drainage arrangement and sinking of bore well for Community Centre at Gopopura Sahi,Koira G.P (under PD Scheme) in the district of Sundergarh. | 16.29 | 04 | D & C | 16,300 | 6,000/- +18% GST |

1. Available of Bid document in Govt. portal from dt. 27.11.2019 to 06.12.2019 up to 5.00 PM.
2. Last date of on-line submission of tender in the portal is dt. 06.12.219 up to 5.00 PM.
3. Date of opening of Technical Bid is dt .07.12.2019 at 11.00 AM.

All other details can be seen from DTCN available at Govt. web site www.tendersorissa.gov.in
The Odisha Mining Corporation Ltd. reserves the right to reject any or all tenders without assigning any reason thereof.
30005/11/0094/1920 No. CAD-611 CGM (Civil)

OFFICE OF THE ENGINEER-IN-CHIEF,
RURAL WATER SUPPLY & SANITATION,
JAL “O” PARIMAL BHAWAN, UNIT-V, BHUBANESWAR-751001, ODISHA
Tel: 0674-2395734, FAX: 0674-2394946, e-mail: cerwssodisha@gmail.com

NOTICE INVITING BID
NATIONAL COMPETITIVE BIDDING THROUGH e-PROCUREMENT FOR EXECUTION OF RURAL PIPED WATER SUPPLY PROJECTS IN DIFFERENT DISTRICTS ON EPC CONTRACT

No. 9810/ Date: 20.11.2019
Request for Proposal (RFP)

The Engineer-in-Chief, RWSS,(Water Supply) Odisha, Bhubaneswar, on behalf of the Governor of Odisha is engaged in the execution, operation & maintenance of water supply projects to the villages of different districts in the State of Odisha & as part of this endeavour, Government of Odisha has decided to undertake the work as mentioned below (the “Project”) under EPC contract (Engineering, Procurement & Construction) basis, & has decided to carry out the bid process for selection of the eligible Contractors to whom the projects under the package may be awarded eventually for construction as well as operation and maintenance for a period of 5 years.

| Package No. | Name of work | Bid Identification No | Indicative project cost (Rs. in crore) | Period for completion & O&M period | Availability of Bid document for online Bidding From | To |
|---|---|---|---|---|---|---|
| Pkg-I | Execution of Rural Piped Water Supply Project pertaining to the **Mahanga Block** of **Cuttack district** including 5 years O&M on EPC contract under the package | EIC, RWSS - **22/19 -20** | **207.36** | 24 (Twenty four months) & 60 (Sixty Months) | 17.00 hrs of **29.11.2019** | 17.00 hrs of **14.01.2020** |
| Pkg-II | Execution of Rural Piped Water Supply Project pertaining to the **Kasinagar & Gumma block** of **Gajapati district** including 5 years O&M on EPC contract under the package | EIC, RWSS - **23/19 -20** | **153.38** | 24 (Twenty four months) & 60 (Sixty Months) | 17.00 hrs of **29.11.2019** | 17.00 hrs of **14.01.2020** |
| Pkg-III | Execution of 03 Nos. Individual Rural Piped Water Supply Project pertaining to the uncovered villages of **Bhogorai block (Phase-II)** of **Balasore District & GB Nagar & saraskana Block of Mayurbhanj District** including 5 years O&M on EPC contract under the package | EIC, RWSS - **24/19 -20** | **235.70** | 24 (Twenty four months) & 60 (Sixty Months) | 17.00 hrs of **29.11.2019** | 17.00 hrs of **14.01.2020** |
| PKG-IV | Execution of 03 Nos. Individual Rural Piped Water Supply Project pertaining Malkangiri & Koraput **District** including 5 years O&M on EPC contract under the package | EIC, RWSS - **25/19 -20** | **236.74** | 24 (Twenty four months) & 60 (Sixty Months) | 17.00 hrs of **29.11.2019** | 17.00 hrs of **14.01.2020** |

Name & address of officer inviting Bid: Engineer-in-Chief,RWSS
Jal “O” Parimal Bhawan, Unit-V, Bhubaneswar
Ph: 0674-2395734/ 0674-2531533 e-mail: cerwssodisha@gmail.com
Further details can be seen from the e-procurement portal http://tendersorissa.gov.in
25040/11/0013/1920 No. O-536 Sd/- Engineer-in-Chief, RWSS

A-407
Phone No.(0663)-2412791(Off.)
E-mail :-eemisbp@yahoo.co.in

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE EXECUTIVE ENGINEER,
MINOR IRRIGATION DIVISION, SAMBALPUR.

No.4318 e-PROCUREMENT NOTICE Date: 13.11.2019
BID REF No: EE,MID,SBP/11/2019-20

| | | |
|---|---|---|
| Name of work | : | Civil Construction Works |
| No. of works | : | 04 (Four)Nos. |
| Estimated cost | : | Varies from Approximately Rs.34.00 lakh to Rs.44.00 lakh for 04 Nos. of works is Rs.161.60 Lakh |
| Tender paper cost | : | Referred to DTCN. |
| Period of completion | : | Referred to DTCN. |
| Availability of bid through online | : | From 28.11.2019 10.00 AM to 09.12.2019 up to 05.30 PM in website **(www.tendersorissa.gov.in)** |
| Period of receipt of bid through online | : | From 28.11.2019 10.00 AM to 09.12.2019 up to 05.30 through online. |
| Date of opening of bid documents | : | On dt. 10.12.2019 at 11.00 AM. onwards. |
| Digital signature certificate of Bidder | : | The bidder must possess compatible digital signature certificate (DSC) of Class-II or Class-III. |

**The detail tender call notice can also be seen in the DOWR website- http://dowrorissa.gov.in**

| | | |
|---|---|---|
| Name & Address of the OIT | : | Executive Engineer, M.I.Division, Sambalpur, At-Motijharan,PO-B.S.S.Nagar,Dist:-Sambalpur, PIN-768001, Ph-0663-2412791, E-mail ID-eemisbp@yahoo.co.in |
| Further details can be seen from the e-Procurement market place. | : | http://tendersorissa.gov.in |

Sd./- Executive Engineer
M.I.Division,Sambalpur.
32036/11/0006/1920

TENDER CALL NOTICE
Office of the D.G & I.G. of Police, Odisha, Cuttack

1. Sealed tenders are invited from the Original Equipment Manufacturers (OEM) /registered manufacturers / firms for supply of Bullet Resistant Toyota Innova Crysta 2.8 ZX AT vehicle to Odisha Police under Normal Budget Grant during the current financial year, 2019-2020.
2. Name of items along with detail technical Specifications, probable requirement of Bullet Resistant Toyota Innova Crysta 2.8 ZX AT vehicle may be seen from the Web site of the Odisha Police i.e. **www.odishapolice.gov.in** and in Govt. of Odisha website i.e. **www.odisha.gov.in**. The quantity may vary during indent of the items depending upon budgetary allocation.
3. Date of Issue of Tender documents from **dtd. 22.11.2019 at 10.00 AM to dtd. 16.12.2019 up to 5.00 PM.**
4. Last date for receipt of sealed Tender on **dtd. 16.12.2019 up to 5.00 PM.**
5. Date for opening of sealed Tenders / Technical Bids on **dtd. 17.12.2019 at 12.30 PM** at the Office of the Communication Range Office, Tulsipur, Cuttack.

A.I.G. of Police (Provisioning),
Odisha, Cuttack.
(Tender Calling Authority)
No.: D-201
12018/11/0025/1920

OCPL Odisha Coal and Power Limited
ODISHA COAL AND POWER LTD.
(A GOVT. OF ODISHA COMPANY)
Zone-A, Ground Floor, Fortune Towers, Chandrasekharpur, Bhubaneswar – 751023, Odisha
Ph No: 0674-2300654 /2300664

NOTICE INVITING TENDER

Date: 22/11/2019
Sealed bids in prescribed format are invited from Companies/Contractors / agencies / firmsfor the following work:

| Sl. No. | Name of the work | Cost of Tender Paper | BID Security | Issue of Tender Document | Last date of Sale/Download of Tender Document | Last date of Submission/ Opening of bid |
|---|---|---|---|---|---|---|
| NIT No: OCPL/ELE-102/2019 | | | | | | |
| 01 | Illumination of the road connecting Road Weigh Bridge to Transfer House-3 (Th-3) area at Manoharpur coal mines, Sundargarh, Odisha | Rs.1,180/- (Rupees One Thousand One Hundred and Eighty Only) inclusive of GST @ 18% | Rs.30,000/- (Rupees Thirty Thousand Only) | 22/11/2019 | 02/12/2019 | 3:00 PM on 09/12/2019<br>3:30 PM on 09/12/2019 |
| NIT No: OCPL/ELE-103/2019 | | | | | | |
| 02 | Power supply arrangement from Tower No-3 of 33 KV line at Remja to Manoharpur Township at Sarbahal, Hemgir, Sundargarh, Odisha | Rs.11,800/- (Rupees Eleven Thousand and Eight Hundred Only) inclusive of GST @ 18% | Rs.1,00,000/- (Rupees One Lakh Only) | 22/11/2019 | 02/12/2019 | 03:00 PM on 23/12/2019<br>03.30 PM on 23/12/2019 |

For further details, bidders may visit our website, i.e www.ocpl.org.in. Any clarification mayplease be addressed to the undersigned at the above address or by email to: a.kanungo@ocpl.org.in.
Sd/- Addl. General Manager (Commercial & Contracts)

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ,ଶୁକ୍ରବାର, ୨୨ ନଭେମ୍ବର/୨୦୧୯, Dhenkanal, Friday, November 22 / 2019

## ସଂକ୍ଷେପରେ

### ମହତାବ ଜୟନ୍ତୀ ପାଳିତ

**ଢେଙ୍କାନାଳ ଅଫିସ, ୨୧।୧୧:** ଢେଙ୍କାନାଳ ରଥଗଡ଼ାସ୍ଥିତ ଉଫୁନା କାର୍ଯ୍ୟାଳୟରେ ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ଉଫୁନାର ରାଜ୍ୟ ଅଧ୍ୟକ୍ଷ ଆଡଭୋକେଟ୍ ମନୋରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ସମ୍ପାଦକ କବି ବାହାଦୁର ପାଟସାହାଣୀ ଯୋଗଦେଇ ଡ. ମହତାବଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଇଂ ଅକ୍ଷୟ ଶତପଥୀ, ପ୍ରଫେସର ଦିଲୀପ ନନ୍ଦ, ଲକ୍ଷ୍ମୀଧର ବାରିକ, ତାରାପ୍ରସନ୍ନ ଶତପଥୀ, ମନୋଜ ସାହୁ, ଅଧ୍ୟାପକ ସମୀର ସାହୁ, କ୍ଷୀରୋଦ ଚନ୍ଦ୍ର ନାୟକ, ଡ. ଦେବୀପ୍ରସାଦ ମିଶ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଚିତ୍ରାନନ୍ଦ ମହାନ୍ତି ଧନ୍ୟବାଦ ଦେଇଥିଲେ।

### ଓଜେଡିର ନୂତନ କର୍ମକର୍ତ୍ତା

**ଢେଙ୍କାନାଳ ଅଫିସ, ୨୧।୧୧:** ଢେଙ୍କାନାଳ ଜିଲା ଓଡ଼ିଶା ଜାଗୃତି ଦଳ (ଓଜେଡି) ଶାଖାର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। ରାଜ୍ୟ ସଭାପତି ଭଜମନ ବିଶ୍ୱାଳଙ୍କ ଅନୁମୋଦନକ୍ରମେ ରାଜ୍ୟ ସାଧାରଣ ସମ୍ପାଦକ ବିଚିତ୍ରାନନ୍ଦ ମୁନି କାର୍ଯ୍ୟକର୍ତ୍ତାଙ୍କ ନାମ ଘୋଷଣା କରିଛନ୍ତି। ସଭାପତି ଭାବେ ନିରଞ୍ଜନ ନାଏକ, ସଭାପତି (ଆଇନ ବିଭାଗ) ସୁବୋଧ କୁମାର ମହାନ୍ତି, ସଭାପତି (ସଂସ୍କୃତି ଓ ପ୍ରଚାର କମିଟି) ଧନେଶ୍ୱର ରାଉଳ, ମହିଳା ସଭାନେତ୍ରୀ ତୃପ୍ତିମୟୀ ଦେବୀ, ଯୁବ ସଭାପତି ଆଶିଷ କୁମାର ପାଲ୍, ଛାତ୍ର ସଭାପତି ସୁମନ ଦେହୁରୀ, ସଂଖ୍ୟାଲଘୁ ବିଭାଗ ସଭାପତି ମିର୍ଜା ବେଗ୍, ଅନୁସୂଚିତ ଜାତି ଓ ଜନଜାତି ବିଭାଗ ସଭାପତି ବେଣୁଧର ନାଏକ, କୃଷକ ଓ ଶ୍ରମିକ ବିଭାଗ ସଭାପତି ବିନୋଦ ବିହାରୀ ମଲ୍ଲିକ, ମିଡିଆ ସଂଯୋଜକ ଏବଂ ସହପର୍ଯ୍ୟବେକ୍ଷକ ଭାବେ ରାମକୃଷ୍ଣ ବେହେରାଙ୍କୁ ଦାୟିତ୍ୱ ମିଳିଛି। ଏଥିସହ ରାମକୃଷ୍ଣ ଯୁବ, ଛାତ୍ର ମହିଳା ସୂଚନା ଏବଂ ପ୍ରସାରଣ ବିଭାଗର ଜିଲା ସଂଯୋଜକ ଭାବେ କାର୍ଯ୍ୟ କରିବେ ବୋଲି ଦଳ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ମାଧମରେ ସୂଚନା ଦିଆଯାଇଛି।

### ବାଇକ୍ କିଣିବାକୁ ବାପା ଟଙ୍କା ନ ଦେବାରୁ ପୁଅର ଆତ୍ମହତ୍ୟା

**ଜଳେଶ୍ୱର, ୨୧।୧୧:** ବାଇକ୍ କିଣିବାକୁ ବାପା ଟଙ୍କା ନ ଦେବାରୁ ଜଣେ ଯୁବକ ଆତ୍ମହତ୍ୟା କରିବା ଘଟଣା ଜଳେଶ୍ୱର ଥାନା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ସମ୍ପତ୍ତିଆ ଗାଁର ଦୀପକ ଶତପଥୀଙ୍କ ପୁଅ ସୁମନ(୨୩) ଏକ ବାଇକ୍ କିଣିବା ଲାଗି ବାରମ୍ବାର ଅର୍ଥ ମାଗି ଆସୁଥିଲେ। କିନ୍ତୁ ଦୀପକ ଏଥିରେ ରାଜି ହୋଇ ନ ଥିଲେ। ବୁଧବାର ସନ୍ଧ୍ୟାରେ ସୁମନ ସବୁଦିନ ପରି ବାପାଙ୍କ ସହିତ ଯୁକ୍ତିତର୍କ କରି ବାଇକ୍ କିଣିବା ଲାଗି ଜିଦ୍ ଧରିଥିଲେ। ଏଥିଲାଗି ପରିବାର ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଶେଷରେ ସୁମନ ନିଜ କୋଠରୀରେ ଫ୍ୟାନରେ ଫାଶୀ ଲଗାଇ ଦେଇଥିବା ଜଣାପଡିଛି।

### ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ଢେଙ୍କିକୋଟ, ୨୧।୧୧ (ଡି.ଏନ.ଏ.):** ପଣ୍ଡାପଡା ଥାନା ଅନ୍ତର୍ଗତ ସୁନା ଟାଙ୍ଗିରି ପଞ୍ଚାୟତ ସୁନାଟାଙ୍ଗିରୀ ଗ୍ରାମରେ ତଥାଗତ ମହାନ୍ତ(୨୨) ନାମକ ଜଣେ ଯୁବକ ବେକରେ ଗାମୁଛା ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଗୁରୁବାର ସକାଳୁ ତଥାଗତ ଆତ୍ମହତ୍ୟା କରିଥିବା ତାଙ୍କ ସ୍ତ୍ରୀ ଦେଖିଥିଲେ। ସେ ଚିତ୍କାର କରିବାରୁ ଲୋକମାନେ ଆସିଥିଲେ। ଏ ନେଇ ପଣ୍ଡାପଡା ଥାନାକୁ ଖବର ଦେଇଥିଲେ। ଖବର ପାଇ ଥାନା ଆଇଆଇସି ପଦ୍ମାଳୟା ସାହୁଙ୍କ ନିର୍ଦ୍ଦେଶ କ୍ରମେ ଥାନା ଏଏସଆଇ ଅଶୋକ କୁମାର ଜେନା ଘଟଣାସ୍ଥଳରେ ପହଞ୍ଚି ମୃତ ଦେହ ଉଦ୍ଧାର କରିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୨୩/୧୬) ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପାଇଁ କେନ୍ଦୁଝର ପଠାଇଥିଲେ। ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ଆଇଆଇସି କହିଛନ୍ତି। ଏନେଇ ତଦନ୍ତ ଜାରି ରହିଛି।

■ଜିଲାସ୍ତରୀୟ ଶିକ୍ଷା ସମୀକ୍ଷା ବୈଠକ

# ଶ୍ରେଷ୍ଠ ହେଲେ ଟ୍ରଫି

**ଢେଙ୍କାନାଳ ଅଫିସ, ୨୧।୧୧**



ବୈଠକରେ ଜିଲାପାଳ, ଜିଲା ଶିକ୍ଷାଧିକାରୀଙ୍କ ସମେତ ଅନ୍ୟମାନେ।

■୩ ବ୍ଲକକୁ ସମ୍ମାନିତ କରାଯିବ
■ଶେଷରେ ରହିଲେ କାରଣ ଦର୍ଶାଅ ନୋଟିସ
■ଉପସ୍ଥାନ, ମାନବୃଦ୍ଧି ଉପରେ ଗୁରୁତ୍ୱ

ଶିକ୍ଷାକ୍ଷେତ୍ରରେ ଢେଙ୍କାନାଳ ଜିଲାକୁ ଅଗ୍ରଣୀ କରିବାକୁ ଅଣ୍ଟା ଭିଡ଼ିଛି ପ୍ରଶାସନ। ଏଣିକି ଶିକ୍ଷାରେ ଉତ୍ତମ ପ୍ରଦର୍ଶନ କରୁଥିବା ବ୍ଲକକୁ ବିଭିନ୍ନ ମାନଦଣ୍ଡ ଆଧାରରେ ପୁରସ୍କୃତ କରାଯିବ। ହାରାହାରି ସଫଳତା ଭିତ୍ତିରେ ପ୍ରଥମସ୍ଥାନ ହାସଲ କରିଥିବା ୩ ବ୍ଲକକୁ ପୁରସ୍କୃତ କରାଯିବ। ସେହିପରି ନିମ୍ନରେ ଥିବା ୩ ବ୍ଲକକୁ କାରଣ ଦର୍ଶାଅ ନୋଟିସ ଜାରି କରାଯିବ ବୋଲି ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ନିର୍ଦ୍ଦେଶ ଦେଇଛନ୍ତି। ସ୍ଥାନୀୟ ସମଗ୍ର ଶିକ୍ଷା କାର୍ଯ୍ୟାଳୟରେ ଗୁରୁବାର ଆୟୋଜିତ ଜିଲାସ୍ତରୀୟ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ଜିଲାପାଳ ଏ ନେଇ ସୂଚନା ଦେଇଛନ୍ତି।

ଶିକ୍ଷାନୁଷ୍ଠାନରେ ଶତପ୍ରତିଶତ ବିଦ୍ୟୁତ୍ ସଂଯୋଗ, ଶୌଚାଳୟର ପରିଷ୍କାର ପରିଚ୍ଛନ୍ନତା, ଆଧାର ପଞ୍ଜୀକରଣ ଆଧାରରେ ଶ୍ରେଷ୍ଠ ବ୍ଲକ ଚୟନ କରାଯିବ। ସମସ୍ତ ବ୍ଲକ ଯେପରି ଭଲ ପ୍ରଦର୍ଶନ କରିବେ, ଶିକ୍ଷକ ଏବଂ ଛାତ୍ରୀଛାତ୍ରଙ୍କ ଉପସ୍ଥାନ କିପରି ବୃଦ୍ଧି ହେବ ସେ ନେଇ ଯତ୍ନବାନ ହେବାକୁ ଜିଲାପାଳ ମଣ୍ଡଳ ଶିକ୍ଷାଧିକାରୀ ଓ ଗୋଷ୍ଠୀ ଶିକ୍ଷା ସଂଯୋଜକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଚଳିତବର୍ଷ ଏପ୍ରିଲରୁ ସେପ୍ଟେମ୍ବର ଯାଏ ୬ମାସ ଧରି ସାଥ୍-ଇ ଟିମ୍ ପକ୍ଷରୁ କରାଯାଉଥିବା ସର୍ବେକ୍ଷଣରେ ଢେଙ୍କାନାଳ ଜିଲା ରାଜ୍ୟରେ ୧ନଂ. ସ୍ଥାନ ଅଧିକାର କରିଥିଲା। ଅକ୍ଟୋବରରେ ଜିଲା ୨ୟ ସ୍ଥାନକୁ ଖସିଆସିଛି। ମିଳିତ ପ୍ରଚେଷ୍ଟା ରହିଲେ ଢେଙ୍କାନାଳ ପୁଣି ଥରେ ଶ୍ରେଷ୍ଠ ସ୍ଥାନକୁ ଫେରିବ ବୋଲି ଜିଲାପାଳ ଆହ୍ୱାନ ଦେଇଥିଲେ। ଅପେକ୍ଷାକୃତ ଭଲ ପ୍ରଦର୍ଶନ କରୁଥିବା ବ୍ଲକର ଶିକ୍ଷା ବ୍ୟବସ୍ଥାର ସମୀକ୍ଷା କରିବା, କେଉଁ ମାପକଗୁଡ଼ିକର ମାନ କମ୍ ରହୁଛି ସେସବୁକୁ ଅନୁଧ୍ୟାନ କରିବା, ଏହାର ସମାଧାନ କରିବା ଦିଗରେ ପଦକ୍ଷେପ ନେବାକୁ ଜିଲାପାଳ ବିଇଓଙ୍କୁ ପରାମର୍ଶ ଦେଇଛନ୍ତି।

ଜୁନ୍‌ରୁ ଅକ୍ଟୋବର ମଧ୍ୟରେ ହାରାହାରି ସଫଳତା ଭିତ୍ତିରେ ପରଜଙ୍ଗ ଓ ସଦର ବ୍ଲକକୁ ପୁରସ୍କୃତ କରାଯାଇଥିଲା। କାମାକ୍ଷାନଗର ବ୍ଲକର ସର୍ବାଧିକ ସ୍କୁଲ ଗରିମା ତାମ୍ର ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ତେଣୁ ଉକ୍ତ ବ୍ଲକକୁ ପୁରସ୍କାର ପ୍ରଦାନ କରାଯାଇଛି। ଶିକ୍ଷା ବିଭାଗରେ ସାମଗ୍ରିକ ଉନ୍ନତି ପାଇଁ ରାଜ୍ୟସ୍ତରୀୟ ସୁରଭିରେ ଜିଲା ଶିକ୍ଷା ଅଧିକାରୀ ସୁଧାନନ୍ଦ ପରିଡ଼ା ପୁରସ୍କୃତ ହୋଇଥିଲେ। ଏହି ସଫଳତାର ଶ୍ରେୟ ସେ ଶିକ୍ଷା ବିଭାଗର ସମସ୍ତ କର୍ମଚାରୀଙ୍କୁ ଦେଇଛନ୍ତି। ବିଭାଗର ଉନ୍ନତି ପାଇଁ ଏହି ପ୍ରୟାସ ବଜାୟ ରଖିବାକୁ ଜିଲା ଶିକ୍ଷା ଅଧିକାରୀ ନିବେଦନ କରିଥିଲେ। ସମୀକ୍ଷା ବୈଠକରେ ସାଥ୍-ଇ ଟିମ୍ ପକ୍ଷରୁ ତେଜସ୍ୱିନୀ ପାଣିଗ୍ରାହ, ସମସ୍ତ ମଣ୍ଡଳ ଶିକ୍ଷା ଅଧିକାରୀ, ଗୋଷ୍ଠୀ ଶିକ୍ଷା ସଂଯୋଜକ, ସମଗ୍ର ଶିକ୍ଷା ଅଭିଯାନର କର୍ମକର୍ତ୍ତା, ବ୍ଲକ ଯୋଜନା ସଂଯୋଜକମାନେ ଉପସ୍ଥିତ ଥିଲେ।

■ଚର୍ଚ୍ଚାରେ କାମାକ୍ଷାନଗର ତହସିଲ ସୁପରଭାଇଜର

# ନେଇଥିବା ଟଙ୍କା ଫେରାଇଲେ

**କାମାକ୍ଷାନଗର, ୨୧।୧୧(ଡି.ଏନ.ଏ.)**

■ଲାଞ୍ଚ କାରବାର ଅଭିଯୋଗ
■ଭିଡିଓ ହେଲା ଭାଇରାଲ
■କାର୍ଯ୍ୟାନୁଷ୍ଠାନ ଦାବି

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡରେ ଲାଞ୍ଚ କାରବାର ଚେର ଗହୀରକୁ ଲମ୍ବିଛି। ଟଙ୍କା ନେଣଦେଣର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଏପରି କାରବାରରେ ସମ୍ପୃକ୍ତ ଅଧିକାରୀଙ୍କ ଅସଲ ଚେହେରା ପଦାକୁ ଆସୁଛି। ଗ୍ରାମୀଣ ଆବାସ ଯୋଜନାରେ ହିତାଧିକାରୀଙ୍କଠାରୁ ଲାଞ୍ଚ ଦାବି କରି ହରଡ଼ଘଣାରେ ପଡ଼ିଥିବା ଘାଗରାମୁଣ୍ଡା ପିଇଓ ଗତ ବୁଧବାର ନିଲମ୍ବିତ ହୋଇଥିବାବେଳେ ଗୁରୁବାର କାମାକ୍ଷାନଗର ତହସିଲ କାର୍ଯ୍ୟାଳୟର ସୁପରଭାଇଜର ଶରତ ଚନ୍ଦ୍ର ବେହେରା ଓବିସି ସାର୍ଟିଫିକେଟ କରାଇଦେବାକୁ ନେଇଥିବା ଟଙ୍କା ହିତାଧିକାରୀଙ୍କୁ ଫେରାଉଥିବାର ଏକ ଭିଡିଓ ଭାଇରାଲ ହୋଇଛି, ଯାହା ଏବେ ଅଞ୍ଚଳରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ସାରୁଆଳିଗ୍ରାମର ଅକ୍ଷୟ କୁମାର ପରିଡ଼ା ଗଣମାଧ୍ୟମକୁ କହିଛନ୍ତି, ସେ ସପରିବାର କଲିକତାରେ ରୁହନ୍ତି। ପୁଅର ଓବିସି ସାର୍ଟିଫିକେଟ ପାଇଁ ସେ ୬ମାସ ତଳେ ତହସିଲ ଅଫିସକୁ ଆସିଥିଲେ। ଏହି ସମୟରେ ତାଙ୍କଠାରୁ ଟଙ୍କା ଦାବି କରାଯାଇଥିଲା। ଲାଞ୍ଚ ନ ଦେଲେ କାମ ହୋଇପାରିବନାହିଁ ବୋଲି ଦାୟିତ୍ୱରେ ଥିବା ଅଧିକାରୀ କହିଥିଲେ। ଏଥିପାଇଁ ସେ ଜଣକୁ ୧୦୦୦ ଏବଂ ସୁପରଭାଇଜରଙ୍କୁ ୫୦୦ ଟଙ୍କା ଦେଇଥିଲେ। ତଥାପି ତାଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇ ନ ଥିଲା। ନିକଟରେ ଶେଷ ହୋଇଥିବା ଏକ ଯୋଗ୍ୟତା ପରୀକ୍ଷାରେ ପୁଅ କୃତକାର୍ଯ୍ୟ ହୋଇଥିଲେ। ତେଣୁ ସାର୍ଟିଫିକେଟର ଆବଶ୍ୟକତା ଆଉ ପଡ଼ି ନ ଥିଲା। ଏଥିସହ ମାତ୍ରାଧିକ ବିଳମ୍ବ ହେବାରୁ ମଧ୍ୟସ୍ଥ ସାଜିଥିବା ସୁପରଭାଇଜର ୫୦୦ ଟଙ୍କା ଫେରାଇ ଦେଇଥିଲେ। ଏହି ସମୟର ସମସ୍ତ ଘଟଣାବଳୀ ଏବଂ କଥାବାର୍ତ୍ତା ରେକର୍ଡିଂ ହୋଇଛି। ଅଭିଯୁକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି। ଏ ନେଇ ମତାମତ ଲୋଡ଼ିବାରେ ତହସିଲ କାର୍ଯ୍ୟାଳୟର କୌଣସି କର୍ମଚାରୀ ସହଯୋଗ କରି ନ ଥିଲେ। ସେହିପରି ସୁପରଭାଇଜରଙ୍କ ମୋବାଇଲ ନଂ. ୯୧୭୮୬୩୩୩୫୫କୁ ବାରମ୍ବାର ଫୋନ୍ କରାଯାଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇନାହିଁ। ଏ ନେଇ ଉପଜିଲାପାଳ ଇଂ. ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ କୁହନ୍ତି, ଭିଡିଓକୁ ଅନୁଧ୍ୟାନ କରାଯିବ। ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବାକୁ ଅତିରିକ୍ତ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯିବ।

■ଆଦର୍ଶ ବିଦ୍ୟାଳୟ ପରିଚାଳନା କମିଟି ବୈଠକ

# ପ୍ରସ୍ତୁତ ହେଲା ବାର୍ଷିକ ଯୋଜନା


ବୈଠକରେ ଉପଜିଲାପାଳଙ୍କ ସମେତ ଅନ୍ୟମାନେ।

**କାମାକ୍ଷାନଗର, ୨୧।୧୧(ଡି.ଏନ୍.ଏ.)**

କାମାକ୍ଷାନଗର ବ୍ଲକ ଯନ୍ତରିବୋଲସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିଚାଳନା କମିଟି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପଜିଲାପାଳ ଇଂ. ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ। ଏହି ଅବସରରେ ବିଭିନ୍ନ ସରକାରୀ ବ୍ୟବସ୍ଥା, ଆର୍ଥିକ ଅନୁଦାନ, ଶୈକ୍ଷିକ ପ୍ରଣାଳୀ, ବାର୍ଷିକ କ୍ରୀଡ଼ା, ବାର୍ଷିକ ଉତ୍ସବ ସମେତ ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମର ଯୋଜନା ପ୍ରସ୍ତୁତ କରାଯାଇଥିଲା। ଏଥିସହ ଗତବର୍ଷ ଏବଂ ଚଳିତବର୍ଷ ପରୀକ୍ଷା ଫଳକୁ ବିଶ୍ଳେଷଣ କରାଯାଇ ସମସ୍ୟା ସମାଧାନ କରିବାକୁ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପରାମର୍ଶ ଦିଆଯାଇଛି। ବିଦ୍ୟାଳୟରେ ଶୈକ୍ଷିକ ଅଭିବୃଦ୍ଧି ଲାଗି ପରିଚାଳନା କମିଟିର ସଦସ୍ୟଙ୍କ ଉପସ୍ଥିତିରେ ବିଷଦ ଆଲୋଚନା କରାଯାଇଛି। ବିଇଓ ଅଜୟ କୁମାର ପାତ୍ର ସ୍ମାର୍ଟ କ୍ଲାସ୍‌ରୁମ, ଦୃଶ୍ୟଶ୍ରାବ୍ୟ ମାଧ୍ୟମର ବ୍ୟବହାର ଲାଗି ଗୁରୁତ୍ୱାରୋପ କରିଥିଲେ।

ପ୍ରାରମ୍ଭରେ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଚୁନା ପରିଡ଼ା ସ୍କୁଲ ସମସ୍ୟା ଉପସ୍ଥାପନ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବଟକୃଷ୍ଣ ଦାସ, ଆଇନଜୀବୀ ସନ୍ଦୀପ ପଟ୍ଟନାୟକ, ଅଭିଭାବିକା ରଶ୍ମିତା ପରିଡ଼ା, ଉମା ବେହେରା, ଛାତ୍ର ସଂସଦ ମୁଖ୍ୟ ମୃତ୍ୟୁଞ୍ଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଦର୍ଶନ ବିନା ଜ୍ଞାନର ଅଭ୍ୟୁଦୟ ଅସମ୍ଭବ

**କାମାକ୍ଷାନଗର, ୨୧।୧୧(ଡି.ଏନ.ଏ.)**




ଢେଙ୍କାନାଳ ଜିଲା ମଠକରଗୋଳା ମହାବିଦ୍ୟାଳୟର ଦର୍ଶନ ଶାସ୍ତ୍ର ବିଭାଗ ଆନୁକୂଲ୍ୟରେ ଗୁରୁବାର ବିଶ୍ୱ ଦର୍ଶନ ଶାସ୍ତ୍ର ଦିବସ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ପ୍ରଫେସର ସୁରେନ୍ଦ୍ର କୁମାର ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ଚିତ୍ତରଞ୍ଜନ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଦର୍ଶନ ବିନା ଜ୍ଞାନର ଅଭ୍ୟୁଦୟ ଅସମ୍ଭବ। ଦର୍ଶନ ଶାସ୍ତ୍ର ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରମାନେ ଅନନ୍ୟ ଚେତନା ଶକ୍ତିର ଅଧିକାରୀ। ସେମାନଙ୍କ ନିକଟରେ ସତ୍ୟକୁ ଉପଲବ୍ଧି କରିବାର ସାମର୍ଥ୍ୟ ଅନ୍ୟମାନଙ୍କ ତୁଳନାରେ ବେଶି ବୋଲି ସେ ମତବ୍ୟକ୍ତ କରିଥିଲେ। ଅଧ୍ୟାପକ କୈଳାସ ଚନ୍ଦ୍ର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ମୂଲ୍ୟବୋଧ ଆଡ଼କୁ ଅଗ୍ରସର ହେଲେ ଦାର୍ଶନିକ ଚିନ୍ତାଧାରା ସୃଷ୍ଟି ହେବ। ଅଧ୍ୟାପିକା ସୁଜାତା ବେହେରା, ପ୍ରମୋଦିନୀ ପରିଡ଼ାଙ୍କ ସମେତ ବିଭାଗୀୟ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ଧାନଗଦା ଜାଳିଦେଲେ ଦୁର୍ବୃତ୍ତ

**କେନ୍ଦୁଝର, ୨୧।୧୧ (ସ୍ୱ.ପ୍ର.)**

କେନ୍ଦୁଝର ସଦର ବ୍ଲକ ପର୍ଜନପୁର ପଞ୍ଚାୟତ ଅଧୀନ ଆମୁଣିପୁର ଗ୍ରାମର ଚାଷୀ ବନମାଳି ମହାନ୍ତ (୩୮)ଙ୍କ ଧାନଗଦାରେ ଗୁରୁବାର କେହି ଦୁର୍ବୃତ୍ତ ନିଆଁ ଲଗାଇ ଜାଳି ଦେଇଛନ୍ତି। ଏଥିରେ ୧୨୦ରୁ ଉର୍ଦ୍ଧ୍ୱ ଧାନ ବିଡ଼ା ପୋଡ଼ି ନଷ୍ଟ ହୋଇଯାଇଛି। ସୂଚନା ଅନୁଯାୟୀ, ବନମାଳି ଅପରାହ୍ଣ ପ୍ରାୟ ଗୋଟାଏ ବେଳେ ନିଜ ବିଲରୁ ଧାନ କାଟି କଲଣ୍ଡାବନ୍ଧ ନିକଟସ୍ଥ ଏକ ଖୋଲା ସ୍ଥାନରେ ବିଡ଼ା କରି ରଖିଥିଲେ। ଏହାପରେ କଟା ଯାଇଥିବା ବାକି ଧାନ ଆଣିବାକୁ ଯାଇଥିଲେ। ଏହି ସମୟରେ ଧାନଗଦାରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିଲେ। ବନମାଳିଙ୍କଠାରୁ ସୂଚନା ପାଇ ଝୁମ୍ପୁରା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ ସବୁ କିଛି ପୋଡ଼ି ନଷ୍ଟ ହୋଇଯାଇଥିଲା। ଧାର କରଜ କରି ବନମାଳି ଚଳିତବର୍ଷ ଭଲ ଧାନଚାଷ କରିଥିବାବେଳେ ତାହା ପୋଡ଼ି ଛାରଖାର ହୋଇଯାଇଥିବାରୁ ସେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। କ୍ଷୟକ୍ଷତିର ଆକଳନ କରାଯାଇ ତାଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କରାଯିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

# ବିଦ୍ୟୁତ୍ ଆଘାତରେ ମାଈହାତୀ ମୃତ

**ପରଜଙ୍ଗ, ୨୧।୧୧(ଡି.ଏନ.ଏ.)**

**୩ ମାସରେ ମଲେଣି ୪ ହାତୀ**



ଢେଙ୍କାନାଳ ବନଖଣ୍ଡ ଡିହଡୋଳ ଫରେଷ୍ଟ ସେକ୍ସନ ଅଧୀନ କୁମୁସୀ ପଞ୍ଚାୟତ ବସନ୍ତପଡ଼ା ଗ୍ରାମ ପାଳଆମ୍ବସ୍ଥିତ ଧାନଖେତରୁ ଗୁରୁବାର ଏକ ମାଈହାତୀର ମୃତଦେହ ଉଦ୍ଧାର କରାଯାଇଛି। ମୃତହାତୀର ଆନୁମାନିକ ବୟସ ୧୦ବର୍ଷରୁ ଉର୍ଦ୍ଧ୍ୱ ହେବ। ବିଦ୍ୟୁତ୍ ଆଘାତରେ ହାତୀ ଜୀବନ ଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ମହାବିରୋଡ ରେଞ୍ଜରେ ୩ମାସରେ ୪ ହାତୀଙ୍କ ମୃତ୍ୟୁ ଘଟିଲାଣି। ଏଥିପୂର୍ବରୁ କୁଟୁରିଆରେ ଦନ୍ତା, ଅଁଳାକଟାରେ ମାଈହାତୀ, ଡମୋଳରେ ଏକ ହାତୀ ଶାବକର ମୃତଦେହ ଠାବ କରାଯାଇଥିଲା।

ମହାବିରୋଡ ରେଞ୍ଜର ସୁବ୍ରତ ବେହେରା, କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜର ବିଭୁଦାନନ୍ଦ ମିଶ୍ର ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି। ପରଜଙ୍ଗ ପ୍ରାଣୀ ଚିକିତ୍ସା ଅଧିକାରୀ ରଞ୍ଜିତ କୁମାର ସାହୁ ହାତୀ ମୃତଦେହ ବ୍ୟବଚ୍ଛେଦ କରିଥିଲେ। ହାତୀର ଶୁଣ୍ଢ, କପାଳରେ ବିଦ୍ୟୁତ୍ ଆଘାତର ଚିହ୍ନ ଥିବା ସ୍ପଷ୍ଟ ଭାବେ ଜଣାପଡୁଛି।

ମହାବିରୋଡ ରେଞ୍ଜରେ ଶତାଧିକ ହାତୀ ଦୀର୍ଘଦିନ ହେଲା ଉପଦ୍ରବ ସୃଷ୍ଟି କରିଚାଲିଛନ୍ତି। ଏଥିରେ ସର୍ବାଧିକ ପ୍ରଭାବିତ ହେଉଛନ୍ତି ପାଟରପଦା, ରୋଡ, ଲୋଧଣି, କନ୍ଦରସିଂହା, ଡମୋଳ, ସରାଙ୍ଗ ପଞ୍ଚାୟତବାସୀ। ବନ ବିଭାଗ ପକ୍ଷରୁ ହାତୀପଲକୁ ଅନ୍ୟତ୍ର ଘଉଡ଼ାଇବା ବ୍ୟବସ୍ଥା କରିବା, ରାତ୍ରିକାଳୀନ ପାଟ୍ରୋଲିଂ ସହ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ